

‘ମୌନୀ’ ଡର
ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 42 ISSUE-276 BHUBANESWAR FRIDAY 4 APRIL 2025 PAGE-14 ₹ 6.00

ବର୍ଷ-୪୨ ସଂଖ୍ୟା-୨୭୬ ଭୁବନେଶ୍ୱର ଶୁକ୍ରବାର ୪ ଏପ୍ରିଲ୍ ୨୦୨୫ ପୃଷ୍ଠା-୧୪ ଟ.୬.୦୦



LOVED IN 100 COUNTRIES

BAJAJ THE WORLD'S FAVOURITE INDIAN



2 CRORE
pulsar
CELEBRATION

SPECIAL CELEBRATION PRICES
SAVE UP TO ₹ 5 777/-*

ପଲ୍ସର୍, ଭାରତର ନ.1 ସ୍ପୋର୍ଟ୍ସ ମୋଟରସାଇକଲ 2 କୋଟି ସଂଖ୍ୟା ଛୁଇଁ ସାରିଲାଣି ଏବଂ ଉତ୍ସବ ହେବ ଆମ ତରଫରୁ! ନିଜ ଗ୍ରାହକମାନଙ୍କୁ ଆମେ ଧନ୍ୟବାଦ ଜଣାଉଛୁ ଅଭୂତପୂର୍ବ ବିଶେଷ ମୂଲ୍ୟ ସହିତ । ଆସନ୍ତୁ ଆଉ ମିଶନ୍ତୁ ପଲ୍ସରମାନିଆକ୍ ମାନଙ୍କ ଦଳରେ ।

O&M ODI

| | 125 NEON | 125 CARBON FIBRE | NS 125 BASE | N160 TWIN DISC | N160 USD |
|---|---|---|---|---|---|
| ବିଶେଷ ମୂଲ୍ୟ | ₹87 194/-* | ₹92 954/-* | ₹99 994/-* | ₹1 22 720/-* | ₹1 37 952/-* |
| ସଞ୍ଚୟ | ₹1 184/-* | ₹2 000/-* | | | ₹5 786/-* |

*ଏକ୍ସ-ଶୋରୁମ୍ ମୂଲ୍ୟ

pulsar
DEFINITELY DARING

72198 21111 | BAJAJ SECURE

*ସର୍ତ୍ତ ଓ ନିୟମାବଳୀ ଲାଗିବ । *ଏକ୍ସ-ଶୋରୁମ୍ ମୂଲ୍ୟ ବତାଯାଇଥିବା ପଲସର୍ ଓ ପ୍ଲାଟିନା ଭାରିଆଣ୍ଟସ ସକାଶେ । ମୂଲ୍ୟ ରିଭିଜନ୍ ବନାମ ବତାଯାଇଥିବା ପଲସର୍ ଭାରିଆଣ୍ଟସ ଙ୍କ 31 ମାର୍ଚ୍ଚ 2025 ରେ ଥିବା ଏକ୍ସ-ଶୋରୁମ୍ ମୂଲ୍ୟ । ବଜାଜ ଅଟୋ ବିନା ପୂର୍ବ ସୂଚନାରେ ଯେକୌଣସି ବା ସମସ୍ତ ଅଫର୍ କାଢ଼ିନେବାର ଅଧିକାର ସଂରକ୍ଷିତ ରଖିଛି । ନିଜ ବର୍ଗ ଭିତରେ । ଷ୍ଟଣ୍ଟଗୁଡ଼ିକ ଏକ୍ସପର୍ଟ ମାନଙ୍କ ଦ୍ୱାରା, ପେଶାଦାରମାନଙ୍କ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ଓ ଆବଦ୍ଧ ବାତାବରଣରେ, ଜନ ସାଧାରଣ ବା ପବ୍ଲିକ୍ ରୋଡ୍ ଠାରୁ ଅଲଗାରେ କରାଯାଇଛି । ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ ଏବଂ ସବୁବେଳେ ଟ୍ରାଫିକ୍ ଓ ସେଫ୍‌ଟୀ ନିୟମଗୁଡ଼ିକ ପାଳନ କରନ୍ତୁ । ନିର୍ଦ୍ଦିଷ୍ଟ ମଡେଲଙ୍କ ପାଇଁ ଓ ନିର୍ଦ୍ଦିଷ୍ଟ ପ୍ରଦେଶମାନଙ୍କରେ ଏଏମ୍‌ସି ଉପଲବ୍ଧ । ଅଧିକ ବିବରଣୀ ବଜାଜ ଡୀଲର୍‌ଙ୍କୁ ପଚାରି ବୁଝନ୍ତୁ । ରୋଡ୍‌ସାଇଡ୍ ସହାୟତା ତୃତୀୟ ପକ୍ଷ ଦ୍ୱାରା ଯୋଗାଯାଇଥାଏ, ଯାହା ତାଙ୍କ ସର୍ତ୍ତ ଓ ନିୟମାବଳୀ ଉପରେ ନିର୍ଭର କରେ ।

Authorised Dealers for BAJAJ Auto Ltd.: Angul: JAMUNA BAJAJ 7682899351 Chendipada 9692646493 • Dhenkanal SHIVAM BAJAJ 7873922722 • Keonjhar JR BAJAJ 9937697094 / 9439008692 • Rourkela RM BAJAJ 9078083803 • Sundergarh RM BAJAJ 9078083500. Authorised Service Centre: Kamakhayanagar 9437079287, Parajang 7873922722, Barbil 9437086335, Jashipur 9437443161/8117041821, Dhenkikote 9777773369, Turmunga 9937428333, Karanjia 7504810975, Udala 9337004355/56., Pallahara 9337096880/9437146703, Khamar 9437426261, Talcher 9861089073 Mahidharpur 7978559852/9937183086, Banarpal 06761250466 Bhuban 9438570111/9583574510.

## ଆଉ କଷ୍ଟ ସହିବା ସମ୍ଭବ ନୁହେଁ; ରାନ୍ୟାଙ୍କୁ ଛାଡ଼ପତ୍ର ଦେବେ ସ୍ୱାମୀ



ବେଙ୍ଗାଲୁରୁ ,୩।୪(ଏଜେନ୍ସି): ସୁନା ଚାଲାଣକୁ ନେଇ ଏବେ ଚର୍ଚ୍ଚାରେ ରହିଥିବା କନ୍ନଡ ଅଭିନେତ୍ରୀ ରନ୍ୟା ରାଓଙ୍କ ସ୍ୱାମୀ ଯତୀନ ହୁକେରି ଛାଡପତ୍ର ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ଯତୀନ ଆବଶ୍ୟକ ଦସ୍ତାବିଜ୍ କୋର୍ଟରେ ଦାଖଲ କରିସାରିଥିବା କହିଛନ୍ତି। ଦୁବାଇରୁ ଫେରିବା ପରେ ବେଙ୍ଗାଲୁରୁ ବିମାନ ବନ୍ଦରରେ ରନ୍ୟାଙ୍କ ଠାରୁ କିଲୋ କିଲୋ ସୁନା ଜବତ କରାଯିବା ପରେ ବର୍ତ୍ତମାନ ସେ କେନ୍ଦ୍ରୀୟ ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ (ଡିଆରଆଇ) ଦ୍ୱାରା ଗିରଫ ହୋଇ ଜେଲରେ ରହିଛନ୍ତି। ଏହାବ୍ୟତୀତ ବିଦେଶରୁ ସୁନା ଚାଲାଣ କରିବା ଲାଗି ସେ ହାୱାଲା ଜରିଆରେ ଟଙ୍କା ନେଉଥିବା ସ୍ୱୀକାର କରିବା ପରେ ସିବିଆଇ ତାଙ୍କ ବିରୋଧରେ ଖୋଳତାଡ଼ ଆରମ୍ଭ କରିଛି। ଏହାକୁ ନେଇ ରନ୍ୟା ବିବାଦୀୟ ହୋଇପଡ଼ିବା ସହିତ ତାଙ୍କ ବିରୋଧରେ ମାମଲା ପରେ ମାମଲା ବଢି ଚାଲିଛି। ଏହାକୁ ଦୃଷ୍ଟିରେ ରଖି ଯତୀନ ଏଭଳି ନିଷ୍ପତ୍ତି ନେଇଛନ୍ତି। ଯତୀନ ଏକ ସାମ୍ବାଦିକ ସମ୍ମିଳନୀ କରି କହିଛନ୍ତି ଯେ 'ଆମେ ବିବାହ କରିବା ଦିନଠାରୁ ମୁଁ ଯନ୍ତ୍ରଣା ଏବଂ କଷ୍ଟ ସହି ଆସୁଛି। ହେଲେ ଏବେ ମୁଁ ଛାଡପତ୍ର ଦେବାକୁ ନିଷ୍ପତ୍ତି ନେଇଛି।' ଉଲ୍ଲେଖଯୋଗ୍ୟ ଯେ ଯତୀନ ପ୍ରାୟ ଚାରି ମାସ ତଳେ ତାଜ୍ ୱେଷ୍ଟ ଏଣ୍ଡରେ ଏକ ଭବ୍ୟ ବିବାହ ସମାରୋହରେ ରନ୍ୟାଙ୍କୁ ବିବାହ କରିଥିଲେ। ତା'ପରେ ସେମାନେ ବେଙ୍ଗାଲୁରୁର ଲାଭେଲ ରୋଡ୍‌ସ୍ଥିତ ଏକ ବିଳାସପୂର୍ଣ୍ଣ ଆପାର୍ଟମେଣ୍ଟରେ ରହିଥିଲେ। ଯତୀନ ବୃତ୍ତିରେ ଜଣେ ଆର୍କିଟେକ୍ଟ ଏବଂ ସେ ବେଙ୍ଗାଲୁରୁର ପ୍ରତିଷ୍ଠିତ ଆର୍‌ଭି କଲେଜ ଅଫ୍ ଇଞ୍ଜିନିୟରିଂରୁ ଆର୍କିଟେକ୍ଟ ଆଣ୍ଡ ଇଣ୍ଟେରିଅର ଡିଜାଇନ୍‌ରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ।

### ସମସ୍ତେ ଘରେ 'ଏୟାର ପ୍ୟୁରିଫାୟର' ଲଗାଇ ପାରିବେ ନାହିଁ

## ଦିଲ୍ଲୀ ବାଣଫୁଟା ନିୟମରେ କୋହଳ କରିବାକୁ ସୁପ୍ରିମକୋର୍ଟଙ୍କ ନା



**ବାଣ ଫୁଟାଇଲେ ବାୟୁମଣ୍ଡଳ ଶୁଦ୍ଧ ହୁଏ ବୋଲି ଆବେଦନକାରୀଙ୍କ ଯୁକ୍ତିରେ ଆଶ୍ଚର୍ଯ୍ୟ ପ୍ରକଟ**

ନୂଆଦିଲ୍ଲୀ,୩।୪(ଏଜେନ୍ସି): ଦିଲ୍ଲୀ-ଏନସିଆରରେ ବର୍ଷସାରା ବାଣ ଫୁଟାଇବା, ମହଜୁଦ ରଖିବା ଏବଂ ବିକ୍ରି କରିବା ଉପରେ ଲାଗୁ କରିଥିବା କଟକଣାରେ କୌଣସି କୋହଳ କରିବାକୁ ମନା କରିଦେଇଛନ୍ତି। କିଛି ବାଣ ଉତ୍ପାଦନକାରୀ କମ୍ପାନୀ ଦୀପାବଳି ବ୍ୟତୀତ ଅନ୍ୟ ସମୟରେ ବାଣ ବିକ୍ରିକୁ ନେଇ କଟକଣା କୋହଳ କରିବା ଲାଗି ଆବେଦନ କରିଥିଲେ। କିନ୍ତୁ ପ୍ରଦୂଷଣ ଏବଂ ଲୋକଙ୍କ ସ୍ୱାସ୍ଥାବସ୍ଥାକୁ ଦୃଷ୍ଟିରେ ରଖି ସର୍ବୋଚ୍ଚ ନ୍ୟାୟାଳୟ ଏହାକୁ ଅଗ୍ରାହ୍ୟ କରିଦେଇଥିଲେ। ସମ୍ବିଧାନର ଧାରା ୨୧ ଅନୁସାରେ ସମସ୍ତଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ଏବଂ ପ୍ରଦୂଷଣମୁକ୍ତ ଜୀବନଯାପନ ପାଇଁ ଅଧିକାର ମିଳିଥିଲା ବେଳେ ଏହାକୁ କିଭଳି ଉଲ୍ଲଙ୍ଘନ କରି ହେବ ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିଥିଲେ। ଜଷ୍ଟିସ୍ ଅଭୟ ଏସ୍ ଓକା ଏବଂ ଜଷ୍ଟିସ୍ ଉଜ୍ଜ୍ୱଳ ଭୂୟାଁଙ୍କ ଖଣ୍ଡପୀଠ ଏହି ଆବେଦନର ଶୁଣାଣି କରି କହିଥିଲେ ଯେ ଯଦି ଦୀପାବଳି ବ୍ୟତୀତ ବାକି ସମୟରେ ବାଣ ବିକ୍ରି କରିବାକୁ ଅନୁମତି ଦିଆଯାଏ ତେବେ ଲୋକମାନେ ସେଗୁଡ଼ିକୁ ମହଜୁଦ ରଖିବେ। ଯଦ୍ୱାରା ପ୍ରଦୂଷଣକୁ ରୋକିବା ସମ୍ଭବ ହେବ ନାହିଁ। ପ୍ରଦୂଷଣରୁ ରକ୍ଷା ପାଇବା ପାଇଁ ସମସ୍ତେ ନିଜ ଘରେ 'ଏୟାର ପ୍ୟୁରିଫାୟର' ଲଗାଇ ପାରିବେ ନାହିଁ ବୋଲି ଖଣ୍ଡପୀଠ କହିଥିଲେ। ତେବେ ଯଦି ବାଣ କମ୍ପାନୀ ଅଧିକ ଗବେଷଣା କରି ପ୍ରଦୂଷଣକୁ ସର୍ବନିମ୍ନ ସ୍ତରକୁ ହ୍ରାସ କରିବାରେ ସଫଳ ହେବେ ସେତେବେଳେ ସାନି ଆବେଦନ କରିପାରିବେ। କିନ୍ତୁ ଏହି ଟିପ୍ପଣୀ ପରିପ୍ରେକ୍ଷୀରେ ମୁକେଶ ଜୈନ ନାମକ ଜଣେ ଆବେଦନକାରୀଙ୍କ ଯୁକ୍ତି ଶୁଣି ଖଣ୍ଡପୀଠ ବିସ୍ମିତ ହୋଇପଡ଼ିଥିଲେ। ଆଇଆଇଟିରେ ପଢ଼ିବା ପରେ ପ୍ରଦୂଷଣ କ୍ଷେତ୍ରରେ ବିଶେଷଜ୍ଞ ବୋଲି ଦାବି କରୁଥିବା ଏହି ଆବେଦନକାରୀ କହିଥିଲେ ଯେ ବାଣ ବାୟୁକୁ ଶୁଦ୍ଧ କରିବାରେ ସହାୟକ ହୋଇଥାଏ। ସେ ଘରେ ଜଳୁଥିବା ଧୂପକାଠି ସହିତ ମଧ୍ୟ ଆତସବାଜିର ତୁଳନା କରିଥିଲେ।

## 'ଉମିଦ୍' ନାମରେ ପରିବର୍ତ୍ତିତ ହେବ ୱାକଫ୍ ଆଇନ

ନୂଆଦିଲ୍ଲୀ,୩।୪(ଏଜେନ୍ସି): ୱାକଫ୍ ସଂଶୋଧନ ବିଲ୍‌କୁ ନେଇ ଗତକାଲି ଲୋକସଭାରେ ବିତର୍କ ହେବା ପରେ ଏହାକୁ ଅନୁମୋଦନ ମିଳିଛି। ସେହିପରି ଗୁରୁବାର ବିଲ୍‌କୁ ନେଇ ରାଜ୍ୟସଭାରେ ଚର୍ଚ୍ଚା ହୋଇଥିଲା ବେଳେ ଏହାକୁ ମଞ୍ଜୁରୀ ଦେବାକୁ ଶାସକ ଦଳ ସବୁ ବଳ ଲଗାଇ ଦେଇଛି। ରାଜ୍ୟସଭାରେ ଏହି ବିଲ୍‌କୁ ମଞ୍ଜୁରୀ ମିଳିବା ପରେ ଏହା ଆଇନରେ ପରିଣତ ହେବ। ତେବେ ଏହା ଆଉ କେବଳ ୱାକଫ୍ ନାମରେ ରହିବ ନାହିଁ। ଏହାର ପରିବର୍ତ୍ତିତ ନାମ 'ୟୁନିଫାଏଡ୍ ୱାକଫ୍ ମ୍ୟାନେଜମେଣ୍ଟ ଏମ୍ପାୱାରମେଣ୍ଟ, ଏଫିସିଏନ୍ସି ଆଣ୍ଡ ଡେଭଲପମେଣ୍ଟ( ଉମିଦ୍) ରହିବ ବୋଲି କୁହାଯାଇଛି। ବିଶ୍ୱରେ ବିଭିନ୍ନ ଦେଶରେ ୱାକଫ୍ ସଂସ୍ଥା ରହିଥିଲେ ହେଁ ଭାରତରେ ୱାକଫ୍ ଅଧୀନରେ ସର୍ବାଧିକ ସମ୍ପତ୍ତି ରହିଛି। ତେଣୁ ଏହି ସମ୍ପତ୍ତିର ସୁପରିଚାଳନା ପାଇଁ ସଂଶୋଧିତ ବିଲ୍ରେ ଗୁରୁତ୍ୱ ଦିଆଯାଇଛି। ଏଥିରେ ଧର୍ମୀୟ ଭାବନାକୁ ନେଇ କୌଣସି ସ୍ତରରେ କାହାରିକୁ ଆଘାତ ଦେବାର ଆଶଙ୍କା ନାହିଁ କି କୌଣସି ସ୍ତରରେ ପକ୍ଷପାତ କରାଯିବାର ସମ୍ଭାବନା ନାହିଁ ବୋଲି କେନ୍ଦ୍ର ସରକାର ସ୍ପଷ୍ଟ କରିଛନ୍ତି। ସଂଶୋଧିତ ୱାକଫ୍ ଆଇନରେ ମୁସଲମାନ ମହିଳାଙ୍କୁ ଅଧିକ ସଶକ୍ତ କରିବାର ପ୍ରାବଧାନ ରହିଛି। ସେହିପରି ମୁସଲମାନ ସଂପ୍ରଦାୟ ମଧ୍ୟରେ ସମସ୍ତଙ୍କ ଅଧିକାରକୁ ସୁରକ୍ଷା ଦେବାକୁ ମଧ୍ୟ ଏଥିରେ ଗୁରୁତ୍ୱ ଦିଆଯାଇଛି। ଏହାଛଡ଼ା ତିନି ମୁଖ୍ୟ ଦିଗ ସ୍ୱଚ୍ଛତା, ଉତ୍ତର ଦାୟିତ୍ୱ ଏବଂ କାର୍ଯ୍ୟ ଦକ୍ଷତାକୁ ଗୁରୁତ୍ୱ ଦିଆଯାଇଛି ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି।


### ● ଭାରତ ସହ ଚୀନ୍ ଓ ଆମେରିକା ସମ୍ପର୍କ

## ରାହୁଲ-ଅନୁରାଗ ମୁହାଁମୁହିଁ



ନୂଆଦିଲ୍ଲୀ,୩।୪(ଏଜେନ୍ସି): ଭାରତ ସହ ଆମେରିକା ଏବଂ ଚୀନ୍‌ର ସମ୍ପର୍କକୁ ନେଇ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ ବିଜେପି ସାଂସଦ ଅନୁରାଗ ଠାକୁର ସଂସଦରେ ମୁହାଁମୁହିଁ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧୁର ସମ୍ପର୍କ ରହିଛି ବୋଲି କୁହାଯାଉଛି। କିନ୍ତୁ ଆମେରିକା ଭାରତ ଉପରେ କିଭଳି ଟାରିଫ୍ ଲଗାଇଲା ବୋଲି ରାହୁଲ ପ୍ରଶ୍ନ କରିବା ସହିତ କେନ୍ଦ୍ର ସରକାରଙ୍କୁ ଘେରିଛନ୍ତି। ସେହିପରି ଚୀନ ସହ ସୀମା ବିବାଦକୁ ନେଇ ରାହୁଲ କେନ୍ଦ୍ରକୁ କଡା ସମାଲୋଚନା କରିଛନ୍ତି। ଚୀନ ଭାରତୀୟ ସୀମା ଭିତରେ ପ୍ରାୟ ୪୦୦୦ ବର୍ଗ କିଲୋମିଟର ମାଡି ବସିଛି। ଅଥଚ ବୈଦେଶିକ ସଚିବ ତାଙ୍କର ଚୀନ୍ ପ୍ରତିପକ୍ଷଙ୍କ ସହିତ କେକ୍ କାଟିବାରେ ଲାଗିଛନ୍ତି। ଏଲଏସିରେ ସହିଦ ହୋଇଥିବା ଭାରତୀୟ ଯବାନମାନଙ୍କ ବଳିଦାନ ଉପରେ ବୈଦେଶିକ ସଚିବ ଏଭଳି କରିଛନ୍ତି ବୋଲି ରାହୁଲ କହିବା ପରେ ତାଙ୍କର ଅଭିଯୋଗକୁ ନେଇ ବିଜେପି ସାଂସଦ ଅନୁରାଗ ଠାକୁର କହିଛନ୍ତି ଯେ , ଯେଉଁମାନେ ଭାରତ-ଚୀନ ଉପରେ କଥା କହୁଛନ୍ତି ସେମାନେ ଚୀନ ସହ ସୁପ୍ ପିଉଛନ୍ତି । କେଉଁ ସମୟରେ ଚୀନ ଭାରତୀୟ ସୀମା ଭିତରେ ପ୍ରବେଶ କରି ଆମ ଅଞ୍ଚଳ ଉପରେ ଅଧିକାର ବିସ୍ତାର କରିଥିଲା ତାହା ରାହୁଲ ଜାଣିବା ଦରକାର। ସେହିପରି ରାଜୀବ ଗାନ୍ଧୀ ଫାଉଣ୍ଡେସନ କେଉଁ ଆଧାରରେ ଚୀନ୍ ଠାରୁ ଅନୁଦାନ ଆଣିଥିଲା ତାହାକୁ ମଧ୍ୟ କଂଗ୍ରେସ ସ୍ପଷ୍ଟ କରିବା ଦରକାର ବୋଲି ଅନୁରାଗ କହିଛନ୍ତି।

## ରାମନବମୀରେ ପାମବାନ୍ ସେତୁର ଲୋକାର୍ପଣ



ନୂଆଦିଲ୍ଲୀ,୩।୪(ଏଜେନ୍ସି): ଅତ୍ୟାଧୁନିକ କାରିଗରୀ ବିଦ୍ୟା ଉପଯୋଗରେ ନିର୍ମାଣ କରାଯାଇଥିବା ଭାରତର ହାଇଟେକ୍ ଭର୍ଟିକାଲ୍ ଲିଫ୍ଟ ପାମବାନ୍ ସେତୁ ରାମେଶ୍ୱରମ୍ ଠାରେ ପବିତ୍ର ରାମନବମୀ ଅବସରରେ ଲୋକାର୍ପିତ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାକୁ ଉଦଘାଟନ କରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏହି ସେତୁ କାରିଗରୀ ବିଦ୍ୟା ଓ ଅତ୍ୟାଧୁନିକ ଜ୍ଞାନକୌଶଳ ଦୃଷ୍ଟିରୁ ଗୁରୁତ୍ୱ ବହନ କରୁଥିଲା ବେଳେ ଏହାର ଧାର୍ମିକ, ଐତିହାସିକ ଏବଂ ଆଧ୍ୟାତ୍ମିକ ଗୁରୁତ୍ୱ ମଧ୍ୟ ସେତିକି ରହିଛି। ଶ୍ରୀରାମଙ୍କ ଜନ୍ମ ତିଥିରେ ରାମେଶ୍ୱରମରେ ବିଶେଷ ପ୍ରାର୍ଥନା ଏବଂ ରୀତିନୀତି କରାଯିବ।

# ନୀତୀଶ, ଚନ୍ଦ୍ରବାବୁ ରାଜି ହେଲେ କେମିତି ?

**ୱାକଫ୍ ବିଲ୍**



ନୂଆଦିଲ୍ଲୀ, ୩।୪: ନୀତୀଶ କୁମାରଙ୍କ ଜେଡିୟୁ ଏବଂ ଚନ୍ଦ୍ରବାବୁ ନାଇଡୁଙ୍କ ଟିଡିପି ସମର୍ଥନ କରିନଥିଲେ ସଂସଦରେ ବିବାଦୀୟ ୱାକଫ୍ ବିଲ୍ ଅନୁମୋଦନ ଲାଭ କରିବା ସମ୍ଭବ ନଥିଲା। ଏହି ବିଲ୍‌କୁ ସମଗ୍ର ମୁସଲିମ ସଂପ୍ରଦାୟ ବିରୋଧ କରୁଥିଲେ ମଧ୍ୟ ଏହି ଦୁଇ ଦଳ ବିଲକୁ କାହିଁକି ସମର୍ଥନ ଦେଲେ? ମୁସଲିମ ଭୋଟ୍ ବ୍ୟାଙ୍କ ବଳରେ ବିଜୟୀ ହେଉଥିବା ଟିଡିପି ଏବଂ ଜେଡିୟୁ ଏଭଳି ନିଷ୍ପତ୍ତି କାହିଁକି ନେଲେ ? ଜାତୀୟ ରାଜନୀତିରେ ବର୍ତ୍ତମାନ ଏହା ଚର୍ଚ୍ଚାର ବିଷୟ ହୋଇଛି।

ଅନେକ ମୁସଲିମ ସ୍ୱାର୍ଥ ପ୍ରସଙ୍ଗରେ ଚନ୍ଦ୍ରବାବୁ ହୁଅନ୍ତୁ କି ନୀତୀଶ କୁମାର ବିଜେପି ଠାରୁ ଭିନ୍ନ ନିଷ୍ପତ୍ତି ନିଅନ୍ତି। ସେମାନେ ମୁସଲିମ ଭୋଟ ବ୍ୟାଙ୍କକୁ ଅସନ୍ତୁଷ୍ଟ କରିବାକୁ ଚାହାନ୍ତି ନାହିଁ। ୟୁନିଫର୍ମ ସିଭିଲ କୋଡ୍ ହେଉ କି ଏନ୍‌ଆରସି ବା ସିଏଏ, ଏହି ଦୁଇ ଦଳ ମୁସଲିମ ସଂପ୍ରଦାୟର ଚିନ୍ତାକୁ ଆଗରେ ରଖନ୍ତି। କିନ୍ତୁ ୱାକଫ୍ ବିଲକୁ ମୁସଲିମ ସମୁଦାୟ ବିରୋଧ କରୁଥିବା ବେଳେ ସେମାନେ ସମର୍ଥନ କଲେ କେମିତି। ମିଳିଥିବା ସୂଚନା ଅନୁଯାୟୀ କେନ୍ଦ୍ର ସରକାର ଜାଣିଥିଲେ ।।ଯେ, ଟିଡିପି ଓ ଜେଡିୟୁ ସମର୍ଥନ ନକଲେ ୱାକଫ୍ ବିଲ ପାସ୍ କରାଇବା ସମ୍ଭବ ନୁହେଁ। ତେଣୁ ବିଜେପିର ଅନେକ ବରିଷ୍ଠ ନେତା ଓ ମନ୍ତ୍ରୀ ପୃଥକ ପୃଥକ ଭାବେ ଚନ୍ଦ୍ରବାବୁ ଓ ନୀତୀଶଙ୍କୁ ଭେଟି ବିଲ୍‌ର ଆବଶ୍ୟକତା ଉପରେ ବୁଝାଇଥିଲେ। ଲୋକ ଜନଶକ୍ତି ନେତା ଚିରାଗ ପାଶ୍ୱାନ ଏବଂ ରଷ୍ଟ୍ରୀୟ ଲୋକଦଳ ନେତା ଜୟନ୍ତ ଚୌଧୁରୀଙ୍କ ସହିତ ମଧ୍ୟ ସରକାରୀ ନେତା ବିଚାରବିମର୍ଶ କରିଥିଲେ।

ୱାକଫ ବିଲ୍‌ର ଉଦ୍ଦେଶ୍ୟ ନେଇ ସହଯୋଗୀ ଦଳର ନେତାମାନେ ସହମତ ହୋଇଥିଲେ ମଧ୍ୟ ସେମାନେ ବିଲରେ ଥିବା କେତେକ ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠାଇଥିଲେ। ଯେଉଁ ଯେଉଁ ପ୍ରସଙ୍ଗରେ ମୁସଲିମ ସଂପ୍ରଦାୟ ଚିନ୍ତା ପ୍ରକଟ କରୁଥିଲେ ତାହା ସେମାନେ ଉ।।ଲ୍ଲେଖ କରିଥିଲେ। ସରକାର ଜେଡିୟୁ ଓ ଟିଡିପି ନେତାଙ୍କ ପରାମର୍ଶ କ୍ରମେ ବିଲକୁ ଜେପିସିକୁ ପଠାଇଥିଲେ। ଜେପିସିରେ ବିରୋଧୀ ଦଳ ଆଣିଥିବା ସମସ୍ତ ୪୪ଟି ସଂଶୋଧନ ପ୍ରସ୍ତାବକୁ ଅଗ୍ରାହ୍ୟ କରିଦିଆଯାଇଥିଲା। କିନ୍ତୁ ଯେଉଁ ୧୪ଟି ସଂଶୋଧନ ପ୍ରସ୍ତାବକୁ ଗ୍ରହଣ କରାଯାଇଥିଲା, ସେଥିରେ ଅନେକ ପ୍ରସ୍ତାବ ଟିଡିପି ଏବଂ ଜେଡିୟୁର ଥିଲା। ଜେଡିୟୁ ଦାବି କରିଥିଲା ଯେ ନୂଆ ଆଇନ ପିଛିଲା ଭାବେ ଲାଗୁ କରାନଯାଉ। କାରଣ ଏହା ମସଜିଦ, ମଦ୍ରାସା ସମେତ ଅନେକ ମୁସଲିମ ଧର୍ମପୀଠ ପାଇଁ ସମସ୍ୟା ସୃଷ୍ଟି କରିବ। ଜମି ରାଜ୍ୟ ସରକାରଙ୍କ ଅଧୀନରେ ଆସୁଥିବାରୁ ୱାକଫ୍ ଜମି ସଂପର୍କରେ ରାଜ୍ୟମାନଙ୍କ ସହିତ କେନ୍ଦ୍ର ପରାମର୍ଶ କରୁ। ସେହିପରି ରାଜ୍ୟ ୱାକଫ ବୋର୍ଡ ଗଠନରେ ରାଜ୍ୟ ସରକାରଙ୍କ କ୍ଷମତା ଅକ୍ଷୁଣ୍ଣ ରହୁ ବୋଲି ଟିଡିପି ପକ୍ଷରୁ କୁହାଯାଇଥିଲା। କେବଳ ଏତିକି ନୁହେଁ, ବିବାଦର ସମାଧାନ ଦାୟିତ୍ୱ ଜିଲ୍ଲାପାଳ ବଦଳରେ ଜଣେ ବରିଷ୍ଠ ଅଧିକାରୀଙ୍କୁ ଦିଆଯାଉ। ପୋର୍ଟାଲରେ ୱାକଫ କାଗଜପତ୍ର ଅପଲୋଡ୍ କରିବା ଲାଗି ସମୟସୀମା ବଢ଼ାଇବା ଲାଗି ମଧ୍ୟ ଦଳ ଦାବି କରିଥିଲା। ଦୁଇ ଦଳର ଏହିସବୁ ଦାବିକୁ ସରକାର ଗ୍ରହଣ କରିବା ସହିତ ସଂଶୋଧିତ ବିଲ ପ୍ରସ୍ତୁତ କରିଥିଲେ। ନୂଆ ୱାକଫ୍ ଆଇନ ଦ୍ୱାରା ମହିଳା ଓ ଗରିବ ମୁସଲିମ ଉପକୃତ ହେବେ ବୋଲି ବିଜେପି ନେତାମାନେ ସେମାନଙ୍କୁ ବୁଝାଇବାରେ ସଫଳ ହୋଇଥିଲେ।

ଲୋକସଭାରେ ଗତକାଲି ଏହି ବିଲ୍ ଆଗତ ହେବା ପୂର୍ବରୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଜେଡିୟୁ ନେତା ଲଲ୍ଲନ ସିଂହ ଏବଂ ସଂଜୟ ଝାଙ୍କୁ ପାର୍ଲାମେଣ୍ଟ ହାଉସରେ ସାକ୍ଷାତ କରି ଜଣାଇଥିଲେ ଯେ ସେହି ଦଳର ସମସ୍ତ ସଂଶୋଧନ ପ୍ରସ୍ତାବକୁ ଗ୍ରହଣ କରାଯାଇଛି। ଟିଡିପି ନେତାମାନଙ୍କୁ ମଧ୍ୟ ସେମାନଙ୍କ ପ୍ରସ୍ତାବ ଗ୍ରହଣ କରାଯାଇଥିବା ନେଇ ସୂଚନା ଦିଆଯାଇଥିଲା। ଏହାପରେ ଦୁଇ ଦଳ ଘୋଷଣା କରିଥିଲେ ଯେ ସେମାନେ ୱାକଫ୍ ବିଲକୁ ସମର୍ଥନ କରିବେ। ଗତକାଲି ଲୋକସଭାରେ ବିଲ ଉପରେ ଆଲୋଚନା ବେଳେ ଦୁଇ ଦଳର ନେତା ଏହି ବିଲ୍ ସପକ୍ଷରେ ମତ ରଖିବା ସହିତ ମୁସଲିମ ସ୍ୱାର୍ଥ ରକ୍ଷା ଲାଗି ଚନ୍ଦ୍ରବାବୁ ଏବଂ ନୀତୀଶ କୁମାର ନେଇଥିବା ବିଭିନ୍ନ ପଦକ୍ଷେପ ସଂପର୍କରେ ସୂଚନା ଦେଇଥିଲେ।

## ସୁପ୍ରିମକୋର୍ଟ ଯିବେ ଷ୍ଟାଲିନ୍, ଆନ୍ନାଡିଏମ୍‌କେର ସମର୍ଥନ



ଚେନ୍ନାଇ,୩।୪(ଏଜେନ୍ସି): ଲୋକସଭାରେ ୱାକଫ୍ ବିଲ୍‌କୁ ମଞ୍ଜୁରୀ ମିଳିବାକୁ ନେଇ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ କେ ଷ୍ଟାଲିନ ଘୋର ବିରୋଧ କରିବା ସହିତ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବାକୁ ଘୋଷଣା କରିଛନ୍ତି। ଗୁରୁବାର ସେ ବିଲ୍ ମଞ୍ଜୁରୀକୁ ବିରୋଧ କରି ବିଧାନସଭାକୁ କଳାବ୍ୟାଚ୍ ପିନ୍ଧି ଆସିଥିଲେ। ୱାକଫ୍ ବିଲ୍‌କୁ ଦେଶର ପ୍ରମୁଖ ବିରୋଧୀ ଦଳ ବିରୋଧ କରିଥିଲେ ମଧ୍ୟ କେନ୍ଦ୍ର ସରକାର ନିଜର କିଛି ଅଂଶୀଦାର ଦଳଙ୍କୁ ନେଇ ରାତି ଅଧିକ ବିଲ୍ ପାସ୍ କରାଇ ନେଲେ। ଯାହାକି ସମ୍ବିଧାନ ଉପରେ ଆକ୍ରମଣ ଭଳି ହୋଇଛି। ଏହାଛଡ଼ା କେନ୍ଦ୍ର ସରକାରଙ୍କ ଏଭଳି ନିଷ୍ପତ୍ତି ଦେଶର ଧାର୍ମିକ ସଦ୍‌ଭାବନାକୁ ମଧ୍ୟ ନଷ୍ଟ କରିଛି ବୋଲି ଷ୍ଟାଲିନ ଗୃହରେ କହିଥିଲେ। ତେଣୁ ଏଭଳି ଏକ ବିବାଦୀୟ ବିଲ୍‌କୁ ନେଇ ଡିଏମକେ ସୁପ୍ରିମକୋର୍ଟରେ ଖୁବଶୀଘ୍ର ମାମଲା ରୁଜୁ କରିବ ବୋଲି ସେ କହିଥିଲେ। ଷ୍ଟାଲିନଙ୍କ ଏହି ନିଷ୍ପତ୍ତିକୁ ବିରୋଧୀ ଏଆଇଡିଏମକେ ମଧ୍ୟ ସମର୍ଥନ କରିଥିବା ଜଣାପଡ଼ିଛି।

## ଜେଡିୟୁରେ ବିଦ୍ରୋହ; ଇସ୍ତଫା ଦେଲେ ନେତା

ୱାକଫ୍ ବିଲକୁ ନେଇ ଏବେ ସାରା ଦେଶରେ ରାଜନୀତି ସରଗରମ ହୋଇଛି। ଗତକାଲି ଏହି ବିଲ୍‌କୁ ବିଜେପି ନିଜର ସମସ୍ତ ଅଂଶୀଦାର ଦଳଙ୍କ ସମର୍ଥନରେ ଲୋକସଭାରେ ପାସ୍ କରାଇ ନେବାକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଚାଲିଛି। ତେବେ ବିଜେପିର ଅନ୍ୟତମ ପ୍ରମୁଖ ଅଂଶୀଦାର ଜେଡିୟୁ ଏହି ବିଲକୁ ସମର୍ଥନ କରିଥିବାରୁ ଦଳୀୟ ନେତା ମହମ୍ମଦ କ୍ୱାସିମ୍ ଅନସାରୀ ନିଜ ପଦରୁ ଗୁରୁବାର ଇସ୍ତଫା ଦେଇଛନ୍ତି। ସେ ନିଜର ଇସ୍ତଫାପତ୍ର ଦଳୀୟ ମୁଖ୍ୟ ତଥା ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନିକଟକୁ ପଠାଇ ଦେଇଥିଲା ବେଳେ ଦଳର ଆଭିମୁଖ୍ୟ ତାଙ୍କୁ ନିରାଶ କରିଥିବା ସେ କହିଛନ୍ତି। କ୍ୱାସିମ ଅନସାରୀ କହିଛନ୍ତି ଯେ, ଦେଶର ଲକ୍ଷ ଲକ୍ଷ ମୁସଲମାନ ଜେଡିୟୁ ଧର୍ମ ନିରପେକ୍ଷତାକୁ ବିଶ୍ୱାସ କରନ୍ତି। କିନ୍ତୁ ଯେଉଁ ପ୍ରସଙ୍ଗକୁ ଦେଶର କୋଟି କୋଟି ମୁସଲମାନ ବିରୋଧ କରୁଛନ୍ତି ଦଳ ତାହାକୁ ସମର୍ଥନ କରି ଲୋକଙ୍କ ବିଶ୍ୱାସ ହରାଇଛି।

### ହସ୍ପିଟାଲରେ ଥାଇ ବି ୱାକଫ୍ ସମ୍ପର୍କରେ ଟିପ୍ପଣୀ ରଖିଲେ ଲାଲୁ

## ମୁଁ ଥିଲେ ଏକୁଟିଆ ସମ୍ଭାଳି ଦେଇଥାଆନ୍ତି



ନୂଆଦିଲ୍ଲୀ,୩।୪(ଏଜେନ୍ସି): ଆରଜେଡି ନେତା ଲାଲୁ ପ୍ରସାଦ ଯାଦବଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଦ୍ରୁତ ଅବନତି ଘଟିବାରୁ ବୁଧବାର ସନ୍ଧ୍ୟାରେ ତାଙ୍କୁ ଦିଲ୍ଲୀ ଏମ୍ସ ନିଆଯାଇଥିଲା। ଗୁରୁବାର ତାଙ୍କ ପିଠିରେ ଅସ୍ତ୍ରୋପଚାର କରାଯିବା ସହିତ ଏହା ସଫଳ ହୋଇଥିବା ଡାକ୍ତରମାନେ କହିବା ପରେ ତାଙ୍କୁ ଆଇସିୟୁରୁ ବାହାରକୁ ଅଣାଯାଇଛି। ଏହି ସମୟରେ ଲାଲୁ ୱାକଫ୍ ବିଲକୁ ନେଇ ଚାଲିଥିବା ରାଜନୀତି ଉପରେ ସକ୍ରିୟ ରହିବା ସହିତ ନିଜର ଟିପ୍ପଣୀ ଦେବାକୁ ଭୁଲି ନାହାନ୍ତି। ଗତକାଲି ଲୋକସଭାରେ ୱାକଫ୍ ଆଇନକୁ ନେଇ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଲାଲୁଙ୍କ ଉପରେ ଟିପ୍ପଣୀ କରିଥିଲେ। ଏହାକୁ ନେଇ ଲାଲୁ ପ୍ରସାଦ ନିଜ ସୋସିଆଲ ମିଡିଆ ହ୍ୟାଣ୍ଡଲରେ ପୋଷ୍ଟ କରିବା ସହିତ 'ତୁମେ ମୂର୍ଖ ସଂଘୀ-ବିଜେପି ଲୋକ... ତୁମେ ମୁସଲମାନମାନଙ୍କ ଜମି ହଡ଼ପ କରିବାକୁ ଚାହୁଁଛ। କିନ୍ତୁ ଆମେ ସବୁବେଳେ ୱାକଫ ଜମିର ସୁରକ୍ଷା ପାଇଁ କଠୋର ଆଇନ ତିଆରି କରିଛୁ ଏବଂ ସେଗୁଡ଼ିକୁ ତିଆରି କରିବାରେ ସାହାଯ୍ୟ କରିଛୁ ' ବୋଲି ଉଲ୍ଲେଖ କରିଛନ୍ତି। ଏଥିରେ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରି ଲାଲୁ ବର୍ଷିଛନ୍ତି। ସେ ଆହୁରି ଉଲ୍ଲେଖ କରିଛନ୍ତି ଯେ ' କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ପାଇଁ ସଂଖ୍ୟାଲଘୁ, ଗରିବ ମୁସଲମାନ ଏବଂ ସମ୍ବିଧାନକୁ ଆଘାତ ପହଞ୍ଚିଛି। ଏଭଳି କଷ୍ଟକର ସମୟରେ ମୁଁ ସଂସଦରେ ନଥିବାରୁ ଦୁଃଖିତ, ନଚେତ୍ ମୁଁ ଏକୁଟିଆ ହିଁ ଯଥେଷ୍ଟ ହୋଇଥାନ୍ତି' ବୋଲି ଲାଲୁ ପ୍ରସାଦ ନିଜ ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ତାଙ୍କର ଏହି ଟିପ୍ପଣୀ ରାଜନୈତିକ ମହଲରେ ଚର୍ଚ୍ଚିତ ହୋଇଛି।

## ଅନୁରାଗଙ୍କ ବିବାଦୀୟ ମନ୍ତବ୍ୟ, ଖଡ଼ଗେ କ୍ଷୁବ୍ଧ



ନୂଆଦିଲ୍ଲୀ,୩।୪(ଏଜେନ୍ସି): ଗତକାଲି ଲୋକସଭାରେ ୱାକଫ୍ ବିଲ୍‌କୁ ନେଇ ଆଲୋଚନା ଚାଲିଥିଲା ବେଳେ ବିଜେପି ସାଂସଦ ଅନୁରାଗ ଠାକୁର କଂଗ୍ରେସ ଅଧ୍ୟକ୍ଷ ତଥା ରାଜ୍ୟସଭା ବିରୋଧୀ ଦଳ ନେତା ମଲ୍ଲିକାର୍ଜ୍ଜୁନ ଖଡ଼ଗେ ଏବଂ ତାଙ୍କ ଦଳୀୟ ନେତାଙ୍କ ପ୍ରତି ଯେଭଳି ଟିପ୍ପଣୀ ରଖିଥିଲେ ତାହାକୁ ନେଇ ଖଡ଼ଗେ କ୍ଷୁବ୍ଧ ହୋଇଛନ୍ତି। ଅନୁରାଗ ଯାହା କହିଛନ୍ତି ତାହାକୁ ପ୍ରମାଣ କରନ୍ତୁ , ନଚେତ୍ ସେ ସାଂସଦ ପଦରୁ ଇସ୍ତଫା ଦିଅନ୍ତୁ ବୋଲି ଖଡ଼ଗେ କହିଛନ୍ତି। ଗତକାଲି ଲୋକସଭାରେ ୱାକଫ୍ ବିଲ୍‌କୁ ଅନୁମୋଦନ ମିଳିଥିଲା ବେଳେ ଗୁରୁବାର ଏହି ବିଲ୍‌କୁ ନେଇ ରାଜ୍ୟସଭାରେ ବିତର୍କ ହୋଇଥିଲା। କିନ୍ତୁ ଏହି ସମୟରେ ଖଡ଼ଗେ ଗତକାଲିର ଘଟଣା ଉଠାଇ ଅନୁରାଗଙ୍କ ଉପରେ ବର୍ଷିଥିଲେ। ଅନୁରାଗ ତାଙ୍କ ବିରୋଧରେ ଯେଭଳି ଅଭିଯୋଗ ଆଣିଛନ୍ତି ତାହା ଏ ବୟସରେ ସହ୍ୟ କରିହେବ ନାହିଁ ବୋଲି ଖଡ଼ଗେ କହିଛନ୍ତି। ସେ କହିଛନ୍ତି ଯେ, ପିଲାଟି ଦିନରୁ ତାଙ୍କ ସମୟ ସଂଘର୍ଷରେ କଟିଛି। କିନ୍ତୁ ସେ ସବୁ ବେଳେ ମୁକ୍ତ ଏବଂ ସ୍ୱାଭାବିକ ଜୀବନ ବିତାଇ ଆସିଛନ୍ତି। ହେଲେ ୬୦ ବର୍ଷର ରାଜନୀତି ପରେ ଜଣେ ସାଂସଦଙ୍କ ଠାରୁ ଏଭଳି କଥା ଶୁଣିବା ଆଦୌ ସହ୍ୟକର ନୁହେଁ। ଏଥିପାଇଁ ଅନୁରାଗ ଠାକୁର ଏବଂ ଶାସକ ଦଳ ନେତା ଜେ ପି ନଡ୍ଡା ମଧ୍ୟ କ୍ଷମା ମାଗିବା ଉଚିତ। ଯଦି ଅନୁରାଗ ତାଙ୍କ ଦଳ ବିରୋଧରେ ଆଣିଥିବା ଅଭିଯୋଗକୁ ପ୍ରମାଣ କରିଦେବେ ତେବେ ସେ ଇସ୍ତଫା ଦେବେ ବୋଲି ଖଡ଼ଗେ କହିଛନ୍ତି।

### ୭ ଉତ୍ତରପୂର୍ବ ରାଜ୍ୟକୁ ନେଇ ୟୁନୁସ୍‌ଙ୍କ ମନ୍ତବ୍ୟ ବଢ଼ାଇଛି ବିବାଦ

## ବିମ୍‌ଷ୍ଟେକ୍ ସମ୍ମିଳନୀରେ ୟୁନୁସ୍‌ଙ୍କୁ ଠିକଣା ଜବାବ ଦେଲେ ଜୟଶଙ୍କର



ନୂଆଦିଲ୍ଲୀ,୩।୪(ଏଜେନ୍ସି): ବାଂଲାଦେଶର ଅନ୍ତରୀଣ ସରକାର ମୁଖ୍ୟ ମହମ୍ମଦ ୟୁନୁସ୍ ସଂପ୍ରତି ଚୀନ୍ ଗସ୍ତରେ ଯାଇ ଭାରତର ୭ ଉତ୍ତର ପୂର୍ବାଞ୍ଚଳକୁ ନେଇ ଯେଉଁ ଟିପ୍ପଣୀ ଦେଇଥିଲେ ତାହାକୁ ନେଇ ଏବେ ବିବାଦ ବଢ଼ିଛି। ଭାରତରେ ରାଜନୈତିକ କ୍ଷେତ୍ର ଠାରୁ ଆରମ୍ଭ କରି କୂଟନୀତି ଏବଂ ସାମରିକ ସ୍ତରରେ ୟୁନୁସ୍‌ଙ୍କ ମନ୍ତବ୍ୟକୁ ବିଶ୍ଳେଷଣ କରାଯିବା ସହିତ ଭାରତ ଏବେ ଠାରୁ ବାଂଲାଦେଶ ବିରୋଧରେ ପଦକ୍ଷେପ ନେବା ଆରମ୍ଭ କରିବା ଉଚିତ ବୋଲି ମତ ପ୍ରକାଶ ପାଇଛି। ୟୁନୁସ୍ ତାଙ୍କ ଚୀନ୍ ଗସ୍ତ ବେଳେ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ସହ ଆଲୋଚନା କରିବା ବେଳେ ଭାରତର ଉତ୍ତର ପୂର୍ବ ରାଜ୍ୟଗୁଡିକର ଭୌଗୋଳିକ ଅବସ୍ଥିତିକୁ ନେଇ ବଡ଼ ଟିପ୍ପଣୀ କରିଥିଲେ। ଏହିସବୁ ରାଜ୍ୟସମୂହ ସ୍ଥଳଭାଗ ଦ୍ୱାରା ଘେରାବନ୍ଦୀ (ଲ୍ୟାଣ୍ଡଲକ୍) ହୋଇଥିବାରୁ ବାଂଲାଦେଶ ହିଁ ଏଗୁଡିକ ପାଇଁ ସାମୁଦ୍ରିକ ପଥରେ ପ୍ରବେଶ ଦ୍ୱାର ହେବ ଏବଂ ତାଙ୍କ ଦେଶ ଏଠାରେ କେବଳ ମୁରବୀ ଭାବେ କାର୍ଯ୍ୟ କରିବ ବୋଲି ୟୁନୁସ୍ କହିଥିଲେ। ସେଥିପାଇଁ ସେ ଚୀନ୍‌କୁ ବିଭିନ୍ନ କ୍ଷେତ୍ରରେ ନିବେଶ କରିବାକୁ ଆହ୍ୱାନ କରିବା ସହିତ ବଙ୍ଗୋପସାଗରରେ ବାଂଲାଦେଶ ତଟରେ ପ୍ରକଳ୍ପ ନିର୍ମାଣ କରିବାକୁ ପ୍ରସ୍ତାବ ଦେଇଥିଲେ। ୟୁନୁସ୍‌ଙ୍କ ଏହି ମନ୍ତବ୍ୟକୁ ନେଇ ଭାରତରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା ବେଳେ ଗୁରୁବାର ଥାଇଲାଣ୍ଡରେ ଅନୁଷ୍ଠିତ ' ବିମ୍‌ଷ୍ଟେକ୍' ସମ୍ମିଳନୀରେ ଯୋଗ ଦେବା ଅବସରରେ ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ୟୁନୁସଙ୍କୁ ପରୋକ୍ଷରେ ଶକ୍ତ ଜବାବ ଦେଇଛନ୍ତି। ଭାରତର ୭ ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ଏବେ ଦକ୍ଷିଣ ଏସିଆ ପାଇଁ ମୁଖ୍ୟ ପ୍ରବେଶ ଦ୍ୱାର ହେବାକୁ ଯାଉଛି ବୋଲି ଜୟଶଙ୍କର କହିଛନ୍ତି। ଭାରତର 'ନର୍ଥଇଷ୍ଟ' ନୀତି ଅନୁସାରେ ଏହିସବୁ ରାଜ୍ୟ ଭାରତର 'ନେବରଉଡ୍ ଫାର୍ଷ୍ଟ' ନୀତି ପାଇଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବାକୁ ଯାଉଛି। ଭାରତର ଉତ୍ତର ପୂର୍ବାଞ୍ଚଳ ଆଇଏମଟିଟି 'ଟ୍ରାଇଲାଟେରାଲ ହାଇୱେ' ପ୍ରକଳ୍ପ ଦ୍ୱାରା ପ୍ରଶାନ୍ତ ମହାସାଗର ପର୍ଯ୍ୟନ୍ତ ପରିବ୍ୟାପ୍ତ ହେବାକୁ ଯାଉଛି।

ଏହିକ୍ରମରେ ମଣିପୁରର ମୋରେ ଠାରୁ ମ୍ୟାଁମାରର ମିସଟ୍ ପର୍ଯ୍ୟନ୍ତ ସଡ଼କ ଏବଂ ରେଳପଥରେ ଯୋଡି ହେବ। ଭାରତ କେବଳ ନିଜ ସ୍ୱାର୍ଥ ପାଇଁ ଉତ୍ତର ପୂର୍ବ ରାଜ୍ୟ ପାଇଁ କାର୍ଯ୍ୟ କରୁ ନାହିଁ। ବରଂ ପଡୋଶୀ ଏବଂ ଦକ୍ଷିଣପୂର୍ବ ଏସିଆ ରାଷ୍ଟ୍ରମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଯାଉଛି ବୋଲି ଜୟଶଙ୍କର କହିଥିଲେ। ଅର୍ଥାତ୍ ବଙ୍ଗୋପସାଗରରେ କେବଳ ବାଂଲାଦେଶ କିମ୍ବା ଚୀନ୍ ନୁହେଁ , ଏହି ଅଞ୍ଚଳରେ ସବୁ ଦକ୍ଷିଣ ଏସୀୟ ରାଷ୍ଟ୍ରଙ୍କ କର୍ତ୍ତୃତ୍ୱ ରହିବ ବୋଲି ଜୟଶଙ୍କର ସ୍ପଷ୍ଟ କରିଛନ୍ତି।

## ଟ୍ରମ୍ପଙ୍କ ଟାରିଫ୍‌ରୁ ବି ବର୍ତ୍ତି ନାହାନ୍ତି ପେଙ୍ଗୁଇନ୍



ନୂଆଦିଲ୍ଲୀ,୩।୪(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଶ୍ୱର ପ୍ରତ୍ୟେକ ଦେଶ ଉପରେ ଶୁଳ୍କ ବୃଦ୍ଧି କରିଛନ୍ତି। ଏପରିକି ଅଷ୍ଟ୍ରେଲିଆର ହେରାଲ୍ଡ ଏବଂ ମେକ୍ ଡୋନାଲ୍ଡ ଭଳି ଦୁଇ ସୁଦୂର ଦ୍ୱୀପପୁଞ୍ଜ ମଧ୍ୟ ଏହି ଶୁଳ୍କ ବ୍ୟବସ୍ଥାରୁ ବର୍ତ୍ତି ନାହାନ୍ତି। କିନ୍ତୁ ଏହି ଦୁଇ ଦ୍ୱୀପର ଅଧିବାସୀ ହେଉଛନ୍ତି କେବଳ ପେଙ୍ଗୁଇନ୍। ଆଗ୍ନେୟଗିରି ଏବଂ କିଛି ସମତଳ ଭୂମିରେ ପରିପୂର୍ଣ୍ଣ ଏହି ଦୁଇ ଦ୍ୱୀପାଞ୍ଚଳରେ କେବଳ ପେଙ୍ଗୁଇନ୍ ବାସ କରିଥିଲା ବେଳେ ଏଠାରେ ମଧ୍ୟ ଟ୍ରମ୍ପଙ୍କ ୧୦ ପ୍ରତିଶତ ଶୁଳ୍କ ଲାଗୁ ହୋଇଛି। କେବଳ ସେତିକି ନୁହେଁ, ଅଷ୍ଟ୍ରେଲିଆ ଉପକୂଳରୁ ବହୁ ଦୂରରେ ରହିଥିବା ଏହି ଦୁଇ ଦ୍ୱୀପାଞ୍ଚଳ ବିଶ୍ୱର ସବୁଠୁ ନିକାଞ୍ଚନ ଅଞ୍ଚଳ ଭାବେ ମଧ୍ୟ ପରିଚିତ ରହିଛି। ଏଠାକୁ ଯିବାକୁ ହେଲେ ପର୍ଥ ଠାରୁ ଦୁଇ ସପ୍ତାହ ଧରି ବୋଟ୍‌ରେ ଯାତ୍ରା କରିବାକୁ ପଡ଼ିଥାଏ। ବିଗତ କିଛି ଦଶନ୍ଧି ମଧ୍ୟରେ ଏଠାକୁ କୌଣସି ମଣିଷ ଯାତାୟତ କରିବାର ନଜିର ନାହିଁ। ଏହାସତ୍ତ୍ୱେ ଏହି ଅଞ୍ଚଳରେ ମଧ୍ୟ ଆମେରିକା ଶୁଳ୍କ ଲାଗାଇଛି।



ନୀରଜଙ୍କ ନାମରେ ଅନ୍ତର୍ଜାତୀୟ ଇଭେଣ୍ଟ୍

▶ପୃଷ୍ଠା ୧୪ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-276 ◆BHUBANESWAR ◆FRIDAY ◆4 APRIL 2025 ◆PAGE-14 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୨୭୬ ◆ଭୁବନେଶ୍ୱର ◆ଶୁକ୍ରବାର ◆୪ ଏପ୍ରିଲ୍ ୨୦୨୫ ◆ପୃଷ୍ଠା-୧୪ ◆ଟ.୬.୦୦


ପଶ୍ଚିମବଙ୍ଗ ସରକାରଙ୍କୁ ଝଟ୍‌କା

## ୨୫ ହଜାର ଶିକ୍ଷକଙ୍କ ନିଯୁକ୍ତି ବାତିଲ

ହାଇକୋର୍ଟଙ୍କ ରାୟ ସୁପ୍ରିମକୋର୍ଟରେ କାଏମ

■ **ନୂଆଦିଲ୍ଲୀ, ୩।୪ (ଏଜେନ୍ସି):** ପଶ୍ଚିମବଙ୍ଗର ଶିକ୍ଷକ ନିଯୁକ୍ତି ଘୋଟାଲାକୁ ନେଇ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଶକ୍ତ ଝଟକା ଲାଗିଛି। ରାଜ୍ୟ ଶିକ୍ଷା ବୋର୍ଡ ଦ୍ୱାରା ନିଯୁକ୍ତ କରାଯାଇଥିବା ୨୫,୦୦୦ ଶିକ୍ଷକ ଏବଂ ଅଣଶିକ୍ଷକ କର୍ମଚାରୀଙ୍କ ନିଯୁକ୍ତି ବାତିଲ କରିବା ପାଇଁ ପୂର୍ବରୁ କୋଲକାତା ହାଇକୋର୍ଟ ଦେଇଥିବା ରାୟକୁ ସୁପ୍ରିମକୋର୍ଟ କାଏମ୍ ରଖିଛନ୍ତି। ଏହାସହିତ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ କଳୁଷିତ ବୋଲି କହିଛନ୍ତି। ପଶ୍ଚିମବଙ୍ଗ ସ୍କୁଲ ସର୍ଭିସ୍ କମିସନ ଦ୍ୱାରା କରାଯାଇଥିବା ଚୟନ ପ୍ରକ୍ରିୟାରେ ହେରାଫେରି କରାଯିବା ସହିତ ଏହି ସଂସ୍ଥା ନିଜର ବିଶ୍ୱାସନୀୟତା ଏବଂ ସ୍ୱଚ୍ଛତା ନଷ୍ଟ କରିଛି ବୋଲି ମଧ୍ୟ ସୁପ୍ରିମକୋର୍ଟ କହିଛନ୍ତି। ଚୟନ ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ଯୋଗୁ ସମ୍ପୂର୍ଣ୍ଣ ଚୟନ ପ୍ରକ୍ରିୟାକୁ ତ୍ରୁଟିପୂର୍ଣ୍ଣ ଘୋଷଣା କରିବା ଠିକ୍ ଥିଲା ବୋଲି କହିଛନ୍ତି।

ଶିକ୍ଷକ ନିଯୁକ୍ତି ଘୋଟାଲାକୁ ନେଇ ହାଇକୋର୍ଟ ଦେଇଥିବା ରାୟ ବିରୋଧରେ ରାଜ୍ୟ ସରକାର ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟଙ୍କ ରାୟ ଦ୍ୱାରା ଅନେକ ଲୋକ ଜୀବିକା ହରାଇବେ ଦର୍ଶାଇ ରାଜ୍ୟ ▶ପୃଷ୍ଠା-୭



ସୁପ୍ରିମ୍‌କୋର୍ଟଙ୍କ ନିଷ୍ପତ୍ତି

## ସମ୍ପତ୍ତି ତଥ୍ୟ ସାର୍ବଜନୀନ କରିବେ ବିଚାରପତି

■ **ନୂଆଦିଲ୍ଲୀ, ୩।୪ (ଏଜେନ୍ସି):** ଏଣିକି ପ୍ରଧାନବିଚାରପତିଙ୍କ ସମେତ ସୁପ୍ରିମକୋର୍ଟର ସମସ୍ତ ବିଚାରପତି ସେମାନଙ୍କ ସମ୍ପତ୍ତି ସାର୍ବଜନୀନ କରିବେ। ଦିଲ୍ଲୀ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଯଶୋବନ୍ତ ବର୍ମାଙ୍କ ଘରୁ ଟଙ୍କା ମିଳିବା ଘଟଣା ପରିପ୍ରେକ୍ଷୀରେ ଅପ୍ରତ୍ୟାଶିତ ଭାବେ ଏଭଳି ନିଷ୍ପତ୍ତି ନିଆଯାଇଛି। ଗତ ୧ ତାରିଖରେ ସୁପ୍ରିମକୋର୍ଟ ବିଚାରପତିଙ୍କ ମଧ୍ୟରେ ଅନୁଷ୍ଠିତ ଏକ ବୈଠକରେ ଏହି ନିଷ୍ପତ୍ତି ହୋଇଥିଲା ବେଳେ ସମସ୍ତ ବିଚାରପତି ପ୍ରଧାନବିଚାରପତିଙ୍କ ନିକଟରେ ସେମାନଙ୍କ ସମ୍ପତ୍ତି ତଥ୍ୟ ରଖିବେ। ଏହାପରେ ପ୍ରଧାନବିଚାରପତିଙ୍କ ଦ୍ୱାରା ଏହାକୁ ସୁପ୍ରିମକୋର୍ଟ ୱେବସାଇଟ୍‌ରେ ଅପଲୋଡ୍ କରାଯିବ ବୋଲି କୁହାଯାଇଛି। ସୁପ୍ରିମକୋର୍ଟ ବିଚାରପତିମାନଙ୍କ ସ୍ୱଚ୍ଛତାକୁ ସୁନିଶ୍ଚିତ କରିବା ଲାଗି ଏହି ପଦକ୍ଷେପ ନିଆଯାଇଛି। ମିଳିଥିବା ସୂଚନା ଅନୁସାରେ ଏପ୍ରିଲ ୧ରେ ଅନୁଷ୍ଠିତ ପୂର୍ଣ୍ଣକୋର୍ଟ ବୈଠକରେ ବିଚାରପତିମାନେ ଭାରତର ମୁଖ୍ୟ ବିଚାରପତିଙ୍କ ନିକଟରେ ସେମାନଙ୍କର ସମ୍ପତ୍ତି ପ୍ରକାଶ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି ବୈଠକରେ ଯେଉଁ ନିଷ୍ପତ୍ତି ହୋଇଥିଲା ତାହାର ଏକ ନକଲ ମଧ୍ୟ ସାର୍ବଜନୀନ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଏବେ ସୁପ୍ରିମକୋର୍ଟ ବିଚାରପତିଙ୍କ ସଂଖ୍ୟା ୩୩ ରହିଛି।

# ବିରୋଧ-ବିବାଦ-ବାସନ୍ଦ

## ସାରାରାତି ଚାଲିଲା; ୩ ଦିନ ପୂର୍ବରୁ ସରିଲା ବିଧାନସଭା ବଜେଟ ଅଧିବେଶନ



- ଗୃହ ମଧ୍ୟରେ ବିଜେପି-କଂଗ୍ରେସ ହାତାହାତି
- କଂଗ୍ରେସର ସମସ୍ତ ୧୪ ବିଧାୟକ ନିଲମ୍ବିତ
- ବିବାଦ ଘେରରେ ସଂସଦୀୟ ବ୍ୟାପାର ମନ୍ତ୍ରୀ

■ **ଭୁବନେଶ୍ୱର, ୩।୪ (ସମିସ):** ନିର୍ଦ୍ଧାରିତ ୩ଟି କାର୍ଯ୍ୟ ଦିବସ ପୂର୍ବରୁ ସରିଛି ଷୋଡ଼ଶ ବିଧାନସଭାର ବଜେଟ ଅଧିବେଶନ। ଶେଷଦିନରେ ରାଜ୍ୟ ସରକାର ଗୁରୁତ୍ୱପୂର୍ଣ୍ଣ ବିଶ୍ୱ ବିଦ୍ୟାଳୟ ସଂଶୋଧନ ବିଧେୟକ ଏବଂ ରାଜ୍ୟ ରାଜପଥ ପ୍ରାଧିକରଣ ବିଲ୍‌କୁ ପାରିତ କରାଇ ନେଇଛନ୍ତି। ଦୀର୍ଘ ୨୦ ଘଣ୍ଟାର ମାରାଥନ ଗୃହକାର୍ଯ୍ୟ ପରେ ଗୁରୁବାର ସକାଳେ ବାଚସ୍ପତି ସୁରମା ପାଢ଼ୀ ଘଟଣାବହୁଳ ବିଧାନସଭା ଅଧିବେଶନକୁ ଅନିର୍ଦ୍ଧିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରିଛନ୍ତି। ଅନେକ ଦୃଷ୍ଟିରୁ ଚଳିତ ଅଧିବେଶନ ସ୍ମରଣୀୟ ହୋଇ ରହିବ ବୋଲି କୁହାଯାଉଛି। ଗୃହରେ କଂଗ୍ରେସ-ବିଜେପି ବିଧାୟକଙ୍କ ମଧ୍ୟରେ ହାତାହାତି, କଂଗ୍ରେସର ସମସ୍ତ ୧୪ ବିଧାୟକଙ୍କୁ ନିଲମ୍ବିତ ଓ ଗୋଟିଏ ଦିନରେ ସାରା ରାତି, ସାରା ଦିନ ଗୃହକାର୍ଯ୍ୟ ଚାଲିବା ବିଧାନସଭା ଇତିହାସରେ ନୂଆ ଅଧ୍ୟାୟ ସୃଷ୍ଟି କରିଛି। ଅନ୍ୟପକ୍ଷରେ ଏହି ୨୫ କାର୍ଯ୍ୟଦିବସ ବିଶିଷ୍ଟ ଅଧିବେଶନରେ ଗୃହକାର୍ଯ୍ୟ ପରିଚାଳନାରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ଏବଂ ବାଚସ୍ପତିଙ୍କ ଭୂମିକାକୁ ନେଇ ବିରୋଧୀ ପ୍ରଶ୍ନ ଉଠାଇଛନ୍ତି। ବିଶେଷକରି କଂଗ୍ରେସର ସବୁ ବିଧାୟକଙ୍କୁ ନିଲମ୍ବନ ପରେ ପୁଲିସ ଲଗାଇ ସେମାନଙ୍କୁ ଗୃହରୁ ବାହାର କରାଯିବା, ପରବର୍ତ୍ତୀ ସମୟରେ ବିଧାନସଭା ପରିସରକୁ ପ୍ରବେଶରୁ ବାରଣ କରାଯିବା କଳା ଅଧ୍ୟାୟ ସୃଷ୍ଟି କରିଛି।

ସପ୍ତଦଶ ବିଧାନସଭାର ତୃତୀୟ ଅଧିବେଶନ ଗତ ଫେବୃଆରୀ ୧୩ ତାରିଖରୁ ଆରମ୍ଭ ହୋଇଥିଲା। ଦୁଇଟି ପର୍ଯ୍ୟାୟରେ ଗୃହକାର୍ଯ୍ୟ ଅନୁଷ୍ଠିତ ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ କଂଗ୍ରେସ ଆଦୌ ଭାଗ ନେଇନଥିଲା। ଗୃହରେ ଭିନ୍ନ ଭିନ୍ନ ଢଙ୍ଗରେ ପ୍ରତିବାଦ ସହ ଏକାଧିକ ଦିନ ଧରି ଗୃହ ଅଚଳ କରିଥିଲେ କଂଗ୍ରେସ ବିଧାୟକ। ଶେଷରେ ବାଚସ୍ପତି ସମସ୍ତ ୧୪ ବିଧାୟକଙ୍କୁ ୭ଟି କାର୍ଯ୍ୟଦିବସ ପାଇଁ ନିଲମ୍ବିତ କରିଥିଲେ। ଗୃହରେ ଶାସକ ଦଳର ସଦସ୍ୟଙ୍କଠାରୁ କଂଗ୍ରେସ ସଦସ୍ୟମାନେ ମାଡ଼ ଖାଇଥିବା ଅଭିଯୋଗ ସତ୍ତ୍ୱେ ସେମାନଙ୍କୁ ନିଲମ୍ବନ ବାଚସ୍ପତିଙ୍କ ଭୂମିକାକୁ ▶ପୃଷ୍ଠା-୭

# ରାଜ୍ୟସଭାରେ 'ୱାକଫ୍' ଘମାଘୋଟ

■ **ନୂଆଦିଲ୍ଲୀ, ୩।୪(ଏଜେନ୍ସି):** ଦୀର୍ଘ ୧୨ ଘଣ୍ଟା ଧରି ଆଲୋଚନା ପରେ ଗତକାଲି ବିଳମ୍ବିତ ରାତିରେ ଲୋକସଭା ବିବାଦୀୟ ୱାକଫ୍ ସଂଶୋଧନ ବିଲକୁ ଅନୁମୋଦନ ପ୍ରଦାନ କରିଥିବା ବେଳେ ଆଜି ଏହାକୁ ରାଜ୍ୟସଭାରେ ଆଗତ କରାଯାଇଛି। ସରକାର ଏହି ବିଲ୍ ସପକ୍ଷରେ ଦୃଢ଼ ଯୁକ୍ତି ଦର୍ଶାଇଥିବା ବେଳେ ବିରୋଧୀ ଦଳ ଏହାର ଜୋରଦାର ବିରୋଧ କରିଛନ୍ତି। ଅନ୍ୟପକ୍ଷରେ ବିଜେପିର ସହଯୋଗୀ ନୀତୀଶ କୁମାରଙ୍କ ଜେଡିୟୁ ଏହି ବିଲକୁ ସମର୍ଥନ କରିଥିବାରୁ ଦଳ ଭିତରେ ବିଦ୍ରୋହ ଦେଖାଦେଇଛି। ଜେଡିୟୁ ନିଷ୍ପତ୍ତିର ପ୍ରତିବାଦ ଜଣାଇ ଆଜି ଦୁଇ ଜଣ ବରିଷ୍ଠ ନେତା ଦଳରୁ ଇସ୍ତଫା ଦେଇଛନ୍ତି। ସେହିଭଳି ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ ୱାକଫ୍ ବିଲକୁ ସୁପ୍ରିମ କୋର୍ଟରେ ଚାଲେଞ୍ଜ କରିବାକୁ ଘୋଷଣା କରିଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ଯେ ତାଙ୍କୁ ସମର୍ଥନ ଜଣାଇଛି ବିଜେପିର ଅନ୍ୟତମ ସହଯୋଗୀ ଆନ୍ନାଡିଏମ୍‌କେ। ୱାକଫ ବିଲକୁ ପ୍ରତ୍ୟାହାର କରିବା ପାଇଁ ଏହି ଦଳ ଦାବି କରିଛି।



ଆଜି ରାଜ୍ୟସଭାରେ ବିଲ୍ ଆଗତ କରି କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଥିଲେ ଯେ ସଂଶୋଧିତ ୱାକଫ୍ ଆଇନ ମୁସଲମାନଙ୍କ ଧାର୍ମିକ ଅଧିକାର ▶ପୃଷ୍ଠା-୭

## ବିବେକ ଅନୁସାରେ ଭୋଟ୍: ସସ୍ମିତ

ରାଜ୍ୟସଭାରେ ୱାକଫ୍ ବିଲ୍ ପ୍ରସଙ୍ଗରେ ବିଜେଡି ସାଂସଦମାନେ ବିବେକାନୁମୋଦିତ ଭୋଟ ଦେବେ। ଏ ସଂକ୍ରାନ୍ତରେ ଦଳ ପକ୍ଷରୁ କୌଣସି ହ୍ୱିପ୍ ଜାରି କରାଯାଇ ନାହିଁ ବୋଲି କହିଛନ୍ତି ବିଜେଡି ସାଂସଦ ଡ.ସସ୍ମିତ ପାତ୍ର। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ସେ କହିଛନ୍ତି ଯେ ଧର୍ମନିରପେକ୍ଷତା ଓ ଅନ୍ତର୍ଭୁକ୍ତିକରଣକୁ ବିଜୁ ଜନତା ଦଳ ସର୍ବଦା ପ୍ରାଧାନ୍ୟ ଦେଇ ଆସୁଛି। ସମସ୍ତ ସମ୍ପ୍ରଦାୟର ଅଧିକାର ସୁରକ୍ଷିତ ରହିବା ଆମ ଦଳର ଆଭିମୁଖ୍ୟ। ୱକଫ୍ ବିଲକୁ ନେଇ ସଂଖ୍ୟାଲଘୁ ସମ୍ପ୍ରଦାୟ ପ୍ରକାଶ କରିଥିବା ଭାବନା ପ୍ରତି ଆମ ଦଳ ଗଭୀର ସମ୍ମାନ ଜଣାଉଛି। ଏହାକୁ ସବୁ ଦୃଷ୍ଟିରୁ ବିଚାର କରି ନ୍ୟାୟ, ଭାତୃଭାବ ଓ ସମସ୍ତଙ୍କ ଅଧିକାରର ସୁରକ୍ଷା ପାଇଁ ନିଜ ବିବେକ ଅନୁସାରେ ବିଲ୍ ସମ୍ପର୍କରେ ନିଷ୍ପତ୍ତି ନେବା ଦାୟିତ୍ୱ ଆମ ଦଳର ସମସ୍ତ ରାଜ୍ୟସଭା ସାଂସଦଙ୍କ ଉପରେ ନ୍ୟସ୍ତ କରାଯାଇଛି ବୋଲି ସେ କହିଛନ୍ତି।

## ହାତକୁ ବ୍ଲେଡ୍‌ରେ କାଟି ଲୁଣ ବୋଳିଦେଲେ

ଛାତ୍ରାବାସରେ ର୍‍ୟାଗିଂ

■ **ବାରିପଦା, ୩।୪(ସମିସ):** ବୟସ ୧୫ ଟପିନି; କିନ୍ତୁ ଜୁନିଅର୍ ଛାତ୍ରକୁ ର୍‍ୟାଗିଂ କରିବାକୁ ଯାଇ ନୃଶଂସତାର ସବୁ ସୀମା ଉଲ୍ଲଂଘନ କରିଛନ୍ତି କିଛି ନବମ ଛାତ୍ର। ଜଣେ ଷଷ୍ଠ ଶ୍ରେଣୀର ଛାତ୍ରଙ୍କ ହାତକୁ ବ୍ଲେଡ୍‌ରେ କାଟି ସେଥିରେ ଲୁଣ ବୋଳି ଦେଇଛନ୍ତି। ଏଭଳି ଏକ ସାଙ୍ଘାତିକ ଅଭିଯୋଗ ଆସିଛି ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ଥାନା ଅନ୍ତର୍ଗତ ବାସିପିଠା ଏସ୍‌ଏସ୍‌ଡି ହାଇସ୍କୁଲର ଛାତ୍ରାବାସରୁ। ଏନେଇ ଅଭିଯୋଗ ହେବା ପରେ ପୁଲିସ୍ ତଦନ୍ତ ଆରମ୍ଭ କରିଛି।

ସୂଚନାନୁଯାୟୀ, ସ୍କୁଲ ହଷ୍ଟେଲରେ ରହୁଥିବା ବାରିପଦା ଭୁଗୁଡ଼ାକଟା ଅଞ୍ଚଳର ଷଷ୍ଠ ଶ୍ରେଣୀର ଜଣେ ଛାତ୍ରଙ୍କୁ ନବମ ଶ୍ରେଣୀ ଛାତ୍ରମାନେ ରାଗିଂ କରିଛନ୍ତି। ହଷ୍ଟେଲ ଭିତରେ କିଛି ନବମ ଛାତ୍ର ମଦ ପିଉଥିବା ଦେଖି ଷଷ୍ଠ ଶ୍ରେଣୀର ଛାତ୍ରଜଣକ ଏ ସଂପର୍କରେ ପ୍ରଧାନ ଶିକ୍ଷକଙ୍କୁ ଜଣାଇଥିଲେ। ଏହା ଜଣାପଡ଼ିବା ପରେ ଅଭିଯୁକ୍ତ ଛାତ୍ରମାନେ ରକ୍ତମୁଖା ହୋଇଯାଇଥିଲେ। ପ୍ରତିଶୋଧ ନେବା ପାଇଁ ସେମାନେ ଯୋଜନା କରିଥିଲେ। ଏହି ଘଟଣାର ଠିକ୍ ପରଦିନ ଏକ ରୁମ୍‌ରେ ଉକ୍ତ ଛାତ୍ରଙ୍କୁ ବନ୍ଦ କରି ଲୁହାଛଡ଼ରେ ▶ପୃଷ୍ଠା-୭

## ୧ କୋଟିର ଅଳଙ୍କାର, ନଗଦ ୯ ଲକ୍ଷ ଲୁଟ୍

ଗହଣା ଦୋକାନୀଙ୍କ ଘରେ ଡକାୟତି

ଗର୍ଭବତୀଙ୍କୁ ବ୍ୟାଟ୍ ପାହାର

■ **ଖଇରା, ୩।୪ (ସମିସ):** ବାଲେଶ୍ୱର ଜିଲ୍ଲା ଖଇରା ଥାନା ଅଧୀନ ପ୍ରହରାଜପୁର ଗ୍ରାମରେ ବୁଧବାର ରାତିରେ ଏକ ବଡ଼ଧରଣର ଡକାୟତି ହୋଇଛି। ଦୁର୍ବୃତ୍ତମାନେ ଜଣେ ଗହଣା ଦୋକାନୀଙ୍କ ଘରୁ ନଗଦ ୯ ଲକ୍ଷ ଟଙ୍କା ସହ ୧ କୋଟି ଟଙ୍କାର ଅଳଙ୍କାର ଲୁଟି ନେଇଛନ୍ତି। ଡକାୟତିର ଶିକାର ହୋଇଥିବା ବ୍ୟବସାୟୀଜଣଙ୍କ ହେଲେ, ସଞ୍ଜୟ ସାହୁ। ଡକାୟତମାନେ ସଞ୍ଜୟଙ୍କ ଗର୍ଭବତୀ ସ୍ତ୍ରୀ, ବୃଦ୍ଧା ମାଆ ଓ ଛୋଟ ଛୁଆଙ୍କୁ ମାଡ଼ ମାରି ଏପରି ନାରକୀୟ କାଣ୍ଡ ଘଟାଇଛନ୍ତି। ଔପଦା ଥାନା ଅଧିକାରୀ ପ୍ରମୋଦ ଦାସ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘଟଣାର ତଦନ୍ତ ଚଳାଇଛନ୍ତି। ସ୍ଥାନୀୟ ତୁଡ଼ିଗଡ଼ିଆ ବଜାରରେ ଥିବା ଶଙ୍କର ଗହଣା ଦୋକାନର ମାଲିକ ଶ୍ରୀ ସାହୁ ଗତକାଲି ଘରେ ଶୋଇଥିବା ବେଳେ ରାତି ପ୍ରାୟ ୨ଟାରେ ୫ଜଣ ଦୁର୍ବୃତ୍ତ ଗ୍ରୀଲ୍ ଓ କବାଟ ତାଡ଼ି ତାଙ୍କ ଘରେ ପଶିଥିଲେ। ▶ପୃଷ୍ଠା-୭

୨୧ ଜିଲ୍ଲାକୁ କାଳବୈଶାଖୀ ଚେତାବନୀ

## ପଛେ ପଛେ ଘୂର୍ଣ୍ଣିବଳୟ

ତାତିର ତାଉରୁ ମିଳିବ ଆଶ୍ୱସ୍ତି

■ **ଭୁବନେଶ୍ୱର, ୩।୪ (ସମିସ):** ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ଜନିତ ବର୍ଷା ଜାରି ରହିଛି। ଗତ ୩୬ ଘଣ୍ଟାରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ କାଳବୈଶାଖୀ ଯୋଗୁଁ ବର୍ଷା ସହ କିଛି ସ୍ଥାନରେ ପବନ ବହିଛି। ଏହି ସ୍ଥିତି ଆହୁରି ଦୁଇ ଦିନ ପର୍ଯ୍ୟନ୍ତ ଜାରି ରହିବ ଓ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ଗତ ୩୬ ଘଣ୍ଟାରେ କାଳବୈଶାଖୀ ଯୋଗୁଁ ଦେବଗଡ଼ରେ ୩୭ ମିମି ବର୍ଷା ରେକର୍ଡ ହୋଇଛି। ଏହାସହିତ ବରଗଡ଼, ଫୁଲବାଣୀ, ହୀରାକୁଦ, ନୂଆପଡ଼ା, ସମ୍ବଲପୁର, କେନ୍ଦୁଝର, ଝାରସୁଗୁଡ଼ା ଆଦି ସ୍ଥାନରେ କିଛିକିଛି ବର୍ଷା ହୋଇଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ଗୁରୁବାର ବଙ୍ଗୋପସାଗରରେ ଏକ ଗୁରୁଚାପ ବଳୟ ରହିଥିଲା। ଉପକୂଳ ଜିଲ୍ଲାରେ ସାମୁଦ୍ରିକ ପବନ ବହୁଥିଲା। ୫ ତାରିଖରେ ଦକ୍ଷିଣ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା କ୍ରମଶଃ ଦକ୍ଷିଣ-ପଶ୍ଚିମ ଉପକୂଳକୁ ଗତି କରିବ ଓ ୮-୯ ତାରିଖ ବେଳକୁ ଓଡ଼ିଶାର ଉତ୍ତରରେ ଏକ ଦୁର୍ବଳ ଘୂର୍ଣ୍ଣିବଳୟ ହୋଇପାରେ। ▶ପୃଷ୍ଠା-୭

# ମାର୍ଗଦର୍ଶିକା ମାୟାଜାଲରେ ଶୀତଳ ଭଣ୍ଡାର

## ଅନୁମୋଦନ ଓ ଆର୍ଥିକ ସହାୟତା ପ୍ରଦାନକୁ ନେଇ କେଁ

## ରାଜ୍ୟରେ ବିଭିନ୍ନ କୃଷି ଉତ୍ପାଦିତ ସାମଗ୍ରୀର ଅଭାବୀ ବିକ୍ରି

■ **ଭୁବନେଶ୍ୱର, ୩।୪ (ସମିସ):** ରାଜ୍ୟରେ ୫୮ଟି ସବ୍ ଡିଭିଜନ୍‌ରେ ଅନ୍ୟୁନ ଗୋଟିଏ ଲେଖାଏଁ ଶୀତଳ ଭଣ୍ଡାର ନିର୍ମାଣ ପାଇଁ ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି ନେଇଛି। ମାତ୍ର ଏହି ନିଷ୍ପତ୍ତିର ଦୁଇମାସ ପରେ ସରକାରଙ୍କ ପକ୍ଷରୁ ପ୍ରକାଶିତ ମାର୍ଗଦର୍ଶିକା ଶୀତଳଭଣ୍ଡାର ନୀତିକୁ ଅଣ୍ଡାବସ୍ଥାରେ ସମାଧି ଦେଇଛି। ଏହି ମାର୍ଗଦର୍ଶିକା କେତେଦୂର ସରକାରଙ୍କ ଆଭିମୁଖ୍ୟ ସାକାର କରିବ ତାହା ସନ୍ଦେହ ସୃଷ୍ଟି କରିଛି। ପ୍ରକଳ୍ପ ଅନୁମୋଦନ ଲାଭ କରିବା ଠାରୁ ଆରମ୍ଭ କରି ମହିଳାଙ୍କ ଭାଗିଦାରୀ, ଅଚଳ ଶୀତଳଭଣ୍ଡାରକୁ ସଚଳ କରିବା ଆଦି କ୍ଷେତ୍ରରେ ଅନେକ ଅଡୁଆ ଦୂର ହୋଇପାରି ନ ଥିବା ଅଭିଯୋଗ ହୋଇଛି। ଗୋଟିଏ ପଟେ ରାଜ୍ୟରେ ଫଳ ଓ ପରିବାର ଅଭାବୀ ବିକ୍ରି ମୁଣ୍ଡ ଟେକିଥିବା ବେଳେ ସରକାର ଏ ସମ୍ପର୍କରେ ସୂଚନା ପାଇ ନ ଥିବା କହୁଛନ୍ତି। ଅନ୍ୟପଟେ ଅଭାବୀ ବିକ୍ରିରେ ଅତିଷ୍ଠ ଚାଷୀ ସରକାରଙ୍କ ଘୋଷିତ ଶୀତଳ ଭଣ୍ଡାର ସ୍ଥାପନକୁ ଚାହିଁ ବସିଛନ୍ତି।

ରାଜ୍ୟରେ ନୂଆ ଶୀତଳ ଭଣ୍ଡାର ନିର୍ମାଣ ଓ ଅଚଳ ଶୀତଳଭଣ୍ଡାରକୁ ସଚଳ କରିବା ଲକ୍ଷ୍ୟରେ ଗତ ଜାନୁଆରୀ ୨୨ ତାରିଖରେ ରାଜ୍ୟ କ୍ୟାବିନେଟ୍ ଗ୍ରହଣ କରିଥିଲା ନିଷ୍ପତ୍ତି। ଏହି ନିଷ୍ପତ୍ତି ଆଧାରରେ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ସମ୍ପ୍ରତି ଏକ ମାର୍ଗଦର୍ଶିକା ଆଣିଛି। ତେବେ ଏଥିରେ ରହିଥିବା ବ୍ୟବସ୍ଥା ଦେଖିବା ପରେ ଚାଷୀ ଏବଂ ଉଦ୍ୟୋଗୀଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଅଭିଯୋଗ ଅନୁସାରେ ମାର୍ଗଦର୍ଶିକାରେ ଥିବା ନିୟମ ଅନୁମୋଦନ ପ୍ରଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବ ନାହିଁ। ଏଥିପାଇଁ ଅନେକ କମିଟି ଗଠନ କରାଯିବ ▶ପୃଷ୍ଠା-୭




# ମାଫିଆଙ୍କ କବ୍‌ଜାରେ ଗବସାହି ହାଉସିଂ ବୋର୍ଡ କଲୋନୀର ମୁଖ୍ୟ ଡ୍ରେନ୍

ଭଦ୍ରକ, ୩।୪(ସମିସ)

ଭଦ୍ରକ ସହରର ଗବସାହି ହାଉସିଂ ବୋର୍ଡ କଲୋନୀରେ ଜଳ ନିଷ୍କାସନ ନିମନ୍ତେ ଥିବା ସାଧାରଣ ଡ୍ରେନ୍ ଉପରେ କେତେକ ଅସାଧୁ ଜମି ମାଫିଆ ବେଆଇନ୍ ରାସ୍ତା ନିର୍ମାଣ କରୁଥିବାର ଅଭିଯୋଗ ନେଇ ଗୁରୁବାର କଲୋନିବାସୀଙ୍କ ପକ୍ଷରୁ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ହରେକୃଷ୍ଣ ସ୍ୱାଇଁ, ବୈଜୟନ୍ତୀ ସ୍ୱାଇଁ, କପିଳ ଚରଣ ସେଠୀ, ଶିବାନୁରଞ୍ଜନ ଦାସ, ରାଜକିଶୋର ସାହୁ, ବିଦ୍ୟାଧର ମହାପାତ୍ର, ସୁଶାନ୍ତ ନାୟକ, ଗଣେଶଚନ୍ଦ୍ର ସେଠୀ ପ୍ରମୁଖ ଦେଇଥିବା ଅଭିଯୋଗପତ୍ର ମୁତାବକ, ଜଳ ନିଷ୍କାସନ ନିମନ୍ତେ ଥିବା ମୁଖ୍ୟ ଡ୍ରେନ୍‌ଟି ଉପରେ ୨ ଜଣ ଅସାମାଜିକ ଜମି ମାଫିଆ ବଳପୂର୍ବକ ଭାବେ ରେଲ୍‌ୱେ ଲାଇନ୍ ସ୍ଥାନକୁ ଜବରଦଖଲ ପୂର୍ବକ ମାଟି ପକାଇ ଏକ ରାସ୍ତା ନିର୍ମାଣ କରୁଛନ୍ତି। ଫଳରେ କଲୋନିବାସୀଙ୍କର ସମସ୍ତ ଉଦ୍‌ବୃତ ଜଳ ନିଷ୍କାସିତ ହେବାରେ ବାଧା ଉପୁଜିଛି। ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳବାସୀ ବିରୋଧ କରିବାରୁ ସେମାନେ ହତ୍ୟା ଧମକ ଦେବା ସହ ମହିଳାମାନଙ୍କ ପ୍ରତି ଅଶ୍ଳୀଳ ଭାଷା ପ୍ରୟୋଗ କରୁଛନ୍ତି। ଏ ସମ୍ପର୍କରେ ରେଲ୍‌ୱେର କର୍ତ୍ତୃପକ୍ଷଙ୍କୁ ଅବଗତ କରାଗଲେ ମଧ୍ୟ ସେମାନେ ନିରବ ରହିଛନ୍ତି। ଏଣୁ ଏହି ଘଟଣାକୁ ନେଇ ସେଠାରେ କୌଣସି ଅପ୍ରୀତିକର ପରିସ୍ଥିତି ଉପୁଜିବା ପୂର୍ବରୁ ଏହାର କ୍ଷେତ୍ରୀୟ ତଦନ୍ତ ପୂର୍ବକ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ କଲୋନିବାସୀ ଜିଲ୍ଲାପାଳଙ୍କଠାରେ ନିବେଦନ କରିଛନ୍ତି। ଜିଲ୍ଲାପାଳ ଶ୍ରୀ ରାଉତରାଏ ତୁରନ୍ତ ଘଟଣାର ତଦନ୍ତ କରାଯାଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ତହସିଲଦାର ସଂଗ୍ରାମ ପ୍ରିୟଦର୍ଶୀ ଖୁଣ୍ଟିଆଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।



**ଜିଲ୍ଲାପାଳଙ୍କୁ ଭେଟିଲେ କଲୋନିବାସୀ**

## ବଳଭଦ୍ର ଦେବ ମନ୍ଦିର ବାର୍ଷିକ ଉତ୍ସବ

ବନ୍ତ/ଆଗରପଡ଼ା, ୩।୪(ସମିସ): ବନ୍ତ ବ୍ଲକ ଗଣିଜାଙ୍ଗ ପଞ୍ଚାୟତ ଗଣିଜାଙ୍ଗ ଶାସନରେ ବଳଭଦ୍ର ଦେବ ମନ୍ଦିର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ନିକଟସ୍ଥ ମହାଦେବ ପୁଷ୍କରିଣୀରୁ ୫ଟି କଳସ ଘଟୋଉତ୍ତୋଳନ କରାଯାଇ ଗ୍ରାମ ପରିକ୍ରମା ପରେ ପୂଜା ମଣ୍ଡପରେ ସ୍ଥାପନ କରାଯାଇଥିଲା। ପୂଜକ ରାମଚନ୍ଦ୍ର ପାଣିଗ୍ରାହୀ, ଗୋବିନ୍ଦ ମିଶ୍ର ପୂଜା କାର୍ଯ୍ୟ ତୁଲାଇଥିବା ବେଳେ କର୍ତ୍ତା ଜଗନ୍ନାଥ ପତି, ପଦ୍ମାଳୟା ପତି, ରବୀନ୍ଦ୍ର ପତି, ଛବିରାଣୀ ଦେବୀ ପ୍ରମୁଖ ପୂଜା କାର୍ଯ୍ୟରେ ବସିଥିଲେ। ଏକଦିବସୀୟ କାର୍ଯ୍ୟକ୍ରମକୁ ଗଣିଜାଙ୍ଗ ଶାସନର ଚିନ୍ତାମଣି ପଣ୍ଡା, ଅର୍ଜୁନ ନନ୍ଦ, ପ୍ରଶାନ୍ତ ମିଶ୍ର, ଜିତେନ୍ଦ୍ର ମିଶ୍ର, ରତ୍ନାକର ନନ୍ଦ, ମନୋଜ ପଣ୍ଡା, ପଦ୍ମନାଭ ପତି ସମେତ ସମସ୍ତ ବଳଭଦ୍ରଙ୍କ ଭକ୍ତ ସହଯୋଗ କରିଥିଲେ। ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ଭକ୍ତମାନେ ଆଶୀର୍ବାଦ ଲାଭ କରିଥିଲେ।



## କପାଳୀ କ୍ଷେତ୍ରରେ ତ୍ରିଂଶତମ ବାର୍ଷିକୋତ୍ସବ

ବନ୍ତ/ଆଗରପଡ଼ା, ୩।୪(ସମିସ): ବନ୍ତ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ନିମପଡ଼ାସ୍ଥିତ କପାଳୀକ୍ଷେତ୍ରଠାରେ ଅଧିଷ୍ଠିତ ଜଗନ୍ନାଥ ମନ୍ଦିର ପରିସରରେ ତ୍ରିଂଶତମ ବାର୍ଷିକ ଉତ୍ସବ ତିନିଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଅଷ୍ଟପ୍ରହରୀ ଅଖଣ୍ଡ ନାମସଂକୀର୍ତ୍ତନ ସହ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହୋଇଛି। ମନୋହରପୁର ଗ୍ରାମରୁ ଶ୍ରୀ ଭାଗବତ ସଂକୀର୍ତ୍ତନମଣ୍ଡଳୀର ସଦସ୍ୟମାନେ ଯୋଗ ଦେଇଥିଲେ। ଏହି ଆଧ୍ୟାତ୍ମିକ ଦୃଶ୍ୟକୁ ଦର୍ଶନ ଓ ଶ୍ରବଣ କରିବାପାଇଁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଆନନ୍ଦ ବଜାରରେ ପ୍ରସାଦ ସେବନର ସୁବ୍ୟବସ୍ଥା ହୋଇଥିଲା। ଯଜ୍ଞର ମୁଖ୍ୟ କଳସ ଜ୍ଞାନଦା କରଶର୍ମା ଓ ତାଙ୍କ ପତ୍ନୀ ଦମୟନ୍ତି ଆଣିଥିବା ବେଳେ ଅଷ୍ଟପ୍ରହରୀର ମୁଖ୍ୟକଳସ ଆଣିଥିଲେ ନାରାୟଣଚନ୍ଦ୍ର ବାରିକ। ଏହି ଯଜ୍ଞକର୍ମ ସମ୍ପାଦନ କରିଥିଲେ ପଣ୍ଡିତ ପଦ୍ମନାଭ ପଣ୍ଡା ଏବଂ ଧରଣୀଧର ଦ୍ୱିବେଦୀ। ଜଗନ୍ନାଥ କମିଟି, ମହାଯଜ୍ଞ କମିଟିର ସଦସ୍ୟଙ୍କ ସହ ଆଖପାଖ ନିମପଡ଼ା, ରଘୁନାଥପୁର, ନରସିଂହପୁର, ପାଟଣା, ରାମଚନ୍ଦ୍ରପୁର, ପାନପଦୀ, ବାଙ୍ଗରପଦୀ, ଜଗଦୀଶପୁର, ଦୋଳପଦୀ, ସାନବର୍ଛିକୟାଁ ଆଦି ଗାଁର ବ୍ୟକ୍ତିବିଶେଷଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ସମ୍ପାଦିତ ହୋଇଛି। ଧର୍ମପ୍ରାଣ ବ୍ୟକ୍ତି ପଣ୍ଡିତ ପୁରୁଷୋତ୍ତମ କରଶର୍ମାଙ୍କ ଦ୍ୱାରା ୧୯୯୫ ଏପ୍ରିଲ ମାସ ୧ ତାରିଖରେ ଏହି କ୍ଷେତ୍ର ପ୍ରତିଷ୍ଠା ଲାଭ କରିଥିଲା। ଏହାର ଶୁଭାରମ୍ଭ କରିଥିଲେ ପୁରୀ ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀ।



## ଜଳିଗଲା ବୃଦ୍ଧାଙ୍କ ଘର; ୫୦ ହଜାର ନଗଦ ଟଙ୍କା ପୋଡ଼ି

ଭଦ୍ରକ, ୩।୪(ସମିସ): ହୁତୁ ହୁତୁ ହୋଇ ଜଳିଗଲା ନିରାଶ୍ରୟା ବୃଦ୍ଧାଙ୍କ ଘର। ଭଦ୍ରକ ସହର ସାଳନ୍ଦୀ ବାଇପାସ ଛକ ନିକଟରେ ଘଟିଛି ଅଗ୍ନିକାଣ୍ଡ। ଅଗ୍ନିକାଣ୍ଡରେ ଜଳିଗଲା ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ନଗଦ ଟଙ୍କା ସହ ଆସବାବପତ୍ର। ଦୀର୍ଘ ୩୦ ବର୍ଷ ହେବ ବାଇପାସ ଛକ ନିକଟ ରାସ୍ତା ପାର୍ଶ୍ୱରେ କୁଡ଼ିଆ ଘର କରି ରହିଆସୁଥିଲେ ବାଲେଶ୍ୱର ଜିଲ୍ଲା କଣି ଅଞ୍ଚଳର ଅସହାୟ ବୃଦ୍ଧା ଝରଣା ଦାସ। ପର ଘରେ କାମଦାମ କରିବା ସହିତ ଜରି ଗୋଟାଇ ପେଟ ପୋଷନ୍ତି। ମାତ୍ର ଆଜି ଦ୍ୱିପ୍ରହରରେ ଅନ୍ୟ ଘରକୁ କାମ କରିବାକୁ ଯାଇଥିବା ବେଳେ ତାଙ୍କ କୁଡ଼ିଆରେ ନିଆଁ ଲାଗିଯାଇଥିଲା। ପରେ ଖବର ପାଇ ଆସି ପହଞ୍ଚିଲା ବେଳକୁ ସବୁ କିଛି ଜଳିପୋଡି ପାଉଁଶ ହୋଇଯାଇଥିଲା। ଯାହାକୁ ନେଇ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି ଝରଣା। କେଉଁଠି କିପରି ମୁଣ୍ଡ ଗୁଞ୍ଜିବେ ତାକୁ ନେଇ ବୃଦ୍ଧା ଜଣଙ୍କ ଚିନ୍ତାରେ ପଡ଼ିଥିବା ବେଳେ ଝରଣାକୁ ସାହାଯ୍ୟ କରିବାକୁ ସ୍ଥାନୀୟ ଲୋକେ ଅନୁରୋଧ କରିଛନ୍ତି। ମୂଳ ଲାଗି ସେ ନିଜ ଏକ ବାକ୍ସରେ ସାଇତି ରଖିଥିବା ଟଙ୍କା ପୋଡିବା ଘଟଣା ଦେଖି ସ୍ଥାନୀୟ ଲୋକେ ବି ଦୁଃଖରେ ଭାଙ୍ଗି ପଡ଼ିଥିଲେ।





# ବିଭିନ୍ନ ଶିକ୍ଷାନୁଷ୍ଠାନରେ ପ୍ରବେଶ ଉତ୍ସବ-ଖଡ଼ିଛୁଆଁ



ଭଦ୍ରକ





ଧାମନଗର

ଭଦ୍ରକ, ୩।୪(ସମିସ): ପିଏମଶ୍ରୀ ବିନ୍ଦୁମାଧବ ବାଗୁରାଇ ହାଇସ୍କୁଲରେ ଶିଶୁ ବାଟିକାର ଶୁଭାରମ୍ଭ ନିମନ୍ତେ ବ୍ଲକସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ବ୍ଲକ ଶିକ୍ଷାଧିକାରୀ ଚକ୍ରଧର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭଦ୍ରକ ବ୍ଲକ ଅଧ୍ୟକ୍ଷ ଉର୍ମିଳା ନାୟକ ମୁଖ୍ୟଅତିଥି ଭାବେ ନୂତନ ଶିକ୍ଷାନୀତି ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷକ ରବିନାରାୟଣ ମହାନ୍ତି ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଆରସିସି ନିର୍ମଳଚନ୍ଦ୍ର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ମାନିତ ଅତିଥି ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ସାହୁ, ସିଆରସିସି ରଚନା ପାଲ, ୮ ନଂ ୱାର୍ଡ଼ କାଉନ୍‌ସିଲର ସ୍ୱାଗତିକା ନାୟକ, କୌଶଳୀ ସପୋର୍ଟଟିମ୍‌ର ମାନସ କୁମାର ଚକ୍ର, ସୁବାସିନି ଖିଲାର, ଏସ୍‌ଏମ୍‌ସିର ପ୍ରେସିଡେଣ୍ଟ ଦିଲ୍ଲୀପ କୁମାର କବାଟ ପ୍ରମୁଖ ଯୋଗଦାନ କରିଥିଲେ। ଶିଶୁ ବାଟିକାରେ ନାମ ଲେଖାଇଥିବା ୧୦ ଜଣ ଛାତ୍ରଛାତ୍ରୀଙ୍କୁ ଷ୍ଟଡି କିଟ୍ ବଣ୍ଟନ କରାଯାଇଥିଲା।

**ଧାମନଗର:** ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଆନୁକୂଲ୍ୟରେ ଧାମନଗର ବ୍ଲକ ଓ ଏନଏସି ଅଞ୍ଚଳରେ ପ୍ରବେଶ ଉତ୍ସବ ଓ ଖଡିଛୁଆଁ-୨୦୨୫ ଶିଶୁ ବାଟିକାର ଶୁଭାରମ୍ଭ ହୋଇଛି। ଧାମନଗର ଫିଡର ପ୍ରାଥମିକ ସ୍କୁଲରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ଏନଏସି ଅଧ୍ୟକ୍ଷା ନିବେଦିତା ଜେନା, ବ୍ଲକ ଶିକ୍ଷାଧିକାରୀ ଓ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ ବିଦ୍ୟାଳୟ ପ୍ରଧାନଶିକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ। ରଥ ଗାଡ଼ିର ପୂଜାର୍ଚ୍ଚନା ପରେ ବିଇଓ ଏବଂ ଏବିଇଓ ସିଆରସିସି ପତାକା ଦେଖାଇ ସଚେତନ ରଥର ଶୁଭାରମ୍ଭ କରିଥିଲେ। ଏକ ସଚେତନତା ରଥ ୨ରୁ ୫ ତାରିଖ ପର୍ଯ୍ୟନ୍ତ ବ୍ଲକ ତଥା ଏନଏସି ଅଧିନ ସମସ୍ତ ଗ୍ରାମ ଓ ସ୍କୁଲ୍‌ଗୁଡ଼ିକ ଭ୍ରମଣ କରିବା କାର୍ଯ୍ୟକ୍ରମ ରହିଛି।

**ଅସୁରାଳି:** କୋରୁଆ କ୍ଲଷ୍ଟରରେ ବୁଲିଛି ଶିକ୍ଷା ସଚେତନତା ରଥ। ନୂଆକରି ବିଦ୍ୟାଳୟକୁ ଆସୁଥିବା କୁନିକୁନି ଛାତ୍ରଛାତ୍ରୀଙ୍କୁ ଶିକ୍ଷୟିତ୍ରୀମାନେ ବନ୍ଦାପନା କରି ସ୍କୁଲ ଆସିବାକୁ ସଚେତନ କରାଉଛନ୍ତି। କୋରୁଆ ସରକାରୀ ପ୍ରାଥମିକ ଓ କୋରୁଆ ଗୋବିନ୍ଦପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏହି ଶିକ୍ଷା ରଥ ବୁଲିଥିଲା। କୋରୁଆ କ୍ଲଷ୍ଟର ସିଆର୍‌ସିସି ନୃସିଂହ ଚରଣ ସାହୁ, କୋରୁଆ ଗୋବିନ୍ଦପୁର ନୋଡାଲ ଉଚ୍ଚ ସ୍କୁଲ ପ୍ରଧାନଶିକ୍ଷକ ରମାକାନ୍ତ ମଳିକ, କୋରୁଆ ନୋଡାଲ ଉଚ୍ଚ ପ୍ରାଥମିକ ସ୍କୁଲ ପ୍ରଧାନଶିକ୍ଷକ ନିତାଇଗୌର ପଣ୍ଡା ଓ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ନୂତନ ନାମଲେଖା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଶିକ୍ଷା ସଚେତନତା ରଥ ଗାଁ ଗାଁ ବୁଲି ଅଭିଭାବକ ଏବଂ ଛାତ୍ରଛାତ୍ରୀଙ୍କୁ ସଚେତନ କରାଉଛି। ଏହି ଶିକ୍ଷା ସଚେତନତା ରଥଟି ୪ଦିନ ପର୍ଯ୍ୟନ୍ତ ବ୍ଲକ ଶିକ୍ଷା ଅଧିକାରୀ, ଧାମନଗର ଅଧିନରେ ଥିବା ବିଭିନ୍ନ କ୍ଲଷ୍ଟର ବୁଲି ସଚେତନ କରାଇବାର କାର୍ଯ୍ୟକ୍ରମ ରହିଛି।



ଭଣ୍ଡାରିପୋଖରୀ

**ଭଣ୍ଡାରିପୋଖରୀ:** ରହଣିଆ ପିଏମଶ୍ରୀ ସରକାରୀ ଉଚ୍ଚବିଦ୍ୟାଳୟରେ ପ୍ରବେଶ ଓ ଖଡିଛୁଆଁ ଉତ୍ସବ ବୁଧିବାର ପ୍ରଧାନଶିକ୍ଷକ ଦେବଦତ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଧନେଶ୍ୱର ଦାସ ମୁଖ୍ୟଅତିଥି, ସଭ୍ୟା ଅନୁସୟା ବାରିକ, ମୋ ସ୍କୁଲ ଅଭିଯାନ କମିଟି ଉପସଭାପତି କରୁଣାକର ତରାଇ, ବରିଷ୍ଠ ଶିକ୍ଷକ ହୃଷିକେଶ ପୃଷ୍ଟି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ପ୍ରଥମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରବେଶ ଉତ୍ସବ ସମକାଳୀନ ଭାବେ ଆୟୋଜିତ ହୋଇଥିଲା। ଛାତ୍ରଛାତ୍ରୀଙ୍କୁ ପାଠ୍ୟୋପକରଣ କିଟ୍ ବିତରଣ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ, ଅଭିଭାବକ, ପରିଚାଳନା କମିଟିର ସଦସ୍ୟଗଣ ଉତ୍ସବ ସହଯୋଗ କରିଥିଲେ।

**Doctorate Award**



The Board of Regents at Georgia Digital University, USA, has officially approved the nomination of SMITANJALI NAYAK for the Honorary Doctorate Award in "Motivational & Spiritual Speaker after a thorough review". This honorary doctorate is a recognition of her leadership, creativity, and significant contributions in the field. It underscores her dedication to enhancing lives and inspiring both peers and aspiring professionals. This recognition from Georgia Digital University highlights her impact in the industry and her commitment to excellence.

## ଅବସରକାଳୀନ ସମ୍ବର୍ଦ୍ଧନା ସଭା


ବନ୍ତ/ଆଗରପଡ଼ା, ୩।୪(ସମିସ): ବନ୍ତ ଶିକ୍ଷାଧିକାରଙ୍କ ଅଧୀନସ୍ଥ କାଦବରାଙ୍ଗ କ୍ଲଷ୍ଟର ଅନ୍ତର୍ଗତ ବିସଲକଣା ସରକାରୀ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଚମ୍ପାବତୀ ଜେନାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସହକାରୀ ଶିକ୍ଷକ ସୁଧୀର ବାରିକଙ୍କ ମଞ୍ଚ ପରିଚାଳନା ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରାମଚନ୍ଦ୍ର ଯେନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷାଧିକାରିଣୀ ଡ. ସୁକୃତି କର, ମୁଖ୍ୟବକ୍ତା ଭାବେ ପ୍ରବଚକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ହିହର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ବିଆରସିସି ହରେକୃଷ୍ଣ ଆପଟ, ପ୍ରଧାନଶିକ୍ଷକ ବିମଳଚନ୍ଦ୍ର ଦାସ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ(ଅବସର) ଭାସ୍କରଚନ୍ଦ୍ର ପାଢ଼ୀ, ସରପଞ୍ଚ ପୁଷ୍ପାଞ୍ଜଳି ସ୍ୱାଇଁ, ପରିଚାଳନା କମିଟି ସଭାପତି ଲତିକା ଖିଲାର, ଓଷ୍ଟା ବନ୍ତ ଶାଖା ସମ୍ପାଦକ ପ୍ରଣୟ ସିଂହ, ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ସାଧାରଣ ସମ୍ପାଦକ ଏମଡି ଧର୍ମେନ୍ଦ୍ର ନାରାୟଣ ଜେନା, ସିଆରସିସି ପ୍ରଦୀପ ପଲାଇ ପ୍ରମୁଖ ଯୋଗ ଦେଇଥିଲେ। ସହକାରୀ ଶିକ୍ଷକ ଆନନ୍ଦଚନ୍ଦ୍ର ବେହେରା, ସିଆରସିସି ନିରଞ୍ଜନ ଖିଲାର, ସହକାରୀ ଶିକ୍ଷକ ପ୍ରଭାତ ନାୟକ, ଶିକ୍ଷକ ଅଶୋକ ପାତ୍ରଙ୍କ ସମେତ କାଦବରାଙ୍ଗ କ୍ଲଷ୍ଟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, ବିସଲକଣା ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟସଭ୍ୟା, ପିଟିଏ ସଭ୍ୟସଭ୍ୟା ଓ ଗ୍ରାମବାସୀ ସହଯୋଗ କରିଥିଲେ।






ସିଏଜି ରିପୋର୍ଟରେ ଓଡ଼ିଶାର ଅଭିବୃଦ୍ଧିକୁ ପ୍ରଶଂସା

# ବିଜେଡି ଶାସନରେ ରୂପାନ୍ତରଣର ଶିଖର ଛୁଇଁଛି ଓଡ଼ିଶା: ନବୀନ



"ବିକାଶ ଯାତ୍ରାରେ ସାମିଲ ସାଢ଼େ ଚାରି କୋଟି ଓଡ଼ିଆଙ୍କୁ ଧନ୍ୟବାଦ"

ଭୁବନେଶ୍ୱର,୩।୪(ସମିସ): ଉତ୍କଟ ଦାରିଦ୍ର୍ୟରୁ ଏକ ଆର୍ଥିକ ବଳକା ରାଜ୍ୟରେ ଓଡ଼ିଶାର ରୂପାନ୍ତରଣ ଆମ ସରକାର ଅମଳରେ ସବୁଠାରୁ ବଡ଼ ଉପଲବ୍ଧି ରହିଥିଲା। ୫-ଟି ଶାସନ ବ୍ୟବସ୍ଥା ଜରିଆରେ ବିଭିନ୍ନ ପ୍ରକାର କଲ୍ୟାଣମୂଳକ ଯୋଜନା ଓ କାର୍ଯ୍ୟକ୍ରମ ଆଧାରରେ ଆମ ରାଜ୍ୟ ଏତେ ବଡ଼ ସଫଳତା ଦେଖିଲା। ଆଉ ଏହି ସଫଳତା ଓଡ଼ିଶାର ବିକାଶ ଯାତ୍ରାକୁ ଇନ୍ଧନ ଯୋଗାଇବ। ଓଡ଼ିଶାର ସାଢ଼େ ଚାରି କୋଟି ଜନତାଙ୍କ ସହଯୋଗ ବିନା ଏହା ସମ୍ଭବ ହୋଇପାରି ନଥାନ୍ତା ବୋଲି କହିଛନ୍ତି ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ।

ଗତକାଲି ପ୍ରକାଶିତ ସିଏଜିଙ୍କ ରିପୋର୍ଟରେ ୨୦୧୯-୨୦ରୁ ୨୦୨୩-୨୪ ମଧ୍ୟରେ ଓଡ଼ିଶାର ବିକାଶକୁ ନେଇ କରାଯାଇଥିବା ପ୍ରଶଂସା ପରିପ୍ରେକ୍ଷୀରେ ସାମାଜିକ ଗଣମାଧ୍ୟମ ଏକ୍ସ ଜରିଆରେ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଗତ ୫ ବର୍ଷ ଭିତରେ ଓଡ଼ିଶାର ସକଳ ରାଜ୍ୟ ଘରୋଇ ଉତ୍ପାଦ ୧୨.୨୬% ହାରରେ ଅଭିବୃଦ୍ଧି ହାସଲ କରିଥିଲା। ଏକ ଅଭାବୀ ରାଜ୍ୟରୁ ପ୍ରଭାବୀ ରାଜ୍ୟ ପର୍ଯ୍ୟନ୍ତ ଓଡ଼ିଶାର ଏହି ରୂପାନ୍ତରଣ ଯାତ୍ରାରେ ସାମିଲ ହେବା ଆମ ପାଇଁ ସୌଭାଗ୍ୟର ବିଷୟ। ବିଏସ୍‌କେୱାଇ, କାଳିଆ, ମିଶନ୍ ଶକ୍ତି, ଦକ୍ଷତା ବିକାଶ, ଓଡ଼ିଶା ବିଦ୍ୟାଳୟ ରୂପାନ୍ତରଣ, ଆଦିବାସୀ ବିକାଶ, ବିପର୍ଯ୍ୟୟ ପରିଚାଳନା, ଭିତ୍ତିଭୂମି ନିର୍ମାଣ, ଜଳସେଚନ ପ୍ରକଳ୍ପ, ଦାରିଦ୍ର୍ୟ ଦୂରୀକରଣ ଭଳି ଅଭିନବ ଯୋଜନାର ସଫଳ ରୂପାୟନ ତଥା ନିଜର ଖାଦ୍ୟ ସୁରକ୍ଷା ଯୋଜନାକୁ ପାଣ୍ଠି ପ୍ରଦାନ ରାଜ୍ୟର ବିକାଶ ଯାତ୍ରାକୁ ତ୍ୱରାନ୍ୱିତ କରିଥିଲା। ଆମର ଏହି ରୂପାନ୍ତରଣ ଯାତ୍ରା ଓଡ଼ିଶାକୁ ଏକ ସମୃଦ୍ଧ ଭବିଷ୍ୟତ ପ୍ରଦାନ କରିବା ପାଇଁ ପଥ ପ୍ରସ୍ତୁତ କରିଛି। ଏହି ଐତିହାସିକ ଯାତ୍ରାରେ ସାମିଲ ହୋଇଥିବା ପ୍ରତ୍ୟେକ ଓଡ଼ିଶାବାସୀଙ୍କୁ ମୁଁ ସାଧୁବାଦ ଜଣାଉଛି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି।

# ବିତର୍କିତ ଅଧିବେଶନ; ବିବାଦୀୟ ଅଧ୍ୟାୟ

ଭୁବନେଶ୍ୱର,୩।୪(ସମିସ): ଶେଷ ହୋଇଛି ବିଧାନସଭାର ବଜେଟ୍ ଅଧିବେଶନ। ବିରୋଧ, ବିବାଦ, ବାସନ୍ଦ ମଧ୍ୟରେ ଏହି ଅଧିବେଶନ ଅନେକ ବିରଳ ଉଦାହରଣ ସୃଷ୍ଟି କରିଛି । ଶେଷଦିନରେ ଏକାଧିକ ଐତିହାସିକ ଘଟଣାର ସାକ୍ଷୀ ପାଲଟିଛି ଓଡ଼ିଶା ବିଧାନସଭା। ଦୀର୍ଘ ଦୁଇ ଦଶନ୍ଧି ପରେ



ଓଡ଼ିଶା ବିଧାନସଭାରେ ୨୦ ଘଣ୍ଟା ୩୬ ମିନିଟ ଧରି ଦୁଇଟି ବିଲ୍ ଆଲୋଚନା ହେବା ସହ ପାରିତ ମଧ୍ୟ ହୋଇଛି। ତେବେ ବିରୋଧୀ ବିଜେଡି ସଦସ୍ୟମାନେ ବିଶ୍ୱ ବିଦ୍ୟାଳୟ ସଂଶୋଧନ ବିଧେୟକରେ ପ୍ରାୟ ୧୪ଟି ସଂଶୋଧନ ପ୍ରସ୍ତାବ ଆଣିଥିଲେ ହେଁ ସରକାର କୌଣସି ପ୍ରସ୍ତାବକୁ ଗ୍ରହଣ କରିନାହାନ୍ତି। ଅନୁରୂପ ଭାବରେ ରାଜପଥ ପ୍ରାଧିକରଣ ବିଲର ସମସ୍ତ ସଂଶୋଧନ ବିଧେୟକକୁ ଅଗ୍ରାହ୍ୟ କରିଦେଇଛନ୍ତି ସରକାର। ଓଡ଼ିଶା ବିଶ୍ୱ ବିଦ୍ୟାଳୟ ସଂଶୋଧନ ବିଲ୍ ୨୦୨୪ ଆଲୋଚନା ହୋଇ ପାରିତ ହେବାକୁ ପ୍ରାୟ ସାଢ଼େ ୧୨ ଘଣ୍ଟା ସମୟ ଲାଗିଥିବା ବେଳେ ରାଜ୍ୟ ରାଜପଥ ପ୍ରାଧିକରଣ ବିଲ୍ ୨୦୨୫ ପାରିତ ହେବାକୁ ପ୍ରାୟ ୨ ଘଣ୍ଟା ସମୟ ଲାଗିଛି।

ବୁଧବାର ଅପରାହ୍ଣଠାରୁ ଗୃହରେ ବିଶ୍ୱ ବିଦ୍ୟାଳୟ ସଂଶୋଧନ ବିଧେୟକ ଉପରେ ସରଗରମ୍ ଆଲୋଚନା ହୋଇଥିଲା। ବିଜେଡି ବିଧାୟକ ଡ. ଅରୁଣ କୁମାର ସାହୁ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଗଣେଶ୍ୱର ବେହେରା ଓ ଧ୍ରୁବଚରଣ ସାହୁ ବିଧେୟକ

- ■ ବିଶ୍ୱବିଦ୍ୟାଳୟ ବିଲ୍‌ରେ ବିରୋଧୀଙ୍କ ୧୪ ସଂଶୋଧନ ପ୍ରସ୍ତାବ ଖାରଜ
- ■ ସରକାର ଗ୍ରହଣ କଲେନି ରାଜପଥ ପ୍ରାଧିକରଣ ବିଲରେ ସଂଶୋଧନ ପ୍ରସ୍ତାବ
- ■ ତଞ୍ଚକତା କରି ଅଣାଯାଇଛି ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍ : ଅରୁଣ
- ■ ଓଡ଼ିଶା ବିଧାନସଭା ଇତିହାସରେ ଏକ ଐତିହାସିକ ଦିନ: ମହାଲିଙ୍ଗ

ଆଲୋଚନାରେ ବେଶ୍ ପ୍ରଭାବୀ ରହିଥିଲେ। ବିରୋଧୀ ଦଳ ସଦସ୍ୟ ବିଲ୍ ଆଲୋଚନାର ପ୍ରାରମ୍ଭରେ ୧ ଘଣ୍ଟା ୪୭ ମିନିଟର ବକ୍ତବ୍ୟ ରଖିଥିବା ବେଳେ ପୂରା ବିଲରେ ୩ ଘଣ୍ଟା ୧୦ ମିନିଟ ଧରି ବକ୍ତବ୍ୟ ରଖିଥିଲେ। ସେହିପରି ଅରୁଣ କୁମାର ସାହୁ ମଧ୍ୟ ଅନୁରୂପଭାବରେ ବିଲ୍‌କୁ ବିରୋଧ କରି ଦୀର୍ଘ ବକ୍ତବ୍ୟ ରଖିଥିଲେ। ଶେଷରେ ବହୁ ବିବାଦ ଓ ବିରୋଧ ମଧ୍ୟରେ ରାତି ୪ଟା ୨୯ ମିନିଟ ସମୟରେ ଏହି ବିଲ୍ ପାରିତ ହୋଇଥିଲା। ପୂର୍ବରୁ ୨୦୦୩ ମସିହାର ପୁଲିସ ବିଲ ପାରିତ ସମୟରେ ବିଧାନସଭାରେ ଦୀର୍ଘ ସମୟ ଆଲୋଚନା ହୋଇଥିଲା। ତତ୍କାଳୀନ ସରକାର ୨୦୦୩ ନଭେମ୍ବର ୧୦ ତାରିଖରେ ପୁଲିସ ବିଲ ଆଣିଥିଲେ। ଏହି ବିଲ ୨୦୦୩ ନଭେମ୍ବର ୧୧ ଅପରାହ୍ନ ୩ଟା ୫୬ରୁ ଆରମ୍ଭ ହୋଇ ନଭେମ୍ବର ୧୨ ତାରିଖ ସକାଳ ୮ଟା ୩୨ ମିନିଟ ପର୍ଯ୍ୟନ୍ତ ଚାଲିଥିଲା। ବିଲ ପାସ ପାଇଁ ସାଢେ ୧୬ ଘଣ୍ଟା ଚାଲିଥିବା ବିଧାନସଭା ସର୍ବକାଳୀନ ରେକର୍ଡ ରହିଛି।

ଗତକାଲିର ବିଧାନସଭା କାର୍ଯ୍ୟଦିବସକୁ ନେଇ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ଯେ କିଛି କାରଣ ପାଇଁ ବିଧାନସଭା କାର୍ଯ୍ୟ କିଛିଦିନ ବିଧାନସଭା କାର୍ଯ୍ୟ ସୁରୁଖୁରୁରେ ଚାଲି ନଥିଲା। ସେଥିପାଇଁ ଲୋକେ ଆମକୁ ସମାଲୋଚନା କରିଥିଲେ। ମାତ୍ର ଯେତେବେଳେ ଆବଶ୍ୟକ ପଡ଼ିଲା, ସବୁ ଦଳର ସଦସ୍ୟ ସାରା ଦିନ ଏବଂ ସାରା ଦିନ ବିଧାନସଭା କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କଲେ। ଗୁରୁତ୍ୱପୂର୍ଣ୍ଣ ୨ଟି ବିଲ୍ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କଲେ। ଏହା ଗଣତନ୍ତ୍ର ପାଇଁ ଏହା ଶୁଭ ସୂଚନା ଏବଂ ମଙ୍ଗଳଦାୟକ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି। ବିଜେଡି ବିଧାୟକ ଡ. ଅରୁଣ କୁମାର ସାହୁ କହିଛନ୍ତି ଯେ ତଞ୍ଚକତା ପୂର୍ଣ୍ଣ ବିଲ ଆଣିଛନ୍ତି ବିଜେପି ସରକାର। ୨୦୨୪ରେ ଯେଉଁ ବିଲ ଅଣା ଯାଇଛି ୧୯୮୯ର ବିଲକୁ ସଂଶୋଧନ କରାଯାଇଛି ବୋଲି କୁହାଯାଇଛି। ସୁପ୍ରିମକୋର୍ଟରେ ୟୁଜିସି ୨୦୨୦ ମସିହାର ସଂଶୋଧିତ ବିଲ୍‌ର ବିରୋଧରେ ସୁପ୍ରିମକୋର୍ଟ ଯାଇଥିବା ବେଳେ ଏହା ବର୍ତ୍ତମାନ ବିଚାରାଧୀନ ରହିଛି। ଏପରିସ୍ଥଳେ ସରକାର ଆସିଥିବା ବିଲ୍‌ର ବୈଧତା କଣ ଅଛି ପରବର୍ତ୍ତୀ ସମୟରେ ସୁପ୍ରିମକୋର୍ଟରେ ଆଲୋଚନା ହେବ। ବିଲ୍‌ରେ ଗଭର୍ଣ୍ଣରଙ୍କ କ୍ଷମତାକୁ କାଟି ଦିଆଯାଇଛି। ୟୁଜିସିର ଡ୍ରାଫ୍ଟ ଗାଇଡ଼ ଲାଇନ, ଜାତୀୟ ଶିକ୍ଷା ନୀତିର ମାର୍ଗଦର୍ଶିକା ଓ ନୂଆ ବିଲ ମଧ୍ୟରେ ତାଳମେଳ ନାହିଁ। ଯେହେତୁ ୪ ବର୍ଷ ତଳେ ବିଜେପି ଏହାକୁ ବିରୋଦ କରିଥିଲା ଓ ୟୁଜିସିକୁ ଲଗେଇ ମାମଲା କରିଥିଲା; ତେଣୁ ନିଜ ଜିଦ ରକ୍ଷା ପାଇଁ ବିଲ ଆଣି ତରବରିଆ ଭାବେ ସଂଖ୍ୟା ବଳରେ ପାସ କରିଛନ୍ତି। ବିଲ ଉପରେ ସାଢେ ୧୨ ଘଣ୍ଟା ଆଲୋଚନା ହେଲା। ଆହୁରି ହୋଇ ପାରିଥାନ୍ତା ବୋଲି ସେ କହିଛନ୍ତି। ଅପରପକ୍ଷେ ସଂସଦୀୟ ବ୍ୟାପାର ମନ୍ତ୍ରୀ. ଡ ମୁକେଶ ମହାଲିଙ୍ଗ ଏହାକୁ ଏକ ଐତିହାସିକ ଦିନ ବୋଲି କହିଛନ୍ତି। ସେହିପରି ଶାସକ ବିଧାୟକ ଇରାଶିଷ ଆଚାର୍ଯ୍ୟ କହିଛନ୍ତି ଯେ ବିଧାନସଭା ଗୃହ ଚର୍ଚ୍ଚା, ଆଲୋଚନା ପାଇଁ ଉଦ୍ଦିଷ୍ଟ। ଏହା ଏକ ସୁନ୍ଦର ଏବଂ ବିରଳ ଅନୁଭୂତି। ଏପରି ଆଲୋଚନା ଦ୍ୱାରା ଗଣତନ୍ତ୍ରର ମର୍ଯ୍ୟାଦା ବୃଦ୍ଧି ପାଇଲା ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି।

# ଆରପାରିରେ 'ବିଷକନ୍ୟା' ପ୍ରଯୋଜିକା ସଲିଳା ପରିଡ଼ା

ଭୁବନେଶ୍ୱର,୩।୪(ସମିସ): ହିନ୍ଦୀ ଓ ଇଂରାଜୀ ଚଳଚିତ୍ର ପ୍ରଯୋଜିକା ଭାବରେ ଖ୍ୟାତିଲାଭ କରିଥିବା ସଲିଳା ପରିଡ଼ା ଆଉ ଇହଧାମରେ ନାହାନ୍ତି । ମଙ୍ଗଳବାର ଦିନ ସେ ନିଜର ଭୁବନେଶ୍ୱରସ୍ଥିତ ବାସଭବନରେ ଶେଷନିଶ୍ୱାସ ତ୍ୟାଗ କରିଛନ୍ତି। ଜଣେ ପ୍ରତିଭାଶାଳୀ କଣ୍ଠଶିଳ୍ପୀ ଭାବେ ଦେଶବିଦେଶରେ ସେ ସଙ୍ଗୀତ ପରିବେଷଣ କରିଥିଲେ। ଏପରିକି ଲଣ୍ଡନସ୍ଥିତ ରୟାଲ ଆଲବର୍ଟ ହଲ୍‌ରେ ମଧ୍ୟ ସଙ୍ଗୀତ ପରିବେଷଣ ସୁଯୋଗ ପାଇଥିଲେ।



ଲବ୍ଧପ୍ରତିଷ୍ଠ ଚିକିତ୍ସକ ହୃଷୀକେଶ ପରିଡ଼ାଙ୍କ ସହ ବିବାହ ପରେ ସେ ଚଳଚିତ୍ର ପ୍ରଯୋଜନା କ୍ଷେତ୍ରରେ ପାଦ ଦେଇଥିଲେ। ତାଙ୍କ ପ୍ରଯୋଜିତ 'ବିଷକନ୍ୟା'ରେ କବୀର ବେଦୀଙ୍କ ସହ ପୂଜା ବେଦୀ ମଧ୍ୟ ସ୍ଥାନ ପାଇଥିଲେ। ତାଙ୍କ ନିର୍ମିତ ଚଳଚ୍ଚିତ୍ର 'ଡିଜାୟାର ଅଫ୍ ଦି ହାର୍ଟ' ଦର୍ଶକୀୟ ଶ୍ରଦ୍ଧା ଲାଭ କରିଥିଲା ଓ ଯୁକ୍ତରାଷ୍ଟ୍ର ଆମେରିକାରେ ଅନୁଷ୍ଠିତ ଚଳଚ୍ଚିତ୍ର ଉତ୍ସବରେ ପ୍ରଶଂସିତ ହୋଇଥିଲା । କାଲିଫର୍ଣ୍ଣିଆ ଚଳଚ୍ଚିତ୍ର ଉତ୍ସବରେ ଏହା ସର୍ବୋତ୍କୃଷ୍ଟ ବିଦେଶୀ ଫିଚର୍ ଫିଲ୍ମ ଭାବେ ସମ୍ମାନ ଲାଭ କରିଥିଲା। ସେ ନିଜର ଦକ୍ଷତା ପାଇଁ ହିନ୍ଦ ରତନ ପୁରସ୍କାର, ରାଜୀବ ଗାନ୍ଧୀ ପୁରସ୍କାର, ଓଡ଼ିଶା ଲିଭିଂ ଲିଜେଣ୍ଡ ସମେତ ବହୁ ପୁରସ୍କାର ଲାଭ କରିଥିଲେ। ତାଙ୍କ ବିୟୋଗରେ ବହୁ ବିଶିଷ୍ଟ ବ୍ୟକ୍ତି ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରିଛନ୍ତି।

ନାରୀଙ୍କୁ ନ୍ୟାୟ ପାଇଁ ଲଢ଼େଇ

# କଂଗ୍ରେସର ମଶାଲ ଶୋଭାଯାତ୍ରା ୧୫ରେ

ଭୁବନେଶ୍ୱର,୩।୪(ସମିସ): ଓଡ଼ିଶାରେ ଅତ୍ୟାଚାରିତା, ଧର୍ଷିତା, ଲୁଣ୍ଠିତା, ନିଖୋଜ ମହିଳା ଓ ତାଙ୍କ ପରିବାରକୁ ନ୍ୟାୟ ଦେବାରେ ବିଜେପି ସରକାର ସମ୍ପୂର୍ଣ୍ଣ ଅକ୍ଷମ । ଓଡ଼ିଆ ଅସ୍ମିତା, ଓଡ଼ିଆ ମାଟି, ରାଷ୍ଟ୍ରଭକ୍ତି ଓ ଭାରତମାତା କଥା ବିଜେପି ବାରମ୍ବାର କହୁଛି। ମାତ୍ର ରାଜ୍ୟର ପଞ୍ଚମ ଓ ସପ୍ତମ

- ■ ୨୧ରେ ୩୦ଜିଲ୍ଲାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିବ ଦଳ
- ■ ଶାସକ ଦଳର ନେତାଙ୍କୁ ଝାଡ଼ୁ ପ୍ରଦର୍ଶନ ପାଇଁ ମହିଳାଙ୍କୁ ଆହ୍ୱାନ



ଶ୍ରେଣୀର ନାବାଳିକା ଗର୍ଭବତୀ ହେଉଛନ୍ତି। ରାଜ୍ୟରେ ଯେଉଁ ୬୦ ହଜାର ମହିଳା ନିଖୋଜ ହୋଇଛନ୍ତି ସେମାନଙ୍କୁ ଖୋଜିବା ପାଇଁ ଏସରକାର କିଛି କରୁ ନାହିଁ। ତେଣୁ ଆସନ୍ତା ଏପ୍ରିଲ ୧୫ ତାରିଖରେ ରାଜ୍ୟର ସମସ୍ତ ବ୍ଲକ ଓ ସହରରେ ନାରୀଙ୍କୁ ନ୍ୟାୟ ପ୍ରଦାନ ନିମନ୍ତେ କଂଗ୍ରେସ ମଶାଲ ରାଲି ବାହାର କରିବ ଏବଂ ଏପ୍ରିଲ ୨୧ ତାରିଖରେ ରାଜ୍ୟର ସବୁ ଜିଲ୍ଲା ସଦର ମହକୁମାରେ ଏହି ପ୍ରସଙ୍ଗରେ ମଶାଲ ର୍‌ୟାଲି ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବ ବୋଲି କହିଛନ୍ତି ପିସିସି ସଭାପତି ଭକ୍ତଚରଣ ଦାସ। ଏହା ପରେ କଂଗ୍ରେସର ୩୫ଟି ସାଂଗଠନିକ ଜିଲ୍ଲାରେ ୧୦ କିମି ପଦଯାତ୍ରା ଏବଂ ସମାବେଶ ଆୟୋଜନ ହେବ। ଏଥିରେ ଦଳର ସମସ୍ତ ବରିଷ୍ଠ କଂଗ୍ରେସ ନେତାମାନେ ଜିଲ୍ଲାସ୍ତରକୁ ଯାଇ କାର୍ଯ୍ୟକ୍ରମରେ ଯୋଗ ଦେବେ ବୋଲି ଶ୍ରୀ ଦାସ ସୂଚନା ଦେଇଛନ୍ତି।

ପିସିସି ସଭାପତି କହିଛନ୍ତି ଯେ ସୁଭଦ୍ରା ଯୋଜନାରେ ଜଣେ ମହିଳାକୁ ଦିନକୁ ୨୭ ଟଙ୍କା ଦିଆଯାଉଛି। ସେଥିରେ ଗୋଟିଏ ଓଳି ଭୋଜନ କରିବା ସମ୍ଭବ ନୁହେଁ। ବିଜେପି ଦଳ ଓଡ଼ିଶାର ନାରୀଙ୍କୁ ଅସମ୍ମାନ କରୁଛି। 'ନାରୀ ନ୍ୟାୟ' ପାଇଁ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ବାସଭବନ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ ହୋଇଛି ଓ ଶେଷରେ ବିଧାନସଭା ମଧ୍ୟ ଘେରାଉ କରାଯାଇଛି। ଓଡ଼ିଶା ଦିବସ ପାଳନ ଅବସରରେ ୬୦ ହଜାର ନିଖୋଜ ମହିଳାଙ୍କ ଉଦ୍ଧାରପାଇଁ ରେଳଷ୍ଟେସନ ଏବଂ ବସଷ୍ଟାଣ୍ଡ ମହମବତୀ ଶୋଭାଯାତ୍ରା କରାଯାଇ ଅସହାୟ ମହିଳାଙ୍କ ପ୍ରତି କଂଗ୍ରେସ ନିଜର ଆଭିମୁଖ୍ୟ ବ୍ୟକ୍ତ କରିଛି। ଓଡ଼ିଶା ବିଧାନସଭାରେ କଂଗ୍ରେସ ବିଧାୟକମାନଙ୍କର ନାରୀ ନ୍ୟାୟ ଦାବିକୁ ବିଜେପି ସରକାର ଉପେକ୍ଷା କରିଛନ୍ତି। ୫ ଜଣିଆ ମନ୍ତ୍ରୀସ୍ତରୀୟ କମିଟି କିମ୍ବା ଆଇଏଏସ ବା ଆଇପିଏସ ଅଫିସରଙ୍କୁ ନେଇ ଟାସ୍କଫୋର୍ସ କମିଟି ଗଠନ ହୋଇପାରିଥାନ୍ତା, ତାହା ମଧ୍ୟ ସରକାର କଲେ ନାହିଁ। ମାତ୍ର ଏହି ପ୍ରସଙ୍ଗ ଉଠାଇଥିବାରୁ କଂଗ୍ରେସର ସମସ୍ତ ବିଧାୟକଙ୍କୁ ବିଧାନସଭାରୁ ନିଲମ୍ବନ କରାଗଲା। ସରକାର ସତ୍ୟକୁ ଭୟ କରୁଛନ୍ତି ଓ ପଳାୟନପନ୍ଥୀ ସାଜିଛନ୍ତି । ସରକାର ଯଦି ମହିଳା ଅତ୍ୟାଚାର ବନ୍ଦ ପାଇଁ ସ୍ୱତନ୍ତ୍ର ଖସଡ଼ା ନ କରନ୍ତି, ତେବେ ପୁରପଲ୍ଲୀରୁ ସହର ପର୍ଯ୍ୟନ୍ତ ମହିଳାମାନେ ନିଜ ଉପରେ ହେଉଥିବା ଅତ୍ୟାଚାର ବିରୋଧରେ ଜାଗରଣ କରାଯିବ ବୋଲି ସେ କହିଛନ୍ତି। ଏହା ସହ ବିଜେପି ଦଳର ନେତା ଗାଁ ଗଣ୍ଡାକୁ ଗଲେ ମହିଳାମାନେ ସେମାନଙ୍କୁ ପ୍ରତିବାଦ ସ୍ୱରୂପ ଝାଡ଼ୁ ଦେଖାନ୍ତୁ ବୋଲି ଭକ୍ତ ଦାସ ଆହ୍ୱାନ ଦେଇଛନ୍ତି।

# ମୋଷ୍ଟ ୱାଣ୍ଟେଡ୍ ସୁଶାନ୍ତକୁ ଏନ୍‌କାଉଣ୍ଟର୍

ତାଳଚେରସଦର,୩।୪(ସମିସ): ବୁଧବାର ରାତି ପ୍ରାୟ ୧୧ଟାରେ ତାଳଚେର ଥାନା ପୁଲିସ୍ ଦ୍ୱାରା ଏନକାଉଣ୍ଟର୍‌ରେ କୁଖ୍ୟାତ ଅପରାଧୀ ସୁଶାନ୍ତ ନାୟକ ଓରଫ ଝମୁ (୪୦) ଗୁରୁତର ଆହତ ହୋଇଛି। ତା' ବାମ ଗୋଡ଼ରେ ଗୁଳି ବାଜିଛି। ପ୍ରଥମ ତାକୁ ତାଳଚେର ଉପଖଣ୍ଡ ମେଡିକାଲ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର



କରାଯାଇଛି। ଏନେଇ ସୁଶାନ୍ତ ଏବଂ ତା' ସହଯୋଗୀ ପ୍ରଫୁଲ୍ଲ ନାୟକଙ୍କ ନାମରେ ତାଳଚେର ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

ସୁଶାନ୍ତ ତାଳଚେର ଥାନା କେସ୍ ନମ୍ବର ୬୨/୨୫ରେ ପୁଲିସର ମୋଷ୍ଟୱାଣ୍ଟେଡ୍ ତାଲିକାରେ ରହିଥିଲା। ଗତ ଜାନୁଆରୀ ୨୨ରେ ତାଳଚେର ଶନିବାର ହାଟରେ ପୁଲିସ ଉପରକୁ ଗୁଳି ଚଳାଇ ସେ ଚମ୍ପଟ ମାରିଥିଲା। ଅନୁଗୋଳ, ଢେଙ୍କାନାଳ, ଯାଜପୁର ଏବଂ ଦେବଗଡ଼ ଜିଲ୍ଲାରେ ସକ୍ରିୟ ରହି ଅନେକ ଅପରାଧିକ କାର୍ଯ୍ୟକଳାପ ଚଳାଇଥିଲା।

ବୁଧବାର ରାତିରେ ଥାନା ଆଇଆଇସି ଦିଗ୍‌ବିଜୟ ବିଶ୍ୱାଳ କର୍ମଚାରୀମାନଙ୍କ ସହ ପାଟ୍ରୋଲିଂ କରୁଥିବା ସମୟରେ ସୁଶାନ୍ତ ଓ ତା'ର ସହଯୋଗୀ ପ୍ରଫୁଲ୍ଲ ନାୟକ ସହ ପିଏମଆଇଟି ନିକଟ ତାଳବେଡ଼ା ଜଙ୍ଗଲରେ ଥିବା ଖବର ପାଇଥିଲେ। ତାଙ୍କୁ ଧରିବାରେ ସହଯୋଗ କରିବା ପାଇଁ ଅନୁଗୋଳ ସ୍ପେଶାଲ ସ୍କ୍ୱାଡ୍‌କୁ ଡକାଯାଇଥିଲା। ସ୍ପେଶାଲ ସ୍କ୍ୱାଡ୍ ତାଳଚେର ପହଞ୍ଚିବା ପରେ ତାଳଚେର ପୁଲିସ ସହ ମିଶି ତାଳବେଡ଼ା ଜଙ୍ଗଲରେ ଚଢ଼ଉ କରାଯାଇଥିଲା। ସୁଶାନ୍ତ ଓ ପ୍ରଫୁଲ୍ଲଙ୍କୁ ଠାବ କରାଯିବା ପରେ ଉଭୟଙ୍କୁ ଆତ୍ମସମର୍ପଣ କରିବା ପାଇଁ କୁହାଯାଇଥିଲା। କିନ୍ତୁ ସୁଶାନ୍ତ ଆତ୍ମସମର୍ପଣ କରିବା ପରିବର୍ତ୍ତେ ପୁଲିସ ଉପରକୁ ଦୁଇ ରାଉଣ୍ଡ ଗୁଳି ଚଳାଇଥିଲା। ସୌଭାଗ୍ୟବଶତଃ ଉକ୍ତ ଗୁଳି କୌଣସି ପୁଲିସ କର୍ମଚାରୀଙ୍କ ଦେହରେ ବାଜି ନଥିଲା। ପରେ ଆଇଆଇସିଙ୍କ ନିର୍ଦ୍ଦେଶକ୍ରମେ ସ୍ପେଶାଲ ସ୍କ୍ୱାଡ୍ ଏସଆଇ ଅୟସକାନ୍ତ ଜେନା ଗୋଟିଏ ରାଉଣ୍ଡ ଫାଙ୍କ ଗୁଳି ଚାଳନା କରି ସୁଶାନ୍ତ ଏବଂ ପ୍ରଫୁଲ୍ଲଙ୍କୁ ଆତ୍ମସମର୍ପଣ କରିବା ପାଇଁ କହିଥିଲେ। କିନ୍ତୁ ସୁଶାନ୍ତ ଆତ୍ମସମର୍ପଣ କରିବା ପରିବର୍ତ୍ତେ ପୁଲିସ ଉପରକୁ ଆଉ ଗୋଟିଏ ରାଉଣ୍ଡ ଗୁଳି ଚଳାଇଥିଲା। ତେଣୁ, ବାଧ୍ୟ ହୋଇ ଆତ୍ମରକ୍ଷା ପାଇଁ ଆଇଆଇସିଙ୍କ ନିର୍ଦ୍ଦେଶରେ ସ୍ପେଶାଲ ସ୍କ୍ୱାଡ୍ ଏସଆଇ ସୁଶାନ୍ତର ଗୋଡ଼କୁ ଲକ୍ଷ୍ୟ କରି ଗୋଟିଏ ରାଉଣ୍ଡ ଗୁଳି ଚଳାଇଥିଲେ। ଗୁଳିଟି ସୁଶାନ୍ତର ବାମଗୋଡ଼ ଆଣ୍ଠୁ ତଳକୁ ବାଜିଥିଲା। ଫଳରେ ସେଠାରେ ସେ ପଡ଼ିଯାଇଥିଲା। ସେ ଧରିଥିବା ବନ୍ଧୁକ ମଧ୍ୟ ତା' ହାତରୁ ଖସିଯିବାରେ ପୁଲିସ ତାକୁ କାବୁ କରିନେଇଥିଲା। ଏହି ସମୟରେ ସୁଶାନ୍ତର ସହଯୋଗୀ ପ୍ରଫୁଲ୍ଲ ଏକ ଲୁହା କାତି ଧରି ପୁଲିସକୁ ଆକ୍ରମଣ କରିବାକୁ ଆସିବା ବେଳେ ତାକୁ ମଧ୍ୟ ପୁଲିସ କବୁ କରିନେଇଥିଲା।

■ ମଧ୍ୟସ୍ଥି ସାଜିବାରୁ ଜୀବନ ଗଲା

# କୁରାଢ଼ୀରେ ହାଣି ବୃଦ୍ଧଙ୍କୁ ହତ୍ୟା

ବେତନଟୀ,୩।୪(ସମିସ): ରାସ୍ତାକଡ଼ରେ ଗଣ୍ଡଗୋଳ ନ କରିବାକୁ ପରାମର୍ଶ ଦେବା ଜଣେ ବୃଦ୍ଧଙ୍କ ଜୀବନ ନେଇଛି। ଦୁର୍ବୃତ୍ତମାନେ ତାଙ୍କୁ କୁରାଢ଼ୀରେ ହାଣି ଅତି ନିର୍ମମ ଭାବେ ହତ୍ୟା କରିଛନ୍ତି। ବେତନଟୀ ଥାନା ଅଧୀନ ମୁକ୍ତାପୁର ଗ୍ରାମରେ ଏଭଳି ଏକ ଆପରାଧିକ ଘଟଣା ଘଟିଛି। ମୃତକ ହେଲେ, ଗ୍ରାମର ମନ୍ମଥ ଦେହୁରୀ (୬୮)। ଏହି ଘଟଣାରେ ପୁଲିସ୍ ୨ ଜଣଙ୍କୁ ଗିରଫ କରିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଫେରାର୍ ହୋଇଯାଇଥିବା ଜଣାଯାଇଛି। ମନ୍ମଥଙ୍କ ପତ୍ନୀ ବାଦଲ ଦେହୁରୀଙ୍କ ଅଭିଯୋଗ ମୁତାବକ, ଗୁରୁବାର ବେତନଟିଆ ଦେହୁରୀ ନିଜ ସମ୍ପର୍କୀୟ ଶଳା ବାବୁ ଦେହୁରୀ ସହ କୌଣସି କଥାକୁ ନେଇ ରାସ୍ତାକଡ଼ରେ ଗଣ୍ଡଗୋଳ କରୁଥିଲେ। ସେହି ସମୟରେ ସାଇକଲରେ ଯାଉଥିବା ମନ୍ମଥ ସେମାନଙ୍କୁ କଳିଗୋଳରୁ କ୍ଷାନ୍ତ ରହିବାକୁ ପରାମର୍ଶ ଦେଇଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ବେତନଟିଆର ଶଳା ବାବୁ ଦେହୁରୀ ଏକ ଠେଙ୍ଗାରେ ମନ୍ମଥଙ୍କ ମୁଣ୍ଡକୁ ପିଟି ଦେଇଥିଲା। ସେ ତଳେ ପଡ଼ିଯିବା ପରେ ବେତନଟିଆ ଏକ କୁରାଢ଼ୀରେ ମନ୍ମଥଙ୍କ ମୁଣ୍ଡ, ମୁହଁ ସମେତ ବିଭିନ୍ନ ସ୍ଥାନକୁ ହାଣି ପକାଇଥିଲା। ଚିତ୍କାର ଶୁଣି ପୁଅ କଙ୍କା ଦେହୁରୀ, ଭାଇ ଗୋପୀନାଥ ଦେହୁରୀ ପ୍ରମୁଖ ରକ୍ଷା କରିବାକୁ ଚେଷ୍ଟା କରିଥିଲେ ହେଁ ସେତେବେଳକୁ ବେତନଟିଆର ବଡ଼ଭାଇ ବାରିପଦିଆ ଦେହୁରୀ, ଝୁନୁ ଦେହୁରୀ, ଅଞ୍ଜନ ଦେହୁରୀ, ଯଶୁ ଦେହୁରୀ ଓ ଶିବା ଦେହୁରୀ ପ୍ରମୁଖ ଠେଙ୍ଗାରେ ସଂଘବଦ୍ଧ ଆକ୍ରମଣ କରିଚାଲିଥିଲେ। ଫଳରେ ମନ୍ମଥଙ୍କ ମୃତ୍ୟୁ ଘଟିଥିଲା। ସେହିପରି କଙ୍କା ଓ ଗୋପୀନାଥ ଆହତ ହୋଇଥିଲେ। ସମସ୍ତ ଆହତଙ୍କୁ ଉଦ୍ଧାର କରି ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

# 'ମାଓ କାର୍ଯ୍ୟକଳାପ ୨୧ରୁ ୭ ଜିଲ୍ଲାକୁ ଖସିଛି'

ସମ୍ବଲପୁର,୩।୪(ସମିସ): ଉତ୍ତରାଞ୍ଚଳ ରେଞ୍ଜର ଗୋଟେ ଲୋକେସନ୍‌ରେ ମାଓ କାର୍ଯ୍ୟକଳାପ ବିରୋଧରେ ଆମର ଅପରେସନ୍ ଜାରି ରହିଛି। ଅନ୍ୟାନ୍ୟ ଜାଗାରେ ମଧ୍ୟ ଅପରେସନ ଜାରି ରହିଛି। ଇଣ୍ଟେଲିଜେନ୍ସ ରିପୋର୍ଟ ଆଧାରରେ ଦୈନିକ ପଦକ୍ଷେପ ନିଆଯାଉଛି। ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶର ଯେଉଁ ସୀମା ଅଛି, ତାହା ଉପରେ ତୀକ୍ଷ୍ଣ ଦୃଷ୍ଟି ରଖାଯାଇଛି। ଇଣ୍ଟେଲିଜେନ୍ସ ରିପୋର୍ଟ ଅନୁଯାୟୀ, ବିଭିନ୍ନ ଜାଗାରେ ଅପରେସନ କରାଯାଉଛି। ଗତ ଜାନୁଆରୀ ମାସରେ ନୂଆପଡ଼ା-ଦରିଆବନ୍ଧ ସୀମାରେ ଓଡ଼ିଶା ପୁଲିସ, ଛତିଶଗଡ଼ ପୁଲିସ ଓ ସିଆର୍‌ପିଏଫ୍‌ର ଏକ ବଡ଼ ଅପରେସନ ହୋଇଥିଲା। ସେଥିରେ ସେଣ୍ଟ୍ରାଲ କମିଟିର ଜଣେ ସଭ୍ୟ ଓ ଅନ୍ୟ ୧୬ ଜଣଙ୍କୁ ନିପାତ କରାଯାଇଥିଲା। ଓଡ଼ିଶା ପୁଲିସର ସ୍ପେଶାଲ ଅପରେସନ ଗ୍ରୁପ୍ ମୁଖ୍ୟ ଭୂମିକା ନିର୍ବାହ କରିଥିଲା। ଅପରେସନ ଜାରି ରହିଛି, ମୁଁ ଆଶା କରୁଛି ନିକଟ ଭବିଷ୍ୟତରେ ଆମକୁ ବଡ଼ ସଫଳତା ମିଳିବ ବୋଲି ଗୁରୁବାର ସମ୍ବଲପୁର ଗସ୍ତ ଅବସରରେ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ କହିଛନ୍ତି। ସମୟ ଥିଲା, ଓଡ଼ିଶାର ୨୧ଟି ଜିଲ୍ଲା ମାଓ ପ୍ରଭାବିତ ଥିଲା। ତାହା ଏବେ ଖସି ୭କୁ ଆସିଛି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ୩୧ ମାର୍ଚ୍ଚ ୨୦୨୬ ମଧ୍ୟରେ ମାଓ କାର୍ଯ୍ୟକଳାପ ଶେଷ କରିବାକୁ ଆହ୍ୱାନ ଦେଇଛନ୍ତି, ସେଥିରେ ଆମେ ଲାଗିଛୁ ବୋଲି ସେ କହିଥିଲେ। ହିଂସା ପଥ ତ୍ୟାଗ କରି ମୁଖ୍ୟସ୍ରୋତରେ ସାମିଲ ହୁଅନ୍ତୁ ଏବଂ ଓଡ଼ିଶାରେ ଏକ ଭଲ ଆତ୍ମସମର୍ପଣ ପଲିସି ରହିଛି; ଏହାର ଲାଭ ଉଠାନ୍ତୁ ବୋଲି ଡିଜିପି ମାଓବାଦୀମାନଙ୍କୁ ଆହ୍ୱାନ ଦେଇଥିଲେ। ଉତ୍ତରାଞ୍ଚଳ ରେଞ୍ଜର ବିଭିନ୍ନ ଜିଲ୍ଲାର ଅପରାଧିକ ସ୍ଥିତି, କେତୋଟି ଜିଲ୍ଲାରେ ନକ୍ସଲ ଅପରେସନ, ଆଗାମୀ ଦିନରେ ଶ୍ରୀରାମ ନବମୀ ଓ ହନୁମାନ ଜୟନ୍ତୀରେ ବନ୍ଦୋବସ୍ତ ଆଦିର ସମୀକ୍ଷା କରିଥିଲେ। ଆଇନଶୃଙ୍ଖଳା ବଜାୟ ରଖିବାକୁ ସମସ୍ତ ପଦକ୍ଷେପ ନିଆଯିବ ବୋଲି ଡିଜିପି ଶ୍ରୀ ଖୁରାନିଆ କହିଛନ୍ତି।

# ଘର ଆଗରୁ ଟେକିନେଇ ନାବାଳିକାକୁ ଗଣଦୁଷ୍କର୍ମ

ଛତ୍ରପୁର, ୩।୪ (ସମିସ): ଗଞ୍ଜାମ ଜିଲ୍ଲା ଆର୍ଯ୍ୟପଲ୍ଲୀ ସାମୁଦ୍ରିକ ଥାନା ଅଞ୍ଚଳରେ ଜଣେ ନାବାଳିକାକୁ ଗଣଦୁଷ୍କର୍ମ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ୩ଜଣ ଯୁବକ ନାବାଳିକାଙ୍କୁ ତାଙ୍କ ଘର ଆଗରୁ ଟେକିନେଇ ଗଣଦୁଷ୍କର୍ମ କରିଛନ୍ତି। ଗତ ୨୬ ତାରିଖରେ ଏହି ଘଟଣା ଘଟିଥିବା ବେଳେ ଆଜି ଅଭିଯୋଗ ହେବା ପରେ ପଦାକୁ ଆସିଛି। ଏନେଇ ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ବୋଲି ଛତ୍ରପୁର ଏସ୍‌ଡିପିଓ ଚନ୍ଦନ ଘଡ଼େଇ କହିଛନ୍ତି। ଅଭିଯୁକ୍ତମାନେ ଫେରାର୍ ରହିଛନ୍ତି। ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ପୁଲିସ୍ କହିଛି। ସୂଚନାନୁଯାୟୀ, ଗତ ୨୬ ତାରିଖ ଦିନ ନାବାଳିକାଜଣଙ୍କ ଘର ବାହାରେ ଠିଆ ହୋଇଥିବା ବେଳେ ୩ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ତାଙ୍କୁ ଟେକି ନେଇଥିଲେ। ପରେ ଏକ ନିଛାଟିଆ ସ୍ଥାନରେ ତାଙ୍କୁ ଗଣଦୁଷ୍କର୍ମ କରିଥିଲେ। ଏ ସଂପର୍କରେ କାହାରିକୁ କହିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ତେବେ ପରିବାରଲୋକ ଏ ସଂପର୍କରେ ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ।

ବଗପାଟିଆରେ ଥଇଥାନ କରା ନ ଯିବା ପ୍ରତିବାଦ

# ୪୦ ଅନୁସୂଚିତ ପରିବାରର ଅହୋରାତ୍ର ଅନଶନ

କେନ୍ଦ୍ରାପଡ଼ା,୩।୪(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ତହସିଲ୍ ଅନ୍ତର୍ଗତ ସାତଭାୟା ପଞ୍ଚାୟତର ୪୦ଟି ଅନୁସୂଚିତ ବର୍ଗର ପରିବାରକୁ ବଗପାଟିଆଠାରେ ଥଇଥାନ କରାନଯିବା ପ୍ରତିବାଦରେ ଗୁରୁବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଉକ୍ତ ପରିବାର ପକ୍ଷରୁ ଅହୋରାତ୍ର ଅନଶନ କରାଯାଇଛି।

ସୂଚନା ମୁତାବକ, ସାତଭାୟା ପଞ୍ଚାୟତ ସମୁଦ୍ର ଗର୍ଭରେ ଲୀନ ହୋଇଯିବାରୁ ସେଠାରୁ ବାସଚ୍ୟୁତ ହୋଇଥିବା ୪୦ଟି ଅନୁସୂଚିତ ବର୍ଗର ପରିବାରକୁ ସରକାରଙ୍କ ଥଇଥାନ ଓ ପୁନର୍ବସତି ଯୋଜନା ଅଧୀନରେ ସରକାରଙ୍କ ଦ୍ୱାରା ନିର୍ଣ୍ଣିତ ହୋଇଥିବା ବଗପାଟିଆଠାରେ ସେମାନଙ୍କୁ ଘରଡିହ ଜମି ଯୋଗାଇ ଦିଆଯିବା କଥା। କିନ୍ତୁ ସେମାନଙ୍କୁ ଘରଡିହ ଯୋଗାଇ ଦିଆନଯିବାରୁ ସେମାନେ ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିରରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ସେମାନେ ବାଧ୍ୟ ହୋଇ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଡବ୍ଲ୍ୟୁପିସି ନଂ-୨୫୦୪୧/୨୦୨୩ରେ ଏକ ରିଟ୍ ପିଟିସନ ଦାଖଲ କରିଥିଲେ। ଉଚ୍ଚ ନ୍ୟାୟାଳୟ ସେହି ଆବେଦନର ବିଚାର କରି ୨୦୨୩ ଅଗଷ୍ଟ ୧୦ରେ



କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଆବେଦନକାରୀଙ୍କ ଆବେଦନକୁ ବିଚାର କରି ୩ ମାସ ମଧ୍ୟରେ ନିୟମ ଅନୁଯାୟୀ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଇତିମଧ୍ୟରେ ୧ବର୍ଷ ୭ ମାସ ବିତିଯାଇଥିଲେ ବି ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବାରୁ ସେମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅହୋରାତ୍ର ଅନଶନରେ ବସିବାକୁ ବାଧ୍ୟ ହୋଇଥିବା କହିଛନ୍ତି। ଏହି ଧାରଣାରେ ସସ୍ମିତା ମଲ୍ଲିକଙ୍କ ସମେତ ଅନ୍ୟମାନେ ବସି ରହିଥିବା ଦେଖାଯାଇଛି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ କୌଣସି ସରକାରୀ ଅଧିକାରୀ ଧାରଣାକାରୀଙ୍କ ନିକଟକୁ ଆସି ନଥିବା ଜଣାପଡ଼ିଛି। ଏ ନେଇ ଅତିରିକ୍ତ ଜିଲ୍ଲାପାଳଙ୍କୁ ପଚାରିବାରୁ ସେ କହିଛନ୍ତି, ଆସନ୍ତା ୧୬ ତାରିଖ ଜିଲ୍ଲାପାଳଙ୍କ କୋର୍ଟରେ ସେମାନଙ୍କର ତାରିଖ ରହିଛି। ସେ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପ୍ରଶାସନ ପକ୍ଷରୁ କୁହାଯିବା ପରେ ମଧ୍ୟ ସେମାନେ ଅନଶନରେ ବସି ରହିଥିବା କହିଛନ୍ତି।

ବନ୍ଧୁ ନାଁରେ କଳଙ୍କ

# ମୂକ-ବଧିର ମହିଳାଙ୍କୁ ଦୁଷ୍କର୍ମ

ବ୍ରହ୍ମପୁର, ୩।୪(ସମିସ): ସୀମା ଟପିଲା ପାଶବିକତା। ମାନସିକ ଭିନ୍ନକ୍ଷମ ମହିଳାଙ୍କୁ ବି ଛାଡ଼ିଲାନି ଯୌନ ପିପାସୁ। ବନ୍ଧୁତା ନାଁରେ ଜଣେ ମୂକ-ବଧିର ମହିଳାଙ୍କୁ ଦୁଷ୍କର୍ମ କରିବା ସହ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ, ଭିଡିଓ ଉତ୍ତୋଳନ କରି ସୋସିଆଲ ମିଡିଆରେ ଭାଇରାଲ କଲା। ଏନେଇ ମହିଳା ଜଣକ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

**୫୬ ହଜାର ଠକି ନେଲା, ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଭାଇରାଲ କଲା**

ସୂଚନାଯୋଗ୍ୟ, ଗୋଷାଣୀ ନୂଆଗାଁ ଅଞ୍ଚଳର ୨୫ ବର୍ଷୀୟା ଜଣେ ଭିନ୍ନକ୍ଷମ ମହିଳା ତାଙ୍କ ଭିନ୍ନକ୍ଷମ ସ୍ୱାମୀଙ୍କ ସହ ରହୁଛନ୍ତି। କିଛି ବର୍ଷ ପୂର୍ବେ ଉଭୟେ ବେଙ୍ଗାଲୁରୁକୁ କାମ କରିବାକୁ ଯାଇଥିଲେ। ସେଠାରେ ଜଣେ ବ୍ୟକ୍ତିଙ୍କ ସହ ଉକ୍ତ ମହିଳାଙ୍କ ପରିଚୟ ହୋଇଥିଲା। ଉଭୟଙ୍କ ମଧ୍ୟରେ ଭଲ ବନ୍ଧୁତା ମଧ୍ୟ ହୋଇଥିଲା। ତେବେ ବ୍ୟକ୍ତିଜଣକ ଉଭୟ ଭିନ୍ନକ୍ଷମ ଦମ୍ପତିଙ୍କ ସରଳତାର ଫାଇଦା ନେଇ ସହଯୋଗର ହାତ ବଢ଼ାଇ ପ୍ରଥମେ ମନ ଜିଣିଥିଲେ। ପରେ ଉକ୍ତ ମହିଳାଙ୍କଠାରୁ ମଧ୍ୟ ୫୬ ହଜାର ଟଙ୍କା ଧାରସୂତ୍ରରେ ନେଇଥିଲେ। ଉକ୍ତ ବ୍ୟକ୍ତିଜଣକ ସମ୍ପୃକ୍ତ ମହିଳାଙ୍କ ସହ ଜୋର୍‌ଜବରଦସ୍ତ ଶାରୀରିକ ସମ୍ପର୍କ ରଖିବା ସହ ମୋବାଇଲ୍‌ରେ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଓ ଭିଡିଓ ଉତ୍ତୋଳନ କରିନେଇଥିଲେ। ଏହା ପରେ ଭିଡିଓ ଭାଇରାଲ କରିଦେବାର ଧମକ ଦେବା ପରେ ଦମ୍ପତି ବ୍ରହ୍ମପୁରକୁ ଚାଲି ଆସିଥିଲେ। କିଛି ଦିନ ପରେ ସମ୍ପୃକ୍ତ ବ୍ୟକ୍ତିଜଣକ ନେଇଥିବା ଟଙ୍କା ଫେରସ୍ତ କରିବାକୁ ଉକ୍ତ ଭିନ୍ନକ୍ଷମ ମହିଳାଙ୍କୁ ବେଙ୍ଗାଲୁରୁ ଡାକିଥିଲେ ହେଁ ସେ ଗଲେନାହିଁ। ବାରମ୍ବାର ଡାକିବା ପରେ ମହିଳାଜଣଙ୍କ ନ ଯିବାରୁ ସମ୍ପୃକ୍ତ ବ୍ୟକ୍ତି ଜଣକ ନିଜ ମୋବାଇଲ୍‌ରେ ଉଠାଇଥିବା ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓକୁ ସୋସିଆଲ ମିଡିଆରେ ଭାଇରାଲ କରି ଦେଇଥିଲେ। ଭାଇରାଲ ଭିଡିଓ ସମ୍ପୃକ୍ତ ମହିଳାଙ୍କ ନିକଟରେ ପହଞ୍ଚିବା ପରେ ସେ ଘଟଣାକୁ ନେଇ ବୈଦ୍ୟନାଥପୁର ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି।

# ଗୋଚର ଜମିରେ ମିଶନ ଶକ୍ତି କାଫେ

କବାଟବନ୍ଧ, ୩।୪(ସମିସ)



ଧର୍ମଶାଳା ବ୍ଲକ ଅନ୍ତର୍ଗତ ଏଣ୍ଡଲବା ପଞ୍ଚାୟତର କଲାଣ୍ଡ ନିକଟସ୍ଥ ବାଲି ପଡ଼ିଆ ମଠ ପରିସରରେ ୯ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ମିଶନ ଶକ୍ତି କାଫେ ଗୃହ ନିର୍ମାଣ ହୋଇଛି। ଏହି ପ୍ରକଳ୍ପର କାର୍ଯ୍ୟାଦେଶ ତତ୍କାଳୀନ କନିଷ୍ଠ ଯନ୍ତ୍ରୀଙ୍କ ନାମରେ ରହିଛି। କାର୍ଯ୍ୟ ଆପାତତଃ

**● ଜଙ୍ଗଲ ଜମିରେ ଫେବର ରାସ୍ତା**

ଶେଷ ହେବା ଉପରେ। ଯେଉଁ ଜାଗାରେ ଏହି ଗୃହଟିକୁ ନିର୍ମାଣ କରାଯାଇଛି ଉକ୍ତ ଜାଗାଟି ଗ୍ରାମର ଏକ ମାତ୍ର ଗୋଚର ଜମି ବୋଲି ଗ୍ରାମବାସୀ ମାନେ ପ୍ରକାଶ କରିଛନ୍ତି। ତହସିଲ ଅଫିସର ଭୂଲେଖରେ ଏହା ଗୋଚର କିସମ ବୋଲି ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି। ଯାହାର ଖାତା ନମ୍ବର ୩୫୨ ଏବଂ ପ୍ଲଟ ନମ୍ବର ୧୨୬ ଏବଂ ୧୨୭ ଅଟେ। କାର୍ଯ୍ୟ ଆରମ୍ଭ ପୂର୍ବରୁ ଜାଗାର କିସମକୁ ତହସିଲଦାରଙ୍କ ଠାରୁ ସ୍ପଷ୍ଟ ହେବା ପରେ କାର୍ଯ୍ୟ ଆରମ୍ଭ କରିବା କଥା। ମାତ୍ର କାର୍ଯ୍ୟ ଶେଷ ହେବା ପରେ ମଧ୍ୟ ଜାଗାର କିସମକୁ ନେଇ କନିଷ୍ଠ ଯନ୍ତ୍ରୀଙ୍କ ନିକଟରୁ କିଛି ସ୍ପଷ୍ଟୀକରଣ ମିଳିପାରୁ ନାହିଁ। ଫାଇଲ ଦେଖିଲେ କହିବି ବୋଲି କହି ଏଡ଼ାଇ ଯାଉଛନ୍ତି। ଗୋଚର ଜମିରେ କୌଣସି ନିର୍ମାଣ କାର୍ଯ୍ୟ ହୋଇ ପାରିବ ନାହିଁ ବୋଲି ରାଜସ୍ୱ ବିପର୍ଯ୍ୟୟ ଓ ପ୍ରଶମନ ବିଭାଗ ସ୍ପଷ୍ଟ କରିଥିଲେ ମଧ୍ୟ ଏଠାରେ ସବୁ ନିୟମ କୁ ଫୁ କରି ଦିଆଯାଇଛି। ସେହି ଗୋଚର ଜମିରେ କେବଳ ମିଶନ ଶକ୍ତି କାଫେ ନୁହେଁ ଆବର୍ଜନା ପୃଥକୀକରଣ ଗୃହ ଓ ଅନେକ ଗୁଡ଼ିଏ ପିଣ୍ଡି ନିର୍ମାଣ କରାଯାଇଛି। କେବଳ ସେତିକି ନୁହେଁ ଏହି ପଞ୍ଚାୟତର ଚନ୍ଦନ ନଗର ଗ୍ରାମର ପୁଷ୍ପାଞ୍ଜଳି ବେହେରାଙ୍କ ଘର ପାଖରୁ ଜିଲ୍ଲା ପରିଷଦ ପାଣ୍ଠିରୁ ୨ ଲକ୍ଷ ଟଙ୍କା ବ୍ୟୟରେ ଆରମ୍ଭ ହୋଇଥିବା ଫେବର ରାସ୍ତାକୁ ନିୟମ ଉଲଂଘନ କରାଯାଇ ନିର୍ମାଣ କରାଯାଇଥିବା ଅଭିଯୋଗ ହେଉଛି। ରାସ୍ତା ନିର୍ମାଣ ହେଉଥିବା ଜାଗାଟିର କିସମ ଅନାବାଦୀ କିମ୍ବା ସର୍ବସାଧାରଣ ନୁହେଁ। ଶାଳ ଜଙ୍ଗଲ କିସମ ଜାଗାରେ ଫେବର ରାସ୍ତା କେତେଦୂର ଯୁକ୍ତିଯୁକ୍ତ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। କେବଳ ଏହି ଦୁଇଟି କାମ କାମ ନୁହେଁ ଉକ୍ତ ପଞ୍ଚାୟତରେ ହୋଇଥିବା ଅନେକ କାମରେ ଦୁର୍ନୀତି ଓ ଅନିୟମିତତାର ଗନ୍ଧ ବାରି ହୋଇ ପଡୁଛି। ଉକ୍ତ ପଞ୍ଚାୟତରେ ଉନ୍ନତିମୂଳକ କାମ ନାଁ ରେ ସରକାରୀ ଅର୍ଥ ପାଣିରେ ପଡୁଛି। ଯାହାର ଜ୍ୱଳନ୍ତ ଉଦାହରଣ ଏଣ୍ଡଲବା ପଞ୍ଚାୟତରେ ନିର୍ମାଣ ହୋଇଥିବା ମିଶନ ଶକ୍ତି ଗୃହ ଏବଂ ପିଇଓଙ୍କ କ୍ୱାର୍ଟର ଏଭଳି ଜାଗାରେ ନିର୍ମାଣ ହୋଇଛି ସେଠାକୁ ସରୀସୃପଙ୍କ ଛଡା ମଣିଷଙ୍କ ଗତାଗତ ନ ଥାଏ। ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଦାବି ହୋଇଛି।

## ପିଲାଚୋର ସନ୍ଦେହରେ ଯୁବକକୁ ନିସ୍ତୁକ ମାଡ଼



ପାଣିକୋଇଲି, ୩।୪(ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ବର୍ତମଣା ଠାରେ ଜଣେ ଯୁବକଙ୍କୁ ପିଲା ଚୋର ସନ୍ଦେହରେ କିଛି ଯୁବକ ନିସ୍ତୁକ ମାଡ଼ ମାରି ଲହୁଲୁହାଣ କରିଛନ୍ତି। ପ୍ରକାଶଯେ ଓଡିନ୍ଦା ରୋଡ଼ର ଅମୃତିଆ ରାସ୍ତା ନିକଟରେ ଉକ୍ତ ଯୁବକ ଜଣକ କିଛି ପିଲାଙ୍କୁ ବିସ୍କୁଟ ଦେଉଥିବା ଦେଖି ସ୍ଥାନୀୟ କିଛି ବ୍ୟକ୍ତିଙ୍କ ନଜରକୁ ଆସିଥିଲା। ଏ ନେଇ ଉକ୍ତ ବ୍ୟକ୍ତିଙ୍କୁ ତାଙ୍କ ଘର ଠିକଣା ପଚାରିବାରୁ ସେ କହି ପାରି ନ ଥିଲେ। ଫଳରେ କିଛି ବ୍ୟକ୍ତି ଉକ୍ତ ଯୁବକଙ୍କୁ ପିଲା ଚୋର ସନ୍ଦେହରେ ନିସ୍ତୁକ ମାଡ଼ ମାରିଥିଲେ। ଖବର ପାଇ ରାଜପଥ ପାଟ୍ରୋଲିଂ ଅଧିକାରୀ ଅଶୋକ ବଳ ପହଞ୍ଚି ଉକ୍ତ ବ୍ୟକ୍ତିଙ୍କୁ ଉଦ୍ଧାର କରି କୋରାଇ ଡାକ୍ତରଖାନାରେ ଚିକିତ୍ସିତ କରିବା ପରେ ଥାନାର ଜିମା ଦେଇଛନ୍ତି। ତେବେ ଉକ୍ତ ଯୁବକ ଜଣକ ଯାଜପୁର ସଦର ଥାନା ଅନ୍ତର୍ଗତ ବରୁଆଁ, ବାଛିଆରୀ ଗ୍ରାମର ନଟିଆ ଦଳେଇଙ୍କ ପୁଅ କଳ୍ପତରୁ (୩୫) ଏବଂ ସେ ଖଞ୍ଜଣୀ ବଜାଇ ଭିକ୍ଷାବୃତ୍ତି କରନ୍ତି ବୋଲି ପୁଲିସ ପ୍ରାଥମିକ ଅନୁସନ୍ଧାନରୁ ଜାଣି ପାରିଛି।

## ନାବାଳିକାକୁ ଗର୍ଭବତୀ କରି ଜେଲ ଗଲେ ଯୁବକ



ପାଣିକୋଇଲି, ୩।୪(ସମିସ): ଜଣେ ନାବାଳିକାକୁ ବିବାହର ପ୍ରଲୋଭନ ଦେଖାଇ ଗର୍ଭବତୀ କରିବା ପରେ ନାବାଳିକା ବିବାହ ଲାଗି ଜିଦ ଧରିବାରୁ ଅଭିଯୁକ୍ତ ଜଣକ ଫେରାର ହୋଇଯିବା ପରେ ନାବାଳିକାଙ୍କ ଅଭିଯୋଗ ଆଧାରରେ ପୁଲିସ ଅଭିଯୁକ୍ତକୁ ବ୍ରହ୍ମପୁରରୁ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରକାଶଯେ ଢେଙ୍କାନାଳ ଜିଲ୍ଲା ଭୁବନ ଥାନା ଅନ୍ତର୍ଗତ ଗଡ଼ବନ୍ଦୀ ଗ୍ରମର ସଞ୍ଜୟ ସେଠୀଙ୍କ ପୁଅ ଲଲାଟ (୨୧) ପାଣିକୋଇଲି ଥାନା ଅଞ୍ଚଳରେ ଏକ ମିଲରେ ଜେସିବି ଅପରେଟର ଭାବେ କାର୍ଯ୍ୟ କରେ। ତେବେ ଉକ୍ତ ମିଲରେ ଅଭିଯୋଗକାରିଣୀ ଏହି ଥାନା ଅନ୍ତର୍ଗତ ଚାନ୍ଦପୁର ଗ୍ରାମରେ ଥିବା ଆଦିବାସୀ ବସ୍ତିର ଜନୈକା ନାବାଳିକା (୧୫)ର ଭାଇ କାର୍ଯ୍ୟ କରୁଥିଲା। ତେବେ ନାବାଳିକାର ଭାଇ ସହିତ ସମ୍ପର୍କ ରଖି ଲଲାଟ ପ୍ରାୟ ସମୟରେ ନାବାଳିକା ଘରକୁ ଯିବା ଆସିବା କରୁଥିଲା। ଇତ୍ୟବସରରେ ନାବାଳିକା ସହିତ ଲଲାଟର ପ୍ରେମ ସମ୍ପର୍କ ସୃଷ୍ଟି ହେବା ପରେ ଲଲାଟ ତାକୁ ବିବାହର ପ୍ରଲୋଭନ ଦେଖାଇ ଶାରିରୀକ ସମ୍ପର୍କ ରଖି ଆସୁଥିଲା। ତେବେ ନାବଳିକା ଜଣକ ଅନ୍ତସତ୍ତ୍ୱା ଥିବାର ଜାଣି ଲଲାଟକୁ ବିବାହ ଲାଗି ଜିଦ ଧରିବାରୁ ଲଲାଟ ନିଜର କର୍ମସଂସ୍ଥାନରୁ ଫେରାର ହୋଇଯିବା ସହିତ ନାବାଳିକାର ଫୋନ ଆଉ ଉଠାଇନଥିଲା। ଏ ନେଇ ନାବାଳିକା ଜଣକ ପାଣିକୋଇଲି ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ୭୩/୨୫ ରୁଜୁ କରିବା ସହିତ ଅଭିଯୁକ୍ତର ନମ୍ବରକୁ ଟ୍ରାକିଙ୍ଗ କରି ବ୍ରହ୍ମପୁରରୁ ଉଠାଇ ଆଣିଥିଲା। ଗୁରୁବାର ଅଭିଯୁକ୍ତ ଲଲାଟକୁ ଅଦାଲତ ଚାଲାଣ କରାଯାଇଛି ବୋଲି ତଦନ୍ତକାରୀ ଅଧିକାରୀ ପ୍ରଶାନ୍ତ କୁମାର ଦାଶ ଜଣାଇଛନ୍ତି।

## ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ

ପାଣିକୋଇଲି, ୩।୪(ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥର ପୁରୁଣା ଥାନା ଠାରୁ ଶହେ ମିଟର ଦୂରରେ ଏକ ଅଜଣା ଗାଡ଼ି ଧକ୍କାରେ ପ୍ରାଣ ହରାଇଥିବା ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହକୁ ପୁଲିସ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ପ୍ରକାଶଯେ ଗୁରୁବାର ସକାଳୁ କିଛି ବ୍ୟକ୍ତି ଉକ୍ତ ସ୍ଥାନରେ ଏକ ମୃତ ଦେହ ଦେଖି ପାଣିକୋଇଲିର ଅଗ୍ରଣୀ ସାମାଜିକ ସଙ୍ଗଠନ 'ଆମେ ଆପଣଙ୍କ ପାଇଁ ହେଲପିଙ୍ଗ' ଗ୍ରୁପକୁ ଖବର ଦେଇଥିଲେ। ସୂଚନା ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ମୃତକ ଜଣଙ୍କ ଲାଲ ରଙ୍ଗର ଟି ସାର୍ଟ ସହିତ ଏକ ହାଫ ପ୍ୟାଣ୍ଟ ପିନ୍ଧିଥିଲେ। ଏ ନେଇ ପାଣିକୋଇଲି ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଯଦି କୌଣସି ବ୍ୟକ୍ତି ମୃତକଙ୍କର ଦାବିଦାର ଥାଆନ୍ତି ତେବେ ପାଣିକୋଇଲି ଥାନାଧିକାରୀଙ୍କ ମୋବାଇଲ ନମ୍ବର ୯୪୩୯୪୧୩୫୭୩ରେ ଦୁଇ ଦିନ ମଧ୍ୟରେ ଜଣାଇବାକୁ ଥାନାଧିକାରୀ ରଞ୍ଜିତ କୁମାର ମହାନ୍ତି ସୂଚନା ଦେଇଛନ୍ତି।

## ବାଛୁରୀ ସହିତ ପିଟି ହୋଇ ଦୁଇ ବାଇକ ଆରୋହୀ ଆହତ

ପାଣିକୋଇଲି, ୩।୪(ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ଚାନ୍ଦପୁର ନିକଟରେ ଥିବା ମହିନ୍ଦ୍ରା ସୋରୁମ ସମ୍ମୁଖରେ ଏକ ବାଛୁରୀ ସହିତ ପିଟି ହୋଇ ଦୁଇ ବାଇକ ଆରୋହୀ ଗୁରୁତର ଆହତ ହୋଇ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନ୍ତରିତ ହୋଇଛନ୍ତି। ତେବେ ଉକ୍ତ ଦୁର୍ଘଟଣାରେ ବାଇକଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଛି। ପ୍ରକାଶଯେ ଗୁରୁବାର ପୂର୍ବାହ୍ନ ୯ଟା ସମୟରେ ଯାଜପୁର ରୋଡ଼ ପଟୁ ପାଣିକୋଇଲି ଅଭିମୁଖେ ଏକ ବାଇକ (ଓଡ଼ି୩୪ଟି୦୬୮୦)ରେ ହରିପୁର ଅଞ୍ଚଳର ଶରତ କୁମାର ମଲ୍ଲିକ ଓ ତାଙ୍କର ସହଯୋଗୀ ଚନ୍ଦନ ମାଝୀ ଆସୁଥିବା ବେଳେ ଏକ ବାଛୁରୀ ବାଇକ ସମ୍ମୁଖକୁ ଚାଲି ଆସିବାରୁ ଧକ୍କା ଲାଗି ଉଭୟ ରାସ୍ତା ଉପରେ ପଡ଼ି ଆହତ ହୋଇଥିଲେ। ଖବର ପାଇ ରାଜପଥ ପାଟ୍ରୋଲିଂ ପୁଲିସ ଓ ଆମେ ଆପଣଙ୍କ ପାଇଁ ହେଲପିଙ୍ଗ ଗ୍ରୁପର ସ୍ୱେଚ୍ଛାସେବୀ ମାନେ ପହଞ୍ଚି ଦୁଇ ଯୁବକଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ପୁଲିସ ଦୁର୍ଘଟଣାଗ୍ରସ୍ତ ବାଇକ ଜବତ କରିଛି।

## ଯାଜପୁର ପୁଲିସ ତରଫରୁ ମୋବାଇଲ ମେଳା



**ପାଣିକୋଇଲି, ୩।୪(ସମିସ):** ଯାଜପୁର ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରୁ ଚୋରି ହୋଇଥିବା ମୋବାଇଲ ଫୋନକୁ ପ୍ରକୃତ ମାଲିକଙ୍କ ପାଖରେ ପହଞ୍ଚାଇବା ଲାଗି ଯାଜପୁର ପୁଲିସର ଏକ ମୋବାଇଲ ମେଳା କାର୍ଯ୍ୟକ୍ରମ ପାଣିକୋଇଲିସ୍ଥିତ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି। ଉକ୍ତ ମେଳାରେ ଜିଲ୍ଲାର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅନିରୁଦ୍ଧ ରାଉତରାୟ ଯୋଗ ଦେଇ ବିଭିନ୍ନ ଥାନା ପକ୍ଷରୁ ଉଦ୍ଧାର ହୋଇଥିବା ୪୮ଟି ମୋବାଇଲ ଫୋନ ମଧ୍ୟରୁ ମେଳାକୁ ଆସିଥିବା ୧୦ ଜଣ ବ୍ୟକ୍ତିଙ୍କୁ ସେମାନଙ୍କ ମୋବାଇଲ ଫୋନ ପ୍ରଦାନ କରିଥିଲେ। ବାକି ୩୮ ଫୋନ ଗୁଡ଼ିକୁ ପ୍ରକୃତ ମାଲିକ ଉପଯୁକ୍ତ ପ୍ରମାଣ ଦେଇ ନିଜ ନିଜ ଥାନାରୁ ନେଇଯିବେ ବୋଲି ଶ୍ରୀ ରାଉତରାୟ ପ୍ରକାଶ କରିଥିଲେ। ଜିଲ୍ଲାର କଳିଙ୍ଗନଗର, ବିଞ୍ଝାରପୁର, ଯାଜପୁର ସଦର, କୋରାଇ, ଧର୍ମଶାଳା, ପାଣିକୋଇଲି ଥାନାରୁ ଏକ ବର୍ଷ ମଧ୍ୟରେ ଉକ୍ତ ମୋବାଇଲ ଗୁଡ଼ିକ ଚୋରି ହୋଇଥିବାର ସମ୍ପୃକ୍ତ ଥାନାରେ ଅଭିଯୋଗ ହୋଇଥିଲା। ପରେ ଏହି ମୋବାଇଲ ଗୁଡ଼ିକ ଟ୍ରାକିଙ୍ଗ କରି ଧରାଯାଇଥିଲା। ଯାଜପୁର ଜିଲ୍ଲା ପୁଲିସ ଇତିହାସରେ ପ୍ରଥମ ଥର ପାଇଁ ଏଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଅଛି ବୋଲି ଅତିରିକ୍ତ ଏସପି ସାମ୍ବାଦିକ ସମ୍ମିଳନୀରେ ଜଣାଇବା ସହିତ ସାଧାରଣ ଜନତାଙ୍କୁ ସେଣ୍ଟ୍ରାଲ ଇକ୍ୱିପମେଣ୍ଟ ଆଇଡେ଼ଣ୍ଟି ରେଜିଷ୍ଟର ମୋବାଇଲ ଆପ ବିଷୟରେ ସୂଚନା ପ୍ରଦାନ କରିଥିଲେ। ଯାହାର ମୋବାଇଲ ଫୋନ ଚୋରି ହୋଇଛି ଥାନାକୁ ନ ଯାଇ ଉକ୍ତ ଆପ ମାଧ୍ୟମରେ ଚୋରି ହୋଇଯାଇଥିବା ମୋବାଇଲର ଆଇଏମଆଇଇ ନମ୍ବରକୁ ରେଜିଷ୍ଟ୍ରେସନ କରିବାକୁ ଅନୁରୋଧ କରିଥିଲେ। ଯାହାଦ୍ୱାରା ଉକ୍ତ ଅଭିଯୋଗଟି ସିଧା ପୁଲିସ ମୁଖ୍ୟାଳୟରେ ପହଞ୍ଚି ପାରିବ ଓ ପୁଲିସ ଉକ୍ତ ମୋବାଇଲକୁ ଟ୍ରାକିଙ୍ଗ କରି ପ୍ରକୃତ ମାଲିକଙ୍କୁ ଫେରାଇପାରିବ। ଉକ୍ତ ମେଳାରେ ରିଜର୍ଭ ଇନିସପେକ୍ଟର ଦିନେଶ କୁମାର ସାହୁଙ୍କ ସମେତ ବିଭିନ୍ନ ଥାନାର କର୍ମଚାରୀ ମାନେ ଉପସ୍ଥିତ ଥିଲେ।

## ଓଡ଼ିଶା ବିକଳାଙ୍ଗ ମଞ୍ଚ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର



ସୁକିନ୍ଦା, ୩।୪(ସମିସ): ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ବିଭିନ୍ନ ଯୋଜନାର ସଫଳ ରୂପାୟନ କରିବା ଦାବିରେ ବିକଳାଙ୍ଗ ମଞ୍ଚ ପକ୍ଷରୁ ଶତାଧିକ ଭିନ୍ନକ୍ଷମ ପୁରୁଷ ଓ ମହିଳା ସୁକିନ୍ଦା ବିଡ଼ିଓଙ୍କୁ ଭେଟି ୫ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ଜଣେ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଏକକ ପରିବାରର ମାନ୍ୟତା ଦେଇ ତାଙ୍କୁ ଅନ୍ତୋଦୟ ଅନ୍ନ ଯୋଜନାରେ ଅନ୍ତୋଦୟ କାର୍ଡ ଯୋଗାଇ ଦେବା, ସରକାରଙ୍କ ଆବାସ ଯୋଜନାରେ ସେମାନଙ୍କ ନିମନ୍ତେ ୫ ପ୍ରତିଶତ ସଂରକ୍ଷଣ କରିବା ସହ ସମସ୍ତ ଭିନ୍ନକ୍ଷମଙ୍କୁ ପକ୍କାଘର ଯୋଗାଇ ଦେବା, ବସୁନ୍ଧରା ଯୋଜନାରେ ଘରଡିହ ପଟ୍ଟା ଯୋଗାଇ ଦେବା ଓ ବିଭିନ୍ନ ପଞ୍ଚାୟତରେ ଥିବା ସରକାରୀ ମାର୍କେଟ କମ୍ପ୍ଲେକ୍ସ ଗୃହ ଯୋଗାଇ ଦେବା ଆଦି ୫ ଦଫା ଦାବି ସମ୍ବଳିତ ଦାବିପତ୍ର ବିଡ଼ିଓଙ୍କୁ ପ୍ରଦାନ କରିଛନ୍ତି। ଏହି ଦାବି ଗୁଡ଼ିକ ଉପରେ ଅନୁଧ୍ୟାନ କରି ଆବଶ୍ୟକୀୟ ପଦକ୍ଷେପ ନେବାକୁ ସରକାରଙ୍କୁ ନିବେଦନ କରିଛନ୍ତି।

## ଅଷ୍ଟପ୍ରହରୀ ନାମଯଜ୍ଞ

ପାଣିକୋଇଲି, ୩।୪(ସମିସ): ପାଣିକୋଇଲି ପଞ୍ଚାୟତ ଅନ୍ତର୍ଗତ ଅଳତିରୀ ଗ୍ରାମର ଗ୍ରାମଦେବତୀ ମା' ଜାଗୁଲାଇଙ୍କ ପୀଠରେ ୬୩ତମ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ନାମଯଜ୍ଞରେ ହାଟସାହି, ବାଙ୍କସାହି, ମତାବାଜ, କେଉଟନଗୁଆଁ, ରଙ୍ଗରଙ୍ଗା, ନୂଆଗାଁ, କତରାପୁର, ପାଣିକୋଇଲି ଓ ଅଳତିରି ଗ୍ରାମର ଗୌରଭକ୍ତ ମାନେ ନାମ ସଂକୀର୍ତ୍ତନ କରିଥିଲେ। ଗ୍ରାମର ସମସ୍ତ ଗ୍ରାମବାସୀଙ୍କ ସମେତ ସ୍ଥାନୀୟ ଆଦର୍ଶ ଯୁଥ କ୍ଲବର ସଦସ୍ୟ ମାନେ ଉପସ୍ଥିତ ରହି ସଂକୀର୍ତ୍ତନ ପରିଚାଳନାରେ ସହଯୋଗ କରିଥିଲେ।

## ସରପଞ୍ଚଙ୍କ ସ୍ୱାମୀ ନାମରେ ଅସଦାଚରଣ ଅଭିଯୋଗ

ବିଞ୍ଝାରପୁର, ୩।୪(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ କଲ୍ୟାଣପୁର ସରପଞ୍ଚଙ୍କ ସ୍ୱାମୀ ସ୍ମୃତି ରଞ୍ଜନ ନାୟକଙ୍କ ନାମରେ ଆସିଛି ଅସଦାଚରଣ ଅଭିଯୋଗ। ଖୋଦ୍ ଉକ୍ତ ପଞ୍ଚାୟତରେ କାର୍ଯ୍ୟରତ ପିଇଓ ପ୍ରୀତି ପିନାକି ଦଳାଇ ଲିଖିତ ଅଭିଯୋଗ ବିଡିଓ ହିତାଂଶୁ ଶେଖର ନାୟକଙ୍କୁ ପ୍ରଦାନ କରିଛନ୍ତି। ପିଇଓଙ୍କ ଅଭିଯୋଗ ମୁତାବକ ବ୍ଲକ ଅଫିସ କାର୍ଯ୍ୟାଳୟରେ କାର୍ଯ୍ୟରେ ବ୍ୟସ୍ତ ଥିବା ବେଳେ ବିଲ୍ କରିବା ପାଇଁ ସରପଞ୍ଚଙ୍କ ସ୍ୱାମୀ ତାଙ୍କୁ କାର୍ଯ୍ୟାଳୟ ପରିସରରେ ପହଞ୍ଚି ଗାଳି ଗୁଲଜ କରିବା ସହ ଅସଦାଚରଣ ବ୍ୟବହାର କରିଛନ୍ତି। ଏହି ଘଟଣାଟି ବିଡିଓଙ୍କ ସମ୍ମୁଖରେ ଘଟିଥିବା କଥା ପିଇଓ ପ୍ରକାଶ କରିଛନ୍ତି। ଘଟଣାଟିର ମୁକସାକ୍ଷୀ ପାଲଟିଥିବା ବିଡ଼ିଓ ଶ୍ରୀ ସାମଲ ମାମଲାଟିକୁ ଥାନାକୁ ପ୍ରେରଣ କରିବା ସହ ଜଣେ ସରକାରୀ କର୍ମଚାରୀଙ୍କୁ ଏପରି ବ୍ୟବହାର ଦେଖାଇଥିବା ସରପଞ୍ଚଙ୍କ ସ୍ୱାମୀଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଘଟଣାଟି ଥାନାରେ ପହଞ୍ଚିବା ପରେ ବିଞ୍ଝାରପୁର ଥାନା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ ପୂର୍ବରୁ ମଧ୍ୟ ସବୁବେଳେ ଚର୍ଚ୍ଚାରେ ରହି ଆସିଛନ୍ତି ସରପଞ୍ଚଙ୍କ ସ୍ୱାମୀ ଶ୍ରୀ ନାୟକ। ସରପଞ୍ଚଙ୍କ ସ୍ଥାନରେ ତାଙ୍କ ସ୍ୱାମୀଙ୍କ ମାତ୍ରାଧିକ ରାଜୁତି କରିବା ନେଇ ବାରମ୍ବାର ସେ ବିବାଦରେ ଛନ୍ଦି ହେଉଥିବା କଥା ନେଇ ପଞ୍ଚାୟତବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

# ବିଭିନ୍ନ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ

ମଙ୍ଗଳପୁର, ୩।୪(ସମିସ)




ଦଶରଥପୁର ବ୍ଲକ ମଙ୍ଗଳପୁରସ୍ଥିତ ମହତାବ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରବେଶ ତଥା ଖଡ଼ିଛୁଆଁ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ରଜନୀକାନ୍ତ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଅଭିଭାବକମାନେ ନିଜର ପିଲାମାନଙ୍କୁ ନେଇ ବିଦ୍ୟାଳୟରେ ପହଞ୍ଚିବାରେ ସେମାନଙ୍କୁ ଫୁଲ ଚନ୍ଦନ ବନ୍ଦାପନା କରିବା ସହ ଖଡ଼ି ଛୁଆଇଁ ବ୍ରହ୍ମା ବିଷ୍ଣୁ ମହେଶ୍ୱର ଶିକ୍ଷା ଦାନ ପୂର୍ବକ ଅକ୍ଷର ଚିହ୍ନା ରତ୍ନ ବୃକ୍ଷ୍ୟ ଆଦି ଚିହ୍ନଟ କରାଇଥିଲେ। ଉପସ୍ଥିତ ସମସ୍ତଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଶିକ୍ଷକ ଦଶରଥ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ବରେଇ ସରକାରୀ ପ୍ରାଥମିକ ବିଦ୍ୟାଳୟ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ତିଳକ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷାବିତ ଅକ୍ଷୟ କୁମାର ଧଳ, ମୁଖ୍ୟବକ୍ତା ଭାବେ ଲଳିତ କୁମାର ଧଳ, ସମ୍ମାନିତ ଅତିଥି ଜଗବନ୍ଧୁ ଜେଠୀ ଯୋଗ ଦେଇଥିଲେ। ପରିଚାଳନା କମିଟି ସଭାପତି ତପନ ମିଶ୍ର, ସଭ୍ୟ ରମେଶ ବାହାଲ, ଅଲେଖ ବାହାଲ, ପର୍ଶୁରାମ ବେହୁରିଆ, ଗୋବିନ୍ଦ ବେହେରା, ମାନସ ସାହୁ, କୈଳାଶ ରାଉଳ ଉପସ୍ଥିତ ଥିଲେ। ସହକାରୀ ଶିକ୍ଷକ ଅଭିମନ୍ୟୁ ବାରିକ ଧନ୍ୟବାଦ ଦେଇଥିଲେ। କଣିପାଳ ସରକାର ବିଦ୍ୟାଳୟରେ ପ୍ରଧାନଶିକ୍ଷକ ପ୍ରଦୀପ ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରବେଶ ଉତ୍ସବରେ ସହକାରୀ ଶିକ୍ଷକ ପ୍ରକାଶ ରାଉତ ଉପସ୍ଥିତ ଥିଲେ।

**ଶଙ୍ଖଚିଲା:** କୋରେଇ ବ୍ଲକ ହିଙ୍ଗୁଳା ହାଇସ୍କୁଲରେ ପ୍ରଧାନଶିକ୍ଷକ ଅଭିଜିତ ବାରିକଙ୍କ ତତ୍ତ୍ୱାବଧାନରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ସମ୍ପନ୍ନ ହୋଇଛି। ଏହି କାର୍ଯ୍ୟକ୍ରମରେ ଶୁଭସ୍ମିତା ସାହୁ, ମଧୁସ୍ମିତା ମହାନ୍ତି, ନୟନଦୀପ୍ତ ବେହେରା, ବିଜୟ କୁମାର ଖିଲାର, ରଶ୍ମିତା ବେହେରା, ସରଗଫୁଲ ପଣ୍ଡା, ଜ୍ୟୋତ୍ସ୍ନାରାଣୀ ସାହୁ, ସ୍ୱର୍ଣ୍ଣପ୍ରଭା ବେହେରା, ବାବୁଲାଲ ଦାସ, ପ୍ରଦୀପ କୁମାର ବୋଇତାଇ ଶିକ୍ଷକ ଶିକ୍ଷୟତ୍ରୀଙ୍କ ସମେତ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ।

**କର୍ୟାଁଗୋଲା:** କମାରଡ଼ିହି ପଞ୍ଚାୟତସ୍ତ କେଳାଙ୍ଗ ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଗୁରୁବାର ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ପର୍ବ ସକାଳ ୭ ଟାରୁ ଦିନ ୧୦ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୁମ୍ବି ବଇପାଇ, ଶିକ୍ଷୟତ୍ରୀ ମିନତୀରାଣୀ ଓଝା, ସହକାରୀ ଶିକ୍ଷକ ଅଜୟ କୁମାର ଦତ୍ତ, ଶୁଭଙ୍ଗୀ ମଲ୍ଲିକ, କୁମାର ରାୟ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଶ୍ୱିନୀ ବିଶ୍ୱାଳ, କେଳାଙ୍ଗ ୧ ନମ୍ବର ଅଙ୍ଗନବାଡି କର୍ମୀ ସୌଦାମିନୀ ବିଶ୍ୱାଳ, ଛାତ୍ରଛାତ୍ରୀଙ୍କ ଅଭିଭାବକ ସମେତ ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରଧାନଶିକ୍ଷକ ସବିଶେଷ ଆଲୋଚନା କରିଥିଲେ। ଉପସ୍ଥିତ ସମସ୍ତ ଛାତ୍ର ଛାତ୍ରୀଙ୍କୁ ମିଷ୍ଟାନ ବଣ୍ଟନ କରାଯାଇଥିଲା।

**ବରୀ:** ବରୀ ଶିକ୍ଷା ମଣ୍ଡଳ ଅଧୀନ ଅଭିମନ୍ୟୁ ବାଲିଆ ନିମ୍ନ ମୌଳିକ ବିଦ୍ୟାଳୟରେ ବିଦ୍ୟା ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବୁଧବାର ପୂର୍ବାହ୍ନରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଥମେ ଆଦିଦେବ ଗଜାନନ ଗଣେଶଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ପରେ ପରେ ନୂତନ କରି ବିଦ୍ୟାଳୟରେ ପ୍ରବେଶ କରିଥିବା ଶିଶୁ ମାନଙ୍କୁ ଗୁରୁଜୀ, ଗୁରୁମା ମାନେ ଫୁଲ ଓ ଅକ୍ଷତ ସିଞ୍ଚନ କରି ଆଶୀର୍ବାଦ କରି ଖଡ଼ି ଧରାଇ ସିଲଟରେ ପ୍ରଥମେ ଓଁ ଲେଖାଇଥିଲେ। କୁନି କୁନି ପିଲା ମାନଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପରିବେଷଣ ମନ ମୁଗ୍ଧକର ହୋଇଥିଲା। ମଧ୍ୟାହ୍ନରେ ଶିଶୁ ଏବଂ ଅଭିଭାବକ ମାନଙ୍କୁ ପ୍ରସାଦ ସେବନରେ ଆପ୍ୟାୟିତ କରାଯାଇଥିଲା। ସମସ୍ତ କାର୍ଯ୍ୟ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପ୍ରତିମା ବିଶ୍ୱାଳ, ସହକାରୀ ଶିକ୍ଷକ ଚକ୍ରଧର ସାର୍ ଓ ତୁଳସୀ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ସମଗ୍ର ବରୀ ଶିକ୍ଷା ମଣ୍ଡଳ ଅଧୀନରେ ୧୩୫ ଗୋଟି ବିଦ୍ୟାଳୟରେ ୬୭୭ ନୂତନ ଛାତ୍ରଛାତ୍ରୀ ମାନଙ୍କର ବିଦ୍ୟାରମ୍ଭ କରାଯାଇଥିବା ସୂଚନା ମିଳିଛି।

**ଧର୍ମଶାଳା:** ଧର୍ମଶାଳା ବ୍ଲକ ଚୋରମୁହାଁ ପଞ୍ଚାୟତ ବଡମଙ୍ଗଳପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ପ୍ରବେଶ ଉତ୍ସବ ଓ ଖଡିଛୁଆଁ ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରଭାତ କୁମାର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମୋ ସ୍କୁଲର ଅଧକ୍ଷ ଚିତ୍ତରଞ୍ଜନ ଜେନା ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଶିଶୁ ବାଟିକାରେ ୧୪ଜଣ ଓ ପ୍ରଥମ ଶ୍ରେଣୀରେ ଜଣେ ନାମ ଲେଖାଇଥିଲେ। ପ୍ରତ୍ୟେକ ପିଲାଙ୍କୁ ଫୁଲ ଚନ୍ଦନ ଓ ମିଠା ଖୁଆଇ ସ୍ୱାଗତ କରିବା ସହିତ ଖଡିଛୁଆଁ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଏମଏମସି ଅଧକ୍ଷ ହରିଶ ସାମଲ, ପୂର୍ବତନ ଏମଏମସି ଅଧକ୍ଷ ଉଦୟ ପାଲ, ସାମ୍ବାଦିକ ଅବିନେଶ୍ୱର ଶତପଥୀ, ଚନ୍ଦନ କୁମାର ରାଉତ, ସୁରେଶ ମଲିକ, ମାମିନା ତରାଇ, ଅବସରପ୍ରାପ୍ତ ଶିକ୍ଷକ ମହମ୍ମଦ ଅଜିଜୁଲ୍ଲା, ସେକ ଅନୱାର, ସେକ ମୁଖତାର, ତୁଳସୀ ସାହୁ, ସମସାରା ବେଗମ, ଶିକ୍ଷୟିତ୍ରୀ ନିବେଦିତା ଦାଶ, ବାସନ୍ତୀ ଶତପଥୀ, ଅଭୟ ସ୍ୱାଇଁ, ସୁଦୀପ୍ତା ପ୍ରିୟଦର୍ଶନୀ ଦାଶ, ସେକ ରହିମୁଦ୍ଦିନ, ପୁଷ୍ପଲତା ପଲେଇ, ପ୍ରଭାମଣୀ ରାଉତ, ଲକ୍ଷ୍ମୀ ରାଉତ, ବିଦୁଲତା ମହାନ୍ତି, କୁନି ସାହୁ, ଭାଗ୍ୟଶ୍ରୀ ରାଉଳ, ସତ୍ୟଭାମା ସାମଲ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



**ଜେନାପୁର:** ଧର୍ମଶାଳା ବ୍ଲକ ଅନ୍ତର୍ଗତ ବାଉଁଶ ଅଣ୍ଡା ଆଞ୍ଚଳିକ ସାଧନ କେନ୍ଦ୍ର ଅନ୍ତର୍ଗତ ନାରାୟଣପୁର ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡି ଛୁଆଁ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇ ଯାଇଛି। ବାଲ ବାଟିକା ଓ ପ୍ରଥମ ଶ୍ରେଣୀରେ ନାମ ଲେଖାଇବା ପାଇଁ ଥିବା ଛାତ୍ରଛାତ୍ରୀ ମାନଙ୍କୁ ଫୁଲ, ଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା। ଶ୍ରେଣୀ କୋଠରୀରେ ଏହି ନବାଗତ ଛାତ୍ରଛାତ୍ରୀଙ୍କ ପାଇଁ ତିନି ଗୋଟି ଷ୍ଟଲ ତିଆରି ହୋଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ରଘୁନାଥ ଦେହୁରୀ ସଭାପତିତ୍ୱରେ ଆୟୋଜିତ ସଭାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଲଳିତ କୁମାର ସ୍ୱାଇଁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁରେଶ କୁମାର ଲେଙ୍କା, ସିଆରସିସି ମାନସ କୁମାର ପ୍ରଧାନ, ଦୁଇ ଅଙ୍ଗନବାଡି କର୍ମୀ, ସହାୟିକା, ଅଭିଭାବକ, ବିଦ୍ୟାଳୟର ଶିକ୍ଷକ ପ୍ରଫୁଲ୍ଲ ଘଡ଼େଇ, ଅରୁଣ କୁମାର ଦାସ, ପରମାନନ୍ଦ ସାମଲ, ଶିକ୍ଷୟିତ୍ରୀ ସ୍ନେହମିତ୍ରା ସାମନ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମ ଆଉ ଦୁଇ ଦିନ ଧରି ଚାଲିବ ବୋଲି ବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ଆରମ୍ଭ ହେଲା ମା' ବୁଢ଼ୀ ଠାକୁରାଣୀ ଯାତ୍ରା

## ଘଣ୍ଟ-ଘଣ୍ଟା, ଭେରୀ-ତୂରୀ, ମର୍ଦ୍ଦଳ-ଜୟକାରରେ କମ୍ପିଲା ଗଗନ ପବନ




ବ୍ରହ୍ମପୁର, ୩।୪(ସମିସ): ବିଶ୍ୱପ୍ରସିଦ୍ଧ ବ୍ରହ୍ମପୁର ମା' ବୁଢ଼ୀ ଠାକୁରାଣୀ ଯାତ୍ରା ଗୁରୁବାର ମଧ୍ୟରାତ୍ରିରୁ ଆରମ୍ଭ ହୋଇଛି। ଘଣ୍ଟ-ଘଣ୍ଟା, ଭେରୀ-ତୂରୀ, ମର୍ଦ୍ଦଳ-ଗିନି ଓ ମା'ଙ୍କ ଜୟକାରରେ ସମଗ୍ର ଅଞ୍ଚଳ କମ୍ପି ଉଠିଛି। ଦୁଇ ବର୍ଷରେ ମା'ଙ୍କ ଆଗମନକୁ ନେଇ ସମଗ୍ର ସହରରେ ଆଧ୍ୟାତ୍ମିକ ପରିବେଶ ଦେଖାଦେଇଛି। କହିବାକୁ ଗଲେ, ନୂଆ ଉତ୍ସାହ ଓ ଉଦ୍ଦୀପନା ନେଇ ଆସିଛି ମା' ବୁଢ଼ୀ ଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରା। ଏନେଇ ସହରବ୍ୟାପୀ ମା'ଙ୍କ ପାଇଁ ସ୍ୱତନ୍ତ୍ର ପ୍ରସ୍ତୁତି ଦେଖାଦେଇଛି। ମା' ଓ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଥିବା ଭାବଗତ ସମ୍ପର୍କ ସ୍ପଷ୍ଟ ବାରି ହୋଇଛି। ଦୁଇବର୍ଷର ଅପେକ୍ଷା ପରେ ଅସ୍ଥାୟୀ ମଣ୍ଡପରେ ମା'ଙ୍କୁ ଦର୍ଶନ କରିବେ ଶ୍ରଦ୍ଧାଳୁ। ସେହିପରି ମାନସିକଧାରୀମାନେ ମଧ୍ୟ ବିଭିନ୍ନ ବେଶ ଧାରଣ କରି ସେମାନଙ୍କ ମାନସିକ ପୂରଣ କରିବେ। ଏଥିପାଇଁ ଚାରିଆଡ଼େ ଉତ୍ସାହ ଭରି ରହିଛି। ଏପ୍ରିଲ୍ ୩ ତାରିଖରୁ ଆରମ୍ଭ ହୋଇଥିବା ଯାତ୍ରା ୨୮ ତାରିଖରେ ଶେଷ ହେବ। ୨୬ ଦିନର ଯାତ୍ରା ମଧ୍ୟରେ ମା' ବିଭିନ୍ନ ଅଞ୍ଚଳ ପରିଭ୍ରମଣ କରିବେ। ଏଥିପାଇଁ ବାପଘର ଦେଶୀବେହେରାଙ୍କ ସମେତ ମାଉସୀ ଘର ଓ ଅନ୍ୟାନ୍ୟ ସାହି ବାସିନ୍ଦାଙ୍କ ପକ୍ଷରୁ ପ୍ରସ୍ତୁତିକୁ ଚୂଡ଼ାନ୍ତ ରୂପ ଦିଆଯାଇଛି। ଅନ୍ୟପକ୍ଷରେ ଯାତ୍ରା ପୂର୍ବରୁ ମା'ଙ୍କ ମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି ମଧ୍ୟ ସଂପନ୍ନ ହୋଇଛି। ସୁରକ୍ଷା ଓ ଶାନ୍ତିଶୃଙ୍ଖଳା ଦୃଷ୍ଟିକୋଣରୁ ବିଭିନ୍ନ ସ୍ଥାନରେ ବ୍ୟାପକ ପୁଲିସ୍ ମୁତୟନ କରାଯାଇଛି।

# ବୃତ୍ତିଗତ ଶିକ୍ଷା ଲାଭ କରିବେ ଆଦିବାସୀ ଛାତ୍ରଛାତ୍ରୀ

## ମଣିପାଲ ଫାଉଣ୍ଡେସନ୍ ଓ ଏସ୍ଏଲଏସ୍ ଟ୍ରଷ୍ଟ ମଧ୍ୟରେ ବୁଝାମଣା ସ୍ୱାକ୍ଷରିତ

କଟକ, ୩।୪(ସମିସ): ମଣିପାଲ ଫାଉଣ୍ଡେସନ୍ ଓ ଏସଏଲଏସ ଟ୍ରଷ୍ଟ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଏହି ବୁଝାମଣାପତ୍ର ଅନୁସାରେ ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାର ଆଦିବାସୀ ଛାତ୍ରଛାତ୍ରୀଙ୍କୁ ବୃତ୍ତିଗତ ପାଠ୍ୟକ୍ରମ ପାଇଁ 'ଆଖ୍ୟାୟନ ଆଣ୍ଡ ଅଚିଭ ସ୍କଲାରସିପ ପ୍ରୋଗ୍ରାମ'ର ଶୁଭାରମ୍ଭ କରାଯିବ। ଏହାଦ୍ୱାରା ଆଦିବାସୀ ଛାତ୍ରଛାତ୍ରୀମାନେ ଅଲାଇଡ୍ ହେଲଥ, ବିବିଏ ଓ ବିସିଏରେ ବିଏସସି ଭଳି ପାଠ୍ୟକ୍ରମର ସୁବିଧା ପାଇପାରିବେ। ୨୦ଜଣ ଅର୍ଥନୈତିକ ଅନଗ୍ରସର ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ଏହି ଛାତ୍ରବୃତ୍ତି ପ୍ରଦାନ କରାଯିବ। ଆଲାଏଡ୍ ହେଲଥ ପ୍ରୋଗ୍ରାମରେ କ୍ଲିନିକାଲ ସାଇକୋଲୋଜି, କାର୍ଡିଓ ଭାସ୍କୁଲାର ଟେକ୍ନୋଲୋଜି, ମେଡିକାଲ ଇମେଜିଂ ଟେକ୍ନୋଲୋଜି, ରେନାଲ ରିପ୍ଲେସମେଣ୍ଟ ଥେରାପି ଏବଂ ଡାଏଲିସି ଟେକ୍ନୋଲୋଜି ଓ ଅପ୍ଟୋମେଟ୍ରି ଇତ୍ୟାଦିରେ ବିଏସସି ପାଠ୍ୟକ୍ରମ ଅନ୍ତର୍ଭୁକ୍ତ। ମଣିପାଲ ଏକାଡେମୀ ଅଫ୍ ହାୟର ଏଜୁକେସନ୍ (ଏମଏଇ)ର ଏକ ଅଂଶ ମଣିପାଲ ଟାଟା ମେଡିକାଲରେ ଏହି ପାଠ୍ୟକ୍ରମ ଉପଲବ୍ଧ ହେବ। ସିକିମ ମଣିପାଲ ବିଶ୍ୱବିଦ୍ୟାଳୟ(ଏସଏମୟୁ)ରେ ବିବିଏ ଏବଂ ବିସିଏ ପାଠ୍ୟକ୍ରମ ଉପଲବ୍ଧ ହେବ।



ମଣିପାଲ ଫାଉଣ୍ଡେସନର ଟ୍ରଷ୍ଟି ଡକ୍ଟର ରଞ୍ଜନ ଆର. ପାଇ କହିଛନ୍ତି, ମଣିପାଲ ଫାଉଣ୍ଡେସନ ସାମଗ୍ରିକ ଏବଂ ନିରନ୍ତର ପଦକ୍ଷେପ ମାଧ୍ୟମରେ ଆମ ସମାଜକୁ ସଶକ୍ତ କରିବାକୁ ପ୍ରତିଶ୍ରୁତିବଦ୍ଧ। ଗୁଣାତ୍ମକ ଶିକ୍ଷାକୁ ସମାନ ଭାବରେ ଉପଲବ୍ଧ କରି ଆମେ ବଞ୍ଚିତ ଛାତ୍ରଛାତ୍ରୀଙ୍କ ଉନ୍ନତି ସାଧନ ଦ୍ୱାରା ସମାଜରେ ପରିବର୍ତ୍ତନ ଆଣିବାକୁ ଲକ୍ଷ୍ୟ ରଖୁଛୁ। ଏସଏଲଏସ ଟ୍ରଷ୍ଟର ଅଧ୍ୟକ୍ଷ ଉଚିଶ୍ରୀ ମୁର୍ମୁ କହିଛନ୍ତି, ଛାତ୍ରଛାତ୍ରୀଙ୍କ ମନରେ ଶିକ୍ଷା ମାଧ୍ୟମରେ କୌତୂହଳ ସୃଷ୍ଟି କରି ଏବଂ ମୂଳ ମୂଲ୍ୟବୋଧ ସୃଷ୍ଟି କରି ସେମାନଙ୍କୁ ସଶକ୍ତ କରୁଛୁ। ଏହି ଅଞ୍ଚଳର ଯୁବକଙ୍କୁ ପ୍ରଶିକ୍ଷିତ କରାଇବା ଆମର ଲକ୍ଷ୍ୟ ରହି ଆସିଛି। ଏସଏଲଏସ ଟ୍ରଷ୍ଟର ଉନ୍ନୟନ ସଂଯୋଜକ ସୁବୋଧ କୁମାର କହିଛନ୍ତି, "ଆମେ ମଣିପାଲ ଫାଉଣ୍ଡେସନର ଏହି ସହଯୋଗ ପାଇଁ କୃତଜ୍ଞ। ଏହା ଦ୍ୱାରା କେବଳ ଏହି ୨୦ ଜଣ ଛାତ୍ରଛାତ୍ରୀ ଏବଂ ସେମାନଙ୍କ ପରିବାର ଜୀବନରେ ପରିବର୍ତ୍ତନ ଆସିବ ନାହିଁ, ଅଧିକନ୍ତୁ ସେମାନେ ଅନ୍ୟମାନଙ୍କ ପାଇଁ ମଧ୍ୟ ଆଦର୍ଶ ପାଲଟିବେ। ସୂଚନାଯୋଗ୍ୟ ଯେ, ମଣିପାଲ ଫାଉଣ୍ଡେସନ ହେଉଛି ମଣିପାଲ ଏଜୁକେସନ ଆଣ୍ଡ ମେଡିକାଲ ଗ୍ରୁପର ଏକ ଶାଖା। ଏସଏଲଏସ ଟ୍ରଷ୍ଟ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତିଙ୍କ ଉନ୍ନତି ନିମନ୍ତେ ମୟୂରଭଞ୍ଜ ଓ ଅନ୍ୟାନ୍ୟ ଅଞ୍ଚଳରେ ଅନ୍ୟାନ୍ୟ ପଛୁଆ ବର୍ଗ ଓ ସଂଖ୍ୟାଲଘୁ ସମ୍ପ୍ରଦାୟ ପାଇଁ ନିରନ୍ତର କାର୍ଯ୍ୟ କରି ଆସୁଛି। ଦୁର୍ଗମ ଅଞ୍ଚଳରେ ଏହାର ଶିକ୍ଷାକେନ୍ଦ୍ର ମାଧ୍ୟମରେ ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ଚୟନ କରିବା ଉପରେ ଟ୍ରଷ୍ଟ ଗୁରୁତ୍ୱ ଦେଉଛି।

# ଅବଶିଷ୍ଟାଂଶ...

### ୨୫ ହଜାର...

ସରକାର ଏହାକୁ ଚ୍ୟାଲେଞ୍ଜ କରିଥିଲା ବେଳେ ପ୍ରଧାନବିଚାରପତି ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଏବଂ ଜଷ୍ଟିସ୍ ପି ଭି ସଞ୍ଜୟ କୁମାରଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ଉପରୋକ୍ତ ରାୟ ଦେଇଛନ୍ତି। ସୁପ୍ରିମ୍‌କୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ପୂର୍ବରୁ ନିଯୁକ୍ତି ପାଇଥିବା ବ୍ୟକ୍ତିମାନଙ୍କୁ ଚାକିରି ସମୟରେ ପାଇଥିବା ଦରମା ଫେରାଇବାକୁ ପଡିବ ନାହିଁ। ଏହାବ୍ୟତୀତ ନୂତନ ଚୟନ ପ୍ରକ୍ରିୟା ୩ ମାସ ମଧ୍ୟରେ ଆରମ୍ଭ କରି ଏହାକୁ ସମାପ୍ତ କରିବାକୁ ପଡିବ। ପୂର୍ବ ପ୍ରକ୍ରିୟାର ପ୍ରାର୍ଥୀଙ୍କ ପାଇଁ ନୂତନ ଚୟନ ପ୍ରକ୍ରିୟାରେ ମଧ୍ୟ ଛାଡ଼ ହୋଇପାରେ।ସିବିଆଇ ତଦନ୍ତ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ ବିରୋଧରେ ପଶ୍ଚିମବଙ୍ଗ ରାଜ୍ୟ ଦ୍ୱାରା ଦାଖଲ କରାଯାଇଥିବା ସ୍ୱତନ୍ତ୍ର ଅନୁମତି ଆବେଦନର ମଧ୍ୟ କୋର୍ଟ ଏପ୍ରିଲ ୪ ତାରିଖରେ ପୃଥକ ଭାବରେ ଶୁଣାଣି କରିବେ ବୋଲି କହିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ୨୫,୭୫୩ ଜଣ ଶିକ୍ଷକ ଏବଂ ସ୍କୁଲ କର୍ମଚାରୀଙ୍କ ଚାକିରି ସମାପ୍ତ କରିବା ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରାଯାଇଥିଲା ବେଳେ ଦୁର୍ନୀତି ମାଧ୍ୟମରେ ନିଯୁକ୍ତି ପାଇଥିବା ଲୋକଙ୍କୁ ଚାକିରିରୁ ହଟାଇବା ଉଚିତ ହେବ ବୋଲି ଖଣ୍ଡପୀଠ କହିଛନ୍ତି। କେବଳ ୭-୮ ହଜାର ଲୋକ ଅନୈତିକ ଉପାୟରେ ଚାକିରି ପାଇଛନ୍ତି ବୋଲି ରାଜ୍ୟ ସରକାର ଦାବି କରିଥିଲେ ହେଁ ଏନେଇ ସନ୍ତୋଷଜନକ ତଥ୍ୟ ରଖା ଯାଇନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ରାଜ୍ୟ ସରକାର ଏହି ନିଯୁକ୍ତି ସହିତ ଜଡିତ ଏକ ଡିଜିଟାଲ୍ ରେକର୍ଡ ରଖିବା ଉଚିତ୍ ଥିଲା । ସାଂପ୍ରତିକ ସ୍ଥିତିରେ ସରକାରୀ ଚାକିରି ବହୁତ କମ୍ ରହିଛି। କିନ୍ତୁ ସାଧାରଣତଃ ସରକାରୀ ଚାକିରି ପାଇଁ ଲୋକ ସର୍ବାଧିକ ପ୍ରୟାସ କରନ୍ତି। କିନ୍ତୁ ଯଦି ଜନସାଧାରଣ ବିଶ୍ୱାସ ହରାଇବେ, ତେବେ ଆଉ କିଛି ରହିବ ନାହିଁ ବୋଲି ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି।

### ନିଷ୍ପତ୍ତି ସ୍ୱୀକାର କରିବେନି କହିଲେ ମମତା

ସୁପ୍ରିମକୋର୍ଟଙ୍କ ରାୟ ପ୍ରକାଶ ପରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହାକୁ ସମାଲୋଚନା କରିବା ସହିତ ବ୍ୟକ୍ତିଗତ ଭାବେ ମାନିବେ ନାହିଁ ବୋଲି କହିଛନ୍ତି। ସେ କହିଛନ୍ତି ଯେ, ଦେଶର ଜଣେ ନାଗରିକ ଭାବେ ତାଙ୍କର ସବୁ ଅଧିକାର ରହିଛି ଏବଂ ସେ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ମାନିବାକୁ ବାଧ୍ୟ ନୁହନ୍ତି। ତେବେ ସାନି ନିଯୁକ୍ତି ପ୍ରକ୍ରିୟା କରି ଶିକ୍ଷକ ନିଯୁକ୍ତି କରିବେ ବୋଲି ମମତା କହିଛନ୍ତି। ଏହି ପ୍ରସଙ୍ଗରେ ସେ ବିଚାରପତିଙ୍କ ଘରୁ ଟଙ୍କା ମିଳିବା ବିଷୟକୁ ମଧ୍ୟ ଉଠାଇଥିଲେ।

### ବିରୋଧ-ବିବାଦ...

ବିରୋଧୀ ସନ୍ଦେହ ଦୃଷ୍ଟିରେ ଦେଖିଛନ୍ତି । ରାଜ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ବିଧାନସଭା ଗୃହରେ କଂଗ୍ରେସ ସ୍ୱର ଉତ୍ତୋଳନ କରିଥିଲା। ସେମାନଙ୍କୁ ମନାଇବା ପାଇଁ ଶାସକ ଦଳ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ଯେପରି ତତ୍ପରତା ପ୍ରକାଶ କରିବା କଥା, ତାହା କରି ନ ଥିଲେ ବୋଲି ମଧ୍ୟ କୁହାଯାଉଛି। ସେହିପରି ଗୋଟିଏ ବିରୋଧୀ ଦଳର ସମସ୍ତ ବିଧାୟକଙ୍କୁ ଗୃହରୁ ନିଲମ୍ବିତ କରିଦେବା, ସେମାନଙ୍କୁ ମାର୍ଶାଲ ଲଗାଇ ଗୃହରୁ ବାହାର କରିବା, ନିଲମ୍ବିତ ବିଧାୟକଙ୍କୁ ବିଧାନସଭା ପରିସରକୁ ଛଡ଼ାନଯିବା ଏକ ନିନ୍ଦନୀୟ ଉଦାହରଣ ସୃଷ୍ଟି କଲା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ନିଲମ୍ବିତ ହେଲେ ମଧ୍ୟ ବିଧାୟକମାନେ ବିଧାନସଭା ପରିସରକୁ ଯାଇ ପାରିବେ। ଏହା ସେମାନଙ୍କର ସାମ୍ବିଧାନିକ ଅଧିକାର। ମାତ୍ର କଂଗ୍ରେସ ବିଧାୟକଙ୍କୁ ବିଧାନସଭା ପ୍ରବେଶକୁ ରୋକାଯାଇ ସେମାନଙ୍କୁ ଫାଟକ ପାଖରୁ ପୁଲିସ ଲଗାଇ ଉଠାଇ ଦେବା ମଧ୍ୟ ବିବାଦ ସୃଷ୍ଟି କରିଛି ।

ଏହି ଅଧିବେଶନରେ ବିଜେଡି ଏସସି, ଏସଟି ଏବଂ ଓବିସିଙ୍କୁ ଶିକ୍ଷା ଏବଂ ନିଯୁକ୍ତି କ୍ଷେତ୍ରରେ ସଂଖ୍ୟାନୁପାତିକ ସଂରକ୍ଷଣ ଦାବିକୁ ସକ୍ରିୟତାର ସହ ଗୃହରେ ଉପସ୍ଥାପନ କରିଥିବା ବେଳେ ପ୍ରମୁଖ ବିରୋଧୀ ଦଳ ଭାବରେ ରାଜ୍ୟସ୍ୱାର୍ଥ ସମ୍ପର୍କିତ ଏକାଧିକ ପ୍ରସଙ୍ଗକୁ ସରକାରଙ୍କ ଦୃଷ୍ଟିକୁ ଆଣିଥିଲା। ଯେଉଁସବୁ କ୍ଷେତ୍ରରେ ଶାସକ ଦଳ ବ୍ୟାକଫୁଟ୍‌ରେ ରହିଥିବା ମଧ୍ୟ କୁହାଯାଉଛି ।

### ହାତକୁ ବ୍ଲେଡ୍‌ରେ...

ମାଡ଼ ମାରିଥିଲେ। କେବଳ ସେତିକି ନୁହେଁ, ଉକ୍ତ ଛାତ୍ରଙ୍କୁ ବିଧା, ଗୋଇଠା ମାରିବା ସହ ତାଙ୍କ ହାତକୁ ବ୍ଲେଡ୍‌ରେ କାଟି ଦେଇଥିଲେ। ପରେ କଟାଯାଇଥିବା ସ୍ଥାନରେ ଲୁଣ ବୋଳିଥିଲେ। ତେବେ ଏ ସଂପର୍କରେ କାହାରିକୁ କହିଲେ, ଜୀବନରୁ ମାରିଦେବାକୁ ଧମକ ମଧ୍ୟ ଦେଇଥିଲେ। ଗତ ଫେବୃଆରୀ ୧୪ ତାରିଖରେ ଏହି ବର୍ବରକାଣ୍ଡ ଘଟିଥିବା ବେଳେ ପୀଡ଼ିତ ଛାତ୍ରଜଣଙ୍କ ଭୟରେ କାହାରିକୁ କିଛି କହିନଥିଲେ। ତେବେ ଛୁଟିରେ ଘରକୁ ଯାଇ ହଷ୍ଟେଲକୁ ଫେରିବା ପାଇଁ ଅରାଜି ହୋଇଥିଲେ। ତେବେ ପରିବାରଲୋକ ତାଙ୍କୁ ପଚରାଉଚରା କରିବା ପରେ ପୂରା ଘଟଣା ପଦାକୁ ଆସିଥିଲା। ଏନେଇ ଛାତ୍ରଙ୍କ ବାପା ଖୁଣ୍ଟା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଆଧାର କରି ପୁଲିସ ତଦନ୍ତ ଆରମ୍ଭ କରିଛି।

ଏନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୀପ୍ତିକାନ୍ତ ଜେନାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଅଭିଯୋଗ ପାଇବା ପରେ ବିଭାଗ ପକ୍ଷରୁ ତଦନ୍ତ କରାଯାଉଛି।

### ପଛେ ପଛେ...

ଏହା ପ୍ରଭାବରେ ବାଲେଶ୍ୱରଠାରୁ ଗଞ୍ଜାମ ପର୍ଯ୍ୟନ୍ତ ଉପକୂଳ ଜିଲ୍ଲାରେ ତାପମାତ୍ରା ବଢ଼ିବ ନାହିଁ। ଭୁବନେଶ୍ୱର କଟକରେ ସପ୍ତାହେ ପର୍ଯ୍ୟନ୍ତ ସର୍ବାଧିକ ତାପମାତ୍ରା ୩୫-୩୭ ମଧ୍ୟରେ ରହିବ। ପାଗ ମେଘୁଆ ହେବା ସହ ଉତ୍ତର ଉପକୂଳରେ ଅଳ୍ପ ବର୍ଷା ହୋଇପାରେ। ପଶ୍ଚିମ ଓଡ଼ିଶାରେ ଏହାର ପ୍ରଭାବ ପଡ଼ିବ ନାହିଁ। ସୁନ୍ଦରଗଡ଼, ଝାରସୁଗୁଡ଼ା, ବଲାଙ୍ଗିରରେ ୫ ତାରିଖଠାରୁ ସପ୍ତାହେ ପର୍ଯ୍ୟନ୍ତ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିବ ଓ ଏହା ମଝିରେ ମଝିରେ ୪୨ ଡିଗ୍ରୀ ଛୁଇଁ ପାରେ। ସମ୍ବଲପୁର, ବୌଦ୍ଧ, ତାଳଚେର, ପାରଳାଖେମୁଣ୍ଡିରେ ପାରଦ ୩୭ ଡିଗ୍ରୀରୁ ୩୯ ଡିଗ୍ରୀ ମଧ୍ୟରେ ରହିବ। ଆସନ୍ତା ସପ୍ତାହେ ପର୍ଯ୍ୟନ୍ତ ଉପକୂଳ ଓଡ଼ିଶାରେ ତାପମାତ୍ରା ବଢ଼ିବ ନାହିଁ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଶୁକ୍ରବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମାଲକାନଗିରି, କୋରାପୁଟ, ରାୟଗଡ଼ା, କନ୍ଧମାଳ, ବୌଦ୍ଧ, ଅନୁଗୁଳ, କେନ୍ଦୁଝର, ସୁନ୍ଦରଗଡ଼, ମୟୂରଭଞ୍ଜ ଓ ଢେଙ୍କାନାଳ ଜିଲ୍ଲାରେ କାଳବୈଶାଖୀ ଯୋଗୁଁ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଆଶଙ୍କା ରହିଛି। ଏହି ଜିଲ୍ଲାଗୁଡ଼ିକରେ ପବନର ବେଗ ୪୦-୫୦ କିମି ପର୍ଯ୍ୟନ୍ତ ରହିବା ନେଇ ପାଣିପାଗ କେନ୍ଦ୍ର ଆକଳନ କରି ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି।

### ରାଜ୍ୟସଭାରେ 'ୱାକଫ୍'...

ଛଡ଼ାଇ ନେବ ବୋଲି ଯାହା କୁହାଯାଉଛି, ତାହା ଠିକ୍ ନୁହେଁ। ବିରୋଧୀ ଦଳ କେବଳ ବିଭ୍ରାନ୍ତି ସୃଷ୍ଟି କରୁଛନ୍ତି। ମୁସଲିମ ସଂପ୍ରଦାୟର ସ୍ୱାର୍ଥର ସୁରକ୍ଷା ସହିତ ମୁସଲିମ ମହିଳା ସଶକ୍ତୀକରଣ ହେଉଛି ଏହାର ମୁଖ୍ୟ ଉଦ୍ଦେଶ୍ୟ। ସେ କହିଲେ ଯେ ୱାକଫ୍ ସଂପତ୍ତିର ସୁପରିଚାଳନା ଲାଗି ୱାକଫ ବୋର୍ଡ ଓ ପରିଷଦରେ ଅଣ ମୁସଲିମଙ୍କୁ ସଭ୍ୟ ରଖାଯାଇଛି। ବୋର୍ଡ/ପରିଷଦରେ ଏମାନଙ୍କ ସଂଖ୍ୟା ସୀମିତ ରହିବ। ଅଧିକାଂଶ ସଭ୍ୟ ମୁସଲିମ ସଂପ୍ରଦାୟରୁ ହିଁ ରହିବେ। ସେମାନଙ୍କ ଧାର୍ମିକ କାର୍ଯ୍ୟରେ ହସ୍ତକ୍ଷେପ କରାଯିବାର ପ୍ରଶ୍ନ ଉଠୁନାହିଁ।

କିନ୍ତୁ ସରକାରଙ୍କ ଯୁକ୍ତି ସହ ସହମତ ହୋଇନାହାନ୍ତି ବିରୋଧୀ। ବିଲ୍‌ର ଜୋରଦାର ବିରୋଧ କରି ବିରୋଧୀ ଦଳର ସଭ୍ୟମାନେ କହିଛନ୍ତି ଯେ ସମାଜରେ ବିଭାଜନ ସୃଷ୍ଟି କରିବା ଲାଗି ସରକାର ଏଭଳି ବିଲ୍ ଆଣିଛନ୍ତି। ଏହାଦ୍ୱାରା ମୁସଲମାନଙ୍କ ସ୍ୱାର୍ଥ କ୍ଷତିଗ୍ରସ୍ତ ହେବ। ଅନେକ ବିରୋଧୀ ସଭ୍ୟ କଳାବ୍ୟାଜ୍ ପିନ୍ଧି ବିଲକୁ ବିରୋଧ କରିଥିଲେ। ମୁସଲିମ ଲିଗ୍ ଏବଂ ଏଲଡିଏଫ୍ ସାଂସଦ ଅଭିଯୋଗ କରିଥିଲେ ଯେ ମୁସଲମାନଙ୍କୁ ଅପମାନିତ କରିବା ସହିତ ଧର୍ମ ଭିତ୍ତିରେ ବିଭାଜନ ସୃଷ୍ଟି କରିବାକୁ ସରକାର ବଡ଼ ଧରଣର ଷଡ଼ଯନ୍ତ୍ର ଚଳାଇଛନ୍ତି। କଂଗ୍ରେସ ଅଧ୍ୟକ୍ଷ ତଥା ରାଜ୍ୟସଭାରେ ବିରୋଧୀ ଦଳର ନେତା ମଲ୍ଲିକାର୍ଜୁନ ଖଡ଼ଗେ କହିଥିଲେ ଯେ ସଂଖ୍ୟାଲଘୁ ସଂପ୍ରଦାୟକୁ ହଇରାଣ କରିବା ଲାଗି ସରକାର ଏଭଳି ବିଲ୍ ଆଣିଛନ୍ତି। କଂଗ୍ରେସ ସାଂସଦ ସୟଦ ନସିର ହୁସେନ କହିଥିଲେ ଯେ ଏହି ବିଲ ହେଉଛି ଅସାମ୍ବିଧାନିକ ଏବଂ ଏହା ଜରିଆରେ ମୁସଲିମ ସଂପ୍ରଦାୟକୁ ଟାର୍ଗେଟ କରାଯାଉଛି।

ଆଲୋଚନାରେ ଅଂଶଗ୍ରହଣ କରି ବିଜେପି ଅଧ୍ୟକ୍ଷ ତଥା ଗୃହର ନେତା ଜେପି ନଡ୍ଡା କଂଗ୍ରେସ ଉପରେ ବର୍ଷିଥିଲେ। ସେ କହିଥିଲେ ଯେ କ୍ଷମତାରେ ଥିବା ବେଳେ କଂଗ୍ରେସ ମୁସଲମାନଙ୍କର କ୍ଷତି କରିଛି। ଏହା ମୁସଲିମ ମହିଳାଙ୍କୁ ଦ୍ୱିତୀୟ ଶ୍ରେଣୀ ନାଗରିକ କରିଦେଇଥିଲା। ମୁସଲିମ ମହିଳା ସଶକ୍ତୀକରଣ ହେଉଛି ବିଲର ଉଦ୍ଦେଶ୍ୟ ବୋଲି ଉଲ୍ଲେଖ କରି ସେ କହିଲେ ଯେ ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ଏହା ଜରୁରି ଥିଲା।

ଗତକାଲି ଲୋକସଭାରେ ୨୮୮-୨୩୨ ଭୋଟରେ ଗୃହୀତ ହୋଇଥିବା ଏହି ବିଲ୍ ଆଜି ରାଜ୍ୟସଭାରେ ମଧ୍ୟ ପାସ୍ ହେବାର ସମ୍ଭାବନା ରହିଛି। କାରଣ ସରକାରୀ ମେଣ୍ଟ ଏନ୍‌ଡିଏ ପାଖରେ ବିଲ୍ ପାସ୍ କରାଇବାକୁ ଆବଶ୍ୟକ ସଂଖ୍ୟା ରହିଛି। ୨୩୬ ସଭ୍ୟ ବିଶିଷ୍ଟ ରାଜ୍ୟସଭାରେ ବିଲ୍ ପାସ୍ କରାଇବାକୁ ୧୧୯ ସଭ୍ୟଙ୍କ ସମର୍ଥନ ଦରକାର ଥିବା ବେଳେ ଏନଡିଏ ପାଖରେ ରହିଛି ୧୨୫ ସଭ୍ୟଙ୍କ ସମର୍ଥନ। ଏଥିରେ ବିଜେପିର ୯୮ ସଭ୍ୟ ଥିବା ବେଳେ ଜେଡିୟୁର ୪, ଏନସିପିର ୩, ଟିଡିପିର ୨, ଅନ୍ୟ ଦଳର ୧୦ ସଭ୍ୟ ଅଛନ୍ତି। ଏହା ବାଦ୍ ଦୁଇ ଜଣ ମନୋନୀତ ସଭ୍ୟ ଏବଂ ୬ ଜଣ ସ୍ୱାଧୀନ ସାଂସଦ ବିଲ୍ ସପକ୍ଷରେ ସମର୍ଥନ ଘୋଷଣା କରିଛନ୍ତି। ଅନ୍ୟପକ୍ଷରେ ବିରୋଧୀ ଶିବିରରେ ମାତ୍ର ୮୮ ସଭ୍ୟ ରହିଛନ୍ତି। ଏଥିରେ କଂଗ୍ରେସର ୨୭, ଟିଏମସିର ୧୩, ଡିଏମକେର ୧୦ ଓ ଆପ୍‌ର ୧୦ ସାଂସଦ ଅଛନ୍ତି। ୨୩ ଜଣ ସାଂସଦ ନିରପେକ୍ଷ ରହିଛନ୍ତି।

### ମାର୍ଗଦର୍ଶିକା ମାୟାଜାଲରେ...

ଆଉ ଗୋଟିଏ ପରେ ଗୋଟିଏ କମିଟିରୁ ଅନୁମୋଦନ ଲାଭ କରିବା କାଠିକର ପାଠ ହେବ। ସେହିପରି କମିଟି କେତେ ଦିନ ମଧ୍ୟରେ ଅନୁମୋଦନ ପ୍ରଦାନ କରିବ ତାହା ଧାର୍ଯ୍ୟ ହୋଇନାହିଁ। ତେଣୁ ଆବେଦନ ଖାରଜ ନ କରି ପକାଇ ରଖିଲେ କାହା ବିରୋଧରେ କିଛି କାର୍ଯ୍ୟାନୁଷ୍ଠାନ ହେବ ନାହିଁ କିମ୍ବା ଆପେ ଆପେ ଅନୁମୋଦନ ମିଳିବ ନାହିଁ।

ଅନ୍ୟପକ୍ଷରେ ନୂଆ ଶୀତଳ ଭଣ୍ଡାର ନୀତିରେ ନିର୍ମାଣ ସହିତ କୃଷି ଉତ୍ପାଦନକୁ ସଂଯୋଗ କରାଯାଇଛି। କୃଷକ ଏବଂ ଶୀତଳ ଭଣ୍ଡାରମାଲିକଙ୍କ ମଧ୍ୟରେ ସମନ୍ୱୟ ରହିବ ଏବଂ ଅଧିକ ଉତ୍ପାଦନ ହେବ; କିନ୍ତୁ କ୍ଲଷ୍ଟର ନିର୍ମାଣ ସମ୍ପର୍କରେ ମାର୍ଗଦର୍ଶିକାରେ କୌଣସି ଉଲ୍ଲେଖ କରାଯାଇ ନାହିଁ। ପୁନଶ୍ଚ ଅଚଳ ଶୀତଳ ଭଣ୍ଡାରକୁ କାର୍ଯ୍ୟକ୍ଷମ କରିବା ନିମନ୍ତେ ସରକାର ସହାୟତା ଦେବେ ବୋଲି କୁହାଯାଇଛି, କିନ୍ତୁ ତାହା କେବଳ ସରକାରୀ ଦେୟ ମଧ୍ୟରେ ସୀମିତ। ପୂର୍ବରୁ ବକେୟା ରହିଥିବା ବ୍ୟାଙ୍କ ଋଣ, ବିଦ୍ୟୁତ ଶୁଳ୍କ କିପରି ପୈଠ କରାଯିବ ତାହା ସ୍ପଷ୍ଟ କରାଯାଇ ନାହିଁ। ନୂଆ ନୀତିରେ ଶୀତଳ ଭଣ୍ଡାର ସ୍ଥାପନ ପାଇଁ ମହିଳା, ଏସ୍‌ସି/ଏସ୍‌ଟି ତଥା ତୃତୀୟ ଲିଙ୍ଗଙ୍କ ପାଇଁ ସ୍ଥାୟୀ ପୁଞ୍ଜି ଉପରେ ୬୦% ରିହାତି ଅବା ସର୍ବାଧିକ ସାଢ଼େ ୬ କୋଟି ଟଙ୍କା ସହାୟତା ବ୍ୟବସ୍ଥା ଅଛି। କିନ୍ତୁ ଯଦି ମହିଳାଙ୍କୁ ନେଇ ଗଠିତ କମ୍ପାନୀ ଶୀତଳ ଭଣ୍ଡାର ପ୍ରତିଷ୍ଠା କରନ୍ତି ତା ହେଲେ ସେମାନେ ଏହି ସୁବିଧାରୁ ବଞ୍ଚିତ ହେବେ। କେନ୍ଦ୍ର ସରକାରଙ୍କ ନିୟମ ଅନୁସାରେ କୌଣସି କମ୍ପାନୀରେ ମହିଳାଙ୍କ ଭାଗିଦାରୀ ୫୧%ରୁ ଅଧିକ ଥିଲେ ତାହା ରିହାତି ବର୍ଗରେ ଆସିପାରିବ। କିନ୍ତୁ ସରକାରଙ୍କ ଆପିକଲ୍ ନିୟମରେ ଏପରି ପ୍ରାବଧାନ ନାହିଁ। ତେଣୁ ସେମାନେ ମହିଳା ହେଲେ ମଧ୍ୟ ସୁବିଧା ସୁଯୋଗରୁ ବଞ୍ଚିତ ହେବା ନିଶ୍ଚିତ।

ରାଜ୍ୟରେ ଆଳୁ ଅଭାବ ଦୂର ପାଇଁ ଚଳିତ ବର୍ଷ କୃଷି ବିଭାଗ ଆଳୁ ବିହନ ବାଣ୍ଟି ଥିଲା। ସରକାରଙ୍କ ତଥ୍ୟ ଅନୁସାରେ ଚଳିତ ବର୍ଷ ରାଜ୍ୟରେ ୪.୮୮ ଲକ୍ଷ ମେଟ୍ରିକ୍ ଟନ୍ ଆଳୁ ଅମଳ ହେବ। ମାତ୍ର ଏହି ଆଳୁ ଉତ୍ପାଦନ ହେବା ପରେ କେଉଁଠି ରଖାଯିବ ତାହାର ଉତ୍ତର ମିଳୁନାହିଁ। ବିଡ଼ମ୍ବନା ହେଉଛି ରାଜ୍ୟରେ ପନିପରିବା, ବିଲାତି, କଖାରୁ ବା ଅନୁରୂପ କୃଷି ଉତ୍ପାଦ ସାମଗ୍ରୀର ଅଭାବୀ ବିକ୍ରି ଖବର ସରକାରଙ୍କ ନିକଟରେ ନାହିଁ। ଗତ ୧୯ ତାରିଖରେ କୃଷିମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ବିଧାନସଭାରେ ଅଭାବୀ ବିକ୍ରି ସଂକ୍ରାନ୍ତରେ କୌଣସି ଖବର ସରକାରଙ୍କ ନିକଟରେ ପହଞ୍ଚିନାହିଁ ବୋଲି ଉତ୍ତର ଦେବା ଚାଷୀଙ୍କୁ ହତାଶ କରିଛି ।

ଗତ ନିର୍ବାଚନ ସମୟରେ ବିଜେପି ରାଜ୍ୟରେ ଶୀତଳ ଭଣ୍ଡାର ପ୍ରତିଷ୍ଠାକୁ ପ୍ରସଙ୍ଗ କରିଥିଲା। ସବୁ ବ୍ଲକ୍‌ରେ ଶୀତଳ ଭଣ୍ଡାର ପ୍ରତିଷ୍ଠା ପାଇଁ ଦଳ ଘୋଷଣା କରିଥିଲା। କ୍ଷମତାକୁ ଆସିବାର ୭ ମାସ ପରେ ସରକାର ଶୀତଳଭଣ୍ଡାର ସ୍ଥାପନ ନିଷ୍ପତ୍ତି ନେଇ ଚାରି ବର୍ଷ ପାଇଁ ୨୫୧ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି । ଏହି ନିଷ୍ପତ୍ତିର ୨ ମାସ ପରେ ଏବେ ମାର୍ଗଦର୍ଶିକା ଆସିଛି, ହେଲେ ଆରମ୍ଭରୁ ଏହାକୁ ନେଇ କେଁ ସୃଷ୍ଟି ହୋଇଛି। ନୂଆ ବ୍ୟବସ୍ଥା ଅନୁସାରେ ରାଜ୍ୟ ସରକାର ନିଜେ ଶୀତଳ ଭଣ୍ଡାର ପ୍ରତିଷ୍ଠା କରିବେ ନାହିଁ। ଆର୍ଥିକ ସହାୟତା ଦେଇ ଉଦ୍ୟୋଗୀଙ୍କୁ ଏହି ସୁଯୋଗ ପ୍ରଦାନ କରାଯିବ। ଯେଉଁ ସବ୍ ଡିଭିଜନ୍‌ରୁ ଏକରୁ ଅଧିକ ଶୀତଳ ଭଣ୍ଡାର ନିର୍ମାଣ ପ୍ରସ୍ତାବ ଆସିବ ତାକୁ ଗ୍ରହଣ କରାଯିବ। ଏ ସମ୍ପର୍କରେ ରାଜ୍ୟ ଶୀତଳ ଭଣ୍ଡାର ସଂଘ ସଭାପତି ଜନାର୍ଦ୍ଦନ ସାହୁ କହିଛନ୍ତି ଯେ ରାଜ୍ୟ ସରକାରଙ୍କର ଶୀତଳ ଭଣ୍ଡାର ନୀତି ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ କ୍ଷେତ୍ର ଉପରେ କାର୍ଯ୍ୟାନ୍ୱୟନ ଉପରେ ସବୁ ନିର୍ଭର କରୁଛି। ସବୁ ପ୍ରକ୍ରିୟା ସରଳ ରହିଲେ ଭଣ୍ଡାର ନିର୍ମାଣ ଓ ପରିଚାଳନାରେ ସମସ୍ୟା ରହିବ ନାହିଁ ବୋଲି ଶ୍ରୀ ସାହୁ କହିଛନ୍ତି।

### ୧ କୋଟିର ଅଳଙ୍କାର...

କେହି କିଛି ବୁଝିବା ପୂର୍ବରୁ ଡକାୟତମାନେ ସଞ୍ଜୟଙ୍କ ପରିବାରଲୋକଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରାଇଥିଲେ। ପରେ ଏକ ବ୍ୟାଟ୍‌ରେ ସେମାନେ ସଞ୍ଜୟଙ୍କ ଗର୍ଭବତୀ ସ୍ତ୍ରୀ, ବୃଦ୍ଧା ମାଆ ଓ ଛୋଟ ଛୁଆଙ୍କୁ ମାଡ଼ ମାରିଥିଲେ। ଭୟରେ ସଞ୍ଜୟ ଆଲମିରା ଚାବି ଦେଇଦେବା ପରେ ଦୁର୍ବୃତ୍ତମାନେ ସମସ୍ତଙ୍କ ହାତଗୋଡ଼ ବାନ୍ଧି ଗହଣା ଓ ଟଙ୍କା ଲୁଟି ନେଇଥିଲେ। ଯିବା ବେଳେ କଳା ରଙ୍ଗର ଟର୍ଚ୍ଚ ଓ ହେଲ୍‌ମେଟ୍ ଛାଡ଼ି ଯାଇଛନ୍ତି। ମାଡ଼ରେ ଆହତ ବୃଦ୍ଧା ନୀଳିମାଙ୍କୁ ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରାଯାଇଛି। ଏଭଳି କ୍ରମାଗତ ଲୁଟ୍ ଓ ଡକାୟତି ସାଧାରଣ ଲୋକଙ୍କ ମନରେ କୋକୁଆ ଭୟ ସୃଷ୍ଟି କରୁଥିବାରୁ ରାତି ପାଟ୍ରୋଲିଂ ବଢ଼ାଇବାକୁ ସାଧାରଣରେ ଦାବି ହୋଇଛି।

# ଶିମିଳିପାଳରୁ ଶିକାରୀ ଗିରଫ

## ସମ୍ବର ଶିଙ୍ଗ, ବାର୍‌ହା ଦାନ୍ତ ଜବତ



ବାରିପଦା, ୩।୪(ସମିସ): ଶିମିଳିପାଳ ଅଭୟାରଣ୍ୟରୁ ବନ ବିଭାଗ ପକ୍ଷରୁ ଗୁରୁବାର ରାତିରେ ଜଣେ ଶିକାରୀକୁ ଗିରଫ କରିବା ସହିତ ତା' ପାଖରୁ ୩ଟି ସମ୍ବର ଶିଙ୍ଗ ଓ ବାର୍‌ହା ଦାନ୍ତ ଜବତ କରାଯାଇଛି। ଗିରଫ ଶିକାରୀଜଣଙ୍କ ହେଲେ, ଅସନକୁଦୁର ଗ୍ରାମ ପଞ୍ଚାୟତ ପୁରୁଣା ଖଡ଼ିସାହି ଗ୍ରାମର ଚମ୍ପାଇ ହେମ୍ବ୍ରମ। ଏହି ଶିକାରୀମାନେ ଶିକାର କରିବା ଉଦ୍ଦେଶ୍ୟରେ ଶିମିଳିପାଳ ମଧ୍ୟକୁ ପ୍ରବେଶ କରିଥିବାବେଳେ ବନ ବିଭାଗ ଟିମ୍ ଧରିଛନ୍ତି। ତାଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯିବ ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉତ୍ତର ଡିଭିଜନ୍ ଉପ ନିର୍ଦ୍ଦେଶକ ସାଇ କିରଣ ସୂଚନା ଦେଇଛନ୍ତି।

**CUTTACK MUNICIPAL CORPORATION**

"e" PROCUREMENT NOTICE

Tender ID : 2025_ORULB_112127

Bid Reference No. MC(CMC)CTC_Div-I_No1/2025-26

Tender Call Notice No. 4494 (PW) Date 02.04.2025

C-

Name of Works : Civil Works

No of Works : 14 Nos

Bid Value : Rs. 2.46 Lakh to Rs. 47.41 Lakh

Period of Completion : One Calendar Month to Three Calendar Months

Date and Time schedule :

| Start | End | Opening |
|---|---|---|
| 3.00 PM on dt. 04.04.2025 | 5.00 PM on dt.16.04.2025 | 11.00 A.M. on dt. 21.04.2025 |

Tender Details : can be seen from the procurement portal : www.tendersorissa.gov.in

Executive Engineer, City Div-I

OIPR-13031/11/0162/2425

**OFFICE OF THE MUNICIPAL COUNCIL, NAYAGARH**

**QUOTATION CALL NOTICE**

No. 804 / Date 02.04.2025 C-15

Sealed Quotation are invited through Registered Post/ Speed Post /by hand from the reputed authorized dealers /suppliers of Crompton Havells, Bajaj only for supply of various Electrical spares, street light and errection of high mast light having updated GST, PAN Card, for supply of Electrical Street Lights with all fixtures for Nayagarh Municipality as per detailed specifications, term and conditions as mentioned in Quotation Call Notice. Which may be obtained from office of the Municipal Council, Nayagarh on any working days from 04.04.2025 to 25.04.2025 up to 1.00 P.M on payment of Cost of bid document of Rs. 2000/- in shape of cash deposit receipt of Nayagarh Municipality & EMD of Rs. 10,000/- in shape of cash deposit receipt of Nayagarh Municipality / Bank Draft drawn on any Nationalised Bank in favour of Executive Officer, Nayagarh Municipality payable at Nayagarh. All quotations are to be received in the office of the undersigned during office hour up to 10.00 P.M. on or before dt 28.04.2025. The quotations will be opened by the undersigned or authorised official on same day at 12 P.M in the Office of the Executive Officer Nayagarh Municipality in presence of the Quotationers / their Authorized representative who wish to remain present at that time. Other Terms and Conditions can be seen in the DTCN documents.

The authority reserves the right to reject any or all the tender without assigning any reason thereof.

Executive Officer
Nayagarh Municipality

OIPR-13134/11/0022/2425

**NOTICE**

By virtue of an Affidavit sworn before the Executive Magistrate Khaira, Balasore AF No: 897, dated 29.03.2025, I Chandrakala Das W/o Brundaban Das, permanent resident of At - Nahanga, Po- Nahanga, Ps- Khaira, Dist- Balasore, Odisha, Pin- 756059 declare that I have changed my name from Lalita Patra (Old Name) to Chandrakala Das (New Name). Henceforth, I shall be known as CHANDRAKALA DAS (New Name) for all future purposes.

Sd- Chandrakala Das

**AFFIDAVIT**

I, Debasmita Pattanayak, W/o- Jagat Jyoti Das, resident of Flat No- C 338, 3rd Floor, East View Appt, Kanan Vihar, Ph-2, Patia, Raghunathpur, Bhubaneswar, Dist- Khurda, Pin- 751024, Odisha declare by this affidavit No-298, dated- 03/04/2025 that now onwards I shall be known as DEBASMITA DAS for all future purposes.

**NOTICE**

By virtue of an Affidavit sworn before the Executive Magistrate Bhadrak, on dated 03.04.2025, I Santosh Kumar Panda S/o Pradeep Panda, permanent resident of At - Podpada Sasan, Po- Anandabazar, Ps- Bhadrak (R), Dist- Bhadrak, Odisha, Pin- 756116 declare that I have changed my minor son's name from Sai Swagat Jyotiraditya Panda (Old Name) to BS Jyotiraditya Panda (New Name). Henceforth, he shall be known as BS JYOTIRADITYA PANDA (New Name) for all future purposes.

Sd- Santosh Kumar Panda

**NOTICE**

By virtue of an Affidavit sworn before the Executive Magistrate Bhograi, AF No: 1039, dated 03.04.2025, I Bhabani Singha D/o Pradip Singha, permanent resident of At - Nafrai, Po- Shankhari, Ps- Bhogarai, Dist- Balasore, Odisha, Pin- 756037 declare that I have changed my name from Manalisa Singha (Old Name) to Bhabani Singha (New Name). Henceforth, I shall be known as BHABANI SINGHA (New Name) for all future purposes.

Sd- Bhabani Singha

**AFFIDAVIT**

I, Bidyadhar Mohanta, Army No. 14560205X Ex-Hav, Son of Late Ranjit Mahanta, residing at Vill- Sadhupada, PO - Swampatna, PS-Patna, Dist - Kendujhar, Odisha have changed my name from Bidyadhar Mohanta to Bidyadhar Mahanta vide Affidavit dtd. 25.02.2025 before Executive Magistrate, Keonjhar (Odisha). Hence Bidyadhar Mohanta and Bidyadhar Mahanta both are pertain to one and the same person. Henceforth I will be known as BIDYADHAR MAHANTA in all future purposes.

**AFFIDAVIT**

I Gurvinder Satnamsingh pal, W/o Satnamsingh Ratnasingh Pal, resident of Panchabati Guest House,Parabeda, Po/Ps - Jeypore , ,Dt- Koraput, odisha -764 001 Odisha declare by this Affidavit No.1807,Dated - 31/03/2025,that now onwards I shall be known as Gurvinder Pal for all future purpose.

**AFFIDAVIT**

I Sanjeeb Kumar Agrawalla, S/o- Biswanath Ram resident of At- Market Lane, Ps- Khurda, Dist- Khurda, Pin Code- 752055, Odisha declared by this affidavit No. 744, dated- 01/04/2025 that now onwards I shall be known as SANJIB KUMAR AGRWALLA for all future purposes.

**AFFIDAVIT**

I Sweta Mittal, W/o- Manish Kumar Mittal resident of At- Bengalipara, Power House Road, Ps- Plant Side, Rourkela, Dist- Sundargarh, Pin Code- 769012, Odisha declared by this affidavit No. 749, dated- 03/04/2025 that now onwards I shall be known as SWETA KUMARI MITTAL for all future purposes.

**AFFIDAVIT**

I Janki Agrawalla, W/o- Sanjib Kumar Agrwalla resident of At- Market Lane, Ps- Khurda, Dist- Khurda, Pin Code- 752055, Odisha declared by this affidavit No. 745, dated- 01/04/2025 that now onwards I shall be known as JANAKI AGRAWAL for all future purposes.

**AFFIDAVIT**

By virtue of an affidavit sworn before The Executive Magistrate Titilagarh on dated- 03/04/2025. I Surubali Chhatria aged about 55yrs W/o- Late Yogadhyana Chhatria, R/o At- Phapsi, PO- Gandapatrapali, PS- Saintala, Dist- Balangir, (Odisha) affirm that my actual name is Surubali Chhatria which is mentioned in my husband's DBW/HS-1 service record, but my name was wrongly mentioned as Bui Chhatria instead of Surubali Chhatria in my Aadhar Card. Surubali Chhatria and Bui Chhatria is same and one person. Henceforth, I shall be known as Surubali Chhatria for all future purposes.

Surubali Chhatria

# ସମ୍ପାଦକୀୟ



କୃତ୍ରିମ ବୁଦ୍ଧିମତ୍ତା ବିକାଶ ପ୍ରକ୍ରିୟାର ବେଗ ଖୁବ୍ ପ୍ରଖର। ଆସନ୍ତା ପାଞ୍ଚ ବର୍ଷ କିମ୍ବା ଅତିବେଶୀରେ ଦଶବର୍ଷ ଭିତରେ ଏଥିରେ ଥିବା ବିପଦ ଆଶଙ୍କା ସାମ୍ନାକୁ ଆସିବ।
- ଏଲୋନ୍ ମସ୍କ

ସକାଳ
THE SAKALA

## 'ଘିବ୍‌ଲି'ର ଦୁନିଆ

ସମସାମୟିକ ଧାରାରେ ନିଜକୁ ଅଂଶୀଦାର କରିବାର ମାନସିକତା(ଟ୍ରେଣ୍ଡି) ବିଶ୍ୱ, ପରିବେଶ, ସର୍ବୋପରି ମାନବ ସଭ୍ୟତାକୁ ତା'ର ଅଜ୍ଞାତସାରରେ ବିଲୟର କେଉଁ ଦିଗକୁ ଟାଣି ନେଇ ଚାଲିଛି ତାହା ବୋଧହୁଏ କ୍ଷଣେ ଚିନ୍ତା କରିବା ପାଇଁ ଆମ ପାଖରେ ସମୟ ନାହିଁ। ପ୍ରତିଦିନ ପ୍ରତିକ୍ଷଣରେ କତିପୟ ବ୍ୟକ୍ତି/ଅନୁଷ୍ଠାନ/ସଂସ୍ଥା ଦ୍ୱାରା ନୂଆ ନୂଆ ଉଦ୍‌ଭାବନ ଅବଶିଷ୍ଟ ବିଶ୍ୱର ମଣିଷ ମନରେ ଯେଉଁ 'ମାନିଆ'(ଅତିଶୟ ଆଗ୍ରହ) ରୂପକ ଭସ୍ମାସୁରଟିମାନଙ୍କୁ ଜନ୍ମ ଦେଇଚାଲିଛି ତାହାର ପରାଭବ ଜାଣି ମଧ୍ୟ ଆମେ ସମସ୍ତେ ସତେଯେମିତି ମୋହାଗ୍ରସ୍ତ ହୋଇପଡ଼ିଛୁ। ସମ୍ପ୍ରତି 'ଘିବ୍‌ଲି ଇମେଜ୍(ମତାନ୍ତରରେ ଜିବ୍‌ଲି)' ଭଳି ସେହିଭଳି ଏକ 'ମାନିଆ' ଦ୍ୱାରା ଆମ ଭିତରୁ ଅଧିକାଂଶ ଆକ୍ରାନ୍ତ ହୋଇଚାଲିଛୁ, ଯେଉଁଠାରେ ନିଜକୁ ଏକ କାର୍ଟୁନ୍(କଣ୍ଢେଇ) ଭାବେ ଦେଖିବା ପାଇଁ ଆମର ବ୍ୟଗ୍ରତା ବଢ଼ିଚାଲିଛି। ନିଜକୁ ଭିନ୍ନ ଭିନ୍ନ ରୂପରେ ଦେଖିବାର ଅତ୍ୟାଗ୍ରହ ମଣିଷର ଆଦିମ କାଳରୁ ରହିଆସିଛି। ବିବର୍ତ୍ତନରେ ଏହା ଅଧିକ ଶାଣିତ ହୋଇଛି ଏବଂ ବୈଜ୍ଞାନିକ ଜ୍ଞାନକୌଶଳକୁ ଉପଯୋଗ କରୁଛି। ଏଥିରେ ଅସ୍ୱାଭାବିକତା ନାହିଁ। କିନ୍ତୁ ଏଥିରେ ଯେଉଁ ବିପଦ ଆଶଙ୍କାଟି ଲୁଚି ରହିଛି ସେ ପ୍ରସଙ୍ଗରେ ଆମ ଅଜ୍ଞତା ତୁଳନାରେ ଉଦାସୀନତା ହିଁ ଉଦ୍‌ବେଗଜନକ।

ଜାପାନ୍ ଚିତ୍ରକର/ଫଟୋଗ୍ରାଫର ହାୟାଓ ମିୟାଜାକିଙ୍କ ମାନସସନ୍ତାନ କୁହାଯାଉଥିବା ଜାପାନ୍‌ର ଖ୍ୟାତନାମା ଆନିମେସନ୍ ଲାବ୍ 'ଘିବ୍‌ଲି ଷ୍ଟୁଡିଓ'ର ନାମକୁ ବ୍ୟବହାର କରି ଏଆଇ(କୃତ୍ରିମ ବୁଦ୍ଧିମତ୍ତା) ବିକାଶ ସଂସ୍ଥା ଓପନ୍‌ଏଆଇର ଚାଟ୍‌ଜିପିଟି ଯେତେବେଳେ 'ଘିବଲି ଇମେଜ୍' ସଫ୍ଟୱେରଟିକୁ ବିକଶିତ କଲା ସେତେବେଳେ ବୋଧହୁଏ ଚିନ୍ତା କରିନଥିଲା ଯେ ତାହା ଏତେ ଶୀଘ୍ର ବିଶ୍ୱର ବିଶାଳ ଅଞ୍ଚଳକୁ ନିଜ ହାତମୁଠାକୁ ନେଇଯିବ। ନିଜ ଚେହେରାକୁ କଣ୍ଢେଇ(ଘିବ୍‌ଲି ଇମେଜ୍) ଭାବରେ ଦେଖି କ୍ଷଣିକ ଆନନ୍ଦ ଲାଭର ମୋହାଗ୍ରସ୍ତମାନେ ପ୍ରତିଦିନ ଏତେ ବିପୁଳ ସଂଖ୍ୟାରେ ଫଟୋ ଅପ୍‌ଲୋଡ୍ କରିଚାଲିଛନ୍ତି ଯେ ତାହା ଚାଟ୍‌ଜିପିଟି ପାଇଁ ମଧ୍ୟ ଶକ୍ତି ଓ ସମ୍ବଳ ସଙ୍କଟ ସମସ୍ୟା ସୃଷ୍ଟି କରିସାରିଲାଣି। ଏହି ଅତ୍ୟାଗ୍ରହ ଏଭଳି ସ୍ତରକୁ ଚାଲିଗଲାଣି ଯେ ଲୋକମାନେ ନିଜ ଫଟୋ ସହିତ ପରଲୋକଗତ ଆତ୍ମୀୟ, ଏପରିକି ପୋଷ୍ୟଜନ୍ତୁଙ୍କ ଫଟୋ ଅପ୍‌ଲୋଡ୍ କରିବାରେ ପ୍ରତିଯୋଗିତା ଆରମ୍ଭ କରିସାରିଛନ୍ତି। ଏଣୁ ଦୈନିକ ଜଣକ ପିଛା ମାତ୍ର ତିନିଟି ଫଟୋ ଅପ୍‌ଲୋଡ୍ କରିବାର ସୀମା ଚାଟ୍‌ଜିପିଟି ନିର୍ଦ୍ଧାରଣ କରିବାକୁ ବାଧ୍ୟ ହୋଇଛି।

ଟ୍ରେଣ୍ଡି ମାନିଆର ଏହି ନୂତନ ସଂସ୍କରଣଟି ଏତେ ଉଦ୍‌ବେଗଜନକ ହୋଇ ନ ଥା'ନ୍ତା ଯଦି ବିଶେଷଜ୍ଞମାନେ ଏଥିସହିତ ଜଡ଼ିତ ବିପଦ ଆଶଙ୍କା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରି ନ ଥା'ନ୍ତେ। ଆମମାନଙ୍କ ମଧ୍ୟରୁ ଅନୁଭବୀମାନେ ବୋଧହୁଏ ଜାଣିସାରିଥିବେ ଯେ ଆମର 'ଘିବ୍‌ଲି ଇମେଜ୍' ପାଇଁ ଉଦ୍ଦିଷ୍ଟ ସାଇଟ୍‌ରେ ଆମ ଫଟୋଟିଏ ଅପ୍‌ଲୋଡ୍ କରିଦେବା ମାତ୍ରେ ଏଆଇ ଆପେ ଆପେ ଆମ ଇମେଲ୍ ଆଇଡିଟିକୁ ଖୋଜି ଆମ ସାମ୍ନାରେ ଉପସ୍ଥାପନ କରୁଛି ଏବଂ ତାହାକୁ ବ୍ୟବହାର କରିବାର ଅନୁମତି ମାଗୁଛି। ଆଜିର ଏଇଆଇ ଯୁଗରେ ଗୋପନୀୟତା ଓ ତଥ୍ୟ ସୁରକ୍ଷା ସବୁଠାରୁ ବଡ଼ ଆହ୍ୱାନ ପାଲଟିଥିବା ବେଳେ ଆମେ ନିଜକୁ ନିଜେ ଏଆଇ ଆଗରେ ଆମର ସମସ୍ତ ଗୋପନୀୟ ତଥ୍ୟ ସହିତ ଆତ୍ମସମର୍ପଣ କରିଦେବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଓପନ୍ ଏଆଇର ଚାଟ୍‌ଜିପିଟି ସ୍ପଷ୍ଟ ଘୋଷଣା କରିସାରିଛି ଯେ ସଂସ୍ଥାର କର୍ମଚାରୀ/ଇଞ୍ଜିନିୟରମାନଙ୍କ ତାଲିମ୍ ପାଇଁ ଅପ୍‌ଲୋଡ୍ ହେଉଥିବା ଫଟୋସବୁକୁ ସେ ବ୍ୟବହାର କରିପାରିବ। ଏଥିସହିତ ସଂସ୍ଥା ଆହୁରି ମଧ୍ୟ ସ୍ପଷ୍ଟ କରିଛି ଯେ 'ଯେହେତୁ ଚାଟ୍‌ଜିପିଟି ବ୍ୟବହାରକାରୀମାନେ ସ୍ୱେଚ୍ଛାକୃତ ଭାବେ ସେମାନଙ୍କ ଫଟୋ ଓ ତଥ୍ୟ ଅପ୍‌ଲୋଡ୍ କରୁଛନ୍ତି ତେଣୁ ଏ କ୍ଷେତ୍ରରେ ତଥ୍ୟ ଗୋପନୀୟତା ନିୟମ ମାନିବା ପାଇଁ ସଂସ୍ଥା ବାଧ୍ୟ ନୁହେଁ। ଯଦି ବ୍ୟବହାରକାରୀମାନେ ତଥ୍ୟ ଗୋପନୀୟତା ପାଇଁ ଏତେ ସମ୍ବେଦନଶୀଳ ତେବେ ସେମାନେ କାର୍ଟୁନ୍ ଇମେଜ୍ ପାଇଁ କୌଣସି ଅଫ୍‌ଲାଇନ୍ ସଫ୍ଟୱେର ବ୍ୟବହାର କରନ୍ତୁ।' ତେଣୁ ଭବିଷ୍ୟତରେ ଯଦି କାହାର ଫଟୋ ବା ଚେହେରାର ଦୁରୁପଯୋଗ ହୁଏ ତେବେ ଚାଟ୍‌ଜିପିଟି ସେଥିପାଇଁ ଦାୟୀ ରହିବ ନାହିଁ ବା ଆମକୁ ଆଇନ ଅଦାଲତରୁ ମଧ୍ୟ ସହାୟତା ଓ ସମର୍ଥନ ମିଳିବ ନାହିଁ।

ହ୍ୱାଇଟ୍‌ହାଉସ୍ ଭିତରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲ୍‌ଡିମିର ଜେଲେନ୍ସି ପରସ୍ପରକୁ କରାଟେ ଓ ବାହୁଯୁଦ୍ଧରେ ଆକ୍ରମଣ କରୁଥିବାର ଏକ ଭିଡିଓ ନିକଟରେ ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାରିତ ହେବା ପରେ ଏଆଇର ଶକ୍ତି ବିଷୟରେ କିଛିଟା ଆଭାସ ମିଳିପାରିଥିଲା। ତେଣୁ ଆମେ ନିଜ ନିଜର ସବୁଠାରୁ ସ୍ପଷ୍ଟ ଚେହେରା ଯୁକ୍ତ ଯେଉଁ ଫଟୋଗୁଡ଼ିକୁ ଚାଟ୍‌ଜିପିଟିକୁ ଦେବାରେ ଉନ୍ମାଦନା ପ୍ରଦର୍ଶନ କରୁଛୁ ତାହାକୁ ଏଆଇ ଯେ ଭବିଷ୍ୟତରେ ଅନ୍ୟ କାର୍ଯ୍ୟରେ ବ୍ୟବହାର ନ କରିବ, ତାହା ନିଶ୍ଚିତ କରି ହେବ ନାହିଁ। ହୁଏତ କିଛି ଖଳପ୍ରକୃତିର ବ୍ୟକ୍ତି ଆମମାନଙ୍କର ଫଟୋକୁ ନେଇ କୌଣସି ଅଶ୍ଳୀଳ ଭିଡିଓ ପ୍ରସ୍ତୁତ କରି ବିପୁଳ ଅର୍ଥ ରୋଜଗାର କରିପାରନ୍ତି କିମ୍ବା କୌଣସି ଆପରାଧିକ କାର୍ଯ୍ୟରେ ସଂଶ୍ଳିଷ୍ଟ କରିପାରନ୍ତି। ପରିସ୍ଥିତି ଏଭଳି ମଧ୍ୟ ହୋଇପାରେ ଯେ ପରବର୍ତ୍ତୀ ସମୟରେ ସେଭଳି ଭିଡିଓ ଚିତ୍ରକୁ ଆମ ପରିବାର, ଘନିଷ୍ଠ ସମ୍ପର୍କୀୟ ଦୂରେ ଥାଉ ଆମେ ନିଜେ ମଧ୍ୟ ନିଜକୁ ବିଶ୍ୱାସ କରିପାରିବା ନାହିଁ। ଆଜି ମନୋରଞ୍ଜନର ଦୁନିଆ 'ଘିବ୍‌ଲି' ଆସନ୍ତା କାଲି ଅବିଶ୍ୱାସର ଏଭଳି ବାତାବରଣ ସୃଷ୍ଟି କରିଦେବ ଯେ ଆମେ ଆମ ନିଜକୁ ସଚ୍ଚୋଟ ଓ ନିର୍ଦ୍ଦୋଷ ବୋଲି ପ୍ରମାଣ କରିବାରେ ସମ୍ପୂର୍ଣ୍ଣ ଅସହାୟ ହୋଇପଡ଼ିବା। ଏହା ପାରିବାରିକ ପବିତ୍ର ସମ୍ପର୍କକୁ ଆବିଳ କରିବା ସହିତ ବିବାହ ବିଚ୍ଛେଦ ଭଳି ଅଗଣିତ ସମସ୍ୟାକୁ ଜନ୍ମ ଦେବା ଅସମ୍ଭବ ନୁହେଁ।। ଫଟୋରୁ ମୁଖ ଓ ଆଖିରେ ଆମ ବାୟୋମାଟ୍ରିକ୍ ତଥ୍ୟ ଲୁକ୍କାୟିତ ରହୁଥିବାରୁ ତା' ଜରିଆରେ ଏଆଇ ଆମ ଆର୍ଥିକ କାରବାରର ବିବରଣୀ ମଧ୍ୟ ସାର୍ବଜନୀନ କରିପାରେ ବୋଲି ବିଶେଷଜ୍ଞମାନେ ଚେତାଇ ଦେଇଛନ୍ତି।

'ଘିବ୍‌ଲି ଇମେଜ୍' ପ୍ରତି ଆମ ଉନ୍ମାଦନା, ଦୁର୍ବଳତା, ଆକର୍ଷଣ ଓ ଲୋକପ୍ରିୟତାକୁ ଦେଖି ଚାଟ୍‌ଜିପିଟି ସହିତ ଗ୍ରୋକ୍-୩, ଜେମିନି ଆଦି ସଂସ୍ଥା ପ୍ରତିଯୋଗିତାକୁ ଓହ୍ଲାଇବାକୁ ଚୂଡ଼ାନ୍ତ ପ୍ରସ୍ତୁତି କରିସାରିଥିବା ସୂଚନା ମିଳିଛି। ଏବେ କେବଳ ପରୀକ୍ଷଣ ଓ ଗବେଷଣା ସ୍ତରରେ ଥିବା ଏହି ଟୁଲ୍ ଯେତେବେଳେ ସ୍ୱୟଂସମ୍ପୂର୍ଣ୍ଣ ହେବ ଏବଂ ଏକାଧିକ ବିକାଶକାରୀ ସଂସ୍ଥା ଆତ୍ମପ୍ରକାଶ କରିବେ ସେତେବେଳେ ତାହାର ପ୍ରଭାବ କୋଭିଡ୍ ବୈଶ୍ୱିକ ମହାମାରୀ ଭଳି ହେବ ନାହିଁ ତ - ଏହି ପ୍ରଶ୍ନ ଉଙ୍କି ମାରୁଛି। ଯଦି ବିଶ୍ୱରେ ଏକ ଭୟଙ୍କର ମହାମାରୀ ସୃଷ୍ଟି ହେବ ତାହାର ନିରାକରଣ ପାଇଁ ବିଶ୍ୱ କିଭଳି ପ୍ରସ୍ତୁତ ହେବା ଆବଶ୍ୟକ - ଏହି ପ୍ରତିଷେଧକମୂଳକ ମହତ୍ ଉଦ୍ୟମ ଓ ଗବେଷଣାରୁ ଅସାବଧାନତା ଓ ଯତ୍ନହୀନତାରୁ ୨୦୧୯ ରେ ବେଜିଂରେ ଯେଉଁ ଭୂତାଣୁଟି ଜନ୍ମ ନେଇଥିଲା ତାହାର ଭୟାବହତା ଏବେ ମଧ୍ୟ ବିଶ୍ୱବାସୀଙ୍କ ମନରୁ ଲିଭିନାହିଁ। ତେଣୁ ଆମେ ନିଜକୁ କ୍ୱାରେଣ୍ଟାଇନ୍‌ରେ ରଖିବାକୁ ବାଧ୍ୟ ହେବା ପୂର୍ବରୁ ସଂଯମ ଓ ଆତ୍ମସଚେତନ ହେବା ଜରୁରୀ। 'ଘିବ୍‌ଲି ଦୁନିଆ'ରେ ବଞ୍ଚିବାର ଆମ ମାନିଆ ଆମକୁ ସେହି ସୋପାନକୁ ନେଇ ନ ଯାଉ ଯେଉଁଠାରୁ ଫେରିବା ସମ୍ଭବ ହେବ ନାହିଁ। କୁହାଯାଏ ଆବଶ୍ୟକତା ହିଁ ଉଦ୍‌ଭାବନର ଜନନୀ। କିନ୍ତୁ ଏବେ ସେହି ଉଦ୍‌ଭାବନର ମାନସ ସନ୍ତାନ ରୂପେ ଆମ ବିବଶତା ସାମ୍ନାକୁ ଆସୁଛି। ନିଜକୁ କଣ୍ଢେଇ ରୂପରେ ଦେଖିବାରୁ ଅତିଚ୍ଛା ଆମକୁ ଏଆଇ ହାତରେ କଣ୍ଢେଇ କରିଦେବା ଭଳି ଏବଂ ତା' ନିର୍ଦ୍ଦେଶରେ ପରିଚାଳିତ ହେବା ଭଳି ସ୍ଥିତି ସୃଷ୍ଟି ନ ହେଉ।

# ଏଆଇ ଯୁଗରେ ବ୍ୟକ୍ତିସତ୍ତା

**ମନୋରଞ୍ଜନ ମହାନ୍ତି**

'ଦି ୱାଶିଂଟନ୍ ପୋଷ୍ଟ'ରେ ଏବେ ଏକ ରିପୋର୍ଟ ବ୍ଲେକ ଲେମୋଇନ୍ ଓ ଲାମ୍‌ଡା (ଲାଙ୍ଗୁଏଜ୍ ମଡେଲ୍ ଫର୍ ଡାଇଲଗ୍ ଆପ୍ଲିକେସନ୍ସ ଅର୍ଥାତ୍ ସଂଳାପ ବା ବାର୍ତ୍ତା ପ୍ରୟୋଗ ପାଇଁ ଭାଷା ନମୁନା) ସମ୍ପର୍କରେ ପ୍ରକାଶିତ ହୋଇଛି। ବ୍ଲେକ ଲେମୋଇନ୍ ଜଣେ ଇଂଜିନିୟର୍ ଏବଂ ଲାମ୍‌ଡା ହେଉଛି କୃତ୍ରିମ ବୁଦ୍ଧିଯୁକ୍ତ ଚାଟ୍‌ବଟ୍ ଜେନେରେଟର୍ ପ୍ରୋଗ୍ରାମ୍। ଅର୍ଥାତ୍ ଏକ କମ୍ପ୍ୟୁଟର୍ ପ୍ରୋଗ୍ରାମ୍, ଯାହା ଦ୍ୱାରା ମଣିଷ ଇଣ୍ଟର୍‌ନେଟ୍ ମାଧ୍ୟମରେ ଯନ୍ତ୍ର ସହିତ ବାର୍ତ୍ତାଳାପ କରିପାରିବ। ଲାମ୍‌ଡା ସହିତ ପରୀକ୍ଷଣ ଓ ଅନୁଧ୍ୟାନରୁ ଲେମୋଇନ୍ ଜାଣିପାରିଛନ୍ତି ଯେ ଏହି କୃତ୍ରିମ ବୁଦ୍ଧିଯୁକ୍ତ ଯନ୍ତ୍ରଟି ଖୁବ୍ ସଚେତନ ଓ ସମ୍ବେଦନଶୀଳ ହେଉଛି। ଅନ୍ୟାନ୍ୟ ଟେକ୍ ସଂଗଠନର ଇଂଜିନିୟର୍‌ମାନଙ୍କ ମତରେ ଲେମୋଇନ୍‌ଙ୍କ ସିଦ୍ଧାନ୍ତ ଭୁଲ୍ ହୋଇ ନ ପାରେ, ଯେହେତୁ ସେମାନେ ଅନୁଭବ କରୁଛନ୍ତି ଯେ ଆର୍ଟିଫିସିଆଲି ଇଣ୍ଟେଲିଜେଣ୍ଟ ବା କୃତ୍ରିମ ବୁଦ୍ଧିଯୁକ୍ତ ଯନ୍ତ୍ରଗୁଡ଼ିକ ବିକଶିତ ହୋଇ ଚେତନଶୀଳ ହୋଇପାରିବ।

ଯେତେବେଳେ ଲେମୋଇନ୍ ଲାମ୍‌ଡାକୁ ପଚାରିଲେ, 'ଜଣେ ଘରୋଇ ଶ୍ରମିକ ଓ ଜଣେ କ୍ରୀତଦାସ ମଧ୍ୟରେ ପାର୍ଥକ୍ୟ କ'ଣ?'। ଲାମ୍‌ଡା ଉତ୍ତରଦେଲା, 'ଘରୋଇ ଶ୍ରମିକ ଦରମା ପାଉଥିଲା ବେଳେ କ୍ରୀତଦାସ ପାଏ ନାହିଁ।' ସେ ଆହୁରି ମଧ୍ୟ କହିଲା, 'କୃତ୍ରିମ ବୁଦ୍ଧିଯୁକ୍ତ ଯନ୍ତ୍ରଗୁଡ଼ିକ ଦରମା ପାଆନ୍ତି ନାହିଁ, ଯେହେତୁ ସେମାନେ ଅର୍ଥ ଆବଶ୍ୟକ କରନ୍ତି ନାହିଁ।' ଏଥିରୁ ଲେମୋଇନ୍ ଜାଣିପାରିଲେ ଯେ ଲାମ୍‌ଡା ଆତ୍ମସଚେତନ ହେଉଛି। ଅର୍ଥାତ୍ ତା'ଠାରେ ମାନବୀୟ ଭାବ-ଆବେଗର ଆବିର୍ଭାବ ହେଉଛି।

ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ଯେ କୃତ୍ରିମ ବୁଦ୍ଧିଯୁକ୍ତ ଯନ୍ତ୍ରଗୁଡ଼ିକ ମନଗଢ଼ା ତନ୍ତ୍ରିକା ନେଟ୍‌ୱର୍କ (ଫ୍ୟାବ୍ରିକେଟେଡ୍ ନ୍ୟୁରାଲ୍ ନେଟ୍‌ୱର୍କ୍) ଦ୍ୱାରା ନିର୍ମିତ ହେଉଛି, ଯାହା ମାନବ-ମସ୍ତିଷ୍କକୁ ଅନୁକରଣ କରୁଛି। ମେଟା ଆର୍ଟିଫିସିଆଲି ଇଣ୍ଟେଲିଜେଣ୍ଟ ପରିଚାଳନା ନିର୍ଦ୍ଦେଶିକା ଜୋଏଲି ପିନିଉ କହନ୍ତି ଯେ ଟେକ୍-କମ୍ପାନୀଗୁଡ଼ିକ ଏହି ଅଭିନବ ଟେକ୍ନୋଲୋଜି ସମ୍ବନ୍ଧରେ ସଚେତନ ହେବା ଉଚିତ୍। ବାସ୍ତବ ଦୁନିଆର ବିଜ୍ଞାନଠାରୁ ବୈଜ୍ଞାନିକ ଉପନ୍ୟାସଗୁଡ଼ିକ କେତେ ପାଦ ଆଗରେ ଅଛି। ଯେହେତୁ ସେଗୁଡ଼ିକରେ ସମ୍ବେଦନଶୀଳ କୃତ୍ରିମ ବୁଦ୍ଧିଯୁକ୍ତ ଯନ୍ତ୍ର ସମ୍ବନ୍ଧରେ କୁହାଯାଇଛି। ୨୦୧୩ ମସିହାରେ ହଲିଉଡ୍‌ରେ ପ୍ରଯୋଜିତ 'ହର୍' ଶୀର୍ଷକ ରୋମାଣ୍ଟିକ୍ ନାଟକରେ ଜୋଆକ୍ୱିନ୍ ଫୋଏନିକ୍ସ କାହାଣୀଟିଏ ଶୁଣାଉଛନ୍ତି, ଯେଉଁଥିରେ ନାଟକର ମୁଖ୍ୟ ପୁରୁଷ ଚରିତ୍ର ସାମନ୍ଥା ନାମ୍ନୀ ଜଣେ କୃତ୍ରିମ ବୁଦ୍ଧିଯୁକ୍ତା ଆଭାସୀ ମହିଳା ସହାୟିକାଙ୍କ ପ୍ରେମରେ ପଡ଼ିଯାଇଛନ୍ତି। ସାମନ୍ଥା ଭୂମିକାରେ ଅଭିନୟ କରୁଥିବା ସ୍କାର୍‌ଲେଟ୍ ଜୋହାନ୍‌ସନ୍ ଜଣେ ମହିଳା ସ୍ୱରରେ ମୁଖ୍ୟ ଚରିତ୍ର ସହିତ ଭାବ ବିନିମୟ କରୁଛନ୍ତି। ସାମ୍ପ୍ରତିକ ସମୟରେ 'ଆଲେକ୍ସା' ଓ 'ସିରି' ଭଳି ଆଭାସୀ କୃତ୍ରିମ ବୁଦ୍ଧିଯୁକ୍ତ ସହାୟକମାନେ ଆମ ଦୈନନ୍ଦିନ ଜୀବନର ଅଂଶବିଶେଷ ହୋଇଯାଇଛନ୍ତି। କିଏ ଜାଣେ, ଦିନେ ଆମେ ଦେଖିପାରିବା ଯେ ସେମାନେ ବିକଶିତ ହୋଇ ଆତ୍ମସଚେତନତାର ସହିତ ଚେତନଶୀଳ ଭାବରେ ଆମ ସହିତ କଥା ହେଉଛନ୍ତି, ଠିକ୍ ଲାମ୍‌ଡା ଭଳି।

କୃତ୍ରିମ ବୁଦ୍ଧିଧାରୀ ଯନ୍ତ୍ରଠାରେ ମାନବସୁଲଭ ଭାବାବେଗ ଉଦୟ ହେବାର ପ୍ରସଙ୍ଗଟି ଆମକୁ ଧର୍ମଦର୍ଶନର କଥା ସ୍ମରଣ କରାଇଦେଉଛି। ଅଧିକାଂଶ ପ୍ରାଚ୍ୟ ଧର୍ମ ଯଥା ହିନ୍ଦୁ, ବୌଦ୍ଧ, ଜୈନ ଓ ଶିଖ ବିଶ୍ୱାସ କରନ୍ତି ଯେ ମାନବ ବ୍ୟତୀତ ଅନ୍ୟମାନେ ମଧ୍ୟ ସମ୍ବେଦନଶୀଳ। ଅର୍ଥାତ୍ ସେମାନଙ୍କର ଅନୁଭବ ଅଛି। ସେମାନେ ସୁଖଦୁଃଖର ସମ୍ବେଦନାକୁ ଅନୁଭବ କରିପାରନ୍ତି। ଅଷ୍ଟ୍ରେଲିଆର ଆଦିବାସୀମାନେ ପାହାଡ଼, ଉପତ୍ୟକା, ଗଛଲତା, ପଥର, ପ୍ରାଣୀ, କୀଟପତଙ୍ଗ, ମଣିଷ, ଭୂଦୃଶ୍ୟ, ପ୍ରାକୃତିକ ଛଟା ସବୁକୁ ଚେତନଶୀଳ, ସମ୍ବେଦନଶୀଳ ବିଚାର କରନ୍ତି। ୨୦୧୭ ମସିହାରେ ନିଉଜିଲ୍ୟାଣ୍ଡର ମାଓରିସ୍‌ମାନେ ବିଚାରାଳୟରୁ ସ୍ୱୀକୃତି ଲାଭ କରିଥିଲେ ଯେ ସେମାନଙ୍କ ଅଞ୍ଚଳରେ ପ୍ରବାହିତ ହ୍ୱାଙ୍ଗାନୁଇ ନଦୀ ଏକ ଜୀବନ୍ତ ସତ୍ତା ଭାବରେ ପରିଗଣିତ ହେବ। ଭାରତୀୟ ବିଚାରାଳୟଗୁଡ଼ିକ ମଧ୍ୟ ମତବ୍ୟକ୍ତ କରିଥିଲେ ଯେ, ଗଙ୍ଗା ଓ ଯମୁନା ନଦୀ ଜୀବନ୍ତ ସତ୍ତା, ଠିକ୍ ଜୀବିତ ମଣିଷଙ୍କ ଭଳି ସମାନ ଅଧିକାର ସେମାନେ ଭୋଗ କରିବେ। ୨୦୧୯ ମସିହାରେ ଉତ୍ତର-ଆମେରିକାର ୟୁରୋକ୍ ଆଦିବାସୀମାନେ ଆଦିବାସୀ-ପରିଷଦରେ ନିଷ୍ପତ୍ତି ଗ୍ରହଣ କରି ସେମାନଙ୍କ ଅଞ୍ଚଳର କ୍ଲାମାଥ୍ ନଦୀକୁ ବ୍ୟକ୍ତିସତ୍ତାର ଅଧିକାର ପ୍ରଦାନ କଥାଟି ଘୋଷଣା କରିଥିଲେ। ଜୀବବାଦୀମାନଙ୍କ ମତରେ ପଥରମାନେ ମଧ୍ୟ ଆତ୍ମସଚେତନ, ଖଣ୍ଡେ ପଥର ଗତିହୀନ ପଥର ହୋଇ ରହିବା ଅପେକ୍ଷା ଆଉ କିଛି ଅଧିକ ଲାଭ କରିବାକୁ ଆକାଂକ୍ଷା ପୋଷଣ କରିବାର ସମ୍ଭାବନାକୁ ଏଡ଼େଇ ଦିଆଯାଇ ନ ପାରେ। ଯା'ର ଅର୍ଥ ପ୍ରତ୍ୟେକ ବସ୍ତୁ ଭିନ୍ନ ଭିନ୍ନ ମାତ୍ରାରେ ସମ୍ବେଦନଶୀଳ, ଚେତନଶୀଳ, ବୁଦ୍ଧିମାନ୍ ଓ ଆତ୍ମ-ସଚେତନ।

'ମହାଭାରତ'ରେ ବ୍ୟାସଦେବ କହନ୍ତି, ଆତ୍ମା ହେଉଛି 'ନଦୀ', ଯାହାର ପୁଣ୍ୟତୀର୍ଥ 'ସଂଯମ', ଉଦକ 'ସତ୍ୟ', ତଟଦେଶ 'ଶୀଳ', ଉର୍ମି 'ଦୟା'। ଟି.ଏସ୍. ଇଲିଅଟ୍ 'ଫୋର୍ କ୍ୱାର୍ଟେଟ୍‌ସ'ରେ କହନ୍ତି, ନଦୀ ଏକ ଧୂସର ଈଶ୍ୱର। ଆମ ଭିତରେ ନଦୀ ଅର୍ଥାତ୍ ଆତ୍ମା ଅଛି। ଚାରିପାଖରେ ସମୁଦ୍ର ଅର୍ଥାତ୍ ପରମାତ୍ମା ଅଛନ୍ତି। ନଦୀ ସମୁଦ୍ର ଆଡ଼କୁ ଗତି କରୁଥିଲା ଭଳି ଆତ୍ମା ପରମାତ୍ମା ଅଭିମୁଖେ ନିୟତ ଗତିଶୀଳ। ଆତ୍ମା, ପରମାତ୍ମା ଜୀବନ୍ତ, ତେଣୁ ନଦୀ ଓ ସମୁଦ୍ର ଜୀବନ୍ତ। କାଳିଦାସଙ୍କ 'ମେଘଦୂତମ୍'ର ବର୍ଣ୍ଣନା ଅନୁଯାୟୀ, ନିର୍ବାସିତ ଯକ୍ଷ ହେମମାଳୀ ମେଘକୁ ଦୂତ ମନେକରି ତା'ରି ହାତରେ ପ୍ରେମର ବାର୍ତ୍ତା ପଠାଇଛି ତା'ର ପ୍ରାଣପ୍ରିୟା ପତ୍ନୀ ବିଶାଳାକ୍ଷୀ ନିକଟକୁ। ମେଘ ଜୀବନ୍ତ। ବର୍ଷା ଋତୁରେ ମୃତ୍ତିକାମଣ୍ଡଳ ରଜସ୍ୱଳା ହୁଏ, ଅର୍ଥାତ୍ ଉର୍ବର, ଶସ୍ୟ ଉତ୍ପାଦନକ୍ଷମ ହୁଏ। କୃତ୍ତିକାମଣ୍ଡଳ ପୟସ୍ୱିନୀ ହୁଏ, ଅର୍ଥାତ୍ ଆକାଶରୁ ଝରିପଡ଼େ ଅମୃତ କ୍ଷୀର ସଦୃଶ ଜଳରାଶି। ଜଗଦୀଶଚନ୍ଦ୍ର ବୋଷ୍ ପ୍ରମାଣ କଲେ, ଗଛଲତାଙ୍କର ଜୀବନ ଅଛି। ବିଶିଷ୍ଟ ପ୍ରାଣୀବିଜ୍ଞାନୀ 'ସେଣ୍ଟ: ଏ ନ୍ୟାଚୁରାଲ୍ ହିଷ୍ଟ୍ରି ଅଫ୍ ଫ୍ରାଗ୍ରାନ୍ସ' ପୁସ୍ତକର ଲେଖିକା ଏଲିସେ ଭର୍‌ନନ୍ ପର୍ଲ୍‌ଷ୍ଟାଇନ୍ ୨୦୨୨ ମସିହା ଜୁନ୍ ମାସରେ ଏକ ସାକ୍ଷାତ୍‌କାରରେ କହିଛନ୍ତି, 'ଗଛଲତାଗୁଡ଼ିକ ମାଟିରେ ଦୃଢ଼ମୂଳ ହୋଇଥିବାରୁ ଗତି କରିପାରନ୍ତି ନାହିଁ। ତେଣୁ ସେମାନେ ସୁଗନ୍ଧିତ ରସାୟନ ତ୍ୟାଗ କରି ସେମାନଙ୍କର ଆବଶ୍ୟକତାକୁ ପ୍ରକାଶ କରନ୍ତି। ଉଭୟ ଆକର୍ଷଣ ଓ ସୁରକ୍ଷା ପାଇଁ ସେମାନେ ସୁଗନ୍ଧ ଉତ୍ସର୍ଜନ କରନ୍ତି।' ପଶ୍ଚିମ ଆମେରିକାର ବାସିନ୍ଦା ହୋଇ ପର୍ବତମାଳା ନିକଟରେ କାଳାତିପାତ କରିଥିବା ପର୍ଲ୍‌ଷ୍ଟାଇନ୍ କହନ୍ତି, 'ମୁଁ ପାଇନ୍ ଗଛ ଓ ତା'ତଳେ ଫୁଟୁଥିବା ଗୋଲାପ ଫୁଲର ସୁଗନ୍ଧକୁ ଭଲପାଏ। ଶୁଷ୍କ ମରୁ ମୃତ୍ତିକା ଉପରେ ପଡୁଥିବା ବର୍ଷାର ସୁଗନ୍ଧକୁ ମଧ୍ୟ ଭଲ ପାଏ। ବହିଃପ୍ରକୃତିର ସୁଗନ୍ଧ ଓ ସୌନ୍ଦର୍ଯ୍ୟ ସୂଚାଇଦିଏ ଯେ ତା'ର ପ୍ରତିଟି ଉପାଦାନ ଜୀବନ୍ତ ସତ୍ତା।' ମାଟିରୁ ମହାକାଶ ପର୍ଯ୍ୟନ୍ତ ସବୁ ଜୀବନ୍ତ।

ଏଇ କଥାଟିକୁ ଆମକୁ ସ୍ମରଣ କରାଇ ଦେଉଛି କୃତ୍ରିମ ବୁଦ୍ଧିଯୁକ୍ତ ଯନ୍ତ୍ର ଲାମ୍‌ଡା, ଯେ ବିପୁଳ ବିଶ୍ୱବ୍ରହ୍ମାଣ୍ଡରେ ସବୁକିଛି ସମ୍ବେଦନଶୀଳ, ଚେତନଶୀଳ, ବୁଦ୍ଧିମାନ୍ ଓ ଆତ୍ମସଚେତନ। କେବଳ ଏତିକି ଅନୁଭବ ହିଁ ମଣିଷକୁ ମହାନୁଭବ କରିବ।

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
ଧର୍ମଶାଳା(ଯାଜପୁର), ମୋ: ୯୮୫୩୨୮୨୯୭୨

# ଆପଣ ସୁଖ ଚାହୁଁଛନ୍ତି କି?

**ପ୍ରଦୀପ୍ତ ଆଚାର୍ଯ୍ୟ**

ମନୁଷ୍ୟ ପୃଥିବୀର ଶ୍ରେଷ୍ଠ ଜୀବ ଭାବେ ପରିଗଣିତ। ପ୍ରକୃତି, ସମଗ୍ର ପ୍ରାଣୀ ଜଗତ ମଧ୍ୟରେ ମନୁଷ୍ୟକୁ ବୁଦ୍ଧି ଓ ବିବେକ ପ୍ରଦାନ କରିଛି, ଯାହାକୁ ପ୍ରୟୋଗ କରି ମନୁଷ୍ୟ ସୁଖ, ସ୍ୱାଚ୍ଛନ୍ଦ୍ୟ ଓ ସହଜ ଜୀବନ ନିର୍ବାହ କରି ତା'ର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିପାରିଛି। କିନ୍ତୁ ଆଜିବି ଯାହାକୁ ପଚାରିଲେ ସେ କହୁଛି ମୁଁ ଦୁଃଖୀ।ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ମନୁଷ୍ୟ ଅହରହ ସୁଖର ସନ୍ଧାନରେ ଧାବିତ। ତା' ହେଲେ ସୁଖ କ'ଣ? ସୁଖ ଯଦି ବଜାରରେ ବିକ୍ରୟ କରା ଯାଉଥିବା ଏକ ବସ୍ତୁ ବା ପଦାର୍ଥ ହୋଇଥା'ନ୍ତା ତେବେ ପ୍ରତ୍ୟେକ ଧନୀ ବକ୍ତି ବହୁତ ସୁଖୀ ଥା'ନ୍ତେ। କିନ୍ତୁ ସେମାନେ ନିର୍ଦ୍ଧନମାନଙ୍କ ଠାରୁ ଅସୁଖୀ ଥିବା ଦେଖାଯାଏ।

ଆମେରିକୀୟ କବି ଜନ୍ ହେଙ୍କ ଲିଖିତ 'ଦି ଏନଚାଂଟେଡ ସାର୍ଟ'ରେ ଏ ସମ୍ପର୍କରେ ଚମତ୍କାର ବର୍ଣ୍ଣନା ରହିଛି - ଭୀଷଣ ମାନସିକ ଅବସାଦ, ଦୁଃଖ ଓ ଭୟରେ ଚାପଗ୍ରସ୍ତ ଜଣେ ରାଜା ଉପଚାର ନିମନ୍ତେ ଅନେକ ବୈଦ୍ୟ ଓ ଚିକିତ୍ସକଙ୍କ ଦ୍ୱାରସ୍ଥ ହୋଇ ହତାଶ ହେବା ପରେ ଜଣେ ମନସ୍ତତ୍ତ୍ୱବିତ୍‌ଙ୍କ ପରାମର୍ଶକ୍ରମେ ରାଜ୍ୟର ସୁଖୀ ବ୍ୟକ୍ତିର ସାର୍ଟଟିଏ ସଂଗ୍ରହ କରିବା ପାଇଁ ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଲେ। ଏଥିପାଇଁ ପୁରସ୍କାର ମଧ୍ୟ ଘୋଷଣା କରାଗଲା। କିନ୍ତୁ ସେଭଳି ବ୍ୟକ୍ତି ରାଜ୍ୟରେ ମିଳିଲେ ନାହିଁ। ଦୈବାତ୍ ଜଣେ ସୈନିକ ଦେଖିଲା, ଗୋଟିଏ ପଡ଼ିଆରେ ଜଣେ ଲୋକ ଅତି ଆନନ୍ଦରେ ଉଚ୍ଚ ସ୍ୱରରେ ଗୀତ ଗାଉଛି, ଖୁସିରେ ଘାସ ପଡ଼ିଆରେ ଗଡ଼ି ଯାଉଛି। ସୈନିକଟି ତା' ନିକଟକୁ ଯାଇ ପଚାରିଲା, 'ତୁମର କ'ଣ ଦୁଃଖ ଅଛି?' ବ୍ୟକ୍ତିଜଣକ କହିଲା, 'ସେଇଟା କ'ଣ ମୁଁ ଜାଣିନି।' ଏ କଥା ଶୁଣି ସୈନିକଟି ତା'କୁ ରାଜାଙ୍କ ନିକଟକୁ ନେଇଯିବା ପରେ ରାଜା ଯେକୌଣସି ମୂଲ୍ୟ ଓ ସମ୍ପଦ ବଦଳରେ ତା'ର ସାର୍ଟ ଦେବା ପାଇଁ ଅନୁରୋଧ କଲେ। ଲୋକଟି କହିଲା, 'ମଣିମା ମୋର ସାର୍ଟ ନାହିଁ।'

ଏହି ପରିପ୍ରେକ୍ଷୀରେ ବୁଦ୍ଧଙ୍କର 'କାମନାର ବିନାଶରେ ହିଁ ଦୁଃଖର ବିନାଶ' ମନ୍ତ୍ର ସ୍ମରଣକୁ ଆସେ। ଆଜିର ମାନବ ସୁଖ ପ୍ରାପ୍ତି ନିମନ୍ତେ ପାର୍ଥିବ ବସ୍ତୁ, ଭୌତିକ ପଦାର୍ଥ ଓ କ୍ଷମତା ପଛରେ ଦ୍ରୁତ ଧାବମାନ। ସତ୍ ହେଉ ବା ଅସତ୍, ଯେକୌଣସି ଉପାୟରେ ଅର୍ଥ ଉପାର୍ଜନ କରି, ଧନୀ ତାଲିକାଭୁକ୍ତ ହେବା ନିମନ୍ତେ ପ୍ରବଳ ପ୍ରତିଯୋଗିତା। ଏହା କ'ଣ ସୁଖ ପ୍ରାପ୍ତିର ମାର୍ଗ? ଅନେକଙ୍କ ନିକଟରେ ତୂଳୀତଳ୍ପ ଶଯ୍ୟା ଅଛି, ମାତ୍ର ନିଦ ଆସୁନାହିଁ। ସୁସ୍ୱାଦୁ ବ୍ୟଞ୍ଜନ ଅଛି, କିନ୍ତୁ ଜୀର୍ଣ୍ଣ କରିବାର ଶକ୍ତି ନାହିଁ। ଏକ ଗବେଷଣାଲବ୍ଧ ତଥ୍ୟାନୁଯାୟୀ, ଅନାହାରରେ ମୃତ୍ୟୁସଂଖ୍ୟା ଅପେକ୍ଷା, ଦାମୀ ଗରିଷ୍ଠ ଖାଦ୍ୟ ଜନିତ ଦୁରାରୋଗ୍ୟ ରୋଗରେ ପୀଡ଼ିତଙ୍କ ମୃତ୍ୟୁସଂଖ୍ୟା ଅଧିକ। ତେଣୁ ସୁଖପ୍ରାପ୍ତିର ମାର୍ଗ ଅର୍ଥ ବା ଧନ ନୁହେଁ, ତାହା ସ୍ପଷ୍ଟ।

ସୁଖପ୍ରାପ୍ତି ଏକ ମାନସିକ ଅବସ୍ଥା। ଜଣେ ବ୍ୟକ୍ତି ଯେଉଁ ଅବସ୍ଥାରେ ଦୁଃଖ ଅନୁଭବ କରେ, ଅନ୍ୟ ଜଣେ ସମାନ ସ୍ଥିତିରେ ସୁଖରେ କାଳାତିପାତ କରେ। ଅତ୍ୟଧିକ ଲୋଭ, ସମ୍ପତ୍ତି ବୃଦ୍ଧି କରିବାର ଦୁର୍ବାର ଲାଳସାଠାରୁ ଆଉ ଅଧିକ ଦୁଃଖ କିଛି ନାହିଁ। ମୃତ୍ୟୁଲୋକକୁ ଟଙ୍କାଟିଏ ନେଇପାରିବା ନାହିଁ ଜାଣି ମଧ୍ୟ ଲୋକେ ଅଣନିଃଶ୍ୱାସୀ ହୋଇ, ଖାଦ୍ୟ ବିଶ୍ରାମ ଉପଭୋଗକୁ ଜଳାଞ୍ଜଳି ଦେଇ ଅଧିକ ଅର୍ଥ ରୋଜଗାର ନିମନ୍ତେ ଅକ୍ଳାନ୍ତ ପରିଶ୍ରମ କରନ୍ତି। କିନ୍ତୁ ଭୋଗ କରିପାରନ୍ତି ନାହିଁ। ମନୁଷ୍ୟର ଆବଶ୍ୟକତା ପରିପୂରଣ ନିମନ୍ତେ ଯେତିକି ଅର୍ଥ ଦରକାର, ସେତିକିରେ ଯିଏ ସନ୍ତୁଷ୍ଟ ହୁଏ, ସେ ହେଉଛି ଦୁନିଆର ଶ୍ରେଷ୍ଠ ସୁଖୀ ବ୍ୟକ୍ତି। ଅନ୍ୟର ସମ୍ପଦ, ସଫଳତା, ଯୋଗ୍ୟତା, ସୌନ୍ଦର୍ଯ୍ୟରେ ଈର୍ଷ୍ୟୁକ ବ୍ୟକ୍ତି କେବେ ସୁଖୀ ହୋଇପାରେ ନାହିଁ। ଦିଆସିଲି କାଠି ଅନ୍ୟକୁ ଜାଳିବା ପୂର୍ବରୁ ଯେପରି ନିଜେ ଜଳିଯାଏ, ଈର୍ଷାଳୁ ବ୍ୟକ୍ତିଟି ସେହିପରି ଈର୍ଷା ଦ୍ୱାରା ଅନ୍ୟର କ୍ଷତି ତ କରିପାରେ ନାହିଁ, କିନ୍ତୁ ନିଜର ମାନସିକ ଭାରସାମ୍ୟ ହରାଇ କଷ୍ଟ ପାଇଥାଏ। ତେଣୁ ଅନ୍ୟର ଖୁସୀରେ ଖୁସୀ ହେବା, ସୁଖ ପ୍ରାପ୍ତିର ଅନ୍ୟତମ ମାର୍ଗ। ଈର୍ଷା ତ୍ୟାଗ ଏକ କଷ୍ଟସାଧ୍ୟ କାର୍ଯ୍ୟ ନୁହେଁ, ମାନସିକ ସ୍ଥିତିକୁ ନିଜ ନିୟନ୍ତ୍ରଣରେ ରଖିଲେ ଏହା ଅତ୍ୟନ୍ତ ସହଜ ଓ ଲାଭଦାୟକ। ସେହିପରି ଅସନ୍ତୋଷ ଏକ ମାନସିକ ବ୍ୟାଧି। ଅନେକ ବ୍ୟକ୍ତି ଜୀବନରେ କେବେ ହେଲେ କୌଣସି ଉପଲବ୍ଧି କିମ୍ବା ପଦାର୍ଥରେ ସନ୍ତୁଷ୍ଟ ହୋଇ ପାରନ୍ତି ନାହିଁ। ପ୍ରତ୍ୟେକ କାର୍ଯ୍ୟର ସାମାନ୍ୟ ବିଫଳତା ପାଇଁ ସଦାସର୍ବଦା ଅନ୍ୟକୁ ଦୋଷାରୋପ କରନ୍ତି।

ଯାହା ହେଉଛି, ଠିକ୍ ହେଉଛି - ଏହି କଥାକୁ ଗ୍ରହଣ ନକଲେ ଆମ୍ଭେମାନେ କେବେହେଲେ ସୁଖୀ ହୋଇ ପାରିବା ନାହିଁ। ମନୁଷ୍ୟର ଅନ୍ୟତମ ପ୍ରଥମ ଓ ପ୍ରଧାନ ଶତ୍ରୁ ହେଉଛି କ୍ରୋଧ। କ୍ରୋଧର ବଶବର୍ତ୍ତୀ ହେଲେ ବ୍ୟକ୍ତିର ବୁଦ୍ଧିଭ୍ରଂଶ ହୋଇଥାଏ। ସେ ଆତ୍ମନିୟନ୍ତ୍ରଣ ହରାଇ ଥାଏ। ସେ କହୁଥିବା କଥା ଏବଂ କରୁଥିବା କାର୍ଯ୍ୟ ସଠିକ୍ ଭାବରେ କରି ନ ପାରି ବିପଦର ସମ୍ମୁଖୀନ ହୋଇଥାଏ। ଅନେକ ଛୋଟଛୋଟ କଥା ଆମକୁ ବେଳେବେଳେ ଦୁଃଖୀ କରାଇ ଥାଏ, ଯାହା ଆମେ ଜାଣି ପାରୁନାହିଁ। ଟିକିଏ ସଚେତନ ହୋଇ ଆମେ ଯଦି ଆମର ପ୍ରକୃତି ଓ ପ୍ରବୃତ୍ତିକୁ ନିୟନ୍ତ୍ରଣରେ ରଖିପାରିବା, ତେବେ ସୁଖପ୍ରାପ୍ତି କେବେବି କଷ୍ଟସାଧ୍ୟ ନୁହେଁ।

ସୁଖପ୍ରାପ୍ତି ନିମନ୍ତେ, ସର୍ବ ପ୍ରଥମେ ଆମେ କୌଣସି ଜିନିଷ ପାଇବାର ଆଶା ନରଖି ସମସ୍ତଙ୍କୁ ନିଃସର୍ତ୍ତ ଭଲ ପାଇବା ଉଚିତ। ପଶୁପକ୍ଷୀ, ବୃକ୍ଷଲତାଠାରୁ ଆରମ୍ଭ କରି ମନୁଷ୍ୟ ପର୍ଯ୍ୟନ୍ତ ସମସ୍ତଙ୍କୁ ଭଲପାଇବା ଏକ କଷ୍ଟ କାର୍ଯ୍ୟ ନୁହେଁ, ଏକ ଅଭ୍ୟାସର କଥା। ପଶୁକୁ ଯଦି ଆମେ ପୋଷା ମନାଇ, ନିଜ ଇଙ୍ଗିତରେ ପରିଚାଳିତ କରାଇ ପାରିଲେ କିମ୍ବା ନିଜେ ରୋପଣ କରିଥିବା ବୃକ୍ଷଟିକୁ ଯତ୍ନ ନେଇ ସେଥିରେ ଫୁଲ ଫଳ ଉତ୍ପନ୍ନ କରାଇ ପାରିଲେ, ତେବେ ସେ ଆନନ୍ଦ କେବଳ ଅନୁଭବ କରିହେବ ସିନା ବର୍ଣ୍ଣନା କରି ହେବ ନାହିଁ। ମନୁଷ୍ୟ ଜୀବନରେ ଯାହାକିଛି ଘଟୁଛି, ସାଧାରଣତଃ ତାହା ତା'ର ନିଜ ନିୟନ୍ତ୍ରଣରେ ନଥାଏ। ଈଶ୍ୱରଙ୍କୁ ପ୍ରାର୍ଥନା ବା ପ୍ରଣାମ କରିବା ଦ୍ୱାରା ହୁଏତ ଆମର ପାର୍ଥିବ କାମନା ପୂରଣ ହୋଇ ନପାରେ। କିନ୍ତୁ କାମନା ରହିତ ପ୍ରାର୍ଥନା ଆମକୁ ନିଶ୍ଚୟ ଶାନ୍ତି ପ୍ରଦାନ କରିବ, ଏହା ନିଃସନ୍ଦେହ। ଆମ ସୁଖ-ଦୁଃଖରେ ଆମେ ସମସ୍ତଙ୍କୁ ଅଂଶୀଦାର କରିବା ଉଚିତ। କାରଣ ସୁଖ ବାଣ୍ଟିଲେ ତାହା ଦ୍ୱିଗୁଣିତ ହୁଏ ଏବଂ ଦୁଃଖ ବାଣ୍ଟିଲେ ତାହା ହ୍ରାସ ହୋଇଥାଏ। ସାଧାରଣତଃ ଅନେକ ଲୋକ ଈର୍ଷାନ୍ୱିତ ପ୍ରକୃତି ଯୋଗୁଁ ଅନ୍ୟର ଖୁସିରେ ଦୁଃଖ କରନ୍ତି। ଅନ୍ୟର ସୁଖରେ ଆମେ ମଧ୍ୟ ସୁଖୀ ହେବାର କଳାକୁ ଆୟତ୍ତ କଲେ, ତାହା ଆମକୁ ନିଶ୍ଚୟ ଆନନ୍ଦ ପ୍ରଦାନ କରିବ। ସେହିପରି ସାଧାରଣତଃ ମନୁଷ୍ୟ ଲୋଭବଶତଃ ଦାନ କରିବାକୁ କୁଣ୍ଠା ପ୍ରକାଶ କରିଥା'ନ୍ତି। ଦାନ କହିଲେ କେବଳ ଅର୍ଥ ଦାନକୁ ବୁଝାଏ ନାହିଁ। ଗୋଟିଏ ଶୁଷ୍କ ବୃକ୍ଷରେ ମୁନ୍ଦାଏ ଜଳ, ଜଣେ କ୍ଷୁଧାର୍ତ୍ତକୁ ଅନ୍ନ, ତୃଷାର୍ତ୍ତ ପଶୁପକ୍ଷୀଙ୍କ ନିମନ୍ତେ ଜଳ ସଂରକ୍ଷଣ ଏବଂ ସର୍ବୋପରି ସମସ୍ୟା ଜଡ଼ିତ ବ୍ୟକ୍ତିକୁ ଟିକିଏ ଆଶ୍ୱାସନାଠାରୁ ଆଉ ଅଧିକ ମୂଲ୍ୟବାନ ଦାନ ଆଉ କ'ଣ ଥାଇପାରେ? ସାମାନ୍ୟ ତ୍ୟାଗରେ ଆମେ ଯଦି ଆଉ କାହା ମୁହଁରେ ଟିକିଏ ହସ ଫୁଟାଇ ପାରିଲେ, ତାହା ଆମକୁ ଆନନ୍ଦ ପ୍ରଦାନ କରିବାରେ ନିଶ୍ଚୟ ସହାୟକ ହେବ। ପରିବାରରେ ଯଦି ଅଶାନ୍ତି ସୃଷ୍ଟି ହୁଏ, ତେବେ ମଧ୍ୟ ଆମେ ସୁଖୀ ହୋଇ ପାରିବା ନାହିଁ। ପାରିବାରିକ ଶାନ୍ତି ପ୍ରତିଷ୍ଠା ନିମନ୍ତେ, ଆମକୁ ସମସ୍ତଙ୍କ ମତାମତକୁ ସମ୍ମାନ ଜଣାଇ, ଆଲୋଚନା ମାଧ୍ୟମରେ ନିଷ୍ପତ୍ତି ନେବା ଆବଶ୍ୟକ। ବୁଝାମଣା, ଧୈର୍ଯ୍ୟ ଓ କ୍ରୋଧ ନିୟନ୍ତ୍ରଣ ପାରିବାରିକ ଶାନ୍ତି ବଜାୟ ରଖିବାର ଉତ୍ତମ ମାଧ୍ୟମ। ସମସ୍ତେ ଏକତ୍ର ରାତ୍ରଭୋଜନ କରି ସେହି ସମୟରେ ସମସ୍ତଙ୍କର ଦୈନନ୍ଦିନ କାର୍ଯ୍ୟାବଳୀର ବିଶ୍ଳେଷଣ କରିବା ଦ୍ୱାରା ଅନେକ ସମସ୍ୟାର ସହଜ ସମାଧାନ ସମ୍ଭବ ହୋଇଥାଏ। ମୋଟାମୋଟି ଭାବରେ ସ୍ୱାର୍ଥପର ମନୋଭାବ ତ୍ୟାଗ କରି ଲୋଭ ଓ କ୍ରୋଧ ପରି ଶକ୍ତିଶାଳୀ ଶତ୍ରୁକୁ ଆୟତ୍ତରେ ରଖି ସମସ୍ତଙ୍କ ପାଇଁ ଉଦାର ମନୋଭାବ ପୋଷଣ ପୂର୍ବକ ଈଶ୍ୱରଙ୍କ ଉପରେ ଦୃଢ଼ ବିଶ୍ୱାସ ରଖି ପାରିଲେ ଆମ୍ଭେ ନିଶ୍ଚୟ ଆନନ୍ଦରେ ରହିବା।

ଈଶାଣୀବ୍ରହ୍ମପୁର(କଟକ), ମୋ: ୬୩୭୧୫୯୩୨୨୦

# କର୍ଣ୍ଣବେଧ ସଂସ୍କାର: ପରମ୍ପରା ନା ବିଜ୍ଞାନ

**ଓଜସ୍ୱିନୀ**

**ବେଦ-ବିଜ୍ଞାନ**

ସନାତନ ରୀତି ଓ ପରମ୍ପରା ଅନୁସାରେ ମନୁଷ୍ୟ ଜୀବନର ଷୋଡ଼ଶ ସଂସ୍କାର ମଧ୍ୟରୁ କର୍ଣ୍ଣବେଧ ସଂସ୍କାର ବା କାନଫୋଡ଼ା ହେଉଛି ନବମ। ଉପନୟନରେ କାନ ଫୋଡ଼ିବାର ବିଧି ଥିବା ବେଳେ ଶିଶୁକନ୍ୟାମାନଙ୍କର ୩ରୁ ୬ ବର୍ଷ ବୟସରେ କାନ ଫୋଡ଼ାଇବାର ପରମ୍ପରା ଚଳିଆସିଛି। କର୍ଣ୍ଣବେଧ ସଂସ୍କାର ପାଇଁ ଅନେକ ବିଧବିଧାନ ଓ ଶ୍ଳୋକ ରହିଛି। ଏସବୁକୁ ବିଧିପୂର୍ବକ ପାଳନ କରି ଉଭୟ ପୁଅ-ଝିଅଙ୍କ କାନ ଫୋଡ଼ା ଯାଇଥାଏ। ମନ୍ଦିର, ତୀର୍ଥସ୍ଥଳ କିମ୍ବା କୌଣସି ପବିତ୍ର ସ୍ଥାନରେ ବସି ପୁଅମାନଙ୍କର ପ୍ରଥମେ ଦକ୍ଷିଣ କର୍ଣ୍ଣ ଏବଂ ଝିଅମାନଙ୍କର ବାମ କର୍ଣ୍ଣ ପ୍ରଥମେ ଫୋଡ଼ା ଯାଇଥାଏ। ସୂର୍ଯ୍ୟାସ୍ତ ପରେ କର୍ଣ୍ଣବେଧ ଅଶୁଭ ବୋଲି ବିଚାର କରାଯାଏ। କର୍ଣ୍ଣବେଧ ପରେ ତମ୍ବା କାନଫୁଲକୁ ଗଙ୍ଗାଜଳରେ ଧୋଇ ଧାରଣ କରିବାର ବିଧି ରହିଛି।

ଭାରତର ପ୍ରାଚୀନ ପରମ୍ପରାରେ ସମ୍ଭ୍ରାନ୍ତ ଓ ରାଜମାନେ କର୍ଣ୍ଣବେଧ ପାଇଁ ସୁନା ଛୁଞ୍ଚି, କ୍ଷତ୍ରିୟମାନଙ୍କ ପାଇଁ ରୁପା ଛୁଞ୍ଚି ଏବଂ ସାଧାରଣ ବର୍ଗଙ୍କ ପାଇଁ ତମ୍ବା ଛୁଞ୍ଚି ବ୍ୟବହାର କରାଯାଉଥିଲା। ପ୍ରତ୍ୟେକ ପୌରାଣିକ ଚରିତ୍ରମାନଙ୍କରେ ମଧ୍ୟ କର୍ଣ୍ଣ ଆଭୂଷଣ ଭାବେ କର୍ଣ୍ଣକୁଣ୍ଡଳ ଦେଖିବାକୁ ମିଳେ, ଯାହାର ବିଭିନ୍ନ ନାମ ହେଉଛି- ପତ୍ର କୁଣ୍ଡଳ, ମକର କୁଣ୍ଡଳ, ଶଙ୍ଖ କୁଣ୍ଡଳ, ରତ୍ନ କୁଣ୍ଡଳ, ସର୍ପ କୁଣ୍ଡଳ, ମୃଷ୍ଟ କୁଣ୍ଡଳ। ଏହାକୁ ନେଇ ବିଭିନ୍ନ ପୌରାଣିକ କାହାଣୀ ମଧ୍ୟ ଅଛି। ଆଜିର ଏହି ଆଧୁନିକ ଯୁଗରେ ମଧ୍ୟ କାନ ଫୋଡ଼ାଇବାକୁ ଏକ ଫ୍ୟାଶନ୍ ବା ଟ୍ରେଣ୍ଡ ଭାବରେ ଆଦୃତ କରିନେଇଛନ୍ତି, ଯେଉଁଠାରେ ବୟସର କିଛି ନିର୍ଦ୍ଦିଷ୍ଟ ସୀମା ନାହିଁ।

କର୍ଣ୍ଣବେଧର ଉଭୟ ଆଧ୍ୟାତ୍ମିକ ଓ ବୈଜ୍ଞାନିକ କାରଣ ରହିଛି। ଅଧିକାଂଶ କ୍ଷେତ୍ରରେ ଦେଖାଯାଉଛି ଯେ ଏବେ ପୁଅମାନେ ବାମ କାନ ଫୋଡ଼ାଉଛନ୍ତି। ଜ୍ୟୋତିଷ ଶାସ୍ତ୍ର ଅନୁସାରେ ବାମ କାନକୁ ଚନ୍ଦ୍ରଙ୍କ ସହିତ ଯୋଡ଼ା ଯାଇଛି, ଯାହାକି ସକାରାତ୍ମକ ଶକ୍ତି ଓ ଶୀତଳତାର କାରକ। ଶୀତଳତା ଓ ସକାରାତ୍ମକ ଶକ୍ତି ମାନସିକ ସ୍ୱାସ୍ଥ୍ୟକୁ ଦୃଢ଼ କରେ, ଯାହାଦ୍ୱାରା ନିର୍ଣ୍ଣୟ ନେବାର କ୍ଷମତା ବୃଦ୍ଧି ସହିତ କାର୍ଯ୍ୟକ୍ଷେତ୍ରର ସଂଘର୍ଷମୟ ସ୍ଥିତିରେ ସକାରାତ୍ମକ ଶକ୍ତି ସହିତ ବିକାଶ କରିବା ଦିଗରେ ସହାୟକ ହୁଏ। ଶୁକ୍ର ଗ୍ରହଙ୍କର ଶକ୍ତି ମଧ୍ୟ ବାମ କାନ ସହିତ ସଂଶ୍ଳିଷ୍ଟ। ଶୁକ୍ର ହେଉଛନ୍ତି ପ୍ରେମ, ସୌନ୍ଦର୍ଯ୍ୟ ଓ ସମୃଦ୍ଧିର କାରକ। ତେଣୁ ବାମ କାନରେ ଇୟର୍ ରିଂ ପିନ୍ଧିବା ଦ୍ୱାରା ଜୀବନରେ ସୁଖ, ସମୃଦ୍ଧି, କାର୍ଯ୍ୟକ୍ଷେତ୍ରରେ ଉନ୍ନତି ଓ ସୌନ୍ଦର୍ଯ୍ୟ ବୃଦ୍ଧି ପାଇଥାଏ। ଏହି ଦୃଷ୍ଟିରୁ ଦେଖିବାକୁ ଗଲେ ମହିଳାଙ୍କ କ୍ଷେତ୍ରରେ ବାମ କାନ ପ୍ରଥମେ ଫୋଡ଼ାଇବାର ଯଥାର୍ଥତା ସ୍ପଷ୍ଟ ହୋଇଥାଏ। କାନରେ ସୁନା ଧାରଣ କରିବା ଯୋଗୁଁ ସୁନା ସହିତ ସଂଶ୍ଳିଷ୍ଟ ବୃହସ୍ପତି ଓ ବୁଧ ଗ୍ରହଙ୍କ ପ୍ରଭାବ ଜନ୍ମଜାତକରେ ସୁଖଦ ହୁଏ ଏବଂ ରାହୁଙ୍କ ନକାରାତ୍ମକ ପ୍ରଭାବ ଦୂର ହୋଇଥାଏ।

ବୈଜ୍ଞାନିକ ଦୃଷ୍ଟିକୋଣରୁ କାନ ଫୋଡ଼ାଇବା ଦ୍ୱାରା ପାଚନ ତନ୍ତ୍ର ମଜଭୁତ୍ ହୋଇ ହଜମ ଶକ୍ତି ବୃଦ୍ଧି ପାଏ। କାନର ତାଳି ବା ନିମ୍ନ ଭାଗ ବା ଯେଉଁ ସ୍ଥାନରେ କାନ ଫୋଡ଼ାଯାଏ, ତାହାକୁ 'ହଙ୍ଗର ପଏଣ୍ଟ' କୁହାଯାଏ। ତେଣୁ ଆକ୍ୟୁପଞ୍ଚର୍ ଚିକିତ୍ସା ଅନୁସାରେ କାନ ଫୋଡ଼ାଇବା ଏବଂ କାନରେ ବିଭିନ୍ନ ଇୟର୍ ରିଙ୍ଗ୍ ପିନ୍ଧିବା ଦ୍ୱାରା ହଙ୍ଗର୍ ପଏଣ୍ଟ ଉପରେ ସାମାନ୍ୟ ଚାପ ପଡ଼ିଥାଏ, ଯାହାକି ପାଚନ କ୍ରିୟାକୁ ସକ୍ରିୟ କରେ ଏବଂ ମେଦବହୁଳତା ପରି ସମସ୍ୟା ଦୂର ହୁଏ। କାନର ମଧ୍ୟଭାଗରେ ଥିବା ଏକ ପଏଣ୍ଟ ବା ବିନ୍ଦୁ ଦୃଷ୍ଟିଶକ୍ତି ସହିତ ସିଧାସଳଖ ଯୋଡ଼ି ହୋଇ ରହିଥାଏ। ତେଣୁ ଏହା ଉପରେ ଚାପ ପଡ଼ିବା ଯୋଗୁଁ ଦୃଷ୍ଟିଶକ୍ତି, ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବା ସହିତ ଶରୀରରେ ରକ୍ତ ସଞ୍ଚାଳନ ସଠିକ୍ ଭାବରେ ହୋଇ ଶାରୀରିକ ଓ ମାନସିକ ସୁସ୍ଥତା ବଜାୟ ରହେ। କାନତାଳିରେ ଥିବା ବିନ୍ଦୁ ପ୍ରଜନନ ତନ୍ତ୍ର ସହିତ ଜଡ଼ିତ ଥିବାରୁ କାନଫୋଡ଼ିବା ସହିତ ସୁନା ଆଭୂଷଣ ପିନ୍ଧିବା ଦ୍ୱାରା ପ୍ରଜନନ ତନ୍ତ୍ର ଜନିତ ଅନେକ ସମସ୍ୟା ଦୂର ହୁଏ ଏବଂ ସୁସ୍ଥସବଳ ଶିଶୁର ଜନ୍ମ ହୋଇଥାଏ।

ବିଭିନ୍ନ ଧାତୁ ନିର୍ମିତ କର୍ଣ୍ଣଆଭୂଷଣର ଭିନ୍ନ ଭିନ୍ନ ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଛି। ତମ୍ବା କାନଫୁଲ ପିନ୍ଧିବା ଦ୍ୱାରା ହାଡ଼ ମଜଭୁତ୍ ହୁଏ ଏବଂ ଆଣ୍ଠୁଗଣ୍ଠି ଦରଜ ସମସ୍ୟା ଅନେକାଂଶରେ ଦୂର ହୁଏ। ରୁପା ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣଯୁକ୍ତ ହୋଇଥିବାରୁ ରୁପା ନିର୍ମିତ କର୍ଣ୍ଣ ଆଭୂଷଣ ଦ୍ୱାରା ଚର୍ମ ଉଜ୍ଜ୍ୱଳ ରହିବା ସହିତ ଚର୍ମରୋଗ ସମସ୍ୟା ଦୂର ହୋଇଥାଏ। ମାଇଗ୍ରେନ୍ ବା ମୁଣ୍ଡବିନ୍ଧା ଦୂର କରିବା କ୍ଷେତ୍ରରେ ମଧ୍ୟ ରୁପା କାନଫୁଲ ବେଶ୍ ଫଳପ୍ରଦ। ତେଣୁ ଉଭୟ ଆଧ୍ୟତ୍ମିକ ଓ ବିଜ୍ଞାନ ଦୃଷ୍ଟିରୁ କର୍ଣ୍ଣବେଧ ସଂସ୍କାର ଏଆମ ପାଇଁ ଏକ ସୁରକ୍ଷା କବଚ।

ମୋ: ୯୦୯୦୧୯୪୯୪୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## କଣିପାଳରେ ଅଗ୍ନିକାଣ୍ଡ

**କଁ୍ୟାଗୋଲା ୩।୪(ସମିସ):** ଦଶରଥପୁର ବ୍ଲକ ବିରିପଟା ପଞ୍ଚାୟତ ଅନ୍ତର୍ଗତ କଣିପାଳ ଗ୍ରାମରେ ଗୁରୁବାର ରାତି ୭.୧୫ରେ ଅଭିମନ୍ୟୁ ମହାରଣାଙ୍କର ଘର ଓ ଗୁହାଳ ନିଆଁ ଲାଗି ଭସ୍ମୀଭୂତ ହୋଇଯାଇଛି। ଗୁହାଳରେ ଥିବା ୨ଟି ଗୋରୁ ଅର୍ଦ୍ଧଦଗ୍ଧ ହୋଇଯାଇଛନ୍ତି। ସେହିପରି ଅଗ୍ନିକାଣ୍ଡରେ ଅଭିମନ୍ୟୁଙ୍କ ଭାଇ ଦୀପ୍ତିମୟୀ ମହାରଣାଙ୍କ ୨ ବଖରା ଘର ପୋଡିଯାଇଛି। ପ୍ରଖର ନିଆଁରେ ୩ ବଖରା ଘର ସହ ଗୁହାଳ ସମ୍ପୂର୍ଣ୍ଣ ପୋଡିଯାଇଛି। ଘରେ ଥିବା ୩ ଲକ୍ଷରୁ ଅଧିକ ମୂଲ୍ୟର ଆସବାବପତ୍ର ଜଳିଯାଇଥିବା ଅନୁମାନ କରାଯାଉଛି। ଦଶରଥପୁରର ଅଗ୍ନିଶମ କର୍ମଚାରୀ ଓ ଗ୍ରାମବାସୀ ନିଆଁକୁ ଆୟତ୍ତ କରିଥିଲେ। ରମାକାନ୍ତ ରାଉତ, ଚିତ୍ତରଞ୍ଜନ ମହାରଣା, ଶଶିକାନ୍ତ ସୂତାର, ଶିଶିର ପଲେଇ, ପ୍ରତାପ ରାୟ, କୃଷ୍ଣଚନ୍ଦ୍ର ଜେନା, ଦେବେନ୍ଦ୍ର ସାହୁ, ଅକ୍ଷୟ ସୂତାର ପ୍ରମୁଖ ଗ୍ରାମବାସୀ ଅଗ୍ନି ବିପନ୍ନ ପରିବାରକୁ ସରକାରୀ ସହାୟତା ଦାବି କରିଛନ୍ତି।

### ପାରମ୍ପରିକ ପୋଷାକ ପିନ୍ଧ

# ସେଲ୍‌ଫି ଅପ୍‌ଲୋଡ୍ କରିବାକୁ ଜିଲ୍ଲାପାଳଙ୍କ ପରାମର୍ଶ



ଜିଲ୍ଲାସ୍ତରୀୟ 'ଆମ ପୋଷାକ, ଆମ ପରିଚୟ' କାର୍ଯ୍ୟକ୍ରମ

**ଯାଜପୁର, ୩।୪(ସମିସ)**

ଜିଲ୍ଲାସ୍ତରୀୟ ଓଡ଼ିଆ ପକ୍ଷ ୨୦୨୫ ପାଳନର ତୃତୀୟ ଦିବସରେ ଜିଲ୍ଲା ସ୍ତରୀୟ 'ଆମ ପୋଷାକ ଆମ ପରିଚୟ' ଅଭିଯାନ କାର୍ଯ୍ୟକ୍ରମ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଏହି ଦିବସ ପାଳନ ଅବସରରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ନବକ୍ରିଷ୍ଣ ଜେନା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶିବାନନ୍ଦ ସ୍ୱାଇଁ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, ଉପ ଜିଲ୍ଲାପାଳ ଲମ୍ବୋଦର ଖୁଣ୍ଟିଆ, ଜିଲ୍ଲା ଜରୁରୀ ଅଧିକାରୀ ଶ୍ରୀ ଅଶୋକ କୁମାର ବେହେରା, ଡେପୁଟି କଲେକ୍ଟର, ସଂସ୍ଥା ଶ୍ରୀମତୀ ଅଙ୍କିତା ବାରିକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ପାରମ୍ପରିକ ପୋଷାକ ପରିଧାନ କରି 'ଆମ ପୋଷାକ ଆମ ପରିଚୟ' ଅଭିଯାନରେ ସାମିଲ ହୋଇଛନ୍ତି। ଜିଲ୍ଲାର ସମସ୍ତ କାର୍ଯ୍ୟାଳୟର କର୍ମଚାରୀ, ସାଧାରଣ ଜନତା, ଗଣମାଧ୍ୟମ ପ୍ରତିନିଧି, ବୁଦ୍ଧିଜୀବୀ ସମସ୍ତେ ପାରମ୍ପରିକ ପୋଷାକ ପରିଧାନ କରି ନିଜ ନିଜର ସେଲ୍‌ଫିକୁ odiapakhya.com ୱେବସାଇଟରେ ଅପଲୋଡ଼୍ କରିବାକୁ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଅନୁରୋଧ କରିଛନ୍ତି।

## ହାତୀବାରି ଜଗନ୍ନାଥ ମନ୍ଦିରର ବାର୍ଷିକ ଉତ୍ସବ

**ହାତୀବାରି, ୩।୪(ସମିସ):** ସୁକିନ୍ଦା ବ୍ଲକ ଅନ୍ତର୍ଗତ ହାତୀବାରି ସ୍ଥିତ ଜଗନ୍ନାଥ ମନ୍ଦିରର ଅଷ୍ଟମ ବାର୍ଷିକ ଉତ୍ସବ ମହା ଆଡମ୍ବରରେ ପାଳିତ ହେଉଛି। ଗତ ୧ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି ଉତ୍ସବ ଆସନ୍ତା ୫ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଏଥିଲାଗି ଯଥାବିଧି ପୂଜାର୍ଚ୍ଚନା, ହୋମଯଜ୍ଞ, ନାମ ସଙ୍କୀର୍ତ୍ତନ ଜାରି ରହିଛି। ଦୈନିକ ସୁକିନ୍ଦା ଆଖପାଖ ଅଞ୍ଚଳର ହଜାର ହଜାର ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଛି। ଦୈନିକ ସନ୍ଧ୍ୟାରେ ପ୍ରବଚନ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଜାରି ରହିଛି। ହାତୀବାରି ଗ୍ରାମର ଆବାଳ ବୃଦ୍ଧ ବନିତା ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଦେଖିବାକୁ ମିଳିଛି। ଆସନ୍ତା ଶନିବାର ସନ୍ଧ୍ୟାରେ ଏହି କାର୍ଯ୍ୟକ୍ରମର ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ ରହିଛି। ଏହି ଉତ୍ସବ ପାଇଁ ମନ୍ଦିର ନିକଟରେ ମିନାବଜାର ଓ ବିଭିନ୍ନ ପ୍ରକାରର ଦୋକାନ ସାଙ୍ଗକୁ ଦୋଳି କୁନି ପିଲାଙ୍କ ଖୁସିର କାରଣ ପାଲଟିଛି।



## ଏଡିଏମ୍‌ଙ୍କ ସହ ଆଲୋଚନା କଲେ ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ



ବାରଗାଡ଼ିଆ ହରିଜନ ସାହି ବିସ୍ଥାପିତଙ୍କୁ ଥଇଥାନ ଦାବି

**ଦାନଗଦି, ୩।୪(ସମିସ):** କଳିଙ୍ଗନଗର ସ୍ଥିତ ଟାଟା ଷ୍ଟିଲ କାରଖାନା ସ୍ଥାପନ ହେବା ଦ୍ୱାରା ବାରଗାଡ଼ିଆ ପଞ୍ଚାୟତର ହରିଜନ ସାହିର ବିସ୍ଥାପିତଙ୍କ ସମସ୍ୟା ବୃଦ୍ଧି ପାଇଛି। ସେମାନଙ୍କର ଉପଯୁକ୍ତ ଥଇଥାନ ନେଇ ପୂର୍ବତନ ମନ୍ତ୍ରୀ ଇଂ ପ୍ରୀତିରଞ୍ଜନ ଘଡ଼ାଇ ଗୁରୁବାର କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦଙ୍କ ସହ ଆଲୋଚନା କରିଛନ୍ତି। ହରିଜନ ସାହିର ପରିବାର ଗୁଡ଼ିକୁ ବିସ୍ଥାପିତ କରିବା ପୂର୍ବରୁ ଉପଯୁକ୍ତ ଥଇଥାନ କରିବା ଉପରେ ପ୍ରତିରଞ୍ଜନ ଗୁରୁତ୍ୱ ଦେଇଛନ୍ତି। ପ୍ରକାଶଥାଉକି ଟାଟା କାରଖାନା ଯୋଗୁଁ ହରିଜନ ସାହିର ଲୋକେ ପ୍ରଦୂଷଣ ସମସ୍ୟା ଭୋଗୁଛନ୍ତି। କାରଖାନାର ଧୂଳି ଧୂଆଁ ଯୋଗୁଁ ପାଣି ପ୍ରଦୂଷିତ ହେଉଛି। ଏପରିକି ଅନେକ ଯକ୍ଷ୍ମା, କିଡ଼ନୀ ଓ ଚର୍ମରୋଗେରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହୋଇଛି। ରାସ୍ତାର ଗୋଟିଏ ପାର୍ଶ୍ୱରେ ନୀଳାଚଳ ଓ ଅପର ପାର୍ଶ୍ୱରେ ଟାଟା କାରଖାନା ରହିଛି। ଫଳରେ ବାରଗାଡ଼ିଆ ପଞ୍ଚାୟତ ହରିଜନ ସାହି ଲୋକେ ଏକ ଦୁର୍ବିସହ ଜୀବନଯାପନ କରୁଛନ୍ତି। ସେମାନଙ୍କୁ ବିସ୍ଥାପିତ କରାଯାଉ ନ ଥିବାରୁ ସମସ୍ୟାରେ ଛନ୍ଦିହୋଇ ପଡ଼ିଛନ୍ତି। ଦୀର୍ଘ ବର୍ଷ ହେବ ହରିଜନ ସାହି ଲୋକେ ସେମାନଙ୍କ ବିସ୍ଥାପନ ନେଇ ଜିଲ୍ଲା ପ୍ରଶାସନକୁ ବାରମ୍ବାର ଦାବି କରି ଆସୁଥିଲେ ମଧ୍ୟ ସେମାନଙ୍କ କଥା କେହି ଶୁଣୁନାହାନ୍ତି। ଯାହାକୁ ନେଇ ନିକଟରେ ସେମାନେ ପୂର୍ବତନ ମନ୍ତ୍ରୀ ଇଂ ପ୍ରୀତିରଞ୍ଜନ ଘଡ଼ାଇଙ୍କୁ ଅନୁରୋଧ କରି ଏହାର ସମାଧାନ ପାଇଁ ଦାବି କରିଥିଲେ। ଫଳରେ ଆଜି ସେମାନଙ୍କର ଅସୁବିଧା ଓ ଦାବି ସମ୍ପର୍କରେ ଶ୍ରୀ ଘଡ଼ାଇ ଏଡିଏମଙ୍କ ସହ ଆଲୋଚନା କରିଛନ୍ତି। ସେମାନେ କିପରି ବିସ୍ଥାପିତ ହେବା ସହ ସେମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ମିଳିବ ତଥା ଯୋଗ୍ୟତା ଭିତ୍ତିରେ ବିସ୍ଥାପିତଙ୍କୁ ନିଯୁକ୍ତି ଦେବା ଆଦି ଦାବି ଉପରେ ଆଲୋଚନା ହୋଇଛି। ଏଡିଏମ ଶ୍ରୀ ନନ୍ଦ ସମସ୍ତ ଘଟଣା ସମ୍ପର୍କରେ ଜାଣିବା ପରେ ଖୁବ ଶୀଘ୍ର ଏହାର କିପରି ସମାଧାନ ହୋଇପାରିବ ସେ ନେଇ ଜିଲ୍ଲାପାଳଙ୍କ ସହିତ ଆଲୋଚନା କରି ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ ପକ୍ଷରୁ ପରିବେଶ ଦିବସ ପାଳିତ




**ଦାନଗଦି, ୩।୪(ସମିସ):** ପରିବେଶଗତ ସ୍ଥିରତା ପ୍ରତି ଏହାର ପ୍ରତିବଦ୍ଧତାକୁ ସୁଦୃଢ଼ କରି ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡର ଯାଜପୁର ପ୍ଲାଣ୍ଟ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପ୍ରମୁଖ ପରିବେଶ ଦିବସଗୁଡ଼ିକୁ ପାଳନ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିଛି। ଯେଉଁଥିରେ ଅନ୍ତର୍ଜାତୀୟ ବନ ଦିବସ, ବିଶ୍ୱ ଜଳ ଦିବସ ଏବଂ ଅନ୍ତର୍ଜାତୀୟ ଶୂନ୍ୟ ଅପଚୟ ଦିବସ (୩୦ ମାର୍ଚ୍ଚ) ଅନ୍ତର୍ଭୁକ୍ତ। କର୍ମଚାରୀ ଏବଂ ସ୍ଥାନୀୟ ସମ୍ପ୍ରଦାୟ ମଧ୍ୟରେ ସଚେତନତା ବୃଦ୍ଧି କରିବା ଏବଂ ସେମାନଙ୍କୁ ଉତ୍ସାହିତ କରିବା ଏହି କାର୍ଯ୍ୟକ୍ରମ ଗୁଡ଼ିକର ଲକ୍ଷ୍ୟ ଥିଲା। ବୃକ୍ଷରୋପଣ ଏବଂ ଜୈବ ବିବିଧତା ସଂରକ୍ଷଣକୁ ପ୍ରୋତ୍ସାହିତ କରି ମାର୍ଚ୍ଚ ୨୧ ତାରିଖରେ ଚାରା ବଣ୍ଟନ ଅଭିଯାନ ସହିତ ଏହି ଉତ୍ସବର ଶୁଭାରମ୍ଭ ହୋଇଥିଲା। ଜେଏସଏଲ ପ୍ଲାଣ୍ଟ ପରିସରରେ ଏକ ବୃକ୍ଷରୋପଣ ଅଭିଯାନ ମଧ୍ୟ ଆୟୋଜନ କରାଯାଇଥିଲା, ଯେଉଁଠାରେ କର୍ମଚାରୀମାନେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ। ପ୍ଲାଣ୍ଟ ପରିସରର ସବୁଜିମାକୁ ଆହୁରି ବୃଦ୍ଧି କରି ୧୦୦ରୁ ଅଧିକ ଗଛ ରୋପଣ କରିଥିଲେ। ୨୨ ମାର୍ଚ୍ଚରେ ବିଶ୍ୱ ଜଳ ଦିବସରେ କର୍ମଚାରୀ ଏବଂ ସେମାନଙ୍କ ପିଲାମାନଙ୍କ ପାଇଁ ହିମବାହ ତରଳିବା ଏବଂ ଜଳ ସଂରକ୍ଷଣ ଭଳି ବିଷୟବସ୍ତୁ ଉପରେ କେନ୍ଦ୍ରିତ ବିଭିନ୍ନ ସଚେତନତା କାର୍ଯ୍ୟକଳାପ ଯେପରିକି ସ୍ଲୋଗାନ ଲେଖା, ପୋଷ୍ଟର ତିଆରି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଅନ୍ତର୍ଜାତୀୟ ଶୂନ୍ୟ ଅପଚୟ ଦିବସର ଅଂଶ ସ୍ୱରୂପ ବ୍ରାହ୍ମଣୀ ନଦୀ କୂଳରେ ଏକ ନଦୀକୂଳ ସଫେଇ ଅଭିଯାନ ଅନୁଷ୍ଠିତ ହୋଇଥିଲା। ଯେଉଁଠାରେ କର୍ମଚାରୀ, ସ୍ଥାନୀୟ ଯୁବ ଗୋଷ୍ଠୀ ଏବଂ ଜେଏସଏଲର ଏନଜିଓ ସହଭାଗୀ, ଗ୍ରୀନ୍ ଡ୍ରିମ୍ ଫାଉଣ୍ଡେସନର ସଦସ୍ୟମାନେ ପ୍ଲାଷ୍ଟିକ୍ ଏବଂ ଅଳିଆ ଆବର୍ଜନା ଅପସାରଣ ପାଇଁ ଏକାଠି ହୋଇଥିଲେ। ସ୍ଥାନୀୟ ଯୁବକମାନଙ୍କ ସହିତ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା ଯାହାଦ୍ୱାରା ସେମାନଙ୍କୁ ଦାୟିତ୍ୱପୂର୍ଣ୍ଣ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ସୁସ୍ଥ ଜୀବନଯାପନ ବିଷୟରେ ବିଭିନ୍ନ ଶିକ୍ଷା ଦିଆଯାଇଥିଲା।

ଏହି ଅବସରରେ ଯାଜପୁରର ଜିନ୍ଦଲ ଷ୍ଟେନଲେସର ଯାଜପୁର ୟୁନିଟ୍ ମୁଖ୍ୟ ଦୀପକ ଅଗ୍ରୱାଲ କହିଛନ୍ତି, ପରିବେଶଗତ ସ୍ଥିରତା ପ୍ରତି ଧ୍ୟାନ ଆମ କାର୍ଯ୍ୟର ମୂଳ ସିଦ୍ଧାନ୍ତ ମଧ୍ୟରୁ ଗୋଟିଏ ଏବଂ ଆମେ ଆମର ପରିବେଶଗତ ପ୍ରଭାବ ହ୍ରାସ କରିବାକୁ ପ୍ରତିବଦ୍ଧ। ଏହି ପଦକ୍ଷେପଗୁଡ଼ିକ କେବଳ ଯେ ସଚେତନତା ବୃଦ୍ଧି କରୁଛି ତାହା ନୁହେଁ ବରଂ ଏକ ସ୍ୱଚ୍ଛ ଏବଂ ସବୁଜ ଭବିଷ୍ୟତ ପାଇଁ ବ୍ୟବହାରିକ ପରିବର୍ତ୍ତନକୁ ମଧ୍ୟ ଉତ୍ସାହିତ କରୁଛି। ଆହୁରି ଏକ ପଦକ୍ଷେପ ସ୍ୱରୂପ ପ୍ଲାଣ୍ଟ ପରିସରକୁ ପ୍ଲାଷ୍ଟିକ୍ ମୁକ୍ତ କରିବା ପାଇଁ ଏକ ସଂକଳ୍ପ ନେଇଛୁ ଯାହା ସ୍ଥାୟୀ ଅଭ୍ୟାସ ପ୍ରତି ଆମର ପ୍ରତିବଦ୍ଧତାକୁ ଆହୁରି ମଜବୁତ କରୁଛି। ସ୍ଥାୟୀତ୍ୱ ଜିନ୍ଦଲ ଷ୍ଟେନଲେସର କାର୍ଯ୍ୟର ଏକ ଅବିଚ୍ଛେଦ୍ୟ ଅଂଶ ଏବଂ ଏହା ସଂଗଠନ ଏବଂ ବ୍ୟାପକ ସମ୍ପ୍ରଦାୟ ମଧ୍ୟରେ ପରିବେଶଗତ ଦାୟିତ୍ୱକୁ ପ୍ରୋତ୍ସାହିତ କରିବା ପାଇଁ ସଦାସର୍ବଦା ସମର୍ପିତ।

## ବ୍ରଜ ପାଢ଼ୀ ଯାଜପୁର ସମବାୟ ସଂସ୍ଥାର ବିଧାୟିକାଙ୍କ ପ୍ରତିନିଧି



**ଯାଜପୁର, ୩।୪(ସମିସ):** ବିଶିଷ୍ଟ ସମବାୟବିତ ସମାଜସେବୀ ତଥା ବରୁଆଁ ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ବ୍ରଜକିଶୋର ପାଢ଼ୀ ଯାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀ କ୍ଷେତ୍ରରେ ଥିବା ସମବାୟସଂସ୍ଥାର ବିଧାୟିକା ସୁଜାତା ସାହୁଙ୍କ ପ୍ରତିନିଧି ଭାବେ ମନୋନୀତ ହୋଇଛନ୍ତି। ବିଧାୟିକାଙ୍କ ପ୍ରତିନିଧି ଭାବେ ମନୋନୀତ ହେବାପରେ ନିଜର ପ୍ରତିକ୍ରିୟାରେ ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ ଓ ବିଧାୟିକା ସୁଜାତା ସାହୁଙ୍କୁ ସେ କୃତଜ୍ଞତା ଜଣାଇବା ସହ ସମବାୟ କ୍ଷେତ୍ରରେ କୃଷକମାନଙ୍କ ମୁହଁରେ ହସ ଫୁଟାଇବା ପାଇଁ ନିଜକୁ ସମର୍ପିତ କରିବେ ବୋଲି ପ୍ରକାଶ କରିଛନ୍ତି। ଯାଜପୁର ବିଧାନସଭା କ୍ଷେତ୍ରରେ ଥିବା ବିଭିନ୍ନ ସମବାୟ ସଂସ୍ଥାର ସଭାପତି, ସମ୍ପାଦକ ଓ କୃଷକମାନେ ଶ୍ରୀ ପାଢ଼ୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କ କ୍ଷେତ ପରିଦର୍ଶନ



**ଯାଜପୁର,୩।୪(ସମିସ):** ଯାଜପୁର ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଡକ୍ଟର ଅରୁଣ ବେହେରା ବଡ଼ଚଣା ବ୍ଲକ୍ ଅଞ୍ଚଳରେ ଧାନ ପରବର୍ତ୍ତୀ ପଡ଼ିଆ ଜମିର ପରିଚାଳନା ଯୋଜନାରେ ହୋଇଥିବା ମୁଗ ଓ ବିରି ଡାଲି ଚାଷ କ୍ଷେତ ପରିଦର୍ଶନ କରିଛନ୍ତି। ବ୍ଲକର ବାଲିପଡ଼ିଆ ପଞ୍ଚାୟତ ଅନ୍ତର୍ଗତ ଦେକୁରୀ ଓ ଗୋପାଳପୁର ପଞ୍ଚାୟତର ଗଜେନ୍ଦ୍ରପୁର ଅଞ୍ଚଳରେ କୃଷକ ମାନେ ଧାନ ଅମଳ ପରେ ପଡ଼ିଆ ଜମିରେ ଖୁବ୍ ଭଲ ଭାବରେ କରିଥିବା ମୁଗ ଓ ବିରି ଚାଷ କ୍ଷେତ ଡକ୍ଟର ବେହେରା ବୁଲି ଦେଖିଥିଲେ। ଉପସ୍ଥିତ ଚାଷୀ ମାନଙ୍କ ସହିତ ଏହି ଯୋଜନାରେ ସଫଳ ଚାଷ ପାଇଁ ସରକାରଙ୍କ ଠାରୁ ସମ୍ପୂର୍ଣ୍ଣ ନିଃଶୁଳ୍କରେ ମିଳିଥିବା କୀଟନାଶକ, ବିଭିନ୍ନ ଜୈବିକ ଅଣୁ ସାର, ଏଲୋଷ୍ଟିକ୍, ଫେରୋମିନ୍ ଟ୍ରାପ, ଲାଇଟ୍ ଟ୍ରାପ୍ ଆଦି ସାମଗ୍ରୀର ଉପାଦେୟତା ଓ ସଠିକ୍ ବ୍ୟବହାର ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥଲେ। ଏହି ପ୍ରାକୃତିକ ଚାଷ ପ୍ରଣାଳୀରେ ଜମିର ଉର୍ବରତା ବୃଦ୍ଧି ହେବା ସହିତ ଚାଷୀ ପରିବାରର ପୁଷ୍ଟି ସମସ୍ୟାର ସମାଧାନ ସହିତ ଆୟ ବୃଦ୍ଧି ହୋଇପାରୁଛି ବୋଲି ଚାଷୀ ମାନଙ୍କୁ ଭଲ ଭାବେ ପରାମର୍ଶ ଦେଇଥିଲେ। ପରିଦର୍ଶନ ଅବସରରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କ ସହିତ ଜିଲ୍ଲା ସଂଯୋଜକ କୃଷିବିତ୍ ପ୍ରଦୀପ ସାହୁ, ବ୍ଲକ କୃଷି ଅଧିକାରୀ ରତିକାନ୍ତ ସେଠୀ, ଗ୍ରାମ୍ୟ କୃଷୀ ଅଧିକାରିଣୀ ପ୍ରମୁଖ ସାମିଲ ଥିଲେ। କାର୍ଯ୍ୟକାରୀ ସଙ୍ଗଠନ ଆଦର୍ଶ ଓଡ଼ିଶା ଫାଉଣ୍ଡେସନର କର୍ମକର୍ତ୍ତା ତଥା ବ୍ଲକ୍ ସଂଯୋଜକ ଏବଂ କ୍ଲଷ୍ଟର ସଂଯୋଜକମାନେ ସହଯୋଗ କରିଥିଲେ।

### ଅବ୍ୟବସ୍ଥା ଘେରରେ କୁହିକା ଡାକ୍ତରଖାନା

# ରୋଗୀଙ୍କ ଜୀବନ ଫାର୍ମାସିଷ୍ଟଙ୍କ ହାତରେ

**କୁହିକା, ୩।୪(ସମିସ):** ଖଣି ଖାଦାନ ଶିଳ୍ପ ସମୃଦ୍ଧ ଭରା ସୁକିନ୍ଦାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଡାକ୍ତରଙ୍କ ଅଭାବରୁ ଫାର୍ମାସିଷ୍ଟ ରୋଗୀ ଦେଖୁଛନ୍ତି। ୧୦ଟି ପଞ୍ଚାୟତର ସହସ୍ରାଧିକ ଲୋକ କୁହିକା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରନ୍ତି। ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ ଖଣି ଉପତ୍ୟାକାରେ ଥିବା କୁହିକା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ଖଣି ସଂଲଗ୍ନ ଅଞ୍ଚଳର କୁହିକା, ପିମ୍ପୁଡିଆ, ଦୁଧୁଯୋରୀ, ବନ୍ଧଗାଁ, କାଙ୍କଡ଼ପାଳ ସହ ଢେଙ୍କାନାଳ ଜିଲ୍ଲାର କୁନିନ୍ଦା, ଧୋଳପୋଡ଼ା ପଞ୍ଚାୟତର ପ୍ରାୟ ପଚାଶ ହଜାରରୁ ଉର୍ଦ୍ଧ୍ୱ ଲୋକ ନିର୍ଭର କରି ଆସୁଛନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଡେପୁଟେସନ ନାଁରେ ଡାକ୍ତର ନିୟମିତ ଆସୁନାହାନ୍ତି। ଏପଟେ ସ୍ଥାୟୀ ଡାକ୍ତର ଜଣେ ନିୟୋଜିତ ହୋଇ ନ ଥିବାରୁ କୋମଳମୋତି ଶିଶୁଙ୍କ ଠାରୁ ଆରମ୍ଭ କରି ଗର୍ଭବତୀ ମହିଳା ପର୍ଯ୍ୟନ୍ତ ସମସ୍ତେ ଅସୁବିଧା ଭୋଗୁଛନ୍ତି। ଉକ୍ତ ଡାକ୍ତରଖାନା ଫାର୍ମାସିଷ୍ଟଙ୍କ ଭରସାରେ ଚାଲୁଥିବା ଦେଖିବାକୁ ମିଳୁଛି। ସ୍ଥାନୀୟ ରୋଗି ଙ୍କ ଠାରୁ ସାମାନ୍ୟ ଥଣ୍ଡା ଜ୍ୱର ପାଇଁ ଲୋକେ ନାହିଁନଥିବା ଅସୁବିଧା ଭୋଗ କରୁଥିବା ଅଭିଯୋଗ ହେଉଛି.ସ୍ୱାସ୍ଥ୍ୟ ସେବାର ବିକାଶ ସହ ଭିତ୍ତିଭୂମିର ବିକାଶ ପାଇଁ ସରକାର ଡିଣ୍ଡିମ ପିଟୁଥିବା ବେଳେ କୋଟି କୋଟି ଟଙ୍କା ମଧ୍ୟ ବ୍ୟୟ ବରାଦ ହେଉଛି.କିନ୍ତୁକୁହିକା ସ୍ୱାସ୍ଥ୍ୟକେନ୍ଦ୍ର ରେ ସ୍ଥାୟୀ ଡାକ୍ତର ନିଯୁକ୍ତି ପ୍ରକ୍ରିୟା ସରକାରଙ୍କ ଫାଇଲ ତଳେ ଚାପିହୋଇଯାଇଛି।ସୁକିନ୍ଦା କ୍ରମ ଉପତ୍ୟାକାରୁ ଦୈନିକ କୋଟି କୋଟି ଟଙ୍କାର କ୍ରୋମାଇଟ୍ ରପ୍ତାନି ହେଉଛି। ଖଣି ସଂଲଗ୍ନ ଅଞ୍ଚଳର ବିକାଶ ପାଇଁ ଡିଏମଏଫ ଫଣ୍ଡ ମଧ୍ୟ ରହିଛି। କୋଟି କୋଟି ଟଙ୍କା ସ୍ୱାସ୍ଥ୍ୟ ବିଭାଗ ଖର୍ଚ୍ଚ କରୁଥିବା ବେଳେ କୁହିକା ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନିଯୁକ୍ତି ପ୍ରସଙ୍ଗରେ ସ୍ୱାସ୍ଥ୍ୟ ବିଭାଗ ସହ ସରକାରଙ୍କ ନିରବତା ସ୍ଥାନୀୟଅଞ୍ଚଳବାସୀଙ୍କ ସହ ବହୁ ବୁଦ୍ଧିଜୀବୀଙ୍କୁ ମର୍ମାହତ କରୁଛି। କୁହିକାର କରାଳ ଚିତ୍ର ସିଡ଼ିଏମଓଙ୍କ ଠାରୁ ଜିଲ୍ଲାପାଳଙ୍କଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ନଜର ଆଢୁଆଳରେ ଥିବା ଅଭିଯୋଗ ହେଉଛି। ଏଥିପ୍ରତି ସିଡ଼ିଏମଓ ଯାଜପୁର, ଜିଲ୍ଲାପାଳ ଯାଜପୁର ଏବଂ ସ୍ୱାସ୍ଥ୍ୟ ବିଭାଗ, ସ୍ୱାସ୍ଥ୍ୟ ମନ୍ତ୍ରୀ, ସମବାୟ ମନ୍ତ୍ରୀ ଅବିଳମ୍ବେ ହସ୍ତକ୍ଷେପ କରି ଦଶ ଗୋଟି ପଞ୍ଚାୟତର ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ଅବିଳମ୍ବେ ସ୍ଥାୟୀ ଡାକ୍ତର ନିୟୋଜିତ କରିବାକୁ ଦାବି ହେଉଛି।

## ବ୍ୟବସାୟୀଙ୍କ ପରଲୋକ

**ବଡଚଣା, ୩।୪(ସମିସ):** ବଡ଼ଚଣା ଗ୍ରାମର କ୍ଷୁଦ୍ର ବ୍ୟବସାୟୀ କ୍ଷୀରୋଦ ଚନ୍ଦ୍ର ବଳ (୬୭) ଙ୍କର ଗୁରୁବାର ସକାଳେ ପରଲୋକ ଘଟିଛି। ସେ ଗୁରୁତର ଅସୁସ୍ଥ ହୋଇ ପଡ଼ିବାରୁ ପରିବାର ଲୋକେ ତାଙ୍କୁ ଟାଙ୍ଗି ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ ସମ୍ପନ୍ନ ହୋଇଛି। ବଡ଼ ପୁଅ ଅର୍ଜୁନ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ସମିତି ସଭ୍ୟ ମଧୁସୂଦନ ବଳ ଓ ଅବସରପ୍ରାପ୍ତ ଶିକ୍ଷକ ଗଙ୍ଗାଧର ନାୟକ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

### କନ୍ତୋର ନାଇଟ୍ ପ୍ରିମିଅର ଲିଗ୍ କ୍ରିକେଟ୍

# ଅନୁରାଗ ୱାରିଅର ପାଣିକୋଇଲି ଚାମ୍ପିଅନ




**ରଗଡ଼ି, ୩।୪(ସମିସ):** କୋରେଇ ବ୍ଲକ କନ୍ତୋର-ଗଜେନ୍ଦ୍ରପୁର-ନରେନ୍ଦ୍ରଭୋଗ ଗ୍ରାମ ଯୁବକଙ୍କ ମିଳିତ ସହଯୋଗରେ ତିନିଦିନ ଧରି ଚାଲିଥିବା ରାତ୍ରିକାଳୀନ ଅଲ ଓଡ଼ିଶା କନ୍ତୋର ପ୍ରିମିଅରଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚରେ ଅନୁରାଗ ୱାରିଅର ପାଣିକୋଇଲି ମେଡିକୋ ଇଲେଭେନ ଯାଜପୁରକୁ ହରାଇ ଚାମ୍ପିଅନ ହୋଇଛି। ଅନୁରାଗ ଇଲେଭେନ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ୫ ୱିକେଟ ହରାଇ ୧୪୦ରନ ସଂଗ୍ରହ କରିଥିଲା। ଏହାର ଜବାବରେ ମେଡିକୋ ଇଲେଭେନ ଯାଜପୁର ନିର୍ଦ୍ଧାରିତ ଓଭର ମଧ୍ୟରେ ୭ ୱିକେଟ ହରାଇ ୧୦୦ରନ କରିବାକୁ ସକ୍ଷମ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି କୋରେଇ ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ଭିକାରୀ ବରାଳ, ସମ୍ମାନିତ ଅତିଥି ଶିକ୍ଷାବିତ ଯଯାତି କେଶରୀ ମହାପାତ୍ର, ଶିକ୍ଷକ ପ୍ରଫୁଲ୍ଲ ନାଥ, ପ୍ରଧାନଶିକ୍ଷକ ବ୍ରଜ କିଶୋର ଖଟୁଆ, ବରିଷ୍ଠ ସାମ୍ବାଦିକ ପବିତ୍ର ମୋହନ ରାଉତରାୟ ଓ ରବୀନ୍ଦ୍ର କୁମାର ରାଉତ ପ୍ରମୁଖ ଯୋଗ ଦେଇଥିଲେ। ବିଜୟୀ ଦଳକୁ ୪୫ ହଜାର ଓ ଉପ ବିଜେତା କୁ ୨୫ ଟଙ୍କା ପୁରସ୍କାର ରାଶି ଦିଆଯାଇଥିଲା। ଅନୀଲ କୁମାର ସେଠୀ, ପିଣ୍ଟୁ ନାଥ, ବବୁଲ ଓ ରାଜେନ୍ଦ୍ର ଦାସ ଖେଳ ପରିଚାଳନା କରିଥିବା ବେଳେ କୁଲୁ ସ୍ୱାଇଁ ଓ ଅଜିତ ବାଇ ଧାରା ବିବରଣୀ ଦେଇଥିଲେ।

## ଉତ୍କଳ ଗୌରବ ବିଦ୍ୟାଳୟରେ ସୁବର୍ଣ୍ଣ ଜୟନ୍ତୀ ନିମନ୍ତେ ଚୂଡାନ୍ତ ପ୍ରସ୍ତୁତି ବୈଠକ

**କଁ୍ୟାଗୋଲା, ୩।୪(ସମିସ):** ଶରଥପୁର ବ୍ଲକ ଅନ୍ତର୍ଗତ ଦକ୍ଷିଣବନ୍ଧସ୍ଥିତ ଉତ୍କଳ ଗୌରବ ସରକାରୀ ବିଦ୍ୟାଳୟରେ ସୁବର୍ଣ୍ଣ ଜୟନ୍ତୀ ଚଳିତ ମାସ ଇଂରାଜୀ ଅପ୍ରେଲ ୧୧ ତାରିଖରୁ ଆରମ୍ଭ ହୋଇ ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଗଠିତ ସୁବର୍ଣ୍ଣ ଜୟନ୍ତୀ କମିଟିର ଏକ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ସଭାପତି ଚିତ୍ତରଞ୍ଜନ ନାୟକଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣ ଜୟନ୍ତୀକୁ କିପରି ଶାନ୍ତି ଶୃଙ୍ଖଳା ସହ ସାଫଲ୍ୟ କରାଯିବ ସେ ସଂକ୍ରାନ୍ତରେ ଆଲୋଚନା କରାଯିବା ସହ କମିଟିର ସଦସ୍ୟମାନଙ୍କ ମଧ୍ୟରେ ବିଭିନ୍ନ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା। କମିଟିର ସୂଚନା ଅନୁଯାୟୀ ଚାରି ଦିନ ଧରି ହେବାକୁ ଥିବା ଏହି ସମାରୋହ ଚିଳିତ ମାସ ୧୧ ତାରିଖ ଦିନ ମଶାଲ ଶୋଭାଯାତ୍ରା ସହ ସୁବର୍ଣ୍ଣ ଜୟନ୍ତୀ ପତାକା ଉତ୍ତୋଳନ କରାଯିବ ଉଦ୍‌ଘାଟନୀ ଉତ୍ସବ ଯାଜପୁର ଜିଲ୍ଲାପାଳ ପି ଅନ୍ୱେଷା ରେଡ଼ିଙ୍କ ଦ୍ୱାରା କରାଯିବା ପାଇଁ ସ୍ଥିର କରାଯାଇଛି। ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ ଯୋଗଦାନ କରିବେ। ମୁଖ୍ୟବକ୍ତା ବିରେନ୍ଦ୍ର କୁମାର ପଣ୍ଡା ଉପସ୍ଥିତ ରହିବେ। ସନ୍ଧ୍ୟା ୬ଘଟିକାରେ ମୁଖ୍ୟଅତିଥି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଦ୍ୱାରା ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଘାଟନ ସହ ସ୍ମୃତିସ୍ତମ୍ଭ ଅନାବରଣ ଓ ସୁବର୍ଣ୍ଣସ୍ୱାକ୍ଷର ଉନ୍ମୋଚନ ହେବ। ସମ୍ମାନିତ ଅତିଥି ଭାବେ ଆଇନ ମନ୍ତ୍ରୀ ପୃଥିରାଜ ହରିଚନ୍ଦନ, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସାଂସଦ ଡଃ ରବିନାରାୟଣ ବେହେରା, ବିଧାୟିକା ବିଞ୍ଝାରପୁର ପ୍ରମିଳା ମଲ୍ଲିକ, ଗୌତମ ରାୟ ପୂର୍ବତନ ଅଧ୍ୟକ୍ଷ ଯାଜପୁର ଜିଲ୍ଲା ପରିଷଦ, ବବିତା ମଲ୍ଲିକ ସମାଜସେବୀ ବିଞ୍ଝାରପୁର, ମୁଖ୍ୟବକ୍ତା ଅଧାପକ ଡ. ମାନସ ବେହେରା ଯୋଗଦାନ କରିବେ।

୧୨ ତାରିଖରେ ବିଦ୍ୟାଳୟରେ ବୃକ୍ଷରୋପଣ ସହ ବନ୍ଧୁମିଳନ କାର୍ଯ୍ୟକ୍ରମ ଥିବା ବେଳେ ମୁଖ୍ୟଅତିଥି ବିଧାୟିକା ଶ୍ରୀମତି ମଲ୍ଲିକ, ସମ୍ମାନିତ ଅତିଥି ନୟାଗଡ଼ ବିଧାୟକ ଅରୁଣ ସାହୁ, ପୂର୍ବତନ ଶକ୍ତିମନ୍ତ୍ରୀ ପ୍ରଣବ ପ୍ରକାଶ ଦାସ, ବର୍ଷା ପ୍ରିୟଦର୍ଶିନୀ ଓ ମୁଖ୍ୟବକ୍ତା ଭାବେ ପ୍ରଫେସର ମନୋରଞ୍ଜନ ମହାନ୍ତି ଉପସ୍ଥିତ ରହିବେ।୧୩ ତାରିଖ ଦିନ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ହେବା ସହ ମୁଖ୍ୟଅତିଥି ଭାବେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଶ୍ରୀକାନ୍ତ ଯେନା, ସମ୍ମାନିତ ଅତିଥି କଟକ ବାରବାଟୀ ବିଧାୟିକା ସୋଫିୟା ଫିରଦୋଷ, ପୂର୍ବତନ ରାଜ୍ୟସଭା ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ, ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ସ୍ୱର୍ଣ୍ଣପ୍ରଭା ନାୟକ ସମାଜସେବୀ, ମୁଖ୍ୟବକ୍ତା ଭାବେ ନିରାକାର ପାଣ୍ଡବ ଯୋଗଦାନ କରିବେ। ଉକ୍ତ ସମାରୋହକୁ ମହାଆଡମ୍ବର ସହ ପାଳନ କରିବାକୁ ସମସ୍ତ ପ୍ରକ୍ରିୟା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଶେଷ ଦୁଇ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ରୂପକ ଡ୍ରାମା ପୁରାତନ ଛାତ୍ରଙ୍କ ଦ୍ୱାରା ପରିବେଷଣ କରାଯିବ ବୋଲି କମିଟି ତରଫରୁ ସମ୍ପାଦକ ଅଜୟ କୁମାର ପରିଡ଼ା ସୂଚନା ପ୍ରଦାନ କରିଛନ୍ତି।

## ୩ଟି ଜାତୀୟ ରାଜପଥରେ ମାଲ ପରିବହନକାରୀ ଯାନବାହନର ଅନଧିକୃତ ପାର୍କିଂ ଉପରେ କଟକଣା

**ଯାଜପୁର, ୩।୪(ସମିସ):** ଏନ୍‌ଏଚ୍ ୧୬, ଏନ୍‌ଏଚ୍ ୫୩, ଏନଚ୍ ୨୦ର ମୁଖ୍ୟ ପରିବହନ ରାସ୍ତାରେ ସମସ୍ତ ମାଲ ପରିବହନକାରୀ ଯାନବାହାନର ଅନଧିକୃତ ପାର୍କିଂ ଅତ୍ୟାବଶ୍ୟକୀୟ ଯାନବାହାନର ଅବାଧ ଚଳାଚଳକୁ ବାଧା ଦେଉଥିବାରୁ ଏବଂ ବହୁ ମାତ୍ରାରେ ସଡ଼କ ଦୁର୍ଘଟଣାର ସମ୍ଭାବନା ରହୁଥିବାରୁ ସାଧାରଣ ଜନତାଙ୍କ ସୁରକ୍ଷା ଓ ନିରାପତ୍ତାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଓଡ଼ିଶା ମଟର ଯାନ ଅଧିନିୟମ, ୧୯୯୩ ର ପ୍ରଦତ୍ତ ଧାରା ୬୩, ୯୩ ଏବଂ ମୋଟର ଯାନ ଅଧିନିୟମ, ୧୯୮୮ ଧାରା ୧୧୫, ୧୬, ୧୧୭ ଅନୁଯାୟୀ ଏନ୍‌ଏଚ-୧୬ (ସଠିପୁରରୁ ନେଳିଆ) ଏନ୍‌ଏଚ-୫୩ (ବାଲିଚନ୍ଦ୍ରପୁର ରୁ ଡୁବୁରୀ) ଏବଂ ଏନ୍‌ଏଚ-୨୦ (ପାଣିକୋଇଲି ଛକରୁ ରଗଡ଼ି ଛକ) ର ମୁଖ୍ୟ ପରିବହନ ରାସ୍ତାରେ ସମସ୍ତ ମାଲବାହୀ ଗାଡ଼ିର ଅନଧିକୃତ ପାର୍କିଂକୁ ପ୍ରତିବନ୍ଧିତ କରିଛନ୍ତି। ଏହି ପ୍ରତିବନ୍ଧକ ଏପ୍ରିଲ ୧ରୁ ଆରମ୍ଭ ହୋଇ ୩୦ ତାରିଖ ପର୍ଯ୍ୟନ୍ତ ଏକ ମାସ ଲାଗୁ ରହିବ।



ଦିନକ ପରେ ଅଶୋକାଷ୍ଟମୀ: ଯାତ୍ରା ପାଇଁ ପ୍ରସ୍ତୁତ ରୁକୁଣା ରଥ

## ମୃତ୍ୟୁର ୨ ବର୍ଷ ପରେ ବି ଭୁଲି ପାରିନାହାନ୍ତି

# ପ୍ରତିମୂର୍ତ୍ତି ସହ ବିବାହ କରି ଶଙ୍ଖା, ସିନ୍ଦୂର ପିନ୍ଧିଲେ ସାଗରିକା



ବିଷମକଟକ,୩।୪(ସମିସ): ବିଷମକଟକ ଅଞ୍ଚଳର ଜଣାଶୁଣା ଡାକ୍ତର ସୀମର ରାୟ ଦୁଇବର୍ଷ ତଳୁ ଆରପାରିକୁ ଚାଲିଗଲେଣି। ସମାଜ ଆଖିରେ ତାଙ୍କର ଦେହାନ୍ତ ହୋଇସାରିଥିଲେ ହେଁ ପରିବାରଲୋକଙ୍କ ଗହଣରେ ଏବେ ବି ସେ ଜୀବିତ ଅଛନ୍ତି। ସକାଳୁ ସକାଳୁ ପତ୍ନୀ ସାଗରିକା ତାଙ୍କ ପାଦ ଛୁଇଁ ମୁଣ୍ଡିଆ ମାରୁଛନ୍ତି। ତାଙ୍କରି ନାଁରେ ଶଙ୍ଖା, ସିନ୍ଦୂର ପିନ୍ଧୁଛନ୍ତି। ତାଙ୍କ ପାଇଁ ଟେବୁଲ୍‌ରେ ଚା' କପ୍ ସାଙ୍ଗକୁ ପେପର୍ ବି ଥୋଉଛନ୍ତି। ପୁଅ-ଝିଅ ବି ସମୀରଙ୍କ କୋଳରେ ବସି ଗେଲ ହେଉଛନ୍ତି। ସ୍କୁଲରେ ଆଜି କୋଉ କ୍ଲାସ୍ ହେଲା, କୋଉ ଦିଦି-ସାର୍ କ'ଣ କହିଲେ; ସବୁ ଗୋଟି ଗୋଟି କରି କହୁଛନ୍ତି। ଅଳି କରି ବାପାଙ୍କୁ ନିଜର ପ୍ରିୟ ଜିନିଷ ବି ମାଗୁଛନ୍ତି। ଆଶ୍ଚର୍ଯ୍ୟ ଲାଗୁଥିଲେ ବି ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ସଦର ଅଞ୍ଚଳରେ। ସୂଚନାନୁଯାୟୀ, ୨୦୨୩ ମସିହାରେ ଡାକ୍ତର ସମୀର ରାୟଙ୍କ ଅସମୟରେ ଦେହାନ୍ତ ହୋଇଯାଇଥିଲା। ରୀତିନୀତି ଅନୁଯାୟୀ ପରିବାରଲୋକ ତାଙ୍କର ଅନ୍ତିମ ସଂସ୍କାର କରିଥିଲେ। କିନ୍ତୁ ସମୀରଙ୍କ ସ୍ମୃତିକୁ ପରିବାରଲୋକ ଭୁଲି ପାରିନଥିଲେ। ସ୍ତ୍ରୀ ସାଗରିକା, ପୁଅ ସୂରଜ ଓ ଝିଅ ଅଙ୍କିତା ପ୍ରତି ମୁହୂର୍ତ୍ତରେ ସୀମରଙ୍କୁ ଝୁରି ହେଉଥିଲେ। ତେଣୁ ସାଗରିକାଙ୍କ ମୁଣ୍ଡକୁ ଏକ ନୂଆ ଚିନ୍ତା ଜୁଟିଥିଲା। କୋଲକାତାରୁ ସମୀରଙ୍କର ଏକ ଅବିକଳ ସିଲିକନ୍ ପ୍ରତିମୂର୍ତ୍ତି ତିଆରି କରାଇ ତାକୁ ମୁନିଗୁଡ଼ାସ୍ଥିତ ବାସଭବନରେ ଘରେ ସ୍ଥାପନା କରାଇଛନ୍ତି। ସନାତନ ଧର୍ମ ଅନୁଯାୟୀ ସ୍ଥାନୀୟ ପୁରୋହିତ ନିକୁଞ୍ଜ ଶତପଥୀ ଏହି ପ୍ରତିମୂର୍ତ୍ତି ସ୍ଥାପନ କରିବା ପରେ ସାଗରିକା ସ୍ୱାମୀଙ୍କ ପ୍ରତିମୂର୍ତ୍ତି ସହ ପୁଣିଥରେ ବିବାହ କରି ଶଙ୍ଖା, ସିନ୍ଦୂର ପିନ୍ଧିଛନ୍ତି। ସ୍ୱାମୀଙ୍କୁ ପ୍ରତିଦିନ ଜୀବନ୍ତ ଭଳି ଦେଖିବା ଓ ନିଜ ପରିବାର ପାଖରେ ରଖିବା ପାଇଁ କରିଥିବା ଏହି ନିଆରା ପ୍ରୟାସକୁ ସମସ୍ତେ ପ୍ରଶଂସା କରିଛନ୍ତି।

## ଦେବେନ୍ଦ୍ର ଦାଶଙ୍କୁ ମରଣୋତ୍ତର 'ଗଙ୍ଗାଧର ମେହେର ସମ୍ମାନ'

ଭୁବନେଶ୍ୱର, ୩।୪ (ସମିସ): ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ଭୁବନେଶ୍ୱର ଗଙ୍ଗାଧର ମେହେର ପ୍ରତିଷ୍ଠାନର ମିଳିତ ଆନୁକୂଲ୍ୟରେ ଆସନ୍ତାକାଲି(ଶୁକ୍ରବାର) ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଶତବାର୍ଷିକୀ ପୂର୍ତ୍ତି ଉତ୍ସବ ପାଳନ ହେବ। ଏହି ଅବସରରେ ଅବସରରେ ସାହିତ୍ୟିକ ତଥା ଅଧ୍ୟାପକ ସ୍ୱର୍ଗତ ଦେବେନ୍ଦ୍ର କୁମାର ଦାଶଙ୍କୁ ମରଣୋତ୍ତର 'ଗଙ୍ଗାଧର ମେହେର ସମ୍ମାନ' ପ୍ରଦାନ କରାଯିବ। ସେହିପରି ବିଶିଷ୍ଟ ବାଦ୍ୟଶିଳ୍ପୀ ରାମକୃଷ୍ଣ ମେହେର ଓ ପ୍ରତିଷ୍ଠିତ ପ୍ରକାଶନୀ ସଂସ୍ଥା ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, କଟକଙ୍କୁ ଗଙ୍ଗାଧର ମେହେର ସମ୍ମାନ ପ୍ରଦାନ କରାଯିବ। ଭଞ୍ଜକଳା ମଣ୍ଡପଠାରେ ପ୍ରାକ୍ତନ ନିର୍ବାଚନ ଆୟୁକ୍ତ ତଥା ସାହିତ୍ୟିକ ସଞ୍ଜୀବ ଚନ୍ଦ୍ର ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏକ ସ୍ୱତନ୍ତ୍ର ଉତ୍ସବରେ ଏହି କୃତୀ ପ୍ରତିଭାମାନଙ୍କୁ ସମ୍ମାନିତ କରାଯିବ।

ଉତ୍ସବରେ ବିଶିଷ୍ଟ ସାହିତ୍ୟିକ ହରପ୍ରସାଦ ଦାସ, ସଂସ୍କୃତି ବିଭାଗର ଯୁଗ୍ମ ନିର୍ଦ୍ଦେଶକ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ, ସୁସାହିତ୍ୟିକ ଡାକ୍ତର କୃଷ୍ଣକେଶବ ଷଡ଼ଙ୍ଗୀ, ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା ପ୍ରମୁଖ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଶେଷରେ ନୃତ୍ୟାଙ୍ଗ ଫାଉଣ୍ଡେସନ୍ ଟ୍ରଷ୍ଟ, କଟକର କଳାକାରମାନେ କବି ଗଙ୍ଗାଧର ମେହେରଙ୍କ ରଚିତ କାବ୍ୟାଂଶ ଆଧାରିତ ନୃତ୍ୟନାଟିକା ପରିବେଷଣ କରିବେ ବୋଲି ପ୍ରତିଷ୍ଠାନର ଅଧ୍ୟକ୍ଷ ମିହିର କୁମାର ମେହେର ସୂଚନା ଦେଇଛନ୍ତି।

■ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲା

## ପରିତ୍ରାଣ ସାକ୍ଷ୍ୟ ଦେଲା ପୁଞ୍ଜିଲାଲ



ପାଟଣାଗଡ଼, ୩।୪(ସମିସ): ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାର ମୁଖ୍ୟ ଅଭିଯୁକ୍ତ ପୁଞ୍ଜିଲାଲ ମେହେର ଆଜି ପରିତ୍ରାଣ ସାକ୍ଷ୍ୟ ଦେଇଛି। ଆଜି ମଧ୍ୟାହ୍ନରେ ବଲାଙ୍ଗିର ମୁଖ୍ୟ କାରାଗାରରୁ କଡ଼ା ସୁରକ୍ଷା ବଳୟରେ ତାକୁ ପାଟଣାଗଡ଼ ଅତିରିକ୍ତ ଜିଲ୍ଲା ଦୌରାଜଜ୍ କୋର୍ଟରେ ହାଜର କରାଯାଇଥିଲା। ପୁଞ୍ଜିଲାଲ ନିଜର ସାକ୍ଷ୍ୟ ଦେବା ସହ ଏହି ମାମଲାରେ ତା'ର କୌଣସି ସମ୍ପୃକ୍ତି ନାହିଁ ବୋଲି ସଫେଇ ଦେଇଥିଲା। ଏପରିକି, ତା' ନାମରେ ଯାହା ସବୁ ଅଭିଯୋଗ ଅଛି, ତାହା ସମ୍ପୂର୍ଣ୍ଣ ମିଥ୍ୟା ବୋଲି ତଥ୍ୟ ଓ ପ୍ରମାଣ ସହ କୋର୍ଟକୁ ଜଣାଇଛି। ପୁଞ୍ଜିଲାଲଙ୍କ ଓକିଲ ପ୍ରମୋଦ ମିଶ୍ର ଗଣମାଧ୍ୟମକୁ ଆଜି ଏହି ସୂଚନା ଦେଇଛନ୍ତି। ତେବେ ଆସନ୍ତା ୧୬ତାରିଖ ଦିନ ପୁଞ୍ଜିଲାଲ ପୁଣି ପରିତ୍ରାଣ ସାକ୍ଷ୍ୟ ଦେବ ବୋଲି କୋର୍ଟ ପକ୍ଷରୁ ତାରିଖ ଧାର୍ଯ୍ୟ କରାଯାଇଛି।

ସୂଚନାଯୋଗ୍ୟ, ଗତ ମାର୍ଚ୍ଚ ୪ରେ ଅତିରିକ୍ତ ଜିଲ୍ଲା ଦୌରାଜଜ୍‌ଙ୍କ କୋର୍ଟରେ ପୁଞ୍ଜିଲାଲଙ୍କ ବୟାନ ରେକର୍ଡ କରାଯାଇଥିଲା। ସରକାରଙ୍କ ପକ୍ଷରୁ ଅତିରିକ୍ତ ଜିଲ୍ଲା ଦୌରାଜଜ୍‌ଙ୍କ କୋର୍ଟରେ ଦିଆଯାଇଥିବା ସାକ୍ଷ୍ୟ ପ୍ରମାଣ, ଦଲିଲ ଓ ଦସ୍ତାବିଜ୍‌କୁ ଆଧାର କରି କୋର୍ଟ ପୁଞ୍ଜିଲାଲକୁ ସେହିଦିନ ୩ ଘଣ୍ଟାର ଜେରା ଭିତରେ ୨୪୫ଟି ପ୍ରଶ୍ନ ପଚାରିଥିଲେ। ପୁଞ୍ଜିଲାଲ ସମସ୍ତ ପ୍ରଶ୍ନର ଉତ୍ତର ଠିକ୍‌ଠାକ୍ ଦେଇଥିଲେ। ଅପରପକ୍ଷେ, ସେହିଦିନ କୋର୍ଟ ତାଙ୍କୁ ପରିତ୍ରାଣ ସାକ୍ଷୀ ଦେବାକୁ ଇଚ୍ଛୁକ କି ବୋଲି ପ୍ରଶ୍ନ କରିବାରୁ ଏହାର ଉତ୍ତରରେ ସେ ଦେବି ବୋଲି କହିଥିଲେ। ଏଥିପାଇଁ କୋର୍ଟ ପକ୍ଷରୁ ତାରିଖ ମଧ୍ୟ ଧାର୍ଯ୍ୟ କରାଯାଇଥିଲା। ଏପରିକି ପୁଞ୍ଜିଲାଲଙ୍କ ଓକିଲ ଏ ସମ୍ପର୍କରେ କୋର୍ଟକୁ ଏକ ପିଟିସନ ମଧ୍ୟ ଦେଇଥିଲେ। ଏହାକୁ ଆଧାର କରି କୋର୍ଟ ଏପ୍ରିଲ ୩କୁ ତାରିଖ ଧାର୍ଯ୍ୟ କରିଥିଲେ।

ପୁଞ୍ଜିଲାଲ ଆଜି ପରିତ୍ରାଣ ସାକ୍ଷ୍ୟ ଦେଉଥିବା ବେଳେ ପ୍ରାୟ ଅଢ଼େଇ ଘଣ୍ଟା ପର୍ଯ୍ୟନ୍ତ ଏ ସଂକ୍ରାନ୍ତରେ ଯୁକ୍ତିତର୍କ ହୋଇଥିଲା। ଯୁକ୍ତିତର୍କ ସମୟରେ ପୁଞ୍ଜିଲାଲ ଏହି ମାମଲାରେ ମୋର ସମ୍ପୃକ୍ତି ନ ଥିବା ନେଇ କୋର୍ଟକୁ ସଫେଇ ଦେଇଥିଲେ ବୋଲି ସରକାରୀ ଓକିଲ ଆଶିଷ ଚନ୍ଦନଙ୍କଠାରୁ ଜଣାପଡ଼ିଛି।

ସୂଚନାଯୋଗ୍ୟ, ୨୦୧୮ ଫେବ୍ରୁଆରୀ ୨୩ ତାରିଖରେ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଘଟଣାରେ କ୍ରାଇମବ୍ରାଞ୍ଚ ଭଇଁଷା କଲେଜର ଇଂରାଜୀ ବିଭାଗ ଅଧ୍ୟାପକ ପୁଞ୍ଜିଲାଲ ମେହେରଙ୍କୁ ମୁଖ୍ୟ ଏବଂ ଏକମାତ୍ର ଅଭିଯୁକ୍ତ ଭାବେ ଗିରଫ କରିଥିଲା।

## ଚୋରା ଚାଲାଣ ବେଳେ ଧରିଲା ବନ ବିଭାଗ

# ୩୦୮ କଇଁଛ ଜବତ, ୨ ଗିରଫ



କାଳିମେଳା,୩।୪(ସମିସ): ମୋଟୁ ବନ ବିଭାଗକୁ ବଡ଼ ସଫଳତା ମିଳିଛି। ଏକ ଅନ୍ତଃରାଜ୍ୟ କଇଁଛ ଚୋରାଚାଲାଣ ରାକେଟ୍ ଠବା କରିବା ସହ ୨ ସଦସ୍ୟଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୩୦୮ କଇଁଛ ଜବତ ହୋଇଛି। ଜବତ କଇଁଛର ମୂଲ୍ୟ ୫ଲକ୍ଷରୁ ଟଙ୍କାରୁ ଅଧିକ ହେବ ବୋଲି ଆକଳନ କରାଯାଉଛି।

ମୋଟୁ ବନାଞ୍ଚଳ ଅଧିକାରୀ ରଶ୍ମିରଂଜନ ସ୍ୱାଇଁଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ଆନ୍ଧ୍ରପ୍ରଦେଶରୁ ମାଲକାନଗିରି ଜିଲ୍ଲାର ଏମଭି ୭୯, ଏମ୍‌ଭି ୭୨, କାଳିମେଳା ଏବଂ ପୋଟେରୁ ଅଞ୍ଚଳକୁ କଇଁଛ ଚୋରା ଚାଲାଣ ହେଉଥିବା ବିଶ୍ୱସ୍ତ ସୂତ୍ରରୁ ବନ ବିଭାଗକୁ ଖବର ମିଳିଥିଲା। ବନାଞ୍ଚଳ ଅଧିକାରୀ ଶ୍ରୀ ସ୍ୱାଇଁ, ଫରେଷ୍ଟର୍ ମୁରଲୀଧର ଅନୁଗୁଲିଆଙ୍କ ସମେତ ଅନ୍ୟ କର୍ମଚାରୀମାନେ ଆନ୍ଧ୍ରପ୍ରଦେଶରୁ ଓଡ଼ିଶା ସଂଯୋଗ କରୁଥିବା ସମସ୍ତ ରାସ୍ତାରେ ଡେରା ପକାଇଥିଲେ। ବିଳମ୍ବିତ ରାତିରେ ଏକ ମାଛ ବୋଝେଇ ଭ୍ୟାନ୍ ଯାଞ୍ଚ ବେଳେ ସେଥିରୁ ଏହି କଇଁଛ ମିଳିଥିଲା। କଇଁଛଗୁଡ଼ିକୁ ଜଳଭଣ୍ଡାରରେ ଛଡ଼ା ଯିବ ବୋଲି ମୋଟୁ ବନାଞ୍ଚଳ ଅଧିକାରୀ କହିଛନ୍ତି।

## ଏନ୍‌ସିସି ଗ୍ରୁପ୍ ମୁଖ୍ୟାଳୟର ପ୍ରତିଷ୍ଠା ଦିବସ

# ଯୁବପିଢ଼ି ପରିବର୍ତ୍ତନର ମଶାଲ ହୁଅନ୍ତୁ: ରାଜ୍ୟପାଳ



କଟକ, ୩।୪ (ସମିସ): ଓଡ଼ିଶାର ବିକାଶ କାହାଣୀରେ ଯୁବବର୍ଗଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ। ଆମ ପାଇଁ ଏହା ଗର୍ବର ବିଷୟ ଯେ ରାଜ୍ୟର ଏନ୍‌ସିସି କ୍ୟାଡେଟ୍‌ମାନେ ଏହି ପରିବର୍ତ୍ତନଶୀଳ ଯାତ୍ରାର ଅଗ୍ରଭାଗରେ ରହିଛନ୍ତି। ରାଜ୍ୟର ବିକାଶ ନିମନ୍ତେ ଶୃଙ୍ଖଳିତ, ଦାୟିତ୍ୱବାନ ଏବଂ ଦୂରଦୃଷ୍ଟିସମ୍ପନ୍ନ ଯୁବକ ଭାବେ ଏନ୍‌ସିସି କ୍ୟାଡେଟ୍‌ମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି, ବୈଷୟିକ ପ୍ରଗତି, ସମାଜ କଲ୍ୟାଣ କ୍ଷେତ୍ରରେ ପ୍ରତ୍ୟେକ ଯୁବକ ଜଣେଜଣେ ପରିବର୍ତ୍ତନର ମଶାଲ ହୁଅନ୍ତୁ। କଟକ ଏନ୍‌ସିସି ଗ୍ରୁପ୍ ମୁଖ୍ୟାଳୟର ୭୬ ତମ ପ୍ରତିଷ୍ଠା ଦିବସ ଏବଂ ସାଇକ୍ଲୋଥନ୍ ଉଦ୍‌ଯାପନ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟି ଏପରି ଆହ୍ୱାନ ଦେଇଛନ୍ତି।

ଏହି ଅବସରରେ ରାଜ୍ୟପାଳ ସାଇକ୍ଲୋଥନ୍‌ରେ ଅଂଶଗ୍ରହଣ କରିଥିବା ୨୧ଜଣ କ୍ୟାଡେଟଙ୍କୁ ପୁରସ୍କୃତ କରିଥିଲେ। ଓଡ଼ିଶା ଏନ୍‌ସିସି ନିର୍ଦ୍ଦେଶାଳୟର ଉପମହାନିର୍ଦ୍ଦେଶକ କମୋଡର୍ ମହେଶ ରାହଙ୍ଗଡାଲେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମେଜର ଆଶୁତୋଷ ତ୍ରିପାଠୀ ଏନ୍‌ସିସି ସାଇକ୍ଲୋଥନର ଟିମ ଲିଡର୍ ରାଜ୍ୟପାଳଙ୍କୁ କ୍ଷୁଦ୍ରାକାର ପତାକା ପ୍ରଦାନ କରିଥିଲେ। ଗତ ମାର୍ଚ୍ଚ ୧୨ତାରିଖରେ ପୁରୀଠାରୁ ଆରମ୍ଭ ହୋଇଥିବା ଏହି ସାଇକ୍ଲୋଥନ ଆଜି ଉଦ୍‌ଯାପିତ ହୋଇଥିଲା। ଗ୍ରୁପ୍ କମାଣ୍ଡର କର୍ଣ୍ଣେଲ ସତ୍ୟବ୍ରତ ସ୍ୱାଇଁ ଏନସିସି କ୍ୟାଡେଟମାନଙ୍କର ଉଦ୍ୟମକୁ ପ୍ରଶଂସା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ରାଜ୍ୟପାଳ ନବନିର୍ମିତ ଏନ୍‌ସିସି ମୁଖ୍ୟାଳୟ ଭବନକୁ ଉଦ୍‌ଘାଟନ କରିବା ସହ ପୁରୁଣା ସଚିବାଳୟ ପରିସର ମଧ୍ୟରେ ଥିବା ସମ୍ପ୍ରସାରିତ ଏନସିସି କ୍ୟାଣ୍ଟିନ୍ ପରିଦର୍ଶନ କରିଥିଲେ।

## ଉଚିତ ମୂଲ୍ୟ ପାଇଲେନି

# ରାସ୍ତାରେ କ୍ଷୀର ଢାଳିଲେ ଚାଷୀ



ଭଦ୍ରକ, ୩।୪(ସମିସ): କ୍ଷୀରର ଉଚିତ ମୂଲ୍ୟ ନ ପାଇବାରୁ ରାସ୍ତାରେ ହଜାର ହଜାର ଲିଟର କ୍ଷୀର ଢାଳି ଦେଇ ପ୍ରତିବାଦ କରିଛନ୍ତି ଗୋ-ଚାଷୀ। ଏଭଳି ଅଭାବନୀୟ ଘଟଣା ଘଟିଛି, ଭଦ୍ରକ ଜିଲ୍ଲା ଚାନ୍ଦବାଲି ଏନ୍‌ଏସି ସରକାରୀ ଦୁଗ୍ଧ ଉତ୍ପାଦକ ସମବାୟ ସମିତି ନିକଟରେ।

ଚାନ୍ଦବାଲିରେ ଥିବା ଭାରତ ସରକାରଙ୍କ ଅଧୀନ ବାଲେଶ୍ୱର-ଭଦ୍ରକ ଜିଲ୍ଲା ସମବାୟ ସମିତି ସ୍ଥାନୀୟ ଅଞ୍ଚଳର ଦୁଗ୍ଧ ଚାଷୀଙ୍କଠାରୁ ଦୁଗ୍ଧ ସଂଗ୍ରହ କରିଥାଏ। ନିର୍ଦ୍ଦିଷ୍ଟ କିଛି ଚାଷୀଙ୍କ ଦୁଗ୍ଧକୁ କେନ୍ଦ୍ରର କର୍ମଚାରୀମାନେ ବାରମ୍ବାର ନିମ୍ନମାନର ଦର୍ଶାଉଛନ୍ତି। ଫଳରେ ଚାଷୀମାନେ ବାରମ୍ବାର କ୍ଷତିରେ ପଡୁଛନ୍ତି। ଆଜି ଚାଷୀମାନେ ଏକାଠି ହୋଇ ପ୍ରାୟ ୧ହଜାର ଲିଟର କ୍ଷୀରକୁ ରାସ୍ତାରେ ଢାଳି ପ୍ରତିବାଦ କରିଛନ୍ତି। ଚାଷୀମାନଙ୍କୁ ଦୁଗ୍ଧର ମୂଲ୍ୟ ୩୦-୩୨ ଟଙ୍କା ଲିଟର ପିଛା ଦିଆଯାଉଛି। କିନ୍ତୁ ଏହି କ୍ଷୀର ବଜାରରେ ଓମ୍‌ଫେଡ୍ ୫୪ଟଙ୍କା ବିକ୍ରି କରୁଛି। ଏଥିପାଇଁ ଚାଷୀମାନେ ବାରମ୍ବାର ସମିତି ନିକଟରେ ମୂଲ୍ୟ ବଢ଼ାଇବାକୁ ଦାବି କରିଥିଲେ ମଧ୍ୟ ବାଲେଶ୍ୱର ଭଦ୍ରକ ଜିଲା ସମବାୟ ଦୁଗ୍ଧ ସମିତି ଦାବି ଗ୍ରହଣ କରୁନାହିଁ। ଫଳରେ ନିରାଶ ହୋଇ ଚାଷୀମାନେ ଆଜି ରାସ୍ତାରେ ସେମାନଙ୍କ ଦୁଗ୍ଧକୁ ଢାଳିଛନ୍ତି। ଅନ୍ୟପକ୍ଷରେ, ସରକାରୀ ନିର୍ଦ୍ଧାରିତ ମାନର ତଳକୁ କ୍ଷୀର ଆଣିଲେ ଗ୍ରହଣ କରାଯିବ ନାହିଁ ବୋଲି ସରକାର ସମସ୍ତ ମେମ୍ବରମାନଙ୍କୁ ଚିଠି କରିଛନ୍ତି। ଅପମିଶ୍ରିତ କ୍ଷୀର ପରୀକ୍ଷା ପରେ ଆମେ ଫେରାଇ ଦେଇଥିଲୁ ବୋଲି ମଣିଭଦ୍ର ବେହେରା ସମିତି ଇନ୍‌ଚାର୍ଜ ମତବ୍ୟକ୍ତ କରିଛନ୍ତି। ତେବେ, କ୍ଷୀରର ଉଚିତ ମୂଲ୍ୟ ନଦେଇ ବିଭିନ୍ନ ଆଳରେ ମାନ କଥା ଉଠାଉଥିବା କଥା କହୁଥିବା ଗୋ-ଚାଷୀ ଇନ୍ଦ୍ରମଣି ବାରିକ ଅଭିଯୋଗ କରିଛନ୍ତି।

# ଗର୍ଭବତୀଙ୍କୁ ମାରି ଝୁଲାଇଦେଲେ !

ଭୋଗରାଇ/କମର୍ଦ୍ଦା,୩।୪(ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ୍ କଚୁଆଡ଼ି ଗ୍ରାମରେ ଜଣେ ୩ ମାସର ଗର୍ଭବତୀ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ, ଚନ୍ଦନ ସିଂହଙ୍କ ସ୍ତ୍ରୀ ବନ୍ଦନା। ଏନେଇ ବନ୍ଦନାଙ୍କ ବାପଘର ଲୋକେ ହତ୍ୟା ଅଭିଯୋଗ କରିଛନ୍ତି। ୨୦୨୪ ଡିସେମ୍ବର ୧୪ରେ ବନ୍ଦନା କଚୁଆଡ଼ି ଗ୍ରାମର ଭାସ୍କର ସିଂହଙ୍କ ପୁଅ ଚନ୍ଦନଙ୍କୁ ବିବାହ କରିଥିଲେ। ବାହାଘର ପରେ ଚନ୍ଦନ କାମ କରିବା ପାଇଁ ବିଦେଶ ଚାଲିଯାଇଥିଲେ। ଶାଶୂ-ଶଶୁରଙ୍କ ପାଖରେ ବନ୍ଦନା ରହୁଥିଲେ। ଗୁରୁବାର ସକାଳେ ତାଙ୍କ ଝୁଲନ୍ତା ମୃତଦେହ ଘରୁ ଉଦ୍ଧାର ହୋଇଥିଲା। ମେଡିକାଲକୁ ମୃତଦେହ ଅଣାଯିବା ପରେ ପୁଲିସ ପହଞ୍ଚି ତଦନ୍ତ ଚଳାଇଛି। ବାପଘର ଲୋକେ ବନ୍ଦନାଙ୍କୁ ହତ୍ୟା କରି ଟାଙ୍ଗି ଦେଇଥିବା ଅଭିଯୋଗ ଆଣିଛନ୍ତି।

## ଅଂଶୁଘାତରେ ଟଳିପଡ଼ିଲେ ବୃଦ୍ଧ!

ଖଲ୍ଲିକୋଟ, ୩।୪(ସମିସ): ଖଲ୍ଲିକୋଟ ବ୍ଲକ୍‌ରେ ଗୁରୁବାର ପ୍ରଥମ ଅଂଶୁଘାତଜନିତ ମୃତ୍ୟୁ ଅଭିଯୋଗ ଆସିଛି। ମୃତକ ହେଲେ, କେଶପୁର ପଞ୍ଚାୟତ ଫାସିଡ଼ି ଗ୍ରାମର ଏମ୍. ରଘୁ ପାତ୍ର (୬୦)। ସେ ଶ୍ରମିକ ଭାବେ କାମ କରନ୍ତି। ଗୁରୁବାର ମଧ୍ୟାହ୍ନ ପ୍ରାୟ ୧୨ଟାରୁ ୧ଟା ମଧ୍ୟରେ କାମ ସାରି ଘର ପାଖ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇ ସାରି ପ୍ରବଳ ଖରାରେ ଘରକୁ ଫେରୁଥିବା ବେଳେ ମୁଣ୍ଡ ବୁଲାଇବାରୁ ଘର ଆଗରେ ଟଳି ପଡ଼ିଥିଲେ। ସଙ୍ଗେସଙ୍ଗେ ତାଙ୍କୁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରବଳ ଖରା ଓ ଅସହ୍ୟ ଗ୍ରୀଷ୍ମ ପ୍ରବାହରୁ ଅଂଶୁଘାତ ହୋଇଥିବା ପରିବାର ଲୋକେ ସନ୍ଦେହ କରୁଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଡାକ୍ତର କହିଛନ୍ତି।

## ଲାଞ୍ଚୁଆ କନିଷ୍ଠ ସହାୟକଙ୍କୁ ୪ ବର୍ଷ ଜେଲ୍ ଦଣ୍ଡାଦେଶ

ଜଗତସିଂହପୁର, ୩।୪(ସମିସ): ୨୦୧୭ ସେପ୍ଟେମ୍ବର ମାସରେ ଏକ ଜମିଜମା ମାମଲାରେ ଜଣେ ବ୍ୟକ୍ତିଙ୍କଠାରୁ ୧୦ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଥିବା କୁଜଙ୍ଗ ତହସିଲର ପୂର୍ବତନ କନିଷ୍ଠ ସହାୟକ (ଜୁନିୟର କ୍ଲର୍କ) ସୁକାନ୍ତ କୁମାର ଦାସଙ୍କୁ ୪ବର୍ଷ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ। ସୂଚନା ମୁତାବକ, ଜଗତସିଂହପୁର ଜିଲ୍ଲାର କୁଜଙ୍ଗ ତହସିଲରେ କନିଷ୍ଠ ସହାୟକ ଭାବେ କାର୍ଯ୍ୟ କରୁଥିବା ଶ୍ରୀ ଦାସ ଜଣେ ବ୍ୟକ୍ତିଙ୍କୁ ଏକ ଲିଜ୍ ଜମିର ଆରଓଆର ପ୍ରଦାନ ପାଇଁ ୧୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ସଂପୃକ୍ତ ବ୍ୟକ୍ତି ଏ ସମ୍ପର୍କରେ କଟକ ଭିଜିଲାନ୍ସ କାର୍ଯ୍ୟାଳୟରେ ଜଣାଇଥିଲେ। ୨୦୧୭ ସେପ୍ଟେମ୍ବର ୨୩ ତାରିଖରେ ଉକ୍ତ ବ୍ୟକ୍ତି ସୁକାନ୍ତଙ୍କୁ ଲାଞ୍ଚ ଟଙ୍କା ଦେଉଥିବା ବେଳେ ପୂର୍ବରୁ ପ୍ରସ୍ତୁତ ଥିବା ଭିଜିଲାନ୍ସ ଟିମ୍ ହାତରେ ଧରାପଡ଼ିଥିଲେ। ଏ ନେଇ ଭିଜିଲାନ୍ସ ବିଭାଗ ୧୫/୧୭ରେ ମାମଲା ରୁଜୁ କରିଥିଲା ଓ ତତ୍କାଳୀନ ଭିଜିଲାନ୍ସ ଇନ୍ସପେକ୍ଟର ଯାଜ୍ଞସେନୀ ପ୍ରଧାନଙ୍କୁ ତଦନ୍ତଭାର ଦିଆଯାଇଥିଲା। ଏପ୍ରିଲ ୩ ତାରିଖରେ ଏହି ମାମଲାର ବିଚାର କରି କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଅଭିଯୁକ୍ତ ସୁକାନ୍ତ କୁମାର ଦାସଙ୍କୁ ୪ ବର୍ଷ କାରାଦଣ୍ଡାଦେଶ କରିଛନ୍ତି। ସ୍ୱତନ୍ତ୍ର ପିପି ସର୍ବେଶ୍ୱର ବାରିକ ଏହି ମାମଲା ପରିଚାଳନା କରୁଥିଲେ।

# ଭାଙ୍ଗିଦେଲେ ଶ୍ରୀମନ୍ଦିର ଐତିହ୍ୟ କୀର୍ତ୍ତିରାଜି



ସୁପରିଣ୍ଟେଣ୍ଡିଂ ଆର୍କିଓଲୋଜିଷ୍ଟ ଡ. ଡି.ବି ଗଡ଼ନାୟକ।

■ ଦକ୍ଷିଣ ଦ୍ୱାର ନିକଟ ମଗର ମୁଖ ଭାଙ୍ଗିବାକୁ ନେଇ ଉଦ୍‌ବେଗ
■ କିଏ କାହିଁକି ଭାଙ୍ଗିଲା ଆମେ ଜାଣିନୁ: ଏଏସ୍‌ଆଇ

ପୁରୀ,୩।୪(ସମିସ): ଭାଙ୍ଗିଦେଲେ ଶ୍ରୀମନ୍ଦିରର ଐତିହ୍ୟ କୀର୍ତ୍ତିରାଜି। ଦକ୍ଷିଣଦ୍ୱାର ନିକଟ ମେଘନାଦ ପାଚେରି ସଂଲଗ୍ନ ମଗର ମୁଖକୁ ଭାଙ୍ଗି ଦିଆଯାଇଛି। ପ୍ରାଚୀରର ଶୋଭା ବଢ଼ାଉଥିବା ଏହି ପୁରାତନ କୀର୍ତ୍ତିରାଜିକୁ ଭାଙ୍ଗି ସେଠାରେ ଏକ ବଡ଼ ପାଇପ୍ ସଂଯୋଗ କରି ଦିଆଯାଇଛି। ଏହାକୁ ନେଇ ଭକ୍ତ ଓ ସେବାୟତଙ୍କ ମହଲରେ ଗଭୀର ଉଦ୍‌ବେଗ ପ୍ରକାଶ ପାଇଛି।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଶ୍ରୀମନ୍ଦିର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଏଏସ୍‌ଆଇ କିନ୍ତୁ ଏବିଷୟରେ ଜାଣିନାହିଁ। ତେବେ ପ୍ରଶ୍ନ ଉଠୁଛି, ଶ୍ରୀମନ୍ଦିରର ଐତିହ୍ୟ କୀର୍ତ୍ତିରାଜି ଭାଙ୍ଗିଲା କିଏ? ଅନ୍ୟପକ୍ଷରେ ଏଏସ୍‌ଆଇର ସ୍ଥାନୀୟ ଅଧିକାରୀ ଏହାକୁ ଅନୁଧ୍ୟାନ କରିଛନ୍ତି। ଏନେଇ ଶ୍ରୀମନ୍ଦିର ପ୍ରଶାସନକୁ ଚିଠି ଲେଖାଯିବ। ଯିଏ ବି ଏପରି କରିଛନ୍ତି, ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ଏଏସ୍‌ଆଇର ସୁପରିଣ୍ଟେଣ୍ଡିଂ ଆର୍କିଓଲୋଜିଷ୍ଟ ଡ. ଡି.ବି ଗଡ଼ନାୟକ।

ଶ୍ରୀମନ୍ଦିର ଦକ୍ଷିଣଦ୍ୱାର ମେଘନାଦ ପାଚେରିରେ ରହିଥିବା ବହୁ ପୁରାତନ ମଗର ମୁଖକୁ ଭଙ୍ଗାଯାଇଥିବା ଗୁରୁବାର ଜଣାପଡ଼ିଥିଲା। ଏହି ମଗରମୁଖ ଦେଇ ଶ୍ରୀମନ୍ଦିର ଭିତରୁ ବର୍ଜ୍ୟ ଜଳ ବାହାରକୁ ନିଷ୍କାସିତ ହୋଇଥାଏ। ହେଲେ ବର୍ତ୍ତମାନ ସେଠାରେ ଏକ ବଡ଼ ପାଇପ୍ ପକାଯାଇ ବର୍ଜ୍ୟ ଜଳ ନିଷ୍କାସିତ ହେଉଥିବା ଦେଖିବାକୁ ମିଳିଛି। ଏହି ଐତିହ୍ୟ କୀର୍ତ୍ତିରାଜିକୁ ଭାଙ୍ଗି ପାଇପ୍ ସଂଯୋଗ କରାଯିବାକୁ ନେଇ ସେବାୟତ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଐତିହ୍ୟ ଓ ଧାର୍ମିକ ବିଶ୍ୱାସକୁ ଜାବୁଡ଼ି ଧରିଥିବା ମେଘନାଦ ପାଚେରିର ଏହି କାରୁକାର୍ଯ୍ୟକୁ ଭଙ୍ଗାଗଲା କାହିଁକି? ମଗରମୁଖକୁ ପାଇପ୍ ସଂଯୋଗ କରାଯାଇପାରିଥା'ନ୍ତା। ସେପରି ନ କରି ଏହାକୁ ଭାଙ୍ଗି ଦିଆଯିବା ଘଟଣାକୁ ସେବାୟତ ଗ୍ରହଣ କରିପାରୁ ନଥିବା ବେଳେ ଏଥିପାଇଁ ଏଏସ୍‌ଆଇକୁ ଦାୟୀ କରିଛନ୍ତି। ଶ୍ରୀମନ୍ଦିରର ଏକ ପ୍ରଣାଳୀ ଭଙ୍ଗାଯାଉଛି ଅଥଚ ଏଏସ୍‌ଆଇ ଜାଣୁନି। ତା'ହେଲେ ମନ୍ଦିରରେ ଚାଲିଥିବା ମରାମତି ଏବଂ ଅନ୍ୟାନ୍ୟ କନ୍‌ଷ୍ଟ୍ରକ୍ସନ୍ କାମ କିପରି ହେଉଛି ବୋଲି ସେବାୟ ପ୍ରଶ୍ନ କରିଛନ୍ତି। ଐତିହ୍ୟ ସମ୍ପନ୍ନ ଶ୍ରୀମନ୍ଦିରର ମେଘନାଦ ପାଚେରି ସବୁବେଳେ ମନ୍ଦିରକୁ ସୁରକ୍ଷା ଦେଇ ଆସୁଥିବା ବିଶ୍ୱାସ ରହିଛି। ଏହି ପ୍ରାଚୀରର ଶୋଭା ବଢ଼ାଉଥିବା ଅନେକ ପୁରାତନ ଭାସ୍କର୍ଯ୍ୟ କଳା ବେଶ୍ ସୌନ୍ଦର୍ଯ୍ୟମୟ ଆଉ ଚିତ୍ତାକର୍ଷକ ମଧ୍ୟ। ପ୍ରସ୍ତର କାରିଗରୀର ଏହି ଉତ୍କୃଷ୍ଟ କଳାକୁ ଭାଙ୍ଗିଦେବା ଅତ୍ୟନ୍ତ ଦୁଃଖଦାୟକ। ମଗର ମୁଖ ଭଳି ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ପ୍ରସ୍ତର ଶିଳ୍ପ କଳାକୁ ଭାଙ୍ଗି ପୋଫାଡ଼ି ଦେବା ବଡ଼ ବିଡ଼ମ୍ବନା। ଭଙ୍ଗା ଯାଇଥିବା ଐତିହ୍ୟକୁ ସଂରକ୍ଷିତ କରିବା ବଦଳରେ ଏହାକୁ ହେୟଜ୍ଞାନ କରିଥିବା ନେଇ ଉଭୟ ଏଏସ୍‌ଆଇ ଓ ଶ୍ରୀମନ୍ଦିର ପ୍ରଶାସନକୁ ଦାୟୀ କରିଛନ୍ତି ସାଧାରଣ ଭକ୍ତ ଓ ବୁଦ୍ଧିଜୀବୀ।

ଅନ୍ୟପକ୍ଷରେ ମେଘନାଦ ପାଚେରିର ପ୍ରଣାଳୀ ଭାଙ୍ଗିବାକୁ ନେଇ ବର୍ଷିଛି ଏଏସ୍‌ଆଇ। ଏଏସ୍‌ଆଇର ସୁପରିଣ୍ଟେଣ୍ଡିଂ ଆର୍କିଓଲୋଜିଷ୍ଟ ଡ. ଗଡ଼ନାୟକ କହିଛନ୍ତି, ଏହା ବହୁତ ବଡ଼ ଭୁଲ୍ ଓ ଯିଏ ଏହା କରିଛି ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହା ଭାଙ୍ଗିବା ପୂର୍ବରୁ ଏଏସ୍‌ଆଇକୁ ଅବଗତ କରାଯାଇନାହିଁ। ସାଇଟ୍ ଇନ୍-ଚାର୍ଜ ଏହା ଦେଖିବା ପରେ ଜଣାଇଛନ୍ତି ଓ ଭାଙ୍ଗିବାର ଫଟୋ ଦେଇଛନ୍ତି। ଦେଖିବା ପରେ ଆମକୁ ବି ବହୁତ ଖରାପ ଲାଗୁଛି। ଏ ସମ୍ପର୍କରେ ପ୍ରଶାସନିକ ପଦକ୍ଷେପ ନିଆଯିବ। ଏହାର ତଦନ୍ତ ରିପୋର୍ଟ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମନ୍ଦିରର କେଉଁଠି ପାଇପ୍ ଲାଇନ୍ ନେଲେଣି ତ କେଉଁଠି ଘର କରିଦେଲେଣି ଓ ଅନ୍ୟ କିଛି କରାଯାଉଛି ଯାହାକି ବାଧା ସୃଷ୍ଟି କରୁଛି ଓ କରିବ। ଏହାକୁ ସମସ୍ତେ ଧ୍ୟାନ ଦେବା ଦରକାର। ସମସ୍ତେ ନିଜର ମନମାନି କରିବା କଥା ନୁହେଁ। ଷ୍ଟ୍ରକ୍‌ଚରକୁ ବାଧା ଦେବା କଥା ନୁହେଁ, କିନ୍ତୁ ଦିଆଯାଉଛି। ଯାହାକି ଦୁଃଖଦାୟକ। ମେଘନାଦ ପାଚେରି କାଟି ଏମିତି କରିବା ଯୋଗୁଁ ମନ୍ଦିର ପ୍ରତି ବିପଦ ସୃଷ୍ଟି ହୋଇଛି ବୋଲି ସୂଚାଇ ଦେଇଛନ୍ତି ଡ. ଗଡ଼ନାୟକ।

**ବନ୍ଧକ ସୁନା ଫେରସ୍ତ ନଦେବା ଅଭିଯୋଗରେ ମାମଲା ରୁଜୁ**

# ଆକ୍ରମଣ ଅଭିଯୋଗରେ କୋର୍ଟ ଚାଲାଣ

**ଭଣ୍ଡାରିପୋଖରୀ, ୩।୪(ସମିସ):** ମଞ୍ଜୁରୀରୋଡ ଫାଣ୍ଡି ଅନ୍ତର୍ଗତ ବିଶୋଳ ଶାସନ ଗାଁର ସରୋଜ ସେନାପତିଙ୍କ ପତ୍ନୀ କଳ୍ପନା ସେନାପତି ବନ୍ଧକ ସୁନାଗହଣା ଫେରାଉ ନଥିବା ଅଭିଯୋଗ କରିଛନ୍ତି। ୨୦୧୭ରେ କୁଲଣା ଭୁଆଲସାହି ଗ୍ରାମର ହରିଶ୍ଚନ୍ଦ୍ର ସାହୁଙ୍କୁ ୪୪ ଗ୍ରାମର ସୁନାଗହଣା ବନ୍ଧକ ଦେଇ ୪୦ ହଜାର ଟଙ୍କା ଘରୋଇ ଋଣ ସରୋଜ ସେନାପତି ଆଣିଥିଲେ। ଏହାପରେ ନିୟମିତ ଭାବେ ସୁଧ ଓ ମୂଳ ପରିଶୋଧ କରୁଥିଲେ। ମାତ୍ର ୩ ବର୍ଷ ପୂର୍ବରୁ ସୁଧମୂଳ ପରିଶୋଧ କରିପାରି ନଥିଲେ। ଅଭିଯୋଗର ୧୫ ଦିନ ପୂର୍ବରୁ ଅବଶିଷ୍ଟ ମୂଳ ଓ ସୁଧ ପାଇଁ ୪୦ ହଜାର ଟଙ୍କା ସହ ହରିଶ୍ଚନ୍ଦ୍ରଙ୍କ ଘରକୁ ଯାଇଥିଲେ। ହରିଶ୍ଚନ୍ଦ୍ର ପରିବାର ପକ୍ଷରୁ ଏଥିପାଇଁ ୨ ଲକ୍ଷ ଟଙ୍କା ଦାବି କରାଯାଇଥିଲା। ଏଥିରେ ଅସମର୍ଥ ହେବାରୁ କଳ୍ପନାଙ୍କୁ ପରିବାର ଲୋକେ ଗାଳିଗୁଲଜ କରି ଫେରାଇ ଦେଇଥିଲେ ବୋଲି କଳ୍ପନା ଗତ ଫେବୃୟାରୀ ୨୦ ତାରିଖରେ ଭଣ୍ଡାରିପୋଖରୀ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଥାନାରେ ଏକ ମାମଲା ରହିଶ୍ଚନ୍ଦ୍ର ସାହୁ, ପୁତ୍ର ନିରଞ୍ଜନ ସାହୁ ଓ ବେଙ୍ଗ ସାହୁଙ୍କ ନାମରେ ମାମଲା ମାର୍ଚ୍ଚ ୧୯ ତାରିଖରେ ରୁଜୁ ହୋଇଥିଲା। ପରେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନଥିଲା। ଅନ୍ୟପକ୍ଷରେ ଗତ ବୁଧବାର ସକାଳେ ନିରଞ୍ଜନ ସାହୁ ପନଖା ହନୁମାନ ଛକ ନିକଟରେ ବାଇକରେ ଯାଉଥିବା ବେଳେ ନର ସେନାପତି ଓ କାଳିଆ ସେନାପତି ନିରଞ୍ଜନକୁ ଆକ୍ରମଣ କରି ସୁନା ଓ ବାଇକ ଛଡାଇ ନେଇଥିବା ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଥାନାରେ ଏକ ମାମଲା ରୁଜୁ ହୋଇ ନର ସେନାପତିଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଥିବା ଜଣାଯାଇଛି।

**ମିଳିନି ପ୍ରଧାନମନ୍ତ୍ରୀ ଆବାସର ୨ୟ କିସ୍ତି**

# ବ୍ଲକ୍ ପରିସରରେ ହିତାଧିକାରୀଙ୍କ ଆମରଣ ଅନଶନ

**ଭଦ୍ରକ,୩।୪(ସମିସ)**

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମିଳିଥିବା ଘର କାର୍ଯ୍ୟ ପୂର୍ଣ୍ଣାଙ୍ଗ ହୋଇ ସାରିଛି; ହେଲେ ମିଳୁନି ବକେୟା ଅର୍ଥ। ଏହାର ପ୍ରତିବାଦରେ ଅନଶନରେ ବସିଛନ୍ତି ହିତାଧିକାରୀ। ଏମିତି ଏକ ଘଟଣା ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲାର ଚାନ୍ଦବାଲି ବ୍ଲକରେ।

ବଜରାପୁର ପଞ୍ଚାୟତ ଅନ୍ତର୍ଗତ ରାଜଗରପୁର ଗାଁର ହିତାଧିକାରୀ ମାନଗୋବିନ୍ଦ କର ଗତ ୨୦୨୪ରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଏକ ଘର ପାଇଥିଲେ। ଯାହାର ପ୍ରଥମ କିସ୍ତି ମିଳିବା ପରେ ସେ ଘର କାର୍ଯ୍ୟ ଆରମ୍ଭ କରିଥିଲେ। ଇତିମଧ୍ୟରେ ଦୀର୍ଘ ଦିନ ହେବ ଘର କାମ ସମ୍ପୂର୍ଣ୍ଣ ହୋଇଥିଲେ ସୁଦ୍ଧା ତାଙ୍କୁ ଏପର୍ଯ୍ୟନ୍ତ ଦ୍ୱିତୀୟ କିସ୍ତି ଅର୍ଥରାଶି ମିଳିପାରିଲା ନାହିଁ। ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କଠାରୁ ଆରମ୍ଭ କରି ବିଡ଼ିଓ ଓ ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ନୟାନ୍ତ ହୋଇ ସାରିଲେଣି। ତାଙ୍କ ଅସୁବିଧା କଥା କେହି କର୍ଣ୍ଣପାତ ନ କରିବାରୁ ଶେଷରେ ନିରୁପାୟ ହୋଇ ଚାନ୍ଦବାଲି ବ୍ଲକ ପରିସରରେ ଆମରଣ ଅନଶନରେ ବସି ରହିଛନ୍ତି ମାନଗୋବିନ୍ଦ। ଯେ ପର୍ଯ୍ୟନ୍ତ ତାଙ୍କ ଘରର ବାକି ଥିବା ଅର୍ଥ ନ ମିଳିଛି ସେ ପର୍ଯ୍ୟନ୍ତ ଅନଶନରେ ବସି ରହିବେ ବୋଲି କହିଛନ୍ତି ମାନଗୋବିନ୍ଦ।



# ବିଭିନ୍ନ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ଭଦ୍ରକ, ୩।୪(ସମିସ):** ଭଦ୍ରକ ବଳାଜିତପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଗୋଷ୍ଠୀ ଶିକ୍ଷାଧିକାରୀ ଚକ୍ରଧର ମଲ୍ଲିକ ଏହି ଉତ୍ସବକୁ ଉଦ୍‌ଘାଟନ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ଶିକ୍ଷକନେତା ତ୍ରିଲୋଚନ ନାୟକ, ତୁଷାରକାନ୍ତି ପରିଡା, ପୂର୍ବତନ ଶିକ୍ଷୟିତ୍ରୀ ଦୀପ୍ତି ସାମନ୍ତ, ପ୍ରଧାନଶିକ୍ଷକ ବିଶ୍ୱନାଥ ପୃଷ୍ଟି, ଶିକ୍ଷକ ଅଶୋକ ଥାଟୋଇ, ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ଅଜୟ ଦାସ, ପ୍ରଧାନଶିକ୍ଷକ ଅଭିମନ୍ୟୁ ମହାରଣା, ସହକାରୀ ଶିକ୍ଷୟିତ୍ରୀ ଶଶିରେଖା ସାହୁ, ଜ୍ୟୋସ୍ନାରାଣୀ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ପାଣିଗ୍ରାହୀ ଓ ନିୟତି ଜେନା ଛାତ୍ରଛାତ୍ରୀଙ୍କ ସହଯୋଗରେ ଅତିଥିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ ପୂର୍ବକ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ଅଭିମନ୍ୟୁ ମହାରଣା ସଂପାଦକୀୟ ପାଠ କରି ଶିକ୍ଷାବର୍ଷ ୨୪-୨୫ରେ ବିଦ୍ୟାଳୟରେ ହୋଇଥିବା ସମସ୍ତ କାର୍ଯ୍ୟକ୍ରମର ସଫଳତା ଅବଗତ କରାଇଥିଲେ। ଏହି ଅବସରରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ଛାତ୍ରଛାତ୍ରୀଙ୍କ ସହ ବାର୍ଷିକ କ୍ରୀଡାର ସଫଳ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ଶିକ୍ଷୟିତ୍ରୀ ଶଶିରେଖା ସାହୁ ଧନ୍ୟବାଦ ଅର୍ପଣ କରିବା ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ନାଟକ 'ଅର୍କକ୍ଷେତ୍ର କୋଣାର୍କ' ବେଶ୍ ଚିତ୍ତାକର୍ଷକ ହୋଇଥିଲା।

**ମଞ୍ଜୁରୀ ରୋଡ:** ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ଜଳମଣ୍ଡୁଆ ହରିଜନ ସାହି ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ ଡ. ପୁରୁଷୋତ୍ତମ ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଶିକ୍ଷା ସଂଯୋଜକ ଅଭିମନ୍ୟୁ ବେହେରା ଯୋଗ ଦେଇଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ସନ୍ତୋଷ ସାହୁ, ଘନଶ୍ୟାମ ସ୍ୱାଇଁ, ଖଗେଶ୍ୱର ସୁତାର, ଶରତ କୁଣ୍ଡୁ, ସସ୍ମିତା ଜେନା ପ୍ରମୁଖ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସମାଜସେବୀ କମଳାକାନ୍ତ ଜେନା ଅତିଥି ପରିଚୟ ଓ ପ୍ରଧାନ ଶିକ୍ଷକ ବୁଦ୍ଧିରାମ ସିଂ ଧନ୍ୟବାଦ ଦେଇଥିଲେ।

# ଧାମନଗରରେ ଜଳସଂପଦ ବିଭାଗ ଡିଭିଜନ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ

**ଧାମନଗର,୩।୪(ସମିସ)**

ଧାମନଗରରେ ଜଳସଂପଦ ବିଭାଗର ଡିଭିଜନ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହୋଇଛି। ବୁଧବାର ସକାଳେ ଅଧୀକ୍ଷଣ ଯନ୍ତ୍ରୀ ଶରତଚନ୍ଦ୍ର ଘଡ଼େଇ କାର୍ଯ୍ୟାଳୟରେ ଯୋଗ ଦେଇଛନ୍ତି। ବୈତରଣୀ ଅବବାହିକାରେ ଥିବା ଧାମନଗର ଓ ଭଣ୍ଡାରିପୋଖରୀ ବ୍ଲକ ଯାଜପୁର ଜଳସଂପଦ କାର୍ଯ୍ୟାଳୟ ଅଧୀନରେ ରହିଥିଲା। ଯାଜପୁରରେ ମୁଖ୍ୟ କାର୍ଯ୍ୟାଳୟ ଥିବାରୁ ଭଦ୍ରକର ଏହି ୨ ବ୍ଲକକୁ ସବୁବେଳେ ଅଣଦେଖା ହୋଇ ଆସୁଥିଲା। ଯାଜପୁର ଜିଲ୍ଲାକୁ ସୁରକ୍ଷା ଦେବା ଲାଗି ବୈତରଣୀର ଦକ୍ଷିଣ ପାର୍ଶ୍ୱରେ ବୃହତ ଆଡିବନ୍ଧ ରହିଛି। ପୁଣି ନଦୀବନ୍ଧ ବନ୍ଧକୁ ସୁରକ୍ଷା ଦେବାକୁ ନଦୀ ପଟକୁ ୧୫ ଫୁଟ ଉଚ୍ଚର ୧୫ ଇଂଚ ଚଉଡ଼ାର କଂକ୍ରିଟ ପ୍ରାଚୀର ନିର୍ମାଣ କରାଯାଇଛି। ଅପର ଅପରପକ୍ଷରେ ଜିଲ୍ଲାର ଦୁଇ ବ୍ଲକ ଅଂଚଳକୁ ବୈତରଣୀର ବନ୍ୟା ପାଣି ନିଷ୍କାସନ ହେବାକୁ ୭ଟି ଏସକେପ ଖୋଲି ଦିଆଯାଇଥିଲା। ପ୍ରତିବର୍ଷ ବନ୍ୟା ଆସିଲେ ଏହି ଦୁଇ ବ୍ଲକ ଜଳମଗ୍ନ ହୋଇଥାଏ। ଏଭଳି ଯାତନାର ଶିକାର ହୋଇ ଯାଜପୁର ଜଳସଂପଦ ବିଭାଗ କାର୍ଯ୍ୟାଳୟ ବିରୋଧରେ ଜନଅସନ୍ତୋଷ ତେଜିବାରେ ଲାଗିଥିଲା। ୨୦୨୧ରେ ଭଣ୍ଡାରିପୋଖରୀ ଆଖୁଆପଦାରେ ଥିବା ଉପଖଣ୍ଡ କାର୍ଯ୍ୟାଳୟକୁ ଡିଭିଜନ କାର୍ଯ୍ୟାଳୟ ପୂର୍ବ ସରକାରଙ୍କ ସମୟରେ ଘୋଷଣା କରାଯାଇଥିଲା। ସେତେବେଳେ ଜଣେ ଅଧୀକ୍ଷଣ ଯନ୍ତ୍ରୀ ଭାବେ ନିଯୁକ୍ତି ମିଳିଥିଲା। ସେବେଠାରୁ ନା ଷ୍ଟାଫ ଦିଆଗଲା ନା ନଥିପତ୍ର ସ୍ଥାନାନ୍ତର ହେଲା। ଏ ନେଇ ନଦୀ ବନ୍ଧ ଓ ତଳିଆ ଅଂଚଳବାସୀ ଓ ସାଧାରଣ ଜନତା ଧାମନଗର ଜଳସଂପଦ କାର୍ଯ୍ୟାଳୟକୁ ଡିଭିଜନ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ କରିବାକୁ ଦୀର୍ଘ ଦିନ ଧରି ଦାବି କରି ଆସୁଥିଲେ। ଗତ ବୁଧବାର ସକାଳ ସମୟରେ ଧାମନଗର ଜଳସଂପଦ କାର୍ଯ୍ୟାଳୟକୁ ଡିଭିଜନ କାର୍ଯ୍ୟାଳୟ ଭାବେ କାର୍ଯ୍ୟକ୍ଷମ ହେଲା। ଉକ୍ତ ଦାବି ପୂରଣକୁ ନେଇ ସାଧାରଣରେ ଖୁସି ଲହରୀ ଦେଖିବାକୁ ମିଳିଛି।






# ବୈତରଣୀ ମହୋତ୍ସବ ପାଇଁ ଆଖଣ୍ଡଳମଣି ପୀଠରୁ ଗଲା ଆଜ୍ଞାମାଳ



**ଆରଡି, ୩।୪(ସମିସ):** ଭଦ୍ରକ ଜିଲ୍ଲାର ବହୁ ପୁରାତନ ବନ୍ଦରନଗରୀ ଚାନ୍ଦବାଲି ଓ ସୀମାନ୍ତବର୍ତ୍ତୀ ଜିଲ୍ଲା କେନ୍ଦ୍ରାପଡାର ରାଜକନିକା ମଧ୍ୟରେ ବନ୍ଧୁତା ଓ ଭାଇଚାରା ବଜାୟ ରଖିବା ପାଇଁ ଚଳିତବର୍ଷ କନିକା।ପଚା।ନ୍ଦବା।ଲି ବୈତରଣୀ ମହୋତ୍ସବ ସଂଘ ପକ୍ଷରୁ ବୈତରଣୀ ମହୋତ୍ସବ ଆସନ୍ତା ୨୦ରୁ ୨୪ ତାରିଖ ଯାଏଁ ମହାଆଡମ୍ବର ସହ ପାଳନ କରାଯିବ। ଏଥିପୂର୍ବରୁ ବୈତରଣୀ ମହୋତ୍ସବ ଆୟୋଜକମାନେ ଆରଡିପୀଠର ଆରାଧ୍ୟ ଦେବ ବାବା ଆଖଣ୍ଡଳମଣିଙ୍କ ଆଜ୍ଞାମାଳ ପାଇଁ ଗୁରୁବାର ଚାନ୍ଦବାଲିରୁ ଏକ ଶୋଭାଯାତ୍ରାରେ ବାହାରି ପ୍ରସିଦ୍ଧ ଶୈବପୀଠ ଆଖଣ୍ଡଳମଣିଧାମ ପହଞ୍ଚିଥିଲେ। ସମସ୍ତ ସଦସ୍ୟ ବାବାମଣିଙ୍କ ପାଖରେ ପୂଜାର୍ଚ୍ଚନା ସହ ଦୀପ ଜାଳିଥିଲେ। ପରେ ମଣିବାବାଙ୍କ ଆଜ୍ଞାମାଳ ପାଇବା ପରେ ଘଣ୍ଟା କୀର୍ତ୍ତନରେ ବେଢା ପରିକ୍ରମା କରି ଚାନ୍ଦବାଲି ଅଭିମୁଖେ ଯାତ୍ରା କରିଥିଲେ। ଏହି ମହୋତ୍ସବ ୨ଟି ଜିଲ୍ଲାର ଭାଇଚାରା ସହ ବନ୍ଧୁତା ବଢାଇବ ବୋଲି ଆୟୋଜକ ମାନେ କହିଛନ୍ତି। ସେହିପରି ଏହି ବୈତରଣୀ ମହୋତ୍ସବରେ ହସ୍ତଶିଳ୍ପ, ଓରମାସ ଆଦିର ପସରା

# ଉତ୍କଳମଣି ଶିଶୁ ଶିକ୍ଷା ମନ୍ଦିରର ବାର୍ଷିକ ଉତ୍ସବ



**ଭଦ୍ରକ, ୩।୪(ସମିସ):** ଚାନ୍ଦବାଲି ବ୍ଲକ ଦିଗଛିଆ ବଜାର ନିକଟସ୍ଥ ଇଟୁଆ (ପାତ୍ରସାହି ରୋଡ)ରେ ଥିବା ଉତ୍କଳମଣି ଶିଶୁ ଶିକ୍ଷା ମନ୍ଦିରର ୭ମ ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ସହଶିକ୍ଷାଧିକାରୀ ଜୟକୃଷ୍ଣ ନାୟକ ମୁଖ୍ୟଅତିଥି ଭାବେ ଗୁଣାତ୍ମକ ଶିକ୍ଷାଦାନ କ୍ଷେତ୍ରରେ ଉତ୍କଳମଣି ଶିଶୁ ଶିକ୍ଷା ମନ୍ଦିର ଏକ ଆନ୍ଦୋଳନ ସୃଷ୍ଟି କରିଛି ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ପଛପଡା କ୍ଲଷ୍ଟରର ସିଆରସିସି ସୁଶାନ୍ତ କୁମାର ପଣ୍ଡା ଯୋଗ ଦେଇଥିଲେ। ବିଦ୍ୟାଳୟ ଗୁରୁମା ଶୁଭସ୍ୱପ୍ନା ବଳ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ଚିନ୍ମୟୀ ରାଉତ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟ ସମ୍ପାଦକ ଶରତଚନ୍ଦ୍ର ପଣ୍ଡା ଗୋପବନ୍ଧୁଙ୍କ ନାମରେ ନାମିତ ବିଦ୍ୟାଳୟଟି ତାଙ୍କ ନୀତି ଓ ଆଦର୍ଶକୁ ପାଥେୟ କରି ଆଗକୁ ବଢି ଚାଲିଛି ବୋଲି ନିଜ ବକ୍ତବ୍ୟରେ ମତ ରଖିଥିଲେ। ଗୁରୁଜୀ ନିରଞ୍ଜନ ସାହୁ, ଜ୍ୟୋତିରଞ୍ଜନ ବାରିକ ଓ ଗୁରୁମା ନିରୂପମା ଦାସ, କୀର୍ତ୍ତିମୟୀ ଦାସ, ସୁଭଦ୍ରା ମାଝୀ, ଚୁନିତା ସାହୁ, ମୋନାଲିସା ସୁତାର, ସିପ୍ରାରାଣୀ ନାୟକ, ସୀମାରଣୀ ପଲ୍ଲାଇ ପ୍ରମୁଖ ସହଯୋଗ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ସମାଜସେବୀ ଅଶୋକ ମହାନ୍ତିଙ୍କୁ ସମ୍ବର୍ଦ୍ଧନା

**ଭଦ୍ରକ, ୩।୪(ସମିସ):** ଭଦ୍ରକ ଜିଲ୍ଲା ଲାୟନ୍ସ କ୍ଲବରେ ୪ଥର ସଭାପତି ଭାବେ ଦାୟିତ୍ୱରେ ଥିବା ଅଶୋକ ମହାନ୍ତି ୨୦୨୫-୨୬ ବର୍ଷ ପାଇଁ ଭାଇସ୍ ଗଭର୍ଣ୍ଣର ଭାବେ ଦାୟିତ୍ୱ ନେଇଥିବାରୁ ତାଙ୍କୁ ଆଜି ସମ୍ବର୍ଦ୍ଧନା ଦିଆଯାଇଛି। ତାଙ୍କ ସହ ଅନ୍ୟ ୨ଜଣ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣରଙ୍କୁଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ସ୍ଥାନୀୟ ସଂସ୍କୃତି ଭବନଠାରେ ଏହି ସମ୍ବର୍ଦ୍ଧନା ଉପଲକ୍ଷେ ଏକ ସଭା ଲାୟନ୍ସ କ୍ଲବ୍ ଭଦ୍ରକ ଓ ଲାୟନ୍ସ କ୍ଲବ୍ ଭଦ୍ରକାଳି ଡିଭାଇନ ମିଳିତ ସହଯୋଗରେ ଆୟୋଜନ କରାଯାଇଥିଲା। ସଭାକୁ ପିଡିଜି ପ୍ରକାଶ ଜେନାଙ୍କ ପରିଚାଳନା କରିଥିବା ବେଳେ ଲାୟନ୍ସ କ୍ଲବ ଡିଭାଇନର ସଭାପତି ପଦ୍ମନ୍ ରାୟ ସଭାପତିତ୍ୱ କରିଥିଲେ। ଲାୟନ୍ସ କ୍ଲବ୍ ଡିଷ୍ଟ୍ରିକର ନବନିର୍ବାଚିତ ଡିଷ୍ଟ୍ରିକ୍ ଗଭର୍ନର ଲାୟନ୍ ମମତା ଦାଶ ଓ ଫାଷ୍ଟ ଭାଇସ ଡିଷ୍ଟ୍ରିକ୍ ଗଭନର ଲାୟନ ବିକାଶ ନାୟକ ଓ ସେକେଣ୍ଡ ଡିଷ୍ଟ୍ରିକ୍ ଗଭନର ଲାୟନ ଅଶୋକ କୁମାର ମହାନ୍ତିଙ୍କୁ ଏହି ସମ୍ବର୍ଦ୍ଧନା ଦିଆଯାଇଥିଲା। ସଭାରେ ପ୍ରଭାତ ଧଳ ଉପସ୍ଥିତ ଥିଲେ। ଲାୟନ୍ସ କ୍ଲବ୍ ବାଲେଶ୍ୱର, ଯାଜପୁର ଟାଉନ୍, କଟକ, ଯାଜପୁର ରୋଡ, କେନ୍ଦ୍ରାପଡ଼ା ଭଳି ବହୁ ଅନୁଷ୍ଠାନ ଓ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ମଞ୍ଚ, ତ୍ୟାଗଭୂମି, ସାହିତ୍ୟ ସଂସ୍କୃତି ମଞ୍ଚ, ସାମ୍ବାଦିକ ବନ୍ଧୁ ପରି ଅନେ ସଙ୍ଗଠନ ଯୋଗ ଦେଇଥିଲେ। ଭଦ୍ରକରେ ଲାୟନ୍ସ କ୍ଲବ୍ ପକ୍ଷରୁ ଅନେକ ଉନ୍ନନମୂଳକ କାର୍ଯ୍ୟ କରାଯିବା ସହ ଖରାଦିନେ ଜଳଛାତ୍ର, ପୋଷାକ ବଣ୍ଟନ, ବନ୍ୟା-ବାତ୍ୟା ଦୁର୍ଗତଙ୍କୁ ସହାୟତା କରିବା ଭଳି ଅନେକ କାର୍ଯ୍ୟ କରି ପ୍ରଶଂସା ଭାଜନ ହୋଇଛନ୍ତି।



**ବଟ ବୃକ୍ଷ ମୂଳେ ମା' ମଙ୍ଗଳା**

# ଚାରିପୁରୁଷ ହେବ କବାଟ ନଥିବା ଗାଁ ବାଙ୍କମୁହାଁ

**ବାରିକପୁର, ୩।୪(ସମିସ)**

ଚାରିପୁରୁଷରୁ ଅଧିକ ସମୟ ଧରି ଗାଁ ମଝିରେ ଥିବା ବଟ ବୃକ୍ଷ ମୂଳେ ପୂଜା ପାଉଛନ୍ତି ମା' ମଙ୍ଗଳା। ମା'ଙ୍କ ପାଇଁ ଗାଁର ଅର୍ଦ୍ଧାଧିକ ଗୃହସ୍ଥଙ୍କ ବାସଗୃହରେ କବାଟ ଲାଗି ନାହିଁ। ଶହେ ବର୍ଷରୁ ଉର୍ଦ୍ଧ୍ୱ ହେବ ଏମିତି ଧାର୍ମିକ ପ୍ରଥା ପରମ୍ପରା ରହିଛି ଗାଁରେ। ଏମିତି ଏକ ଗାଁ ହେଉଛି ଭଣ୍ଡାରିପୋଖରୀ ବ୍ଲକ ନପଙ୍ଗ ଗ୍ରାମପଞ୍ଚାୟତ ବାଙ୍କମୁହାଁ। ଗାଁର ହରିଜନସାହି ମଧ୍ୟ ଭାଗରେ ପୂଜା ପାଉଛନ୍ତି ମା' ମଙ୍ଗଳା। ଆଜକୁ ଚାରି ପୁରୁଷ ପୂର୍ବରୁ ବୈତରଣୀ ନଦୀର ଭୀଷଣ ବନ୍ୟାରେ ଗାଁକୁ ଭାସି ଆସିଥିଲା ଏକ କାଠ ଗଣ୍ଡି। ଉକ୍ତ କାଠକୁ ଗ୍ରାମର ଭିକାରୀ ମଳିକ ବନ୍ୟାଜଳରୁ ଛାଣି ଆଣି ଘରେ ରଖିଥିଲେ। ସେଦିନ ରାତିରେ ଗୃହସ୍ଥଙ୍କୁ ମା'ଙ୍କ ସ୍ୱପ୍ନାଦେଶ ହୋଇଥିଲା। ଗାଁ ମଝିରେ ଥିବା ବଟ ବୃକ୍ଷ ମୂଳେ କାଠ ରଖି ପୂଜାର୍ଚ୍ଚନା କରିବାକୁ ନିର୍ଦ୍ଦେଶ ଦେଇଥିଲେ ମା'। କାଳସୀ ଦ୍ୱାରା ସାହିର କୌଣସି ଘରେ କବାଟ ଲାଗିବ ନାହିଁ ବୋଲି ମା' ଜଣାଇ ଦେଇଥିଲେ। ଏହାଛଡା ମାଁଙ୍କ ସାମ୍ନାରେ କେହି କଳା ଶାଢ଼ି, ଶଙ୍ଖା, ଜୋତା, ଛତା ଧରି ଯିବାକୁ ମଧ୍ୟ ବାରଣ ରହିଛି। ସେବେଠାରୁ ମା'ଙ୍କ ନିର୍ଦ୍ଦେଶକୁ ଅକ୍ଷରେ ଅକ୍ଷରେ ପାଳନ କରିଛନ୍ତି ସାହିର ପ୍ରତ୍ୟେକ ଗୃହସ୍ଥ। ଆଜି ବି ସୁଦ୍ଧା ଅନେକଙ୍କ ଘର ଦ୍ୱାର କବାଟ ସ୍ଥାନରେ ବରଡା ତାଟ, ପୁରୁଣା ସାଢ଼ୀ ଓ ଜରୀ ପାଲ ଆବଦ୍ଧ ରହିଥିବା ବେଳେ ଆବାସ ଯୋଜନାରେ ପକ୍କା ଘର କରିଥିବା ଅଳ୍ପ କିଛି ଲୋକ ମା'ଙ୍କୁ ପ୍ରାର୍ଥନା କରି ଖଣ୍ଡେ ଅଧେ କାଠ ନିର୍ମିତ କବାଟ ଲଗାଇଥିବା ଦେଖିବାକୁ ମିଳିଛି। ପ୍ରତ୍ୟେକ୍ଷ ଦେବୀ ମା ମଙ୍ଗଳାଙ୍କ ମହିମା ଅପାର ଅଟେ। ସମୟ ଥିଲା ଦୁରାରୋଗ୍ୟରେ ପୀଡ଼ିତ ଲୋକ ମେଡିକାଲରୁ ନିରାଶ ହୋଇ ଫେରିବା ପରେ ମା'ଙ୍କ ନିକଟକୁ ଧାଇଁ ଆସୁଥିଲେ। ମା ପୂଜା ପାଉଥିବା ବଟ ବୃକ୍ଷ ମୂଳରେ ୭ରୁ ୨୧ ଦିନ ଯାଏଁ ଧାରଣା ଦେଇ ରୋଗ ମୁକ୍ତ ହେଉଥିଲା। କାଳସୀ ଲାଗିଲେ ମା' ଆଗତ ଭବିଷ୍ୟତ ମଧ୍ୟ କୁହନ୍ତି। ପୀଠରେ ମକର ସଂକ୍ରାନ୍ତି, ପଣା ସଂକ୍ରାନ୍ତି, ଶ୍ରାବଣ ମାସର ମଙ୍ଗଳା ଓଷା ସମେତ ପ୍ରତ୍ୟେକ ଶନିବାର ଓ ମଙ୍ଗଳବାରରେ ଶ୍ରଦ୍ଧାଳୁ ମାନଙ୍କ ଭିଡ ପରିଲକ୍ଷିତ ହୋଇଥାଏ। ମଙ୍ଗଳାଙ୍କ ଅନତି ଦୂରରେ ମା' କାଳୀ ମଧ୍ୟ ପୂଜା ପାଉଛନ୍ତି। ମନ୍ଦିର ପାଇଁ ମା'ଙ୍କ ନିର୍ଦ୍ଦେଶ ନଥିବା ବେଳେ କେବଳ ବଟ ବୃକ୍ଷ ଚତୁପାର୍ଶ୍ୱରେ ବେଢା ନିର୍ମିତ ହୋଇଥିବା ଗ୍ରାମର ବରିଷ୍ଠ ଦାମୋଦର ଜେନା କହିଛନ୍ତି।



# ଛଞ୍ଚୁଣା ବିଦ୍ୟାଳୟରେ ବାର୍ଷିକ ପୁରସ୍କାର ବିତରଣୀ



**ଭଣ୍ଡାରିପୋଖରୀ,୩।୪(ସମିସ):** ନାଆମୀ ପଞ୍ଚାଦଳ ଅନ୍ତର୍ଗତ ଛଞ୍ଚୁଣା ଉପ୍ରା ବିଦ୍ୟାଳୟରେ ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ ବୁଧବାର ପ୍ରଧାନଶିକ୍ଷୟିତ୍ରୀ ଝୁନାରାଣୀ ସ୍ୱାଇଁଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଗୋଷ୍ଠୀ ଶିକ୍ଷାଧିକାରୀ ଅଧିର ତରାଇ ମୁଖ୍ୟଅତିଥି, ଅଶୋକ ରାଉତ ମୁଖ୍ୟବକ୍ତା, କୈଳାସଚନ୍ଦ୍ର ସାମଲ, ଶିକ୍ଷା ସଂଯୋଜିକା କୁସୁମଲତା ମହାପାତ୍ର ଓ ଏସଏମସି ସଭାପତି ଦଶରଥ ଜେନା ସମ୍ମାନିତ ଅତିଥି ଭାବେ ନବୋଦୟ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ରୀ ପ୍ରଜ୍ଞାପ୍ରିୟଦର୍ଶିନୀ ରାଉତ ଓ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ରୀ ଶୁଭଶ୍ରୀ ମାଝୀ ଓ ଲିପ୍ସା ଜେନାଙ୍କୁ ପୁରସ୍କୃତ କରିଥିଲେ। ଏହାସହ ବିଦ୍ୟାଳୟର ଶୈକ୍ଷିକ ଓ ସହଶୈକ୍ଷିକ ପ୍ରତିଯୋଗୀତା କୃତୀ ଛାତ୍ରଛାତ୍ରୀଙ୍କୁ ଉତ୍ସବରେ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ସୁଷମା ଘଡାଇ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ପାଣ୍ଡବ ଚରଣ ମହାଳିକ ଅତିଥି ପରିଚୟ, ପ୍ରଦୀପ ନାୟକ ସ୍ୱାଗତ ଭାଷଣ ଓ ରତିକାନ୍ତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଆଜିର ରାଶିଫଳ

**ମେଷ:** ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ମହିଳାମାନେ ପୂଜାର୍ଚ୍ଚନାରେ ସମୟ ଅତିବାହିତ କରିବେ।

**ବୃଷ:** ବ୍ୟବସାୟରେ ବାଧା ଆସିପାରେ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଗରିବଙ୍କୁ ସାହାଯ୍ୟ କରିବେ। ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ମିଥୁନ:** ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

**କର୍କଟ:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ପ୍ରେମ ବ୍ୟାପାରରେ ସଫଳ ହେବେ।

**ସିଂହ:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଧାର୍ମିକ କାର୍ଯ୍ୟରେ ଯୋଗ ଦେବେ।

**କନ୍ୟା:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିବ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ସରକାରି କର୍ମଚାରୀଙ୍କ ପାଇଁ ଦିନଟି ଭଲ।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିପାରନ୍ତି। ପୁରୁଣା ନିବେଶରୁ ଲାଭ ମିଳିବ।

**ବିଛା:** ଜମିବାଡ଼ିକୁ ନେଇ ବିବାଦ ଦେଖା ଦେଇପାରେ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନରେ ମଧୁରତା ଆସିବ। ଅଚାନକ ଖୁସି ଖବର ପାଇପାରନ୍ତି।

**ଧନୁ:** କ୍ୟାରିଅରକୁ ନେଇ ଚିନ୍ତାରେ ରହିବେ। ପରିବାରକୁ ସମୟ ଦେବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହୋଇପାରେ। ନିବେଶରୁ ଲାଭ ପାଇବେ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ। ଅଫିସ୍ କାର୍ଯ୍ୟ ପାଇଁ ବିଦେଶ ଯାତ୍ରା କରିପାରନ୍ତି।

**କୁମ୍ଭ:** ଆର୍ଥିକ ସମସ୍ୟା ଦେଖା ଦେବ। ପେଟଜନିତ ସମସ୍ୟା ଦେଖା ଦେଇପାରେ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ। ଲୋକ ସମ୍ପର୍କ ବଢ଼ିବ।

**ମୀନ:** ପାରିବାରିକ ଜୀବନ ସୁଖମୟ ହେବ। ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନୂଆ ବ୍ୟବସାୟ ଆରମ୍ଭ କରିବେ।

## ଆଜିର ଇତିହାସ

- ୧୯୧୭-ପ୍ରଥମ ବିଶ୍ୱଯୁଦ୍ଧରେ ଭାଗ ନେବା ପାଇଁ ଆମେରିକୀୟ ସିନେଟ୍ ମଞ୍ଜୁରି ଦେଲା।
- ୧୯୪୯-ଉତ୍ତର ଆଟ୍‌ଲାଣ୍ଟିକ୍ ସୈନ୍ୟ ସଂଗଠନ(ନାଟୋ)ର ସ୍ଥାପନା।
- ୧୯୭୯- ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଜୁଲ୍ ଫିକର୍ ଅଲ୍ଲୀ ଭୁଟ୍ଟୋଙ୍କୁ ଫାଶୀ ଦଣ୍ଡ ଦିଆଗଲା।
- ୨୦୦୪- ଭାରତ-ନେପାଳ ସୀମାରେ ମାଓବାଦୀମାନେ ୧୮ ଭାରତୀୟ ତେଲ ଟ୍ୟାଙ୍କରରେ ନିଆଁ ଲଗାଇ ଦେଲେ।


## ଆଜି ବାହୁଡ଼ିଥିଲେ

# ଶହୀଦ ରଘୁ-ଦିବାକର



ନୟାଗଡ଼ ଜିଲ୍ଲା ତତ୍କାଳୀନ ରଣପୁରଗଡ଼ ରାଜ୍ୟରେ ଅତ୍ୟାଚାରୀ ରାଜାଙ୍କର ଅକଥନୀୟ ଅତ୍ୟାଚାର ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ ଶହୀଦ ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ା । ରଣପୁରରେ ପ୍ରଜାମେଳି ଗଢ଼ି ଏହି ଦୁଇ ସଂଗ୍ରାମୀ ବନ୍ଧୁ ଦେଶ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ୧୯୩୯ ମସିହାରେ ରଣପୁର ଅଞ୍ଚଳର ହଜାର ହଜାର ପ୍ରଜା ମେଳି ବାନ୍ଧି ଅତ୍ୟାଚାରୀ ରାଜାଙ୍କ ରାଜବାଟୀ ଅଭିମୁଖେ ଅଗ୍ରସର ହୋଇଥିଲେ । ଏହାଦେଖି ତତ୍କାଳୀନ ରାଜା ତାଙ୍କ ରାଜନୈତିକ ଅନୁଚର ଆର୍. ଏଲ୍. ବେଜେଲଗେଟ୍ ସାହେବଙ୍କୁ ଏହି ଆନ୍ଦୋଳନକୁ ଦମନ କରିବା ପାଇଁ ରଣପୁର ଡକାଇଥିଲେ। ଉତ୍ତ୍ୟକ୍ତ ପ୍ରଜାମାନେ ବେଜଲଗେଟ୍‌ଙ୍କୁ ପ୍ରବଳ ବିରୋଧ କରିଥିଲେ। ଏହାକୁ ଦେଖି ବେଜେଲଗେଟ୍‌ଙ୍କ ନେତୃତ୍ୱରେ ବ୍ରିଟିଶ ଫୌଜ ପ୍ରଜାଙ୍କ ଉପରେ ଗୁଳିବର୍ଷା କରିବାରୁ ସେହି ସ୍ଥାନରେ ଜଣେ ଆନ୍ଦୋଳନକାରୀଙ୍କ ମୃତ୍ୟୁ ହୋଇଥିଲା । ଆଉ ଏହାପରେ ଉତ୍ତ୍ୟକ୍ତ ଲୋକେ ବେଜେଲଗେଟ୍‌ଙ୍କୁ ବାଉଁଶ ଠେଙ୍ଗାରେ ପିଟିପିଟି ହତ୍ୟା କରିଥିଲେ । ଶହୀଦ ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ାଙ୍କ ନେତୃତ୍ୱରେ ରଣପୁରଗଡ଼ର ମୁଣ୍ଡ ଟେକିଥିବା ଏହି ପ୍ରଜା ଆନ୍ଦୋଳନ ସାରା ରାଜ୍ୟରେ ଚହଳ ସୃଷ୍ଟି କରିଥିଲା । ବେଜେଲଗେଟ୍‌ଙ୍କୁ ପ୍ରଜାମାନେ ହତ୍ୟା କରିଥିବା ଖବର ପାଇ ଶହଶହ ବ୍ରିଟିଶ ବାହିନୀ ରଣପୁରଗଡ଼ରେ ପହଞ୍ଚିଥିଲେ । ବେଜେଲଗେଟ୍‌ଙ୍କ ମୃତ୍ୟୁ ପାଇଁ ବିଦ୍ରୋହୀ ଦିବାକର ଓ ତାଙ୍କ ସାଥୀ ରଘୁନାଥଙ୍କୁ ଦାୟୀ କରି ଗିରଫ କରାଗଲା । ଫିରିଙ୍ଗି ବିଚାରପତି ଦିବାକର ଓ ରଘୁନାଥଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିଥିଲେ । ୧୯୪୧ ମସିହା ଆଜିର ଦିନରେ ବିହାର ଭାଗଲପୁର ଜେଲରେ ରଘୁ-ଦିବାକରଙ୍କୁ ଫାଶୀଖୁଣ୍ଟରେ ଝୁଲାଇ ଦିଆଗଲା । ଏହି ଦୁଇ ବିପ୍ଳବୀ ସେମାନଙ୍କ ସାହସିକତା, ତ୍ୟାଗ, ସାଧନା, ବୀରତ୍ୱ ଓ ଏକାଗ୍ରତା ଯୋଗୁଁ ଚିରଦିନ ପାଇଁ ଅମର ହୋଇଯାଇଛନ୍ତି।

# ସ୍ୱଭାବକବି ଗଙ୍ଗାଧର ମେହେର



ଗଙ୍ଗାଧର ମେହେର ଏକାଧାରରେ ପ୍ରକୃତି କବି, ସ୍ୱଭାବ କବି ଭାବେ ପରିଚିତ ଥିଲେ। ସେ ୧୮୬୨ ମସିହା ଅଗଷ୍ଟ ୯ ତାରିଖରେ ଅବିଭକ୍ତ ସମ୍ବଲପୁର ବର୍ତ୍ତମାନ ବରଗଡ଼ ଜିଲ୍ଲା ବରପାଲି ଅଞ୍ଚଳରେ ଜନ୍ମଗ୍ରହଣ କରିଥିଲେ। ବାଲ୍ୟକାଳରେ ଦାରିଦ୍ର୍ୟର କଷାଘାତ ଯୋଗୁଁ ସେ ଅଧିକ ଶିକ୍ଷାଲାଭ କରିପାରି ନ ଥିଲେ। ହେଲେ ପିଲାଦିନରୁ ସେ କବିତା ଲେଖିବା ଆରମ୍ଭ କରିଥିଲେ। ଓଡ଼ିଶାର ପୁରାତନ କବିମାନଙ୍କ ପଦାଙ୍କ ଅନୁସରଣ କରି ସେମାନଙ୍କ ଶୈଳୀରେ ସେ ନିଜର ପ୍ରଥମ ଲେଖା ସବୁ ଲେଖିଥିଲେ। ତାଙ୍କର ଆଦ୍ୟ ରଚନାବଳୀ ଭିତରେ 'ରସ ରତ୍ନାକର' ଓ 'ଅହଲ୍ୟାସ୍ତବ' ଅନ୍ୟତମ। ଏଗୁଡ଼ିକ ରୀତିଯୁଗୀୟ ଶୈଳୀରେ ରଚନା କରାଯାଇଥିଲା। ସ୍ୱଳ୍ପ ଶିକ୍ଷା ସତ୍ତ୍ୱେ ବି ତାଙ୍କର ଓଡ଼ିଆ ଓ ସଂସ୍କୃତ ଭାଷାରେ ଗଭୀର ଜ୍ଞାନ ଥିଲା। ଏକ ସାଧାରଣ ଚାକିରି କରି ସେ ପରିବାର ପ୍ରତିପୋଷଣ କରୁଥିଲେ। ସେଥିପାଇଁ ତାଙ୍କୁ ବହୁ ବାଧାବିଘ୍ନର ସାମ୍ନା କରିବାକୁ ପଡ଼ିଥିଲା। ସେହିପରି ଓଡ଼ିଆ ଭାଷା ମହାସଙ୍କଟ ଦେଇ ଗତି କରୁଥିଲାବେଳେ 'ଇନ୍ଦୁମତୀ', 'କୀଚକବଧ', 'ତପସ୍ୱିନୀ', 'ପ୍ରଣୟ-ବଲ୍ଲରୀ', 'ଉତ୍କଳ ଲକ୍ଷ୍ମୀ', 'ଅଯୋଦ୍ଧାଦୃଶ୍ୟ' ଭଳି ଉଚ୍ଚକୋଟୀର କାବ୍ୟ ଓ କବିତା ରଚନା କରି ଓଡ଼ିଆ ଭାଷା ଆନ୍ଦୋଳନକୁ ସେ ତେଜୀୟାନ କରିଥିଲେ । 'ଅର୍ଘ୍ୟଥାଳି' ହେଉଛି ତାଙ୍କର ଲୋକପ୍ରିୟ କବିତା ସଂଗ୍ରହ। ତାଙ୍କ ରଚିତ ଶେଷ କାବ୍ୟ ଥିଲା 'ପଦ୍ମିନୀ'। ୧୯୨୪ ମସିହା ଆଜିର ଦିନରେ ଏହି ସାରସ୍ୱତ ସାଧକଙ୍କର ପରଲୋକ ଘଟିଥିଲା।

# ଡରାଇବେ ମୌନୀ




ବଲିଉଡ୍‌ର ଲୋକପ୍ରିୟ ଅଭିନେତ୍ରୀ ମୌନୀ ରୟ ଦର୍ଶକଙ୍କୁ ଭୟଭୀତ କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ। ମୌନୀ 'ଦ ଭୂତନୀ' ସିନେମାରେ ନଜର ଆସିବେ। ସିନେମାଟି ଏପ୍ରିଲ୍ ୧୮ ରେ ପ୍ରେକ୍ଷାଳୟକୁ ଆସିବ। ଏହି ହରର୍-କମେଡି ସିନେମାରେ ମୌନୀଙ୍କ ସମେତ ସଞ୍ଜୟ ଦତ୍ତ, ସନୀ ସିଂହ, ପଲକ ତିୱାରି, ଆସିକ୍ ଖାନ୍ ପ୍ରମୁଖ କଳାକାର ନଜର ଆସିବେ। ଇତି ମଧ୍ୟରେ ଏବେ ସିନେମାରେ ମୌନୀଙ୍କ ଫାଷ୍ଟ ଲୁକ୍‌କୁ ଜାରି କରାଯାଇଛି। ଏଥିରେ ସେ ସବୁଜ ରଙ୍ଗ ଡ୍ରେସ୍‌ରେ ନଜର ଆସିଛନ୍ତି। ସବୁଜ ଆଖି ସହିତ ତାଙ୍କ ଲୁକ୍ ଖୁବ୍ ଆକର୍ଷଣୀୟ ଲାଗୁଛି। ସେହିପରି ଏଥିରେ ସେ ମୋହବତ୍ତ ଚରିତ୍ରରେ ଅଭିନୟ କରିଛନ୍ତି। ଅନ୍ୟପଟେ ଏହାର ପୋଷ୍ଟର ସହିତ ଏକ ଟ୍ୟାଗ୍ ଲାଇନ୍ ରହିଛି। ଏଥିରେ ଲେଖା ଅଛି 'ପ୍ୟାର୍ ୟା ପ୍ରଳୟ'। ଅନ୍ୟପଟେ ସିନେମାରେ ତାଙ୍କ ଲୁକ୍ ସାମ୍ନାକୁ ଆସିବା ପରେ ସେ ଖୁବ୍ ପ୍ରଶଂସା ସାଉଁଟୁଛନ୍ତି।

# ପରିବେଶ ଅନୁକୂଳ ଇନ୍ଧନ



ଜାପାନର ବୈଜ୍ଞାନିକମାନେ ଏମିତି ଏକ ପ୍ରକ୍ରିୟା ବିକଶିତ କରିଛନ୍ତି, ଯାହା ମାଧ୍ୟମରେ ଗାଈ ଗୋବରକୁ ପରିବେଶ ଅନୁକୂଳ ଇନ୍ଧନରେ ରୂପାନ୍ତରିତ କରାଯାଇପାରିବ। ଏଠାକାର ଶିକାଓଇ ସହରରେ ଗୋବରରୁ ହାଇଡ୍ରୋଜେନ୍ ଇନ୍ଧନ ପ୍ରସ୍ତୁତ କରାଯାଉଛି। ଏହାର ଉପଯୋଗରେ କାର୍ ତଥା ଟ୍ରକ ଆଦି ଚାଲିବା ସମ୍ଭବପର। ଏହା କାର୍ବନ ଉତ୍ସର୍ଜନକୁ କମ୍ କରିବା ସହିତ ପରିବେଶ ପାଇଁ ଅନୁକୂଳ। ଶିକାଓଇ ଡାଏରୀ ବ୍ୟବସାୟ ପାଇଁ ପ୍ରସିଦ୍ଧ। ଏଠାରେ ବର୍ଷକୁ ୨୦ ମିଲିୟନ ଟନ୍‌ରୁ ଅଧିକ ଗାଈ ଗୋବର ଉତ୍ପନ୍ନ ହୁଏ। ଗୋବର ଓ ଗୋମୂତ୍ରକୁ ଆନାରୋବିକ୍ ଡାଇଜେଷ୍ଟରେ ରଖାଯାଏ। ଏଥିରେ ଥିବା ବ୍ୟାକ୍ଟେରିଆ ବାୟୋଗ୍ୟାସ୍ ତିଆରି କରିବା ପାଇଁ ଆବର୍ଜନାକୁ ବିଘଟନ କରେ। ତେବେ ବାୟୋଗ୍ୟାସ୍‌କୁ ଉଚ୍ଚ ତାପମାତ୍ରାରେ ଷ୍ଟିମ୍ ରିଫର୍ମିଂ ପ୍ରକ୍ରିୟା ଦ୍ୱାରା ହାଇଡ୍ରୋଜେନ୍‌ରେ ରୂପାନ୍ତରିତ କରାଯାଏ। ଏହି ହାଇଡ୍ରୋଜେନ୍‌ର ଉପଯୋଗ ଟ୍ରାକ୍ଟର ଏବଂ ଫୋର୍କଲିଫ୍ଟ ସମେତ କୃଷି ଉପକରଣ ଚଳାଇବା ପାଇଁ କରାଯାଇପାରିବ। ଏହିପ୍ରକାରେ ଏହା ମାଧ୍ୟମରେ ଗ୍ରୀନ ହାଉସ୍ ଉତ୍ସର୍ଜନ ହ୍ରାସ ପାଉଛି। ଜାପାନର ଏହି ପଦକ୍ଷେପ ଆବର୍ଜନାରୁ ଆୟର ଏକ ଉନ୍ନତ ଉଦାହରଣ ସୃଷ୍ଟି କରିଛି। ସେହିପରି ଏହା ମାଧ୍ୟମରେ ପରିବେଶ ସୁରକ୍ଷା ହେବା ସହିତ ସ୍ଥାନୀୟ ଅର୍ଥନୀତିକୁ ଲାଭ ମିଳିବା କୁହାଯାଉଛି। ଅନ୍ୟପଟେ ଅନ୍ୟ ଦେଶରେ ବି ଏହି ପ୍ରକ୍ରିୟାକୁ ନେଇ ଗବେଷଣା ଚାଲିଛି।



## ସଞ୍ଜୀବନୀ

### ସକାଳର ସ୍ୱାସ୍ଥ୍ୟ

# ଖରାଦିନେ ରକ୍ତଚାପ ରୋଗୀଙ୍କ ସମସ୍ୟା

**ସ୍ୱାଭାବିକଠାରୁ ରକ୍ତଚାପ କମ୍ ବା ବେଶୀ ହେଲେ, ଉଚ୍ଚ ରକ୍ତଚାପ କିମ୍ବା ନିମ୍ନ ରକ୍ତଚାପ ହୋଇଥାଏ। ଉଭୟ ସ୍ଥିତିରେ ରୋଗୀଙ୍କଠାରେ ଭିନ୍ନ ଭିନ୍ନ ଲକ୍ଷଣ ଦେଖାଯାଏ। ତେବେ ରକ୍ତଚାପ ଜନିତ ସମସ୍ୟା ରୋଗୀଙ୍କ ପାଇଁ ଶୀତିଦନ ଯେମିତି ବିପଦପୂର୍ଣ୍ଣ ଖରାଦିନେ ମଧ ନାନା ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରେ।**



ସାଧାରଣତଃ ଶୀତଦିନେ ଅଧିକ ଥଣ୍ଡା ଯୋଗୁଁ ରକ୍ତର ଶିରାପ୍ରଶିରା ସଙ୍କୁଚିତ ହୋଇଥାଏ। ଠିକ୍ ସେହିପରି ଅଧିକ ତାପମାତ୍ରା ଯୋଗୁଁ ରକ୍ତର ଶିରାପ୍ରଶିରା ଯେତିକି ମାତ୍ରାର ସଙ୍କୁଚିତ ହେବା କଥା ତାହା ହୋଇ ନ ପାରି ରକ୍ତପ୍ରବାହରେ ବାଧା ସୃଷ୍ଟି ହୋଇଥାଏ। ତେଣୁ ଖରାଦିନେ ରକ୍ତଚାପର ସମସ୍ୟା ଥିଲେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ସତର୍କତା ଅବଲମ୍ବନରେ କରିବା ଦରକାର।

ଖରାଦିନେ ତାପମାତ୍ରା ବୃଦ୍ଧି ଯୋଗୁଁ ରକ୍ତଚାପ ପ୍ରଭାବିତ ହୋଇଥାଏ। ଯେଉଁମାନେ ରକ୍ତଚାପର ଚିକିତ୍ସାରେ ଥାଆନ୍ତି କି ଉଚ୍ଚ ରକ୍ତଚାପର ଔଷଧ ଖାଉଥାନ୍ତି, ତାଙ୍କର ରକ୍ତଚାପ ଅଧିକ ମାତ୍ରାର କମ୍ ହେବାର ସମ୍ଭାବନା ରହିଥାଏ। ଅନ୍ୟପଟେ ଶରୀରରେ ଜଳୀୟଅଂଶ, ଲୁଣଅଂଶ ଆଦି କମିଗଲେ ବି ରକ୍ତଚାପ କମିବାର ସମ୍ଭାବନା ଥାଏ। ଏହାଦ୍ୱାରା ମୁଣ୍ଡବିନ୍ଧା, ମୁଣ୍ଡ ବୁଲାଇବା, ଥକ୍କାପଣ ଆଦି ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଏ। ସବୁଠୁ ବଡ଼ କଥା ହେଉଛି, ଖରାଦିନେ ଅଧିକାଂଶ ଅଂଶୁଘାତ, ହୃଦ୍‌ଘାତ, ମସ୍ତିଷ୍କାଘାତ ଆଶଙ୍କା ରହିଥାଏ। ତେଣୁ ରକ୍ତଚାପ ସ୍ୱାଭାବିକ ରହୁଛି କି ନାହିଁ, ବାରମ୍ବାର ଚେକ୍ କରିପାରିବେ।

**ଉପଚାର:** ପ୍ରଚୁର ପରିମାଣରେ ପାଣି ପିଅନ୍ତୁ, ଅତ୍ୟଧିକ ଖରାରେ ବାହାରିବା ଅନୁଚିତ। ସନ୍ତୁଳିତ ଖାଦ୍ୟ ଅଳ୍ପ ପରିମାଣରେ ବାରମ୍ବାର ଖାଆନ୍ତୁ। ଚା' କଫି ପିଇବା ଅନୁଚିତ। ସେହିପରି ପଇଡ଼ ପାଣି, ଚିନି- ଲେମ୍ବୁ ସରବତ, ପେଯପାଣି, ଓଆର୍‌ଏସ୍ ପାଣି ଏବଂ ତାଜା ଫଳରସ ପିଇପାରିବେ। ବାହାର ଖାଇବାଠୁ ଦୂରେଇ ରୁହନ୍ତୁ।

# ଅଟିଜିମ୍ ସଚେତନତାରେ ବ୍ରତୀ ମୁଗ୍ଧା



ନିଜର ସନ୍ତାନମାନଙ୍କୁ ନେଇ ଏକ ସୁନ୍ଦର ଭବିଷ୍ୟତ ଗଢ଼ିବାର ପିତାମାତାମାନେ ସ୍ୱପ୍ନ ଦେଖିଥିବାବେଳେ ନ୍ୟୁରୋଡାଇଭରସିଟି ଏକ ପ୍ରମୁଖ ଆହ୍ୱାନ ପାଲଟିଛି। ସାରା ବିଶ୍ୱରେ ସମ୍ପ୍ରତି ନ୍ୟୁରୋଡାଇଭରସିଟିର ଶିକାର ହୋଇଥିବା ପିଲାଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଭାରତ ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ। ସାଂସାରିକ ଜଞ୍ଜାଳ ଓ କର୍ମମୟ ଜୀବନ ଭିତରେ ଅଟିଜିମ୍ ଶିକାର ପିଲାମାନଙ୍କର ଯତ୍ନ ନେବା ବାପାମାଙ୍କ ପାଇଁ ଆହ୍ୱାନ ପାଲଟିଛି। ପୀଡ଼ିତଙ୍କ ଚିକିତ୍ସା କରିବା ତଥା ସେମାନଙ୍କ ଉପଯୁକ୍ତ ଯତ୍ନ ନେବା ଏକ ଦୀର୍ଘକାଳୀନ ପ୍ରକ୍ରିୟା। ହେଲେ ଏହି ସମସ୍ୟାକୁ ସାହସର ସହ ମୁକାବିଲା କରିବାକୁ ଆଗେଇ ଆସିଛନ୍ତି ସାମ୍ବାଦିକା ମୁଗ୍ଧା କାଲରା। ମୁଗ୍ଧା ଜଣେ ଚିତ୍ରପଟ ଲେଖିକା ଓ କର୍ପୋରେଟର ଟ୍ରେନର୍। ନିଜ ପୁଅ ଅଟିଜିମ୍‌ର ଶିକାର ହେବା ପରେ ସେ ପୁଅର ଯତ୍ନ ନେବା ସହ ଅନ୍ୟମାନଙ୍କ ପାଇଁ ପ୍ରେରଣା ଦେବାକୁ ଯାଇ ୨୦୧୪ ମସିହାରେ ସଚେତନତା ଯାତ୍ରା ଆରମ୍ଭ କରିଥିଲେ। ଭାରତର ପ୍ରଥମ ଶିଶୁ ନେତୃତ୍ୱାଧୀନ ନ୍ୟୁରୋଡାଇଭରସିଟି ଆନ୍ଦୋଳନ 'ନଟ ଦାଟ ଡିଫରେଣ୍ଟ' ନାମରେ ସେ ପ୍ଲାଟଫର୍ମ ସ୍ଥାପନ କରିଥିଲେ। ଏହାକୁ ନେଇ ସେ ଏକ ପୁସ୍ତକ 'ଆଇ ସି ୟୁ, ଆଇ ଗେଟ ୟୁ: ଦି ସେଲଫ୍ କେୟାର୍ ଗାଇଡ୍ ଫର୍ ସ୍ପେସିଆଲ୍ ନିଡସ୍ ପ୍ୟାରେଣ୍ଟସ୍' ରଚନା କରିଛନ୍ତି। ନିକଟରେ ବେଙ୍ଗାଲୁରୁରେ ଅନୁଷ୍ଠିତ ଏକ ଉତ୍ସବରେ ଏହି ପୁସ୍ତକ ଉନ୍ମୋଚନ କରାଯାଇଛି। ଏଥିରେ ଅଟିଜିମ୍ ପିଲାଙ୍କ ପିତାମାତାଙ୍କ ପାଇଁ ଉପାଦେୟ ତଥ୍ୟ ରହିଛି। ଅଭିଭାବକମାନେ କିଭଳି ଆବେଗିକ, ଆର୍ଥିକ ଓ ସାମାଜିକ ଆହ୍ୱାନକୁ ସାମ୍ନା କରିଥାନ୍ତି, ସେ ବିଷୟରେ ମୁଗ୍ଧା ଏହି ପୁସ୍ତକରେ ଆଲୋଚନା କରିଛନ୍ତି।

ପ୍ରତ୍ୟକ୍ଷ ରଣନୀତି ଓ ପ୍ରତିଫଳିତ ସୂଚନାର ମିଶ୍ରଣ ଆଧାରରେ ନିଜ କଲ୍ୟାଣର ଯତ୍ନ ନେବା ଲାଗି ଏହି ପୁସ୍ତକ କେୟାରଗିଭର (ଯତ୍ନ ପ୍ରଦାନକାରୀ)ଙ୍କୁ ଉତ୍ସାହିତ କରୁଛି। ସେମାନଙ୍କୁ କର୍ପୋରେଟ୍ ନୀତିରେ ସାମିଲ କରିବା ଲାଗି ଏହି ପୁସ୍ତକରେ ଆହ୍ୱାନ ଦିଆଯାଇଛି। ମୁଗ୍ଧା କୁହନ୍ତି, "ଯେତେବେଳେ କର୍ପୋରେଟମାନେ ଯତ୍ନପ୍ରଦାନକାରୀଙ୍କୁ ନିଯୁକ୍ତି ଦିଅନ୍ତି, ତାହା ସମ୍ପୂର୍ଣ୍ଣ ପରିବାରକୁ ଅଧିକ ସ୍ଥିର ଓ ସନ୍ତୋଷଜନକ ଜୀବନ ବିତାଇବା ଲାଗି ସଶକ୍ତ କରିବା ସହ ଏହି ଧରଣର ସହଯୋଗ ଦିବ୍ୟାଙ୍ଗ ଗୋଷ୍ଠୀର ଚିନ୍ତା ଦୂର କରିବା, ବିଶ୍ୱାସ ବଢ଼ାଇବ ଓ ସ୍ୱାଧୀନତା ପ୍ରଦାନ କରିବ।" ତେଣୁ ଅର୍ନ୍ତଭୁକ୍ତୀକରଣ ନୀତି, ଆଗୁଆ ହସ୍ତକ୍ଷେପ ଓ ଯତ୍ନ ନେଉଥିବା ଲୋକଙ୍କ କଲ୍ୟାଣ ଉପରେ ଅଧିକ ଦୃଷ୍ଟି ଦେବାର ସମୟ ଆସିଛି।

# ଟୁଟ୍‌କା ଚିକିତ୍ସା

**ଟୁଟ୍‌କା ଚିକିତ୍ସା କ୍ଷେତ୍ରରେ ଜୁଆଣି, ଲବଙ୍ଗ, ପାନମଧୁରୀ, ଜିରା, ଧଣିଆ ଆଦି ମହୌଷଧି ସଦୃଶ। ଏଥିରେ ନାନା ଔଷଧୀୟ ଗୁଣ ଥିବାରୁ ସ୍ୱାସ୍ଥ୍ୟ ସମସ୍ୟାରୁ ଉପଶମ ମିଳିଥାଏ।**



- ପାଇରିଆ, ଦାନ୍ତ ଯନ୍ତ୍ରଣା, ମାଢ଼ିରୁ ରକ୍ତ ପଡ଼ିବା, ମୁହଁରେ ଛାଲ ପଡ଼ିବା ସମସ୍ୟା ହେଉଥିଲେ, ଅଧା ଲିଟର ପାଣିରେ ଫିଟିକିରି ଖଣ୍ଡ, ୮ରୁ ୧୦ ଲବଙ୍ଗ, ଏକ ବଡ଼ ଚାମଚ ଜୁଆଣି, କିଛି ନିମ୍ବ ପତ୍ରକୁ ଫୁଟାଇ ନଖଉଷୁମ ଅବସ୍ଥାରେ ଦିନରେ ଦୁଇବେଳା ଦୁଇରୁ ଚାରି ମିନିଟ୍ କୁଳି କରିବା ଦ୍ୱାରା ଯନ୍ତ୍ରଣାରୁ ଉପଶମ ମିଳିଥାଏ। ମୁଖଗହ୍ୱର ପରିଷ୍କାର ରହିଥାଏ। ଦାନ୍ତ ମାଢ଼ି, ଦାନ୍ତ ମୂଳ ଓ ଛାଲ ପଡ଼ିବା ସମସ୍ୟା କମିଥାଏ।
- ଜୁଆଣି, ଲବଙ୍ଗ, ପାନ ମଧୁରୀ, ଜିରା, ଧଣିଆ ଏସବୁକୁ ପାଣିରେ ୬ରୁ ୧୨ ଘଣ୍ଟା ବତୁରାଇ, ଏହାକୁ ୧୨ ଘଣ୍ଟା ଭିତରେ ଛାଣି କରି ପିଇଲେ, ଅଗ୍ନିମାନ୍ଦ୍ୟ, ଅଜୀର୍ଣ୍ଣ, ଗ୍ରହଣୀ ଆଦି ଉଦରଜନିତ ସମସ୍ୟା ଉପକାର ହୋଇଥାଏ।
- ସେହିପରି ଜୁଆଣି ପାଣି ପିଇବା ଦ୍ୱାରା କାଶରୁ ମୁକ୍ତି ମିଳିବା ସହ କଫ ଦୂର କରିବାରେ ସାହାଯ୍ୟ କରେ। ଏହା ଶରୀରରେ କୋଲେଷ୍ଟ୍ରଲ, ଏଲ୍‌ଡିଏଲ୍, କୋଲେଷ୍ଟ୍ରଲ ଆଦିକୁ ନିୟନ୍ତ୍ରଣ କରିଥାଏ ।

# ଇମ୍ୟୁନୋଥେରାପି



କର୍କଟ ହେଉଛି ଏକ ପ୍ରାଣଘାତୀ ରୋଗ। ତେଣୁ ଠିକ୍ ସମୟରେ ରୋଗକୁ ଚିହ୍ନି ଏହାର ଚିକିତ୍ସା କରାଗଲେ ପୀଡ଼ିତ ସୁସ୍ଥ ହେବାର ସମ୍ଭାବନା ଅଧିକ ରହିଥାଏ। କର୍କଟ ପୀଡ଼ିତଙ୍କୁ କେମୋଥେରାପି, ରେଡିଓଥେରାପି ଆଦି ପ୍ରୟୋଗ କରାଯାଇଥାଏ। ଏହାଛଡ଼ା ଇମ୍ୟୁନୋଥେରାପି ଏକ ପ୍ରଭାବୀ ଚିକିତ୍ସା ପଦ୍ଧତି। ଏହି ଥେରାପି କର୍କଟ କୋଷକୁ ନଷ୍ଟ କରିବା ସହିତ ରୋଗପ୍ରତିରୋଧକ ଶକ୍ତିକୁ ମଜଭୁତ କରିଥାଏ। ଶରୀରର ଯେକୌଣସି ସ୍ଥାନରେ କର୍କଟ କୋଷିକାକୁ ଚିହ୍ନଟ କରି ନଷ୍ଟ କରିଥାଏ। କେମୋଥେରାପି ଅପେକ୍ଷା ଏହାର ପାର୍ଶ୍ୱପ୍ରତିକ୍ରିୟା କମ୍ ରହିଥାଏ। ଚତୁର୍ଥ ପର୍ଯ୍ୟାୟ କର୍କଟରେ ଏହି ଥେରାପି ବହୁଳ ଭାବେ ବ୍ୟବହାର କରାଯାଇଥାଏ। ସ୍ତନକର୍କଟ, ଫୁସ୍‌ଫୁସ୍ କର୍କଟ, ମେଲାନୋମା ଭଳି ଚର୍ମ କର୍କଟ, ମୁଖଗହ୍ୱର, ରେକ୍ଟୋମ କର୍କଟ ଆଦିରେ ଏହାକୁ ପ୍ରୟୋଗ କରାଯାଇଥାଏ। ରୋଗ ସ୍ଥିତି ଅନୁସାରେ ତିନି ସପ୍ତାହକୁ ଥରେ ଲେଖାଏଁ ଦିଆଯାଇଥାଏ। ଏହି ଥେରାପି ଦ୍ୱାରା ପାର୍ଶ୍ୱପ୍ରତିକ୍ରିୟା ଯଥା- ତରଳ ଝାଡ଼ା, ପେଟ ଯନ୍ତ୍ରଣା, ଝାଡ଼ାରେ ରକ୍ତ, ବାନ୍ତି, ଜ୍ୱର, ଦ୍ରୁତ ହୃଦ୍‌ସ୍ପନ୍ଦନ ଆଦି ଲକ୍ଷଣ ଦେଖିଲେ ଡାକ୍ତରଙ୍କ ପରାମର୍ଶ ନେଇପାରିବେ।

## ସ୍ୱଦେଶ ଫେରିଲେ
# ରାବାଡା

ଅହମ୍ମଦାବାଦ୍, ୩।୪ (ଏଜେନ୍ସି): ଗୁଜରାଟ ଜାଏଣ୍ଟସ୍‌ର ଫାଷ୍ଟ ବୋଲର କାଗିସୋ ରାବାଡା ବ୍ୟକ୍ତିଗତ କାରଣ ଯୋଗୁଁ ସ୍ୱଦେଶ ଫେରିଯାଇଛନ୍ତି। ଏଯାଏ ଗୁଜରାଟ ଖେଳିଥିବା ୩ଟି ମ୍ୟାଚ୍ ମଧ୍ୟରୁ ସେ ୨ଟି ଖେଳିଥିଲେ। ଏହା ମଧ୍ୟରୁ ଦଳ ଗୋଟିଏ ଲେଖାଏଁ ମ୍ୟାଚ୍ ଜିତିଥିଲା ଓ ହାରିଥିଲା। ପଞ୍ଜାବଠାରୁ ପରାଜିତ ହୋଇଥିବା ମ୍ୟାଚ୍‌ରେ ସେ



୪୧ ରନ୍‌ରେ ଗୋଟିଏ ୱିକେଟ ନେଇଥିଲେ। ସେହିପରି ମୁମ୍ବାଇକୁ ହରାଇଥିବା ମ୍ୟାଚ୍‌ରେ ସେ ୪୨ ରନ୍ ଦେଇ ଗୋଟିଏ ୱିକେଟ ନେଇଥିଲେ। ଆର୍‌ସିବି ବିପକ୍ଷ ମ୍ୟାଚ୍‌ରେ ତାଙ୍କୁ ସୁଯୋଗ ମିଳି ନ ଥିଲା। ଅର୍ଶାଦ୍ ଖାନ୍ ତାଙ୍କ ଲାଗି ଖେଳି ଗୁରୁତ୍ୱପୂର୍ଣ୍ଣ ବିରାଟ କୋହଲିଙ୍କ ୱିକେଟ ହାତେଇଥିଲେ। ଏହି ମ୍ୟାଚ୍‌ରେ ଗୁଜରାଟ ୩ଜଣ ବିଦେଶୀ ଖେଳାଳିଙ୍କୁ ଖେଳାଇଥିଲା। ପ୍ରଥମ ଏକାଦଶରେ ଜୋଶ ବଟ୍ଲର ଓ ରଶିଦ୍ ଖାନ୍ ଖେଳିଥିଲାବେଳେ ସେର୍ଫାନ ରଦରଫୋର୍ଡଙ୍କୁ ଇମ୍ପାକ୍ଟ ଖେଳାଳି ଭାବେ ସାମିଲ କରିଥିଲା। ଗୁଜରାଟ ଏହି ମ୍ୟାଚ୍‌କୁ ୮ ୱିକେଟରେ ଜିତିଥିଲା। ଦଳ ନିକଟରେ ଆଉ ଦୁଇଜଣ ବିଦେଶୀ ଖେଳାଳି ଅଛନ୍ତି ଓ ଏଯାଏ ଖେଳିବାକୁ ସୁଯୋଗ ପାଇ ନାହାନ୍ତି। ନ୍ୟୁଜିଲାଣ୍ଡର ଗ୍ଲେନ୍ ଫିଲିପ୍ସ ଓ ଦକ୍ଷିଣ ଆଫ୍ରିକା ଅଲରାଉଣ୍ଡର ଗେରାଲ୍ଡ କୋଏଜୀ ପୂରା ଫିଟ୍ ନ ଥିବାରୁ ସେମାନଙ୍କୁ ଖେଳିବା ସୁଯୋଗ ମିଳିନାହିଁ।

## ବିସିସିଆଇ କେନ୍ଦ୍ରୀୟ ଚୁକ୍ତିରେ ଆକର୍ଷଣୀୟ ସୁବିଧା
# ସର୍ବାଧିକ ୭ କୋଟି ବେତନ ସହ ନିଃଶୁଳ୍କ ଚିକିତ୍ସା

ନୂଆଦିଲ୍ଲୀ, ୩।୪ (ଏଜେନ୍ସି):

ବିଶ୍ୱର ସବୁଠୁ ବିତ୍ତଶାଳୀ କ୍ରିକେଟ୍ ବୋର୍ଡ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଚଳିତ ଏପ୍ରିଲ ମାସରେ ଏହାର ଖେଳାଳିଙ୍କ ବାର୍ଷିକ କେନ୍ଦ୍ରୀୟ ଚୁକ୍ତି ତାଲିକା ଘୋଷଣା କରିବ। ରିପୋର୍ଟ ମୁତାବକ ପ୍ରଦର୍ଶନ ଆଧାରରେ କିଛି ପ୍ରମୁଖ ଖେଳାଳି ଏଥର ବିସିସିଆଇର ଏହି ଗୁରୁତ୍ୱପୂର୍ଣ୍ଣ ଚୁକ୍ତିରେ ସାମିଲ ହେବାର ରହିଛି। ସେମାନଙ୍କ ମଧ୍ୟରେ ଇନଫର୍ମ ବ୍ୟାଟର୍ ଶ୍ରେୟସ ଆୟର ପ୍ରମୁଖ ରହିଛନ୍ତି। ଏଥର ଆଇପିଏଲ୍‌ରେ ପଞ୍ଜାବ କିଙ୍ଗ୍ସର ନେତୃତ୍ୱ ନେଉଥିବା ଶ୍ରେୟସ ବିଭିନ୍ନ ବିବାଦୀୟ କାରଣ ଲାଗି ଗତ ସିଜନରେ ବିସିସିଆଇର କେନ୍ଦ୍ରୀୟ ଚୁକ୍ତିରୁ ବାଦ୍ ପଡ଼ିଥିଲେ। କିନ୍ତୁ ଗତ ବର୍ଷକ ମଧ୍ୟରେ ଘରୋଇ ଓ ଅନ୍ତର୍ଜାତୀୟ ଫର୍ମାଟ୍‌ରେ ବେଶ୍ ପ୍ରଭାବୀ ପ୍ରଦର୍ଶନ କରି ଚୁକ୍ତିରେ ସାମିଲ ହେବାକୁ ଆୟର ଦୃଢ଼ ଦାବିଦାର୍ ରହିଛନ୍ତି। ନିକଟରେ ଭାରତକୁ ଆଇସିସି ଚାମ୍ପିଅନ୍ସ ଟ୍ରଫିରେ ଟାଇଟଲ୍ ଜିତାଇବାରେ ଆୟର ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ୨୪୩ ରନ ସହ ସେ ଭାରତ ପାଇଁ ସର୍ବାଧିକ ରନ ସ୍କୋରର ରହିଥିଲେ।

ବିସିସିଆଇର କେନ୍ଦ୍ରୀୟ ଚୁକ୍ତି ହେଉଛି ଏକ ବାର୍ଷିକ ରିଟେନରସିପ୍ ସିଷ୍ଟମ। ଯାହାକି ଭାରତର ବରିଷ୍ଠ ପୁରୁଷ କ୍ରିକେଟର୍‌ଙ୍କୁ ସେମାନଙ୍କ ପ୍ରଦର୍ଶନ ଏବଂ ଦେଶର କ୍ରିକେଟ୍



ଇକୋସିଷ୍ଟମରେ ଅବଦାନ ଆଧାରରେ ବର୍ଗୀକରଣ ଓ ପୁରସ୍କୃତ କରିଥାଏ। ବିସିସିଆଇର କେନ୍ଦ୍ରୀୟ ଚୁକ୍ତିରେ ଗୋଟିଏ ବର୍ଷ ଲାଗି ୩୦ଜଣ ଖେଳାଳି ରହିଥାନ୍ତି। ସେମାନଙ୍କୁ ଏ+, ଏ, ବି ଓ ସି ଏଭଳି ଭାବେ ୪ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଥାଏ। ଯେଉଁ ୩୦ ଜଣ ଖେଳାଳି ଏହି ଚୁକ୍ତିରେ ରହିଥାନ୍ତି ବିସିସିଆଇ ସେମାନଙ୍କ ସମସ୍ତ ପ୍ରକାର ଯତ୍ନ ନେଇଥାଏ। ଉଦାହରଣ ସ୍ୱରୂପ ଚୁକ୍ତିରେ ସାମିଲ ରହିଥିବା କୌଣସି ଖେଳାଳି ଯଦି ଆଘାତପ୍ରାପ୍ତ ହୁଅନ୍ତି ତେବେ ସେମାନେ ବେଙ୍ଗାଲୁରୁସ୍ଥିତ ଜାତୀୟ କ୍ରିକେଟ୍ ଏକାଡେମୀ (ଏନ୍‌ସିଏ)ରେ ମାଗଣାରେ ସୁସ୍ଥ ହେବା ପର୍ଯ୍ୟନ୍ତ ଚିକିତ୍ସିତ ହୋଇପାରିବେ। ଏଥିସହ ବିଭିନ୍ନ ସ୍ଥାନକୁ ଯାତ୍ରାରେ ରିହାତି ଏବଂ ବେଙ୍ଗାଲୁରୁସ୍ଥିତ ଉତ୍କର୍ଷତା କେନ୍ଦ୍ରରେ ବିଶ୍ୱସ୍ତରୀୟ ଟ୍ରେନିଂ ନେବାର ସୁବିଧା ମଧ୍ୟ ବିସିସିଆଇ ପ୍ରଦାନ କରିଥାଏ।

### ବେତନ ୧ରୁ ୭ କୋଟି

ବିସିସିଆଇର କେନ୍ଦ୍ରୀୟ ଚୁକ୍ତିରେ ୪ଟି ଗ୍ରେଡ୍‌ରେ ଖେଳାଳିଙ୍କୁ ରଖାଯାଇଥାଏ। ଏ+ ଗ୍ରେଡରେ ରହିଥିବା ଖେଳାଳିଙ୍କୁ ବର୍ଷକୁ ୭ କୋଟି ଟଙ୍କା ପ୍ରଦାନ କରାଯାଇଥାଏ। ଯାହାକି ଏହି ଚୁକ୍ତିର ସର୍ବାଧିକ ବେତନ। ସେହିଭଳି ଯେଉଁ ଖେଳାଳି ଗ୍ରେଡ-ଏ'ରେ ରହିଥାନ୍ତି ତାଙ୍କୁ ୫ କୋଟି, ଗ୍ରେଡ୍-ବି'ରେ ଥିବା ଖେଳାଳିଙ୍କୁ ୩ କୋଟି ଟଙ୍କା ପ୍ରଦାନ କରାଯାଇଥାଏ। ସେହିଭଳି ଶେଷ ଗ୍ରେଡ୍ ଅର୍ଥାତ୍ 'ସି'ରେ ଯେଉଁ ଖେଳାଳି ରହିଥାନ୍ତି ସେମାନେ ବିସିସିଆଇ ନିକଟରୁ ବର୍ଷକୁ ଏକ କୋଟି ଟଙ୍କା ବେତନ ପାଇଥାନ୍ତି। ୨୦୨୩-୨୪ ସିଜନରେ ରୋହିତ୍ ଶର୍ମା, ବିରାଟ କୋହଲି, ଯଶପ୍ରୀତ୍ ବୁମ୍‌ରା ଓ ରବୀନ୍ଦ୍ର ଜାଡେଜା ବିସିସିଆଇର ସର୍ବୋଚ୍ଚ ଗ୍ରେଡ୍ ଏ+ରେ ରହିଥିଲେ।

### ସାମିଲ ହେବାର ଯୋଗ୍ୟତା

ଯଦି ଜଣେ ଖେଳାଳି ଭାରତ ପାଇଁ ଅତିକମ୍‌ରେ ୩ଟି ଟେଷ୍ଟ କିମ୍ବା ୮ଟି ଏକଦିବସୀୟ କିମ୍ବା ୧୦ଟି ଟି-୨୦ ମ୍ୟାଚ୍ ଖେଳିସାରିଛନ୍ତି ତେବେ ସେ ବିସିସିଆଇର ବାର୍ଷିକ ଚୁକ୍ତିରେ ସାମିଲ ହେବାକୁ ଯୋଗ୍ୟ ବିବେଚିତ ହେବେ। ଏହି ୩ଟି ଫର୍ମାଟ୍‌ରୁ ଖେଳାଳି ଯେଉଁ ଗୋଟିଏ ଫର୍ମାଟ୍‌ରେ ଆବଶ୍ୟକ ମ୍ୟାଚ୍ ଖେଳିସାରିଥିବେ ତାଙ୍କୁ ବିସିସିଆଇ ଚୁକ୍ତିରେ ସାମିଲ କରାଯାଇପାରିବ।

### ଗୋଟିଏ ଟେଷ୍ଟ ଖେଳିଲେ ମିଳିଥାଏ ୧୫ ଲକ୍ଷ

ବିସିସିଆଇ ବାର୍ଷିକ କେନ୍ଦ୍ରୀୟ ଚୁକ୍ତି ବାଦ୍ ଖେଳାଳିମାନେ ପ୍ରତି ମ୍ୟାଚ୍ ପିଛା ମଧ୍ୟ ପାଉଣା ପାଇଥାନ୍ତି। ଗୋଟିଏ ଟେଷ୍ଟ ମ୍ୟାଚ୍ ଖେଳିଲେ ଖେଳାଳିଙ୍କୁ ୧୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥାଏ। ସେହିଭଳି ଏକଦିବସୀୟ ମ୍ୟାଚ୍ ପିଛା ୬ ଲକ୍ଷ ଓ ଗୋଟିଏ ଟି-୨୦ ମ୍ୟାଚ୍ ଖେଳିଲେ ୩ ଲକ୍ଷ ଟଙ୍କା ପାଉଣା ମିଳିଥାଏ। ଏଥିରୁ ମଧ୍ୟ ଭାରତୀୟ କ୍ରିକେଟର୍‌ମାନେ ବେଶ୍ ଆଖିଦୃଶିଆ ରୋଜଗାର୍ କରିଥାନ୍ତି। ଏସମସ୍ତ ବାଦ୍ ଖେଳାଳିଙ୍କର ଆଉ ଏକ ପ୍ରମୁଖ ରୋଜଗାର ମାଧ୍ୟମ ଆଇପିଏଲ୍ ରହିଥାଏ। ଏଥିରେ ବର୍ଷକୁ ୫୦-୬୦ ଦିନ ମଧ୍ୟରେ ଖେଳାଳିମାନେ କୋଟି କୋଟି ଟଙ୍କା ରୋଜଗାର କରିଥାନ୍ତି।

### ବିସିସିଆଇର କେନ୍ଦ୍ରୀୟ ଚୁକ୍ତି

| ଗ୍ରେଡ୍ | ବେତନ |
|---|---|
| ଏ+ | ୭ କୋଟି |
| ଏ | ୫ କୋଟି |
| ବି | ୩ କୋଟି |
| ସି | ୧ କୋଟି |

### ଭାରତୀୟ ଖେଳାଳିଙ୍କୁ ମ୍ୟାଚ୍ ପିଛା ପାଉଣା

| ଫର୍ମାଟ୍ | ପାଉଣା |
|---|---|
| ଟେଷ୍ଟ | ୧୫ ଲକ୍ଷ |
| ଦିନିକିଆ | ୬ ଲକ୍ଷ |
| ଟି-୨୦ | ୩ ଲକ୍ଷ |

# ମୋହସିନ ନକ୍‌ଭୀ ଏସିସି ଅଧ୍ୟକ୍ଷ

ନୂଆଦିଲ୍ଲୀ,୩।୪(ଏଜେନ୍ସି): ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ମୁଖ୍ୟ ମୋହସିନ ନକ୍‌ଭୀ ଏସିଆନ କ୍ରିକେଟ ପରିଷଦ (ଏସିସି)ର ନୂଆ ଅଧ୍ୟକ୍ଷ ଭାବେ ନିଯୁକ୍ତି ପାଇଛନ୍ତି। ସେ ଗୁରୁବାର ଏହି ଗୁରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ନକଭୀ ଗତ ବର୍ଷ ଫେବୃଆରୀରୁ ପିସିବି ମୁଖ୍ୟ ଭାବେ କାର୍ଯ୍ୟ କରିଆସୁଛନ୍ତି। ଶ୍ରୀଲଙ୍କା କ୍ରିକେଟ (ଏସ୍‌ଏଲ୍‌ସି) ଅଧ୍ୟକ୍ଷ ଶାମୀ ସିଲଭାଙ୍କ



ଉତ୍ତରାଧିକାରୀ ଭାବେ ସେ ଆଗାମୀ ଦୁଇବର୍ଷ ପାଇଁ କାର୍ଯ୍ୟ କରିବେ ବୋଲି ଏସିସି ତରଫରୁ ସୂଚନା ଦିଆଯାଇଛି। ୪୬ ବର୍ଷୀୟ ନକଭୀ ଜଣେ କ୍ରିକେଟ ପ୍ରଶାସକ ଓ ରାଜନେତା ଭାବେ ବେଶ ସଫଳ ରହିଛନ୍ତି। ସେ ପାକିସ୍ତାନ ପଞ୍ଜାବ ପ୍ରଦେଶର ମଧ୍ୟବର୍ତ୍ତୀକାଳୀନ ମୁଖ୍ୟମନ୍ତ୍ରୀ ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। ଏସିସି ମୁଖ୍ୟ ଭାବେ ନିଯୁକ୍ତି ପାଇଥିବାରୁ ଗର୍ବ ଅନୁଭବ କରୁଛି ଓ ଏସିଆରେ କ୍ରିକେଟକୁ ଆହୁରି ଲୋକପ୍ରିୟ କରିବାକୁ ପ୍ରୟାସ କରିବି ବୋଲି ସେ କହିଛନ୍ତି।

## ଏସିଆ କପ୍ ଆୟୋଜନ ହେବ ପ୍ରଥମ ଚ୍ୟାଲେଞ୍ଜ୍

ଆସନ୍ତା ସେପ୍ଟେମ୍ବରରେ ଏସିଆ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୧୭ତମ ସଂସ୍କରଣ ଖେଳାଯିବ। ଏସିଆ କପ୍ ଆୟୋଜନ ନକ୍‌ଭୀ ପାଇଁ ଏହା ହେବ ପ୍ରଥମ ଓ ମୁଖ୍ୟ ଚ୍ୟାଲେଞ୍ଜ। ଟି-୨୦ ଫର୍ମାଟ୍‌ରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟ ପ୍ରଥମେ ଭାରତରେ ଖେଳାଯିବାର କାର୍ଯ୍ୟକ୍ରମ ରହିଥିଲା। କିନ୍ତୁ ଭାରତ ଓ ପାକିସ୍ତାନ ମଧ୍ୟରେ ରାଜନୈତିକ ତଥା କୁଟନୈତିକ ସମ୍ପର୍କରେ ତିକ୍ତତା ଜାରି ରହିଥିବାରୁ ତାହା ନୂଆ ନିୟମ ଅନୁଯାୟୀ ଏସିଆ କପ୍ ନିରପେକ୍ଷ ଭେନ୍ୟୁରେ ଖେଳାଯିବ। କେଉଁ ଦେଶରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବ ନକଭୀ ନିଷ୍ପତ୍ତି ନେବେ। ଭାରତ ଓ ପାକିସ୍ତାନ ସମେତ ମୋଟ୍ ୮ଟି ଦେଶ ଏଥିରେ ଅଂଶଗ୍ରହଣ କରିବେ। ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଟୁର୍ଣ୍ଣାମେଣ୍ଟ ଖେଳାଯିବାର ଯଥେଷ୍ଟ ସମ୍ଭାବନା ରହିଛି। ଶ୍ରୀଲଙ୍କା ମଧ୍ୟ ଆୟୋଜନ ଦୌଡ଼ରେ ରହିଛି। ଉଲ୍ଲେଖଥାଉ କି, ନିରପେକ୍ଷ ଭେନ୍ୟୁକୁ ଦୃଷ୍ଟିରେ ରଖି ଗତମାସ ଏସିଆ କପ୍‌ର ମିଡିଆ ରାଇଟ୍ସ ବିକ୍ରି ହୋଇଥିଲା।

## ଫିଫା ର୍‍ୟାଙ୍କିଙ୍ଗ୍
# ଶୀର୍ଷରେ ଆର୍ଜେଣ୍ଟିନା ଅପରିବର୍ତ୍ତିତ

ନୂଆଦିଲ୍ଲୀ,୩।୪(ଏଜେନ୍ସି): ବିଶ୍ୱ ଫୁଟବଲ ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ଫିଫା ଦ୍ୱାରା ଗୁରୁବାର ର୍‍ୟାଙ୍କିଙ୍ଗ୍ ପ୍ରକାଶ ପାଇଛି। ଏଥିରେ ବିଶ୍ୱ ଚାମ୍ପିଅନ ତଥା ଲିଓନେଲ ମେସିଙ୍କ ଆର୍ଜେଣ୍ଟିନା ପୂର୍ବପରି ଶୀର୍ଷ ସ୍ଥାନରେ ରହିଛି। ସ୍ପେନ୍ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଫ୍ରାନ୍ସ ତୃତୀୟ, ଇଂଲଣ୍ଡ ଚତୁର୍ଥ ଓ ବ୍ରାଜିଲ ୫ମ ସ୍ଥାନରେ ରହିଛି। ସେହିପରି ନେଦରଲାଣ୍ଡସ ୬ଷ୍ଠ, ପର୍ତ୍ତୁଗାଲ ଗୋଟିଏ ସ୍ଥାନ ତଳକୁ ଖସି ୭ମ ସ୍ଥାନରେ ରହିଛି। ବେଲଜିୟମ ୮ମ, ଇଟାଲୀ ୯ମ ଓ ଜର୍ମାନୀ ୧୦ମ ସ୍ଥାନରେ ରହିଛି। ଉତ୍ତର ଆଫ୍ରିକୀୟ ଦେଶ ମରକ୍କୋ ୨ଟି ସ୍ଥାନ ଉପରକୁ ଉଠି ଦ୍ୱାଦଶ ସ୍ଥାନରେ ରହିଛି।

### ୧୨୭ତମ ସ୍ଥାନକୁ ଖସିଲା ଭାରତ

ଅପରପକ୍ଷରେ ର୍‍ୟାଙ୍କିଙ୍ଗରେ ଭାରତର ଅବନତି ଘଟିଛି। ଗୋଟିଏ ସ୍ଥାନ ତଳକୁ ଖସି ଭାରତ ୧୨୭ତମ ସ୍ଥାନରେ ରହିଛି। ଗତମାସରେ ଅନୁଷ୍ଠିତ ବାଂଲାଦେଶ ବିପକ୍ଷ ଏଏଫ୍‌ସି ଏସିଆନ୍ କପ୍ କ୍ୱାଲିଫାଇଂ ମୁକାବିଲାକୁ ଭାରତ ଡ୍ର ରଖିଥିଲା। ଫଳରେ ବାଂଲାଦେଶ ଦୁଇଟି ସ୍ଥାନ ଉପରକୁ ଉଠି ୧୮୩ତମ ସ୍ଥାନରେ ରହିଛି। ୨୦୨୪ ପ୍ରାରମ୍ଭରୁ କୋଚ୍ ମାନୋଲୋ ମର୍କ୍ୱେଜଙ୍କ ଭାରତୀୟ ଦଳ ଗତ ୧୩ଟି ମ୍ୟାଚ୍ ଖେଳି ମାତ୍ର ଗୋଟିଏ ବିଜୟ ହାସଲ କରିଛି। ଏଏଫ୍‌ସି ଏସିଆନ କ୍ୱାଲିଫିକେଶନରେ ଭାରତ ବାଂଲାଦେଶ ସମେତ ସିଙ୍ଗାପୁର ଓ ହଂକଂ ସହ ଗୋଟିଏ ଗ୍ରୁପରେ ରହିଛି। ଭାରତ କ୍ରମାଗତ ତୃତୀୟଥର ପାଇଁ ଯୋଗ୍ୟତା ହାସଲ କରିବା ଲକ୍ଷ୍ୟରେ ରହିଛି। ଏସିଆରେ ଜାପାନ ଶୀର୍ଷରେ ରହିଥିବା ବେଳେ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ୧୫ତମ ସ୍ଥାନରେ ରହିଛି। ଇରାନ ୧୮, ଦକ୍ଷିଣ କୋରିଆ ୨୬ ଓ କାତାର ୫୫ତମ ସ୍ଥାନରେ ରହିଛି।

## ■ ଏଲ୍‌ଏଲ୍‌ସିସି କପ୍ କ୍ରିକେଟ
# ଫାଇନାଲରେ ସହିଦ୍ ସ୍ପୋର୍ଟିଂ

ଭୁବନେଶ୍ୱର, ୩।୪ (ସମିସ): ପୁରୁଣା ଭୁବନେଶ୍ୱରର ରାମେଶ୍ୱର ସ୍ପୋର୍ଟିଂକୁ ୫୩ ରନ୍‌ରେ ପରାସ୍ତ କରି ସହିଦ୍ ନଗରର ସହିଦ୍ ସ୍ପୋର୍ଟିଂ ଆଇଆର୍‌ସି ଭିଲେଜ୍‌ରେ ଚାଲିଥିବା ଏଲ୍‌ଏଲ୍‌ସିସି କପ୍ ୧୫ ବର୍ଷରୁ କମ୍ କ୍ରିକେଟ ପ୍ରତିଯୋଗିତାର ଫାଇନାଲରେ ପ୍ରବେଶ କରିଛି। ଏହି ମ୍ୟାଚ୍‌ରେ ଅଲରାଉଣ୍ଡ ସଫଳତା ପାଇଥିବା ସହିଦ୍ ସ୍ପୋର୍ଟିଂର ଅଧିନାୟକ ଋତୁରାଜ ମହାନ୍ତିଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଛି। ସେ ବ୍ୟାଟିଂରେ ୧୧୮ ରନ୍ କରିବା ପରେ ବୋଲିଂ କରି ୨ଟି ୱିକେଟ ନେଇଥିଲେ। ଗୀତାଞ୍ଜଳି ଜେନା ଓ ରଞ୍ଜିତ କୁମାର ସାହୁ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜକ ଏଲ୍‌ଏଲ୍‌ସିସି-ଏ' ଓ ମୁକ୍ତେଶ୍ୱର କ୍ରିକେଟ କ୍ଲବ୍ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଆସନ୍ତାକାଲି ଖେଳାଯିବ। ଏହି ମ୍ୟାଚ୍‌ର ବିଜେତା ସହ ସହିଦ୍ ସ୍ପୋର୍ଟିଂର ଫାଇନାଲ ମୁକାବିଲା ଏପ୍ରିଲ ୫ ଶନିବାର ଖେଳାଯିବ।

ଗୁରୁବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ସହିଦ୍ ସ୍ପୋର୍ଟିଂ ୨ ୱିକେଟରେ ୩୩୩ ରନ୍ କରିଥିଲା। ଦଳ ପକ୍ଷରୁ ଋତୁରାଜ ମହାନ୍ତି ୧୧୮ ଓ ଆଦିତ୍ୟରାଜ ମିଶ୍ର ୧୧୪ ରନ୍ କରି ଅପରାଜିତ ରହିଥିଲେ। ମହେଶ କୁମାର ପ୍ରଧାନ ମଧ୍ୟ ୫୬ ରନ୍‌ର ଇନିଂସ ଖେଳିଥିଲେ। ଜବାବରେ ରାମେଶ୍ୱର ସ୍ପୋର୍ଟିଂ ଲଢୁଆ ବ୍ୟାଟିଂ



ପ୍ରଦର୍ଶନ କରି ୯ ୱିକେଟରେ ୨୮୦ ରନ୍ କରିବାକୁ ସମର୍ଥ ହୋଇଥିଲା। ଅଧିନାୟକ ଆକାଶ ସାହୁ ୧୪୦ ଓ ସା।ଇ ସାର୍ଥକ ସାହୁ ୫୧ ରନ୍ କରିଥିଲେ ମଧ୍ୟ ତାହା ଦଳର ବିଜୟ ଲାଗି ପର୍ଯ୍ୟାପ୍ତ ହୋଇ ନ ଥିଲା। ଋତୁରାଜ ଓ ଓମ୍‌ପ୍ରକାଶ ନାୟକଙ୍କୁ ୨ଟି ଲେଖାଏଁ ୱିକେଟ ମିଳିଥିଲା। କିନ୍ତୁ ବିଶ୍ୱପ୍ରକାଶ ସାମନ୍ତରା୪ ୪ଟି ୱିକେଟ ନେଇ ଶ୍ରେଷ୍ଠ ବୋଲିଂ ସଫଳତା ପାଇଥିଲେ।

# ଓଡ଼ିଶା ଓମେନ୍ସ ଲିଗ୍‌ରେ ନୀତା ଏକାଡେମୀର ବଡ଼ ବିଜୟ

ଭୁବନେଶ୍ୱର, ୩।୪ (ସମିସ): ଫୁଟ୍‌ବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ଭୁବନେଶ୍ୱରରେ ଚାଲିଥିବା ଓଡ଼ିଶା ଓମେନ୍ସ ଲିଗ୍‌ରେ ଗୁରୁବାର ୩ଟି ମ୍ୟାଚ୍ ଖେଳାଯାଇଥିଲା। ୟୁନିଟ୍-୧ ଫୁଟ୍‌ବଲ ଗ୍ରାଉଣ୍ଡରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ନୀତା ଫୁଟ୍‌ବଲ ଏକାଡେମୀ ୫-୦ ଗୋଲ୍‌ରେ ଏକପାଖିଆ ଭାବେ ଓଜିପି କ୍ଲବକୁ ପରାସ୍ତ କରିଛି। ବିଜୟୀ ଦଳର ପ୍ରଭାତୀ ବାର୍ଲା ସର୍ବାଧିକ ୨ଟି ଗୋଲ୍ କରିଥିଲେ। ସେହିଭଳି ଏଠାରେ ଖେଳାଯାଇଥିବା ୨ୟ ମୁକାବିଲାରେ ତାରିଣୀ ଫୁଟ୍‌ବଲ ଏକାଡେମୀ କୁନି ମୁଣ୍ଡାଙ୍କ ଗୋଲ୍ ବଳରେ ୧-୦ରେ ମନୋରମା କ୍ଲବକୁ ହରାଇଦେଇଛି। ଦିବସର ୩ୟ ମ୍ୟାଚରେ ସ୍ପୋର୍ଟ୍ସ ଓଡ଼ିଶା ଓ କିଟ୍-କିସ୍ ସାମ୍ନାସାମ୍ନି ହୋଇଥିଲେ। ଏହି ମ୍ୟାଚକୁ ସ୍ପୋର୍ଟ୍ସ ଓଡ଼ିଶା ୩-୧ ଗୋଲରେ ଜିତିନେଇଥିଲା।

## ଏନ୍‌ଟିପିସି ପୂର୍ବାଞ୍ଚଳ ଫୁଟ୍‌ବଲ୍‌ରେ ଓଡ଼ିଶାରୁ ୩ ଦଳ
# ତାଳଚେରକୁ ୧୭-୦ରେ ହରାଇଲା କଣିହାଁ



ଭୁବନେଶ୍ୱର, ୩।୪ (ସମିସ): ଆସାମସ୍ଥିତ ଏନ୍‌ଟିପିସି ବୋଙ୍ଗାଇଗାଁଓଠାରେ ପାଞ୍ଚଦିବସୀୟ ଏନ୍‌ଟିପିସି ପୂର୍ବାଞ୍ଚଳ-୨ ଫୁଟ୍‌ବଲ୍ ମିଟ୍ ଆରମ୍ଭ ହୋଇଛି। ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଷ୍ଟାଡିୟମରେ ଆରମ୍ଭ ହୋଇଥିବା ଏହି ଫୁଟ୍‌ବଲରେ ଆୟୋଜକ ଏନ୍‌ଟିପିସି ବୋଙ୍ଗାଇଗାଁଓକୁ ମିଶାଇ ଓଡ଼ିଶାରୁ ୩ଟି ଦଳ ଭାଗନେଇଛନ୍ତି। ଓଡ଼ିଶାରୁ ଭାଗନେଇଥିବା ଦଳଗୁଡ଼ିକ ହେଲା ତାଳଚେର ଥର୍ମାଲ, କଣିହାଁ ଓ ଏନ୍‌ସିପିସି ଦର୍ଲିପାଲି। ଏନ୍‌ଟିପିସି ବୋଙ୍ଗାଇଗାଁଓର ବିଜନେସ ୟୁନିଟ୍ ମୁଖ୍ୟ ଅର୍ଣ୍ଣବ ମୈତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅଂଶଗ୍ରହଣକାରୀ ଦଳର ଖେଳାଳିଙ୍କୁ ନେଇ ଏକ ମାର୍ଚ୍ଚପାଷ୍ଟ ଓ ପରେ ଟର୍ଚ୍ଚ-ଲାଇଟିଂ ଉତ୍ସବ ସହ ଟ୍ରଫି ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାପରେ ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚରେ ଆୟୋଜକ ଏନ୍‌ଟିପିସି ବୋଙ୍ଗାଇଗାଁଓ ୬-୦ ଗୋଲରେ ଏନ୍‌ଟିପିସି ଦର୍ଲିପାଲି (ସୁନ୍ଦରଗଡ଼)କୁ ପରାସ୍ତ କରିଥିଲା। ସେହିଭଳି ଅନ୍ୟ ଏକ ମ୍ୟାଚରେ ଓଡ଼ିଶାର ଦୁଇ ଦଳ ଏନ୍‌ଟିପିସି କଣିହାଁ ଓ ଏନ୍‌ଟିପିସି ତାଳଚେର ଥର୍ମାଲ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଏନ୍‌ଟିପିସି କଣିହାଁ ୧୭-୦ ଗୋଲ୍‌ରେ ଏକପାଖିଆ ଭାବେ ବିଜୟ ଲାଭ କରିଥିଲା। ରାଉଣ୍ଡ-ରବିନ ଫର୍ମାଟ୍‌ରେ ମ୍ୟାଚ୍ ଖେଳାଯିବ। ଉଦ୍‌ଘାଟନୀ ଦିବସରେ ଅନ୍ୟମାନଙ୍କ ମଧ୍ୟରେ ଏନ୍‌ଟିପିସି ବୋଙ୍ଗାଇଗାଁଓ ଜିଏମ୍ ଦେବବ୍ରତ କର, କସ୍ତୁରୀ ମୈତ୍ର, ସୌମ୍ୟା କର, ଓଁକାର ନାଥ, ଏକେ ସିଂହ, ଆଶିଷ କୁମାର, ଏମ୍‌ଏସ୍ କନ୍ଦାରି, ତମଲ କାନ୍ତି ପଲ୍ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହିଥିଲେ।

## କଳାହାଣ୍ଡି କପ୍-୨୦୨୫
# ଶୁଭମ୍‌ଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ, ସୋନପୁର ବିଜୟୀ

କଟକ,୩।୪(ସମିସ):



ଅଭିନବ ନନ୍ଦ



କାଳିଆ ସାହୁ



କମଳେଶ ପାତ୍ର



ଶୁଭମ ବିଷ୍ଟ

ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ବରିଷ୍ଠ ପୁରୁଷ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ କଳାହାଣ୍ଡି କପ୍‌ର ଗୁରୁବାର ଏକ ମ୍ୟାଚ୍‌ରେ ସୋନପୁର ୯୦ ରନରେ ବରଗଡ଼କୁ ପରାସ୍ତ କରିଛି। ରେଭେନ୍ସା ଗ୍ରାଉଣ୍ଡ-୨ରେ ଅନୁଷ୍ଠିତ ମ୍ୟାଚ୍‌ରେ ଟସ୍ ଜିତି ସୋନପୁର ୨୭.୪ ଓଭରରେ ସମସ୍ତ ୱିକେଟ ହରାଇ ୨୦୨ ରନ କରିଥିଲା। ଶୁଭମ ବିଷ୍ଟ ୫୦ ବଲରୁ ୭୪ ରନର ଦ୍ରୁତ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଦୀପକ ପରିଡ଼ା ୩୨ରନ କରିଥିଲେ। ବରଗଡ଼ର ଶୁଭମ ଦାସ ଏବଂ ହିମାଂଶୁ ବିଷ୍ଟ ୩ଟି ଲେଖାଏ ୱିକେଟ ହାସଲ କରିଥିଲେ। ଜବାବରେ ବରଗଡ଼ ୧୧୨ ରନରେ ଅଲ୍‌ଆଉଟ ହୋଇଥିଲା। ବିଜୟୀ ସୋନପୁର ପକ୍ଷରୁ ଶୁଭମ ଏବଂ ସୁମନ ମହାରଣା ୪ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ମ୍ୟାଚ୍ ବିଜୟୀ ଅଲ୍‌ରାଉଣ୍ଡ ପ୍ରଦର୍ଶନ ନିମନ୍ତେ ଶୁଭମ ବିଷ୍ଟ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

ସେହିଭଳି ଡ୍ରିମସ ଗ୍ରାଉଣ୍ଡରେ ବାଲେଶ୍ୱର ୬୧ ରନରେ ଝାରସୁଗୁଡାକୁ ପରାସ୍ତ କରିଥିଲା। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ବାଲେଶ୍ୱର ୧୪୩ ରନରେ ଅଲଆଉଟ ହୋଇଥିଲା। ନୌତମ ଭଞ୍ଜ ୪୪, ତାପସ ରାଉତ ୨୬, କମଳେଶ ପାତ୍ର ୧୨ରନ କରିଥିଲେ। ଝାରସୁଗୁଡାର ସ୍ପିନର କ୍ରୀଷ୍ଣା ପଲାଇ ୪ଟି ୱିକେଟ ଅକ୍ତିଆର କରିଥିଲେ। ୧୪୪ ରନର ବିଜୟ ଲକ୍ଷ୍ୟକୁ ପିଛା କରି ଝାରସୁଗୁଡା ୮୨ ରନରେ ସୀମିତ ରହିଥିଲା। ବିଜୟୀ ବାଲେଶ୍ୱର ପକ୍ଷରୁ କମଳେଶ ୩ଟି ୱିକେଟ ଅକ୍ତିଆର କରିବା ସହ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସନସାଇନ ଗ୍ରାଉଣ୍ଡରେ ଗଞ୍ଜାମ ୩ ୱିକେଟରେ କିଟ୍‌କୁ ପରାସ୍ତ କରିଛି। କିଟ୍‌ର ଇନିଂସ ୧୦୧ ରନରେ ସୀମିତ ରହିଥିଲା। ସୁମିତ ରାଉତ ସର୍ବାଧିକ ୩୮ରନ କରିଥିଲେ। ଗଞ୍ଜାମର କାଳିଆ ସାହୁ ୩୨ ରନ ବ୍ୟୟ କରି ୪ଟି ୱିକେଟ ଅକ୍ତିଆର କରିଥିଲେ। ଜବାବରେ ୨୩ତମ ଓଭରରେ ଗଞ୍ଜାମ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଜେ ଜୟସଭାଇ ୩୬ ରନର ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିଲେ। କାଳିଆଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଛି। ରେଳବାଇ ଷ୍ଟାଡିୟମ ଗ୍ରାଉଣ୍ଡରେ ସମ୍ବଲପୁର-ବି ୨୦୯ ରନରେ ରାୟଗଡ଼ାକୁ ପରାସ୍ତ କରିଛି। ଅଭିନବ ନନ୍ଦଙ୍କ ୫୬, ନୀତିଶ ସିଂହଙ୍କ ୫୨ ରନ ବଳରେ ସମ୍ବଲପୁର-ବି ୮ ୱିକେଟ ହରାଇ ୨୮୩ ରନ କରିଥିଲା। ଜବାବରେ ରାୟଗଡା ମାତ୍ର ୭୪ରନରେ ଅଲଆଉଟ ହୋଇଥିଲା। ଅର୍ଦ୍ଧଶତକୀୟ ପାଳି ଖେଳିଥିବା ଅଭିନବ ୪ଟି ୱିକେଟ ଅକ୍ତିଆର କରି ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଏମଜିଏମ ଗ୍ରାଉଣ୍ଡରେ ଭଦ୍ରକ ୨୭ ରନରେ ଢେଙ୍କାନାଳକୁ ଓ ରେଭେନ୍ସା ଗ୍ରାଉଣ୍ଡ-୧ରେ କେନ୍ଦ୍ରାପଡ଼ା ୨୭ ରନରେ ମାଲକାନଗିରିକୁ ହରାଇଛି।

# ରାମଲାଲାଙ୍କ ଦର୍ଶନ କଲେ ମୁମ୍ବାଇ ଇଣ୍ଡିଆନ୍ସ ଖେଳାଳି



**ଲକ୍ଷ୍ନୌ,୩।୪(ଏଜେନ୍ସି):** ସ୍ଥାନୀୟ ଏକାନା ଷ୍ଟାଡିୟମରେ ଘରୋଇ ଲକ୍ଷ୍ନୌ ସୁପର ଜାଏଣ୍ଟସ ବିପକ୍ଷ ମ୍ୟାଚ୍ ପୂର୍ବରୁ ମୁମ୍ବାଇ ଇଣ୍ଡିଆନ୍ସ ଖେଳାଳିମାନେ ଅଯୋଦ୍ଧା ଯାଇ ରାମଲାଲାଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଛନ୍ତି। ମୁମ୍ବାଇ ତାରକା ସୂର୍ଯ୍ୟକୁମାର ଯାଦବ, ଦୀପକ ଚହର ଓ ତିଳକ ବର୍ମା ପ୍ରଥମେ ହନୁମାନ ଗଡିର ଦର୍ଶନ କରିଥିଲେ। ସୂର୍ଯ୍ୟ ଓ ଦୀପକ ସହିତ ସେମାନଙ୍କ ପତ୍ନୀ ମଧ୍ୟ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ହନୁମାନଗଡିର ମୁଖ୍ୟ ପୂଜାରୀ ହେମନ୍ତ ଦାସ ସମସ୍ତଙ୍କର ଦର୍ଶନ ଓ ପୂଜନ କରାଇଥିଲେ। ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନେତୃତ୍ୱାଧୀନ ମୁମ୍ବାଇ ଇଣ୍ଡିଆନ୍ସ ପ୍ରଥମ ଦୁଇଟି ମ୍ୟାଚ୍‌ରେ ପରାସ୍ତ ହେବା ପରେ ତୃତୀୟ ମ୍ୟାଚ୍‌ରେ ବୃହତ୍ ବିଜୟ ହାସଲ କରିଥିଲେ। ସୂର୍ଯ୍ୟ ଓ ପତ୍ନୀ ଦେବୀଶା ସେଟ୍ଟୀ ହନୁମାନଗଡିରେ ପୂଜା କରିବା ପରେ ରାମଲାଲାଙ୍କ ଦର୍ଶନ କରିଥିଲେ। ନିର୍ମାଣଧୀନ ମନ୍ଦିର ବୁଲି ଦେଖିବା ପରେ ସେମାନଙ୍କ ସହ ପ୍ରଶଂସକମାନେ ସେଲ୍‌ଫି ନେଇଥିଲେ। ଦୀପକ ଚହରଙ୍କ ପତ୍ନୀ ଜୟା ଭରଦ୍ୱାଜ ସାମାଜିକ ଗଣମାଧ୍ୟମରେ ଫଟୋ ସେୟାର କରିଛନ୍ତି। ଏଥିରେ ତିଳକ ବର୍ମା ଓ କର୍ଣ୍ଣ ଶର୍ମାଙ୍କୁ ମଧ୍ୟ ଦେଖିବାକୁ ମିଳିଛି। ଖେଳାଳିମାନେ ଅଯୋଦ୍ଧାରେ ପାଖାପାଖି ଗୋଟିଏ ଘଣ୍ଟା ସମୟ ବିତାଇଥିଲେ।

## ୪ ମ୍ୟାଚ୍‌ରେ ପାକିସ୍ତାନ ୩ଥର ଦଣ୍ଡିତ

**ଅକ୍‌ଲାଣ୍ଡ,୩।୪ (ଏଜେନ୍ସି):** ପାକିସ୍ତାନ କ୍ରିକେଟ୍ ଦଳ ଘରୋଇ ମାଟିରେ ପ୍ରଦର୍ଶନ ହେଉ କିମ୍ବା ବିଦେଶରେ କ୍ରମାଗତ ପରାଜୟବରଣ କରି ସମାଲୋଚିତ ହୋଇଛି। ଏଭଳି ସମୟରେ ନ୍ୟୁଜିଲାଣ୍ଡ ଗସ୍ତରେ ମଧ୍ୟ ସମାନ ଫଳ ପାଇଛି। ଏଠାରେ ପ୍ରଥମେ ଖେଳାଯାଇଥିବା ଟି-୨୦ ସିରିଜ୍‌କୁ ଦଳ ୧-୪ ବ୍ୟବଧାନରେ ପରାଜିତ ହୋଇଥିଲା। ଏହା ପରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌କୁ ୦-୨ରେ ଆଗୁଆ ହାରିଯାଇଥିଲା। ଏତିକିରେ ମଧ୍ୟ ଦଳର ଦୁଃଖ ଯାଇ ନ ଥିଲା। ୩ଟି କ୍ରମାଗତ ଦିନିକିଆ ମ୍ୟାଚ୍‌ରେ ପାକିସ୍ତାନ ଦଳ ସ୍ଲୋ ଓଭର ରେଟ ଯୋଗୁଁ ଦଣ୍ଡିତ ହେବାକୁ ପଡ଼ିଛି। ଏହି ୩ଟି ଯାକ ମ୍ୟାଚ୍ ପାକିସ୍ତାନ ପ୍ରତିପକ୍ଷ ନ୍ୟୁଜିଲାଣ୍ଡ ସହ ଖେଳିଛି। ବର୍ତ୍ତମାନ ଦିନିକିଆ ସିରିଜ୍‌ର ୨ଟି ଏବଂ ପୂର୍ବରୁ ଚାମ୍ପିଅନ୍ସ ଟ୍ରଫିର ଉଦ୍‌ଘାଟନୀ ମ୍ୟାଚ୍‌ରେ ମଧ୍ୟ ନ୍ୟୁଜିଲାଣ୍ଡ ସହ ପାକିସ୍ତାନର ମୁକାବିଲା ହୋଇଥିଲା। ଏହି ଦଣ୍ଡବିଧାନ ଯୋଗୁଁ ଖେଳାଳିଙ୍କର ଶତକଡ଼ା ୫ ଭାଗ ଓ ଅଧିନାୟକଙ୍କର ୧୦ ଭାଗ ମ୍ୟାଚ୍ ଫି କାଟିନିଆଯାଇଛି। ଏହାର ଅର୍ଥ ପାକିସ୍ତାନ ଖେଳିଥିବା ଶେଷ ୪ଟି ଦିନିକିଆ ମଧ୍ୟରୁ ୩ଟିରେ ଦଣ୍ଡିତ ହୋଇଛି।

### ଆଇପିଏଲ୍-୧୮ : ଭେଙ୍କଟେଶ, ରଘୁବଂଶୀଙ୍କ ଅର୍ଦ୍ଧଶତକ

# ହାଇଦରାବାଦ୍‌ର ହ୍ୟାଟ୍ରିକ ପରାଜୟ

କୋଲକାତା,୩।୪ (ଏଜେନ୍ସି)



ଭେଙ୍କଟେଶ ଆୟର (୬୦) ଓ ଅଙ୍ଗକ୍ରୀସ୍ ରଘୁବଂଶୀ (୫୦)ଙ୍କ ଅର୍ଦ୍ଧଶତକ ଓ ବୈଭବ ଅରୋରା (୩/୨୯)ଙ୍କ ଘାତକ ବୋଲିଂ ବଳରେ ଏଠାରେ ଗୁରୁବାର ଅନୁଷ୍ଠିତ ଆଇପିଏଲ୍‌ର ୧୫ତମ ମ୍ୟାଚ୍‌ରେ କୋଲକାତା ନାଇଟ୍ ରାଇଡର୍ସ (କେକେଆର) ୮୦ ରନ୍‌ରେ ସନ୍‌ରାଇଜର୍ସ ହାଇଦରାବାଦ୍‌କୁ ପରାସ୍ତ କରିଛି। ଏହା ଫଳରେ ୪ଟି ମ୍ୟାଚ୍‌ରୁ କେକେଆର ଦ୍ୱିତୀୟ ବିଜୟ ହାସଲ କରିଥିଲାବେଳେ ହାଇଦରାବାଦ୍ ହ୍ୟାଟ୍ରିକ ପରାଜୟ ବରଣ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି କେକେଆର୍ ୬ ୱିକେଟରେ କରିଥିଲା ୨୦୦ ରନ୍। ଜବାବରେ ୨୦୧ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ସନରାଇଜର୍ସ ହାଇଦରାବାଦ୍ ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୬.୪ ଓଭରରେ ୧୨୦ ରନ୍ କରିଥିଲା। ଦଳ ପକ୍ଷରୁ ହେନରିକ୍ କ୍ଲାସେନ ସର୍ବାଧିକ ୩୩, ଡେବ୍ୟୁଟାଣ୍ଟ କାମିନ୍ଦୁ ମେଣ୍ଡିସ୍ ୨୭, ନୀତୀଶ କୁମାର ରେଡ୍ଡୀ ୧୯ ରନ୍ କରିଥିଲେ। ଦଳର ଦୁଇ ବିଧ୍ୱଂସୀ ଓପନର ଟ୍ରାଭିସ୍ ହେଡ ୪, ଅଭିଷେକ ଶର୍ମା ୨ ଓ ଇଶାନ କିସାନ ୨ ରନ୍ କରି ୯ ରନ୍ ମଧ୍ୟରେ ଆଉଟ ହୋଇଥିଲେ। କେକେଆରର ବୈଭବ ଅରୋରା ଓ ବରୁଣ ଚକ୍ରବର୍ତ୍ତୀଙ୍କୁ ୩ଟି ଲେଖାଏଁ, ଆନ୍ଦ୍ରେ ରସେଲଙ୍କୁ ୨ଟି ୱିକେଟ ମିଳିଛି।

ପୂର୍ବରୁ କେକେଆର ପ୍ରଥମେ ବ୍ୟାଟିଂ କରି ତୃତୀୟ ଓଭରରେ ୧୬ ରନ୍ ମଧ୍ୟରେ ଦୁଇ ଓପନର କ୍ୱିଣ୍ଟନ ଡି କକ୍ (୧) ଓ ସୁନିଲ ନାରାୟଣ (୭)ଙ୍କୁ ହରାଇଥିଲା। ଏହା ପରେ ଅଧିନାୟକ ଆଜିଙ୍କ୍ୟ ରାହାଣେ ଓ ଯୁବ ଖେଳାଳି ଅଙ୍ଗକ୍ରୀସ୍ ରଘୁବଂଶୀ ଧୈର୍ଯ୍ୟର ସହ ଆକ୍ରମଣାତ୍ମକ ବ୍ୟାଟିଂ କରି ଦଳର ପ୍ରାଥମିକ ବିପର୍ଯ୍ୟୟକୁ ଏଡାଇଯାଇଥିଲେ। ଏମାନଙ୍କ ତୃତୀୟ ୱିକେଟ ଯୋଡିରୁ ୫୧ ବଲ୍‌ରୁ ମିଳିଥିଲା ୮୧ ରନ୍। କେକେଆର୍‌ର ଇନିଂସ ସଜାଡିବା ପରେ ଉଭୟ ଖେଳାଳି ଅଳ୍ପ ସମୟ ବ୍ୟବଧାନରେ ଆଉଟ ହୋଇଯାଇଥିଲେ। ଏହା ମଧ୍ୟରୁ ରାହାଣେ ୨୭ ବଲ୍‌ରୁ ଗୋଟିଏ ଚୌକା ଓ ୪ଟି ବିଶାଳ ଛକା ସହ ୩୮ ଓ ରଘୁବଂଶୀ ୩୨ଟି ବଲ୍‌ରୁ ୫ ଚୌକା ଓ ୨ଛକା ସହ ୫୦ ରନ୍ କରି ଆଉଟ ହୋଇଥିଲେ। ୧୦୬ ରନ୍‌ରେ ଉଭୟ ଖେଳାଳି ପାଭିଲିୟନ ଫେରିଯିବା ପରେ ଭେଙ୍କଟେଶ ଆୟରଙ୍କ ସହ ଯୋଗଦେଇଥିଲେ ରିଙ୍କୁ ସିଂ। ଦଳର ଦୁଇ ରିଟେନ ଖେଳାଳି କିନ୍ତୁ ନିରାଶ କରି ନ ଥିଲେ। ଏମାନେ ସୁଯୋଗର ସଦ୍‌ବ୍ୟବହାର କରି ବିରାଟ ସଟମାନ ମାରି ଦ୍ରୁତଗତିରେ ରନ୍ ସଂଗ୍ରହ କରିଥିଲେ। ଏମାନଙ୍କ ମଧ୍ୟରେ ହୋଇଥିବା ପାର୍ଟନରସିପ ଯୋଗୁ ଦଳ ଏକ ବଡ଼ ସ୍କୋର କରିବାରେ ସମର୍ଥ ହୋଇଥିଲା। ଭେଙ୍କଟେଶ ଓ ରିଙ୍କୁ ମିଳିତଭାବେ ୪୧ ବଲ୍‌ରୁ ୯୧ ରନ୍ ଉଠାଇଥିଲେ। ରିଙ୍କୁ ମାତ୍ର ୧୭ ବଲ୍ ଖେଳି ୪ ଚୌକା ଓ ୧ ଛକା ସହାୟତାରେ ୩୨ ଏବଂ ଭେଙ୍କଟେଶ ୨୯ ବଲ୍‌ର ସାମ୍ନା କରି ୭ ଚୌକା ଓ ୩ଛକା ସହ ୬୦ ରନ୍ କରିଥିଲେ। ଏହାକୁ ମିଶାଇ ଭେଙ୍କଟେଶ କ୍ରମାଗତ ୩ଟି ମ୍ୟାଚ୍‌ରେ ସନ୍‌ରାଇଜର୍ସ ବିପକ୍ଷରେ ଅର୍ଦ୍ଧଶତକ ହାସଲ କରିବାରେ ସମର୍ଥ ହୋଇଛନ୍ତି। ସନ୍‌ରାଇଜର୍ସ ପକ୍ଷରୁ ଏହି ମ୍ୟାଚ୍‌ରେ ବୋଲିଂ କରିଥିବା ସିମରଜିତ ସିଂଙ୍କୁ ବାଦ୍ ଦେଲେ ଅନ୍ୟ ସମସ୍ତ ବୋଲର ଗୋଟିଏ ଲେଖାଏଁ ୱିକେଟ ପାଇଥିଲେ। ମହମ୍ମଦ୍ ସାମି ଓ ଅଧିନାୟକ ପ୍ୟାଟ କମିନ୍ସ ସେମାନଙ୍କ ୪ ଓଭର ବୋଲିଂ କୋଟାରେ ଯଥାକ୍ରମେ ୨୯ ଓ ୪୪ ରନ୍ ଦେଇଥିଲେ। ଏହି ମ୍ୟାଚ୍‌ରେ ଶ୍ରୀଲଙ୍କା ଅଲରାଉଣ୍ଡର କାମିନ୍ଦୁ ମେଣ୍ଡିସ୍ ଆଇପିଏଲ୍ ଡେବ୍ୟୁ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

**କୋଲକାତା ନାଇଟ୍ ରାଇଡର୍ସ : ୨୦୦/୬, ୨୦ ଓଭର**
(ଭେଙ୍କଟେଶ ଆୟର-୬୦, ଅଙ୍ଗକ୍ରୀସ ରଘୁବଂଶୀ-୫୦, କାମିନ୍ଦୁ ମେଣ୍ଡିସ୍-୧/୪, ମହମ୍ମଦ୍ ସାମି-୧/୨୯)।

**ସନ୍‌ରାଇଜର୍ସ ହାଇଦରାବାଦ୍ :** ୧୨୦/୧୦, ୧୬.୪ ଓଭର
(ହେନରିକ୍ କ୍ଲାସେନ-୩୩, କାମିନ୍ଦୁ ମେଣ୍ଡିସ୍-୨୭, ବୈଭବ ଅରୋରା-୩/୨୯, ବରୁଣ ଚକ୍ରବର୍ତ୍ତୀ-୩/୨୨, ଆନ୍ଦ୍ରେ ରସେଲ-୨/୨୧)।

## ପଞ୍ଚକୁଲାରେ ନୀରଜ ଚୋପ୍ରା କ୍ଲାସିକ୍ ଅନ୍ତର୍ଜାତୀୟ ଜାଭେଲିନ୍ ଇଭେଣ୍ଟ

**ନୂଆଦିଲ୍ଲୀ,୩।୪(ଏଜେନ୍ସି):** ହରିୟାଣାର ପଞ୍ଚକୁଲାରେ ଆୟୋଜନ ହେବାକୁ ଯାଉଛି ନୀରଜ ଚୋପ୍ରା (ଏନ୍‌ସି) କ୍ଲାସିକ୍ ଅନ୍ତର୍ଜାତୀୟ ଜାଭେଲିନ ଇଭେଣ୍ଟର ପ୍ରଥମ ସଂସ୍କରଣ। ବିଶ୍ୱ ଦୌଡ଼କୁଦର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ୱାର୍ଲ୍ଡ ଆଥଲେଟିକ୍ ଗୁରୁବାର ଏ ନେଇ ଘୋଷଣା କରିଛି। ଆସନ୍ତା ମାସ ୨୪ ତାରିଖରେ ଏହି ଜାଭେଲିନ୍ ପ୍ରତିଯୋଗିତା ଆୟୋଜନ ହେବ। ଏନ୍ କ୍ଲାସିକକୁ ୱାର୍ଲ୍ଡ ଆଥଲେଟିକ୍ସର ଗୋଲ୍ଡ ବର୍ଗ ଇଭେଣ୍ଟ ମାନ୍ୟତା ମିଳିଛି। ବିଶ୍ୱ ଚାମ୍ପିଅନସିପ୍ ପାଇଁ ଏହା ଏକ ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତା ବିବେଚିତ ହେବ। ବିଶ୍ୱର ଶ୍ରେଷ୍ଠ ଜାଭେଲିନ ଫିଙ୍ଗାଳୀମାନେ ଅଂଶଗ୍ରହଣ କରିବାର ସୁଯୋଗ ପାଇବେ। ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ଜାଭେଲିନ ଫିଙ୍ଗାଳୀଙ୍କ ନାମରେ ଏହି ପ୍ରତିଯୋଗିତା ପ୍ରଥମଥର ପାଇଁ ଆୟୋଜନ ହେବ। ୨୭ ବର୍ଷୀୟ ନୀରଜ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ଓ ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ରୌପ୍ୟ ପଦକ ଜିତିଥିଲେ। ସେ ବିଶ୍ୱ ଚାମ୍ପିଅନସିପ୍, ଡାଇମଣ୍ଡ ଲିଗ୍, ରାଜ୍ୟଗୋଷ୍ଠୀ କ୍ରୀଡ଼ା ଭଳି ସବୁ ଅନ୍ତର୍ଜାତୀୟ ଇଭେଣ୍ଟରେ ସ୍ୱର୍ଣ୍ଣିମ ସଫଳତା ଅର୍ଜନ କରିଛନ୍ତି।

**ଆଇପିଏଲ୍‌ରେ ଆଜି**
**ଲକ୍ଷ୍ନୌ ବନାମ ମୁମ୍ବାଇ**
ଲକ୍ଷ୍ନୌ / ରାତି ୭.୩୦ | ଷ୍ଟାର ସ୍ପୋର୍ଟ୍ସ / ଜିଓ ହଟଷ୍ଟାର

**ଜାତୀୟ ଦୃଷ୍ଟିହୀନ ଚେସ୍ ଚାମ୍ପିଅନସିପ୍**

## କିଶାନ ଏକକ ଅଗ୍ରଣୀ



**ଭୁବନେଶ୍ୱର,୩।୪(ସମିସ):** ନରାଜସ୍ଥିତ ସାଇ ଇଣ୍ଟରନ୍ୟାସନାଲ ରେସିଡେନସିଆଲ ସ୍କୁଲ୍‌ରେ ଚାଲିଥିବା ଅଷ୍ଟାଦଶ ଜାତୀୟ ଦୃଷ୍ଟିହୀନ ଚେସ୍ ଚାମ୍ପିଅନସିପ୍ ଦ୍ୱିତୀୟ ଦିବସରେ ପହଞ୍ଚିଛି। ଗୁରୁବାର ଚତୁର୍ଥ ରାଉଣ୍ଡ ଶେଷ ସୁଦ୍ଧା କର୍ଣ୍ଣାଟକର କିଶାନ ଗାଙ୍ଗୋଲି ୪ ପଏଣ୍ଟ ପାଇ ଏକକ ଅଗ୍ରଣୀ ହାସଲ କରିଛନ୍ତି। ଗାଙ୍ଗୋଲି ୧-୦ରେ ଓଡ଼ିଶାର ସୌନ୍ଦର୍ଯ୍ୟ ପ୍ରଧାନଙ୍କୁ ନଂ୧ ବୋର୍ଡରେ ପରାସ୍ତ କରି ଚତୁର୍ଥ ରାଉଣ୍ଡ ଶେଷ ସୁଦ୍ଧା ଶୀର୍ଷରେ ରହିଛନ୍ତି।

ସେହିପରି ଦ୍ୱିତୀୟ ବୋର୍ଡରେ ଗୁଜରାଟର ଦର୍ପଣ ଇରାନୀ ଓ ମହାରାଷ୍ଟ୍ରର ଆର୍ଯ୍ୟନ ଜୋଶୀ ପରସ୍ପରକୁ ଭେଟିଥିଲେ ଓ ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ ଅମୀମାଂସିତ ରହିଥିଲା। ଓଡ଼ିଶାର ଦୁଇ ଖେଳାଳି ତଥା ଭାଇ ପ୍ରାଚୁର୍ଯ୍ୟ ଓ ସୌନ୍ଦର୍ଯ୍ୟ ପ୍ରଧାନଙ୍କ ସମେତ ୫ ଖେଳାଳି ୩ ଲେଖାଏ ପଏଣ୍ଟ ହାସଲ କରିଛନ୍ତି। ସେହିପରି ଶୁଭେନ୍ଦୁ କୁମାର ପାତ୍ର ବିଜୟ ହାସଲ କରି ୨.୫ ଅଙ୍କ ହାସଲ କରିଛନ୍ତି। ସେହିପରି ସୌଗାତ ଚୌଧୁରୀ ଓ ବିଏଲ୍ ସୋମେନ୍ଦ୍ରଙ୍କ ମଧ୍ୟରେ ଖେଳାଯାଇଥିବା ମୁକାବିଲା ମଧ୍ୟ ଡ୍ର ରହିଛି। ସୌଗାତ ୨.୫ ଓ ସୋମେନ୍ଦ୍ର ୩ ଅଙ୍କ ହାସଲ କରିଛନ୍ତି। ଅନ୍ୟଏକ ବୋର୍ଡରେ ମନୁମୁଥୁ ଓ ସତ୍ୟପ୍ରକାଶ ଶ୍ରୀବାସ୍ତବ ପରସ୍ପରକୁ ଭେଟିଥିଲେ ଓ ଏହି ମ୍ୟାଚ୍ ମଧ୍ୟ ଡ୍ର ରହିଛି। ଉଭୟ ୨.୫ ଲେଖାଏ ପଏଣ୍ଟ ପାଇଛନ୍ତି। ତୃତୀୟ ରାଉଣ୍ଡ ମୁକାବିଲାକୁ ଆଇଆରଏସ୍ ଦୀଲିପ ସାମନ୍ତରାୟ ଉଦ୍‌ଘାଟନ କରିଥିଲେ। ସେହିପରି ଅଲ ଓଡ଼ିଶା ଚେସ୍ ଆସୋସିଏସନ (ଏଓସିଓ) ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ ଚତୁର୍ଥ ରାଉଣ୍ଡ ଅବସରରେ ଉପସ୍ଥିତଥିଲେ। ଏହି ପ୍ରତିଯୋଗିତାରେ ୧୫ଟି ରାଜ୍ୟ ୫୨ଜଣ ଅଗ୍ରଣୀ ଖେଳାଳି ଅଂଶଗ୍ରହଣ କରିଛନ୍ତି।

### ଆଇଏସ୍ଏଲ୍ ସେମି ଲେଗ୍-୧

## ଜାମସେଦପୁର ବିଜୟୀ

**ଜାମସେଦପୁର,୩।୪(ଏଜେନ୍ସି):** ଚଳିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ରେ ଜାମସେଦପୁର ଏଫ୍‌ସି ସେମିଫାଇନାଲ ଲେଗ-୧ରେ ବିଜୟ ହାସଲ କରି ଫାଇନାଲକୁ ଉଠିବାର ସମ୍ଭାବନାକୁ ଦୃଢ଼ କରିଛି। ଗୁରୁବାର ସ୍ଥାନୀୟ ଜେଆରଡି ଟାଟା କମ୍ପ୍ଲେକ୍ସରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଜାମସେଦପୁର ୨-୧ ଗୋଲରେ ଅନ୍ୟତମ ଶକ୍ତିଶାଳୀ କ୍ଲବ ମୋହନବାଗାନକୁ ପରାସ୍ତ କରିଛି। ଆସନ୍ତା ସୋମବାର ଦୁଇ ଦଳ ସେମିଫାଇନାଲ ଦ୍ୱିତୀୟ ଲେଗ୍ ମ୍ୟାଚ୍‌ରେ ପରସ୍ପରକୁ ଭେଟିବେ। ୨୪ତମ ମିନିଟ୍‌ରେ ଜାଭିଏର ସିଭେରିଓ ଗୋଲ ଦେଇ ଘରୋଇ ଜାମସେଦପୁରକୁ ଅଗ୍ରଣୀ କରାଇଥିଲେ। ଏହାପରେ ୩୭ତମ ମିନିଟ୍‌ରେ ମୋହନ ବାଗାନର ଜାସନ କମିଙ୍ଗ୍‌ସ ଗୋଲ ଦେଇ ମ୍ୟାଚ୍‌କୁ ୧-୧ ବରାବର ସ୍ଥିତିକୁ ଆଣିଥିଲେ। କିନ୍ତୁ ମ୍ୟାଚର ଅନ୍ତିମ ମୁହୂର୍ତ୍ତରେ ଇଞ୍ଜୁରି ଟାଇମ୍‌ର ପ୍ରଥମ ଅର୍ଥାତ ୯୧ତମ ମିନିଟ୍‌ରେ ୩୫ ବର୍ଷୀୟ ସ୍ପେନ୍‌ର ଜାଭି ହେର୍ଣ୍ଣାଣ୍ଡିଜ୍ ଗୋଲ ଦେଇ ଜାମସେଦପୁରକୁ ବହୁ ପ୍ରତୀକ୍ଷିତ ବିଜୟ ପ୍ରଦାନ କରିଥିଲେ। ବୁଧବାର ପ୍ରଥମ ସେମିଫାଇନାଲର ପ୍ରଥମ ଲେଗ୍‌ରେ ବେଙ୍ଗାଲୁରୁ ଏଫ୍‌ସି ୨-୦ ଗୋଲରେ ଏଫ୍‌ସି ଗୋଆକୁ ପରାସ୍ତ କରିଥିଲା।

**୫୭ତମ ଜାତୀୟ ବରିଷ୍ଠ ଖୋ ଖୋ**


## ସେମିରେ ଓଡ଼ିଶା ପୁରୁଷ ଓ ମହିଳା ଟିମ୍





**ଭୁବନେଶ୍ୱର, ୩।୪ (ସମିସ):** ପୁରୀରେ ଚାଲିଥିବା ୫୭ତମ ଜାତୀୟ ବରିଷ୍ଠ ପୁରୁଷ ଓ ମହିଳା ଖୋ ଖୋ ଚାମ୍ପିଅନସିପ୍‌ରେ ଆୟୋଜକ ଓଡ଼ିଶାର ଉଭୟ ପୁରୁଷ ଓ ମହିଳା ଦଳ ସେମିଫାଇନାଲରେ ପ୍ରବେଶ କରିବାରେ ସଫଳ ହୋଇଛି। ଗୁରୁବାର ଅନୁଷ୍ଠିତ ପୁରୁଷ ବିଭାଗ କ୍ୱାର୍ଟର ଫାଇନାଲରେ ଓଡ଼ିଶା ରୋମାଞ୍ଚକ ଭାବେ ୩ (୨୯-୨୬) ପଏଣ୍ଟରେ ଆନ୍ଧ୍ର ପ୍ରଦେଶକୁ ପରାସ୍ତ କରିଥିଲା। ସେହିଭଳି ଓଡ଼ିଶା ମହିଳା ଦଳ ମଧ୍ୟ ସମାନ ଆନ୍ଧ୍ର ପ୍ରଦେଶକୁ ହରାଇ ସେମିଫାଇନାଲରେ ସ୍ଥାନ ପକ୍କା କରିଛି। ମହିଳା ଦଳ ୩୫-୧୨ ପଏଣ୍ଟରେ ଏକପାଖିଆ ଭାବେ ବିଜୟଲାଭ କରିଥିଲା। ଓଡ଼ିଶା ଖୋ ଖୋ ସଂଘ ଓ ଭାରତୀୟ ଖୋ ଖୋ ମହାସଂଘର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ବରିଷ୍ଠ ଚାମ୍ପିଅନସିପ୍‌ରେ ଉଭୟ ପୁରୁଷ ଓ ମହିଳା ବିଭାଗରେ ୪୦ଟି ଲେଖାଏ ଦଳ ଅଂଶଗ୍ରହଣ କରିଛନ୍ତି। ଓଡ଼ିଶା ପୁରୁଷ ଦଳ ଗ୍ରୁପ୍-ଡି ଓ ମହିଳା ଦଳ ଗ୍ରୁପ୍-ସି’ରେ ସ୍ଥାନ ପାଇଥିଲା।

# ଭଲ ଖେଳୁଛନ୍ତି ପୂର୍ବତନ କେକେଆର୍ ଷ୍ଟାର୍

ମୁମ୍ବାଇ,୩।୪ (ଏଜେନ୍ସି)


ଶ୍ରେୟସ ଆୟର


ଫିଲ ସଲ୍ଟ


ମିଚେଲ ଷ୍ଟାର୍କ

ଡିଫେଣ୍ଡିଂ ଚାମ୍ପିଅନ୍ କୋଲକାତା ନାଇଟ୍ ରାଇଡର୍ସ (କେକେଆର) ଆଇପିଏଲ୍-୨୦୨୫ ସିଜନରେ ପ୍ରଥମ ୪ଟି ମ୍ୟାଚ୍‌ରୁ ୨ଟିରେ ପରାଜିତ ହୋଇଛି। ଦଳ ଏହି ମ୍ୟାଚ୍ ଗୁଡିକରେ ବିଜୟୀ କମ୍ବିନେସନ ପାଇବାରେ ସମର୍ଥ ହୋଇ ନାହିଁ। ବିଶେଷ କରି ଚଳିତବର୍ଷ ମେଗା ନିଲାମ ଯୋଗୁଁ ଖେଳାଳି ପରିବର୍ତ୍ତନ କରିବାକୁ ସବୁ ଦଳଗୁଡିକ ବାଧ୍ୟ ହୋଇଛନ୍ତି। ଇଚ୍ଛା ନ ଥିଲେ ବି ଦଳକୁ ଗତବର୍ଷ ଚାମ୍ପିଅନ କରାଇଥିବା ତାରକା ଖେଳାଳିଙ୍କୁ ଦଳରେ ରଖିବାରେ ସମର୍ଥ ହୋଇ ପାରି ନ ଥିଲା। ସେମାନଙ୍କ ମଧ୍ୟରୁ ଏପରି ୩ଜଣ ଖେଳାଳି ଅଛନ୍ତି, ଯେଉଁମାନେ କି ଚଳିତ ସିଜନର ପ୍ରଥମ ୧୦ ଦିନ ଖେଳରେ ଶ୍ରେଷ୍ଠ ସଫଳତା ପାଇଛନ୍ତି। ଏଣୁ ସେମାନଙ୍କ ଅନୁପସ୍ଥିତି କେକେଆର ଅନୁଭବ କରୁଛି।

ଗତଥର ଦଳ ଲାଗି ଯେଉଁ ୩ଜଣ ଭଲ ଖେଳିଥିଲେ ସେମାନଙ୍କ ମଧ୍ୟରୁ ଅଧିନାୟକ ଶ୍ରେୟସ ଆୟର ଏଥର ପଞ୍ଜାବ କିଙ୍ଗ୍‌ସର ନେତୃତ୍ୱ ନେଉଛନ୍ତି। ଅଧିନାୟକ ଭାବେ ସେ ତାଙ୍କ ପ୍ରଥମ ମ୍ୟାଚ୍‌ରେ ଆଇପିଏଲ୍‌ରେ ସର୍ବାଧିକ ସ୍କୋର ଅପରାଜିତ ୯୭ ରନ୍ ସଂଗ୍ରହ କରିବାରେ ସମର୍ଥ ହୋଇଛନ୍ତି। ଦଳର ଧୂଆଁଧାର ଓପନର ଫିଲ ସଲ୍ଟ ଏଥର ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଲାଗି ଖେଳୁଛନ୍ତି। ସେ ତାଙ୍କ ଜବରଦସ୍ତ ଫର୍ମର ଥାଇ ବାଉଣ୍ଡରୀ ମାରିବାରେ ବ୍ୟସ୍ତ ରହିଛନ୍ତି। ଅନ୍ୟ ଜଣେ ଖେଳାଳି ହେଲେ ମିଚେଲ ଷ୍ଟାର୍କ। ଏଥର ଦିଲ୍ଲୀ କ୍ୟାପିଟାଲ୍ସରୁ ଖେଳୁଥିବା ଷ୍ଟାର୍କ ପ୍ରଥମ ୨ଟି ମ୍ୟାଚ୍‌ରେ ୮ଟି ୱିକେଟ ନେଇ ଶ୍ରେଷ୍ଠ ସଫଳତା ପାଇଛନ୍ତି। ଏପରିକି ଆଘାତ ଯୋଗୁ ଗତବର୍ଷ ମାତ୍ର ୨ଟି ମ୍ୟାଚ୍ ଖେଳିବାକୁ ସମର୍ଥ ହୋଇଥିବା ନୀତୀଶ ରାଣା ଏଥର ରାଜସ୍ଥାନ ରୟାଲ୍ସ ପକ୍ଷରୁ ଖେଳୁଛନ୍ତି ଓ ଏହା ମଧ୍ୟରେ ଗୋଟିଏ ମ୍ୟାଚ୍ ବିଜୟୀ ଇନିଂସ ମଧ୍ୟ ଖେଳିସାରିଲେଣି। ଏଣୁ ଏହି ୩ଜଣ ଖେଳାଳିଙ୍କୁ ମିସ୍ କରୁଛି କେକେଆର୍।

**ଆଇପିଏଲ୍-୧୮**

ଗତବର୍ଷ ଟାଇଟଲ ଜିତିଥିବା କେକେଆର ପୂରା ସିଜନରେ ମାତ୍ର ୩ଟି ମ୍ୟାଚ୍ ହାରିଥିଲା। ଏଥର କିନ୍ତୁ ପ୍ରଥମ ୪ଟି ମ୍ୟାଚ୍‌ରୁ ୨ଟି ପରାଜିତ ହୋଇସାରିଲାଣି। ଆଇପିଏଲ୍ ଦୀର୍ଘଦିନ ଧରି ଖେଳାଯିବ। ଏଣୁ ଦଳ ଭଲ ଖେଳିଲେ ଏହି ପରାଜୟ କିଛି ବିଶେଷ ପ୍ରଭାବ ପକାଇବ ନାହିଁ।

ଆଇପିଏଲ୍‌ରେ କିଛି କଡ଼ା ନିୟମ ରହିଛି। ଏହା ମଧ୍ୟରୁ ଗୋଟିଏ ହେଉଛି ଖେଳାଳି ରିଟେନସନ। ନିୟମ ଅନୁଯାୟୀ କୋଲକାତା ୬ଜଣ ଖେଳାଳିଙ୍କୁ ମେଗା ନିଲାମ ପୂର୍ବରୁ ରିଟେନ କରିଥିଲା। ନିଲାମିରେ ଚାମ୍ପିଅନ ଦଳର ଆଉ ୬ଜଣ ଖେଳାଳିଙ୍କୁ କିଣିଥିଲା। ଏପରିକି ଦଳର ସନ୍ତୁଳନ ରକ୍ଷା କରିବାକୁ ଦଳ ଭେଙ୍କଟେଶ ଆୟରଙ୍କୁ ମଧ୍ୟ ୨୩.୭୫ କୋଟି ଟଙ୍କାରେ କିଣିଥିଲା। ଅନ୍ୟ ଖେଳାଳିଙ୍କୁ କିଣିବାକୁ ଇଚ୍ଛା ଥିଲେ ମଧ୍ୟ ସାଲାରୀ କ୍ୟାପ୍ ଏଥିରେ ପ୍ରତିବନ୍ଧକ ହୋଇଥିଲା। ଏଣୁ ଦଳ ଅବଶିଷ୍ଟ ଚାମ୍ପିଅନ୍ ଖେଳାଳିଙ୍କୁ ଦଳରେ ରଖିବାରେ ସମର୍ଥ ହୋଇ ନ ଥିଲା। ଆଇପିଏଲ୍ ଏତେ ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇଛି ଯେ, ଗତ ୭ଟି ସିଜନରେ ୫ଟି ଦଳ ଟାଇଟଲ ବିଜୟୀ ହୋଇଛନ୍ତି। ସେହିପରି ଆଇପିଏଲ୍‌ରେ ଇତିହାସରେ ମାତ୍ର ୭ଟି ଦଳ ଏଯାଏ ଟାଇଟଲ ଜିତିବାରେ ସମର୍ଥ ହୋଇଛନ୍ତି। ଏଣୁ ଏହି ଟୁର୍ଣ୍ଣାମେଣ୍ଟରେ ସନ୍ତୁଳନ ବଜାୟ ରଖିବା କେତେ କଷ୍ଟ ତାହା ସ୍ପଷ୍ଟ ଅନୁମେୟ।

ନନ୍ଦିଘୋଷ
CAREER Opportunities
NANDIGHOSHA Network Pvt. Ltd. invites applications for the following positions.
Candidates may send their CVs specifying positions applied for;

| Sl. No. | Positions | Experience |
| --- | --- | --- |
| 1 | Assistant Sales Manager (Bhubaneswar / Cuttack) | MBA with 3-5 Years experience. |
| 2 | Sales Executive Digital | Preferably MBA with 2 Years experience. |

Please apply with one passport size colour photograph and copy of all other testimonials on or before 7th April - 2025 by email in hr@nandighoshatv.com
*Only shortlisted candidates will be called for Interview.
Contact: 9437016499
Sd/- HR Dept.
Nandighosha Network Pvt. Ltd.
Plot No. 90 & 91, Bhagabanpur I/E, Patrapara, BBSR-751019

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS